# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୮/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, June 28/2019 | ★★★★★★

୪୫ଶ ଭାଗ ୨୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ପ୍ରତ୍ୟାଶାଙ୍କୁ ବ୍ରୋଞ୍ଜ** ୧୯

ରାଜକୋଟଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ସନ୍ତରଣ ଚାମ୍ପିୟନଶିପର ୨୦୦ ମିଟର ବ୍ୟାକ୍ ଷ୍ଟ୍ରୋକରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି ଓଡ଼ିଶାର ପ୍ରତ୍ୟାଶା ରୟ।

୧୬ **ମାଲୟାଲମ୍ ଫିଲ୍ମରେ ଗୀତ ଗାଇଲେ ପ୍ରିୟା**

ଯାହାଙ୍କ ଆଖିମରା ଦୃଶ୍ୟ ଲକ୍ଷଲକ୍ଷ ଦର୍ଶକଙ୍କ ହୃଦୟକୁ ଜିଣିଥିଲା, ସେଇ ଚର୍ଚ୍ଚିତ ଅଭିନେତ୍ରୀ ପ୍ରିୟା ପ୍ରକାଶ ମାଲୟାଲମ୍ ଫିଲ୍ମ 'ଫାଇନାଲ୍ସ'ରେ ଗୀତ ଗାଇଛନ୍ତି।



# ତ୍ୱରାନ୍ୱିତ ହେଉଛି ଅଭିବୃଦ୍ଧି

## ଅର୍ଥନୈତିକ ସର୍ଭେ ରିପୋର୍ଟ-୨୦୧୮

- ଜିଏସ୍‌ଡିପି ୮.୪%
- ଶିଳ୍ପ, ସେବାକ୍ଷେତ୍ର ବଢ଼ୁଛି
- କୃଷିକ୍ଷେତ୍ର ଯୋଗଦାନ କମୁଛି
- ରେଳ, ଟେଲିସେବାରେ ପଛୁଆ ଓଡିଶା



**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ରାଜ୍ୟର ବିକାଶ ଦ୍ରୁତଗତିରେ ମାଡ଼ିଚାଲିଛି। ହରିୟାଣା, ପଞ୍ଜାବ, କେରଳ, ଚଣ୍ଡିଗଡ, ମଧ୍ୟପ୍ରଦେଶ, ଛତିଶଗଡ, ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ଭଳି ରାଜ୍ୟକୁ ଓଡ଼ିଶାର ବିକାଶ ହାର ଟପିଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ରାଜ୍ୟର ମୋଟ ଘରୋଇ ଅଭିବୃଦ୍ଧି(ଜିଏସ୍‌ଡିପି) ୮.୪ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୧୭-୧୮ରେ ଏହି ଅଭିବୃଦ୍ଧି ହାର ଥିଲା ୭.୪%। ୨୦୧୮-୧୯ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏକଥା କହିଛନ୍ତି ରାଜ୍ୟ ସରକାର। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ରାଜ୍ୟ ସରକାର ଗତ ୫ ବର୍ଷ ଧରି ବିକାଶ ଧାରାକୁ ଆଗେଇ ନେଉଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ରେଳ ଓ ଟେଲିସେବା କ୍ଷେତ୍ରରେ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ପଛରେ ପଡିରହିଛି। ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୧୨-୧୩ରେ କୃଷକମାନଙ୍କର ମାସିକ ଆୟ ୪,୯୭୬ ଥିବାବେଳେ ୨୦୧୬-୧୭ରେ ୭,୭୩୧ ଟଙ୍କାରେ ପହଞ୍ଚିଥିଲା। ୨୦୧୮-୧୯ରେ ମୁଦ୍ରାସ୍ଫୀତି ହାର ୨.୯% ରହିଛି, ଯାହାକି ସର୍ବଭାରତୀୟସ୍ତରରେ ସର୍ବନିମ୍ନ। ଏହା ଦ୍ୱାରା ରାଜ୍ୟବାସୀଙ୍କ କ୍ରୟ କ୍ଷମତା ବଢିଛି ବୋଲି ଏଥିରେ ଦର୍ଶାଯାଇଛି।

ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୧୭-୧୮ରେ ରାଜ୍ୟର ମୂଲ୍ୟଭିତ୍ତିକ ଅଭିବୃଦ୍ଧି (ଜିଏସ୍‌ଭିଏ) ହାର ୭.୩% ଥିବାବେଳେ ୨୦୧୮-୧୯ରେ ଏହା ୭.୯%କୁ ବୃଦ୍ଧି ପାଇଛି। ୨୦୧୬-୧୭ରେ ବିନିର୍ମାଣ କ୍ଷେତ୍ର, ପାରିଶ୍ରମିକ ଓ ଦରମା ଜିଏସ୍‌ଭିଏର ୪୦ ପ୍ରତିଶତ ରହିଛି, ଯାହାକି ୨୦୦୬-୦୭ରେ ୨୪.୭% ଥିଲା। ୨୦୦୭ରୁ ୨୦୧୮ ମଧ୍ୟରେ କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ଅଭିବୃଦ୍ଧି ହାର ୮.୨ ପ୍ରତିଶତ ରହିଥିବା ବେଳେ ଗତ ଆର୍ଥିକ ବର୍ଷରେ ୮.୩ ପ୍ରତିଶତ ବଢିଛି। ୨୦୧୮-୧୯ରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ କୃଷିକ୍ଷେତ୍ରର ଯୋଗଦାନ ଜିଏସ୍‌ଭିଏର ୧୮.୯% ରହିଛି। ଗତ ଆର୍ଥିକ ବର୍ଷର ଆଗୁଆ ଆକଳନ ଅନୁଯାୟୀ, ଉଦ୍ୟୋଗ କ୍ଷେତ୍ରର ଯୋଗଦାନ ଜିଏସ୍‌ଭିଏର ୩୯.୫ ପ୍ରତିଶତ ରହିଛି। ରାଜ୍ୟରେ ଖଣି କ୍ଷେତ୍ରର ଉତ୍ପାଦନ ବୃଦ୍ଧି ଯୋଗୁ ଉଦ୍ୟୋଗ କ୍ଷେତ୍ରର ଅଭିବୃଦ୍ଧି ୯.୩ ପ୍ରତିଶତରେ ପହଞ୍ଚିଥିବା ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟ ଜିଏସ୍‌ଭିଏରେ ବିନିର୍ମାଣ କ୍ଷେତ୍ରର ଯୋଗଦାନ ୧୮ ପ୍ରତିଶତ ରହିଥିବା ବେଳେ ଏହା ୧୫.୮ ପ୍ରତିଶତ ହାରରେ ଆଗକୁ ବଢୁଛି। ରାଜ୍ୟ ଅର୍ଥନୀତିରେ ସେବାକ୍ଷେତ୍ର ଅବଦାନ ୪୧.୬ ପ୍ରତିଶତ ରହିଛି। ୨୦୧୮-୧୯ରେ ଏହି କ୍ଷେତ୍ର ୬.୨ ପ୍ରତିଶତ ହାରରେ ବଢିଥିବା ରିପୋର୍ଟରେ କୁହାଯାଇଛି। ତେବେ ଟେଲିକମ ଓ ମୋବାଇଲ ଫୋନ ସଂଯୋଗ କ୍ଷେତ୍ରରେ ଜାତୀୟ ସ୍ତରଠାରୁ ରାଜ୍ୟ ଅନେକ ପଛରେ ପଡିଛି। ୨୦୧୮ ମାର୍ଚ୍ଚ ସୁଦ୍ଧା ଟେଲି ଘନତାର ଜାତୀୟ ହାର ୯୧.୦୯ ପ୍ରତିଶତ ରହିଥିବା ବେଳେ ରାଜ୍ୟରେ ଏହି ହାର ୭୯.୫୮ ରହିଛି। ୨୦୧୬-୧୭ ସୁଦ୍ଧା ରାଜ୍ୟର ୫୧,୩୧୧ରୁ ୧୧ ହଜାର ଗ୍ରାମରେ ମୋବାଇଲ ସେବା ଉପଲବ୍ଧ ହେଉନାହିଁ। ରାଜ୍ୟରେ ରେଳ ଘନତ୍ୱ ୧୬ କି.ମି. ରହିଥିବା ବେଳେ ଅନ୍ୟ ରାଜ୍ୟରେ ୨୦ କି.ମି ରହିଛି।

ରାଜ୍ୟରେ ଲୋକଙ୍କ ଆୟ ବୃଦ୍ଧି ପାଉଥିବା ସରକାର କହିଛନ୍ତି। ସର୍ଭେ ରିପୋର୍ଟ ଅନୁଯାୟୀ, ମୁଣ୍ଡ ପିଛା ଆୟ ୨୦୧୭-୧୮ରେ ୭୦,୭୯୯ ଟଙ୍କା ରହିଥିବା ବେଳେ ୨୦୧୮-୧୯ରେ ୭୫,୭୯୬ ଟଙ୍କାକୁ ବୃଦ୍ଧି ପାଇଛି। ମୁଣ୍ଡ ପିଛା ଆୟ ଗତ ୭ ବର୍ଷରେ ୨୮ ହଜାର ଟଙ୍କା ବଢିଥିବା ରିପୋର୍ଟରେ କୁହାଯାଇଛି। ୨୦୧୭-୧୮ରେ ରାଜ୍ୟର ବେକାରଙ୍କ ସଂଖ୍ୟା ୭.୧ ପ୍ରତିଶତ ରହିଥିବା ବେଳେ ଜାତୀୟସ୍ତରରେ ଏହା ୬.୧ ପ୍ରତିଶତ ରହିଛି। ସହରାଞ୍ଚଳରେ ଏହା ୮.୪ ପ୍ରତିଶତ ଓ ଗ୍ରାମାଞ୍ଚଳରେ ୬.୯ ପ୍ରତିଶତ ରହିଛି।

ରାଜ୍ୟରେ କୃଷିକ୍ଷେତ୍ରରେ ଆୟ ବଢୁଥିବା ରାଜ୍ୟ ସରକାର କହୁଥିବା ବେଳେ ରାଜ୍ୟର ମୋଟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ରେ କୃଷିକ୍ଷେତ୍ରର ଅବଦାନ ତଳକୁ ତଳକୁ ଖସିବାରେ ଲାଗିଛି। ୧୯୮୩-୮୪ରେ କୃଷିକ୍ଷେତ୍ର ଜିଏସ୍‌ଡିପି ଅଭିବୃଦ୍ଧିରେ ୪୫.୪% ଥିବା ବେଳେ ୧୯୯୩-୯୪ରେ ୩୩.୩, ୨୦୦୩-୦୪ରେ ୨୭.୭ ଏବଂ ୨୦୧୪-୧୫ରେ ୧୮.୮ ଏବଂ ୨୦୧୮-୧୯ରେ ୧୮.୯%କୁ ଖସିଆସିଛି। ରାଜ୍ୟରେ ଶିଳ୍ପ, ସେବାକ୍ଷେତ୍ରର ଆର୍ଥିକ ଅଭିବୃଦ୍ଧି ପାଇଁ ଅଧିକ ଯୋଗଦାନ ରହିଥିବା ବେଳେ କୃଷିକ୍ଷେତ୍ରରେ ଅବଦାନ ବହୁ ତଳକୁ ଖସିଯାଇଛି। ରାଜ୍ୟରେ ୨୦୦୫-୦୬ରୁ ୨୦୧୫-୧୬ ମଧ୍ୟରେ ଶିଶୁ ମୃତ୍ୟୁହାର(ଆଇଏମ୍‌ଆର) ହ୍ରାସ ପାଇଛି। କୁପୋଷଣ, କମ୍ ଓଜନ ଶିଶୁଙ୍କ ସଂଖ୍ୟାରେ ମଧ୍ୟ ହ୍ରାସ ଘଟିଛି। ଏହି ସମୟ ମଧ୍ୟରେ ଜନସଂଖ୍ୟା ବୃଦ୍ଧି ୨.୬%ରୁ ୨.୦କୁ ଖସିଆସିଥିବା ରିପୋର୍ଟରେ କୁହାଯାଇଛି।

# ଭାରତର ବୃହତ୍ ବିଜୟ



ସଚିନ୍ ତେନ୍ଦୁଲକର ଓ ରାହୁଲ ଦ୍ରାବିଡଙ୍କ ପରେ ୩ୟ ଭାରତୀୟ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ୍ ପୂରଣ କଲେ ବିରାଟ କୋହଲି।

**ମାଞ୍ଚେଷ୍ଟର,୨୭।୬**

ଆଇସିସି ବିଶ୍ୱକପ୍‌ର ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ବୃହତ୍ ବିଜୟ ହାସଲ କରିଛି। ବିରାଟ କୋହଲିଙ୍କ ଦଳ ୧୨୫ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇ ସେମିଫାଇନାଲର ନିକଟତର ହୋଇଛି। ଏହି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ଆଉ ଏକ ବିଶ୍ୱରେକର୍ଡର ଅଧିକାରୀ ହୋଇଛନ୍ତି।

### କୋହଲିଙ୍କ ଦ୍ରୁତତମ ୨୦ ହଜାର ରନ୍

| ବ୍ୟାଟ୍ସମ୍ୟାନ | ଦେଶ | ଇନିଂସ |
|---|---|---|
| ବିରାଟ କୋହଲି | ଭାରତ | ୪୧୭ |
| ସଚିନ ତେନ୍ଦୁଲକର | ଭାରତ | ୪୫୩ |
| ବ୍ରାଏନ ଲାରା | ୱେଷ୍ଟଇଣ୍ଡିଜ | ୪୫୩ |
| ରିକି ପଣ୍ଟିଂ | ଅଷ୍ଟ୍ରେଲିଆ | ୪୬୪ |
| ଏବି ଡି ଭିଲର୍ସ | ଦକ୍ଷିଣ ଆଫ୍ରିକା | ୪୮୩ |
| ଜ୍ୟାକ୍ କାଲିସ | ଦକ୍ଷିଣ ଆଫ୍ରିକା | ୪୯୧ |
| ରାହୁଲ ଦ୍ରାବିଡ୍ | ଭାରତ | ୪୯୨ |

ସେ ବିଶ୍ୱର ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ୍ ପୂରଣ କରିଛନ୍ତି। ୨୦ ହଜାର ରନ୍ ସଂଗ୍ରହ କରିବାକୁ କୋହଲି ୪୧୭ ଇନିଂସର ସହାୟତା ନେଇଥିଲେ। ଏହିକ୍ରମରେ ସେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ୱେଷ୍ଟଇଣ୍ଡିଜର ବ୍ରାଏନ ଲାରାଙ୍କୁ ପଛରେ ପକାଇ ଦେଇଛନ୍ତି। ଉଭୟ ସଚିନ ଓ ଲାରା ୨୦ ହଜାର ଅନ୍ତର୍ଜାତୀୟ ରନ୍ ସଂଗ୍ରହ ପାଇଁ ୪୫୩ ଇନିଂସ ଖେଳିଥିଲେ। କୋହଲି ଏପର୍ଯ୍ୟନ୍ତ ୧୩୧ ଟେଷ୍ଟ, ୨୨୪ ଦିନିକିଆ ଓ ୬୨ ଟି୨୦ ମ୍ୟାଚ୍‌କୁ ମିଶାଇ ମୋଟ ୪୧୭ଟି ଇନିଂସ୍ ଖେଳିଛନ୍ତି। ଏହି କୀର୍ତ୍ତିମାନ ସ୍ପର୍ଶ କରିବା ଲାଗି କୋହଲିଙ୍କୁ ଆଉ ୩୭ ରନ୍ ଆବଶ୍ୟକ ହେଉଥିଲା। ଏହି ମ୍ୟାଚ୍ ପୂର୍ବରୁ ସେ କ୍ରିକେଟ୍‌ର ୩ଟି ଯାକ ଫର୍ମାଟରେ ମୋଟ ୧୯,୯୬୩ ରନ୍ ସଂଗ୍ରହ କରିଥିଲେ। ଏହିକ୍ରମରେ ସଚିନ (୩୪,୩୫୭) ଓ ରାହୁଲ ଦ୍ରାବିଡ (୨୪,୨୦୮)ଙ୍କ ପରେ ତୃତୀୟ ଭାରତୀୟ ଭାବେ ବିରାଟ ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ୍ ପୂରଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି।

# ଆଜି ରାଜ୍ୟ ବଜେଟ

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଶୁକ୍ରବାର ବିଧାନସଭାରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଜେଡି ସରକାରର ପଞ୍ଚମ ପାଳିର ପ୍ରଥମ ବଜେଟ ଗୃହରେ ଆଗତ କରିବେ। ଚଳିତ ଆର୍ଥିକ ବର୍ଷ ଲାଗି ରାଜ୍ୟ ସରକାର ୧ ଲକ୍ଷ ୩୮ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ବିଧାନସଭାରେ ଆଗତ ହେବା ପୂର୍ବରୁ ଚିଠା ବଜେଟକୁ ଗତ ୨୦ ତାରିଖରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ ମିଳି ସାରିଛି। ଏହି ବଜେଟରେ ଜଳସେଚନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗ୍ରାମାଞ୍ଚଳ ଭିତ୍ତିଭୂମି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କାଳିଆ ଆଦି ଯୋଜନା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟୁତ ଭିତ୍ତିଭୂମି ପାଇଁ ବଜେଟରେ ସ୍ୱତନ୍ତ୍ର ବ୍ୟୟବରାଦ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସଶକ୍ତ କରିବାକୁ ଧାନକିଣା କାର୍ଯ୍ୟରେ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ଗୋଷ୍ଠୀଗୁଡ଼ିକ ସକାଶେ ଧାନ କ୍ରୟ ପାଇଁ ୧ ହଜାର କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରାଯିବ। ଏଥିପାଇଁ ମଧ୍ୟ ବଜେଟରେ ବ୍ୟୟବରାଦ କରାଯାଇଛି।

# ଆଖି ବୁଜିଲେ ଶତାୟୁ ସଂଗ୍ରାମୀ



ମହମ୍ମଦ ବାଜୀ

ପୃ-୫

# ବିଜେଡି ଏମ୍‌ପିଙ୍କ ଦାବି: ପୋଲାଭରମ୍ ପ୍ରକଳ୍ପ ବନ୍ଦ ହେଉ

**ନୂଆଦିଲ୍ଲୀ,୨୭।୬**



ଆନ୍ଧ୍ରପ୍ରଦେଶରେ ବହୁମୁଖୀ ପୋଲାଭରମ୍ ପ୍ରକଳ୍ପ ହେଲେ ଓଡ଼ିଶା ବହୁତ କ୍ଷତି ସହିବ ବୋଲି ବିଜେଡି ଏମ୍‌ପି ରମେଶ ଚନ୍ଦ୍ର ମାଝୀ କହିଛନ୍ତି। ଗୋଦାବରୀ ନଦୀ ଉପରେ ନିର୍ମାଣ କରାଯାଉଥିବା ଏହି ପ୍ରକଳ୍ପକୁ ତୁରନ୍ତ ବନ୍ଦ କରାଯିବାକୁ ସେ ଲୋକ ସଭାରେ ଦାବି କରିଛନ୍ତି।

ଲୋକ ସଭା ପ୍ରଶ୍ନକାଳରେ ମାଝୀ କହିଛନ୍ତି ଯେ, ପୋଲାଭରମ୍ ପ୍ରକଳ୍ପ ନିର୍ମାଣ କରାଗଲେ ଓଡ଼ିଶାର ଆଦିବାସୀବହୁଳ ଜିଲାର ଅନେକ ଅଞ୍ଚଳ ଜଳମଗ୍ନ ହୋଇଯିବ। ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିବେ। ଏହି ପ୍ରକଳ୍ପକୁ ମଞ୍ଜୁରୀ ଦେବା ପୂର୍ବରୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଓଡ଼ିଶା ସରକାରଙ୍କ ସହ ପରାମର୍ଶ କରିବାର ଆବଶ୍ୟକତା ଥିଲା। ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲା ବହୁଳଭାବେ ପ୍ରଭାବିତ ହେବ। ପ୍ରକାଶଥାଉ କି, କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପୋଲାଭରମ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅଧିକ ଦୁଇବର୍ଷ ବୃଦ୍ଧି ଲାଗି ବୁଧବାର ମଞ୍ଜୁରୀ ଦେଇଥିଲା। ୨୦୧୧ରେ କେନ୍ଦ୍ର ସରକାର ଏହି ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବାକୁ ଆନ୍ଧ୍ରପ୍ରଦେଶକୁ କହିଥିଲା ବେଳେ ୨୦୧୪ରେ ଏନ୍‌ଡିଏ ସରକାର ଏହାକୁ ଜାତୀୟ ପ୍ରକଳ୍ପର ମାନ୍ୟତା ଦେଇ ନିର୍ମାଣ କାର୍ଯ୍ୟ ଆରମ୍ଭ ଲାଗି ଅନୁମତି ଦେଇଥିଲା। ଏବେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭେଡ଼କର ପ୍ରକଳ୍ପର ଗୁରୁତ୍ୱକୁ ଦେଖି ନିର୍ମାଣ କାର୍ଯ୍ୟ ଅଧିକ ଦୁଇବର୍ଷ ବୃଦ୍ଧି ଲାଗି ବୁଧବାର ମଞ୍ଜୁରୀ ଦେଇଛନ୍ତି।

## ଖାତରେ ଖସିପଡ଼ିଲା ମିନିବସ୍

# ୧୧ ଛାତ୍ରୀଛାତ୍ର ମୃତ, ୭ ଆହତ



**ଶ୍ରୀନଗର,୨୭।୬**

ଜମ୍ମୁ-କଶ୍ମୀରର ସୋପିଆନ୍ ଜିଲାରେ ଏକ ମିନିବସ୍ ଗଭୀର ଖାତରେ ଖସିପଡ଼ିବାରୁ ସେଥିରେ ଥିବା ୧୧ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଥିସହିତ ୭ଜଣ ଆହତ ମଧ୍ୟ ହୋଇଛନ୍ତି। ପୁଞ୍ଚସ୍ଥିତ ଏକ କମ୍ପ୍ୟୁଟର କୋଚିଂ ସେଣ୍ଟର୍‌ରୁ ମିନିବସ୍‌ରେ ଏହି ଛାତ୍ରୀଛାତ୍ରମାନେ ଆସୁଥିବାବେଳେ ମୋଗଲ ରୋଡ୍‌ର ପୀର୍ କୀ ଗଲି ନିକଟରେ ଏକ ଖାତ ଭିତରେ ମିନିବସ୍‌ଟି ଖସିପଡ଼ିଥିଲା। ମୃତକଙ୍କ ମଧ୍ୟରେ ୭ ଜଣ ଛାତ୍ରୀ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଆହତମାନଙ୍କୁ ଚିକିତ୍ସା ଲାଗି ସୋପିଆନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜ୍ୟପାଳ ସତ୍ୟପାଲ ମଲିକ ଏହି ଦୁର୍ଘଟଣାରେ ଦୁଃଖପ୍ରକାଶ କରିଥିବାବେଳେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଆହତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବାଲାଗି ମଧ୍ୟ ରାଜ୍ୟପାଳ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

# ଦେଶର ଶ୍ରେଷ୍ଠ ୩ୟ ସ୍ଥାନରେ ଏନଏଲୟୁ

**କଟକ ଅଫିସ,୨୭।୬:** କଟକ ଜିଲା ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନଏଲୟୁ) ଦେଶର ୩ୟ ଶ୍ରେଷ୍ଠ ଆଇନ ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ପାଇଛି। ଇଣ୍ଡିଆ ଟୁଡେ ସଂସ୍ଥା ପକ୍ଷରୁ ହୋଇଥିବା ସର୍ଭେରେ ରାଜ୍ୟର ଏହି ବିଶ୍ୱବିଦ୍ୟାଳୟକୁ ଉକ୍ତ ମାନ୍ୟତା ପ୍ରଦାନ କରାଯାଇଛି। ବେଙ୍ଗାଲୁରୁର ନ୍ୟାଶନାଲ ଲ ସ୍କୁଲ ଅଫ ଇଣ୍ଡିଆ ବିଶ୍ୱବିଦ୍ୟାଳୟ ଓ ଭୋପାଳର ନ୍ୟାଶନାଲ ଲ ଇନଷ୍ଟିଚ୍ୟୁଟ ବିଶ୍ୱବିଦ୍ୟାଳୟ ଏହି ସର୍ଭେରେ ଯଥାକ୍ରମେ ୧ମ ଓ ୨ୟ ସ୍ଥାନରେ ରହିଛି। ଶୈକ୍ଷିକ, ପ୍ରଶିକ୍ଷଣ ଓ ଉନ୍ନୟନମୂଳକ କାର୍ଯ୍ୟକ୍ଷେତ୍ରରେ ରାଜ୍ୟର ଏହି ଶିକ୍ଷାନୁଷ୍ଠାନର ଅନେକ ଅବଦାନ ରହିଛି ବୋଲି ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀକ୍ରିଷ୍ଣା ଦେବ ରାଓ କହିଛନ୍ତି।

# ପୃଥ୍ୱୀ-୨ର ବ୍ୟାବହାରିକ ପରୀକ୍ଷା

**ବାଲେଶ୍ୱର ଅଫିସ, ୨୭।୬:** ବାଲେଶ୍ୱର ଜିଲା ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ୩ ନମ୍ବର ଉତ୍କ୍ଷେପଣ କେନ୍ଦ୍ରରୁ ଗୁରୁବାର ରାତି ୮ଟା ୩୦ ମିନିଟ୍‌ରେ ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ବ୍ୟବହାରିକ ପରୀକ୍ଷା କରାଯାଇଛି। ଭୂପୃଷ୍ଠରୁ ଭୂପୃଷ୍ଠକୁ ଉତ୍କ୍ଷେପଣ କରାଯାଇପାରୁଥିବା ଏହି କ୍ଷେପଣାସ୍ତ୍ରର ୪ର୍ଥ ଥର ପାଇଁ ରାତ୍ରକାଳୀନ ପରୀକ୍ଷା ସଫଳ ହୋଇଛି। ୩୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ ସହ ୫୦୦ରୁ ୧୦୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି।



# ରଜନୀକାନ୍ତ ସିଂ ଉପବାଚସ୍ପତି

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ଅନୁଗୋଳ ବିଜେଡି ବିଧାୟକ ରଜନୀକାନ୍ତ ସିଂ ଷୋଡ଼ଶ ବିଧାନସଭାର ଉପବାଚସ୍ପତି ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଗୁରୁବାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଶେଷ ହେବା ପରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶୂନ୍ୟକାଳକୁ ସ୍ଥଗିତ ରଖି ଉପବାଚସ୍ପତି ନିର୍ବାଚନ ନେଇ ଘୋଷଣା କରିଥିଲେ। ରଜନୀକାନ୍ତ ଏକମାତ୍ର ପ୍ରାର୍ଥୀ ଭାବେ ଉପବାଚସ୍ପତି ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ଗୃହରେ ଏ ନେଇ ଏକ ପ୍ରସ୍ତାବ ଆଣିବାକୁ ବାଚସ୍ପତି ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରସ୍ତାବକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସମର୍ଥନ କରିଥିଲେ। ବାଚନିକ ମତଦାନରେ ଏହି ପ୍ରସ୍ତାବ ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ରଜନୀକାନ୍ତ ସିଂଙ୍କ ବିଷୟରେ ସଂକ୍ଷିପ୍ତ ସୂଚନା ଦେବା ସହ ତାଙ୍କୁ ସ୍ୱାଗତ କରିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଉପବାଚସ୍ପତି ନିର୍ବାଚନ ପ୍ରସ୍ତାବକୁ ସମର୍ଥନ କରିଥିଲେ। ବିରୋଧୀ ଦଳ ନେତା କହିଥିଲେ ଯେ, ରଜନୀକାନ୍ତ ବିଧାନସଭାକୁ ବହୁବାର ନିର୍ବାଚିତ ହେବା ସହିତ ରାଷ୍ଟ୍ରମନ୍ତ୍ରୀ ଭାବେ ନିଜର ଦାୟିତ୍ୱ ତୁଲାଇଛନ୍ତି। ନିଜର ଅନୁଭବକୁ ପାଥେୟକରି ଗୃହକୁ ଗଣତାନ୍ତ୍ରିକ ଢଙ୍ଗରେ ଚଳାଇବେ ବୋଲି ଆଶା କରୁଛୁ। ଶେଷରେ ବାଚସ୍ପତି ରଜନୀକାନ୍ତ ସିଂ ଉପବାଚସ୍ପତି ଭାବେ ନିର୍ବାଚିତ ହେଲେ ବୋଲି ଘୋଷଣା କରିଥିଲେ। ନିର୍ବାଚିତ ହେବା ପରେ ଗୃହ ନେତା, ବିରୋଧୀ ଦଳ ନେତା, ସଂସଦୀୟ ବ୍ୟାପାର ମନ୍ତ୍ରୀ, ସିପିଆଇ(ଏମ୍) ସଦସ୍ୟ ଉପବାଚସ୍ପତିଙ୍କୁ ପାଛୋଟି ନେଇ 'ଏ' ବ୍ଲକର ଆଗଧାଡ଼ିରେ ବସାଇଥିଲେ। ଉପବାଚସ୍ପତି ନିର୍ବାଚିତ ହୋଇଥିବାରୁ ରଜନୀକାନ୍ତ ସମସ୍ତ ଦଳର ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।



ରଜନୀକାନ୍ତ ସିଂ

## ଆଜିର ସମ୍ପାଦକୀୟ

### ବାହାପିଆ କଥା

## ଆଜିର ମନ୍ତବ୍ୟ

"ସପ୍ତଦଶ ଶତାବ୍ଦୀରେ ବାପୁଙ୍କ ତିନି ମାଙ୍କଡ଼ ଜାପାନରେ ଜନ୍ମଗ୍ରହଣ କରିଥିଲେ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶରେ ୨୦୬.୪ ନିୟୁତ ଟନ୍ ଲୁହାପଥର ଉତ୍ତୋଳନ ହୋଇଥିବା ବେଳେ ଏହା ୨୦୧୭-୧୮ରେ ୨୦୦.୯ ନିୟୁତ ଟନ୍ ଥିଲା।

– ଖଣି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 27.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 109 | 170 | 180 |
| BDK | 111 | 172 | 182 |
| BLS | 111 | 172 | 182 |
| ANG | 109 | 170 | 180 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers



ପୁଅ ନିର୍ବାଚନରେ ହାରିଯିବାରୁ କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ତାଙ୍କ ମାନସିକ ସ୍ଥିତି ହରାଇଛନ୍ତି।
-ପ୍ରହ୍ଲାଦ ଯୋଷୀ
ସଂସଦୀୟ ବ୍ୟାପାର ମନ୍ତ୍ରୀ

# ଜୀବନ ଆଶାରେ ମରଣ ମୁହଁରେ

## ଆମେରିକା- ମେକ୍ସିକୋ ସୀମା ରିଓ ଗ୍ରାଣ୍ଡେ ନଦୀରେ ଭାସିଗଲେ ଶରଣାର୍ଥୀ ଓ ୨୩ ମାସର ଝିଅ

ସିଉଡାଡ୍ ଭିକ୍ଟୋରିଆ/ୱାଶିଂଟନ,୨୭।୬

ମେକ୍ସିକୋ ସୀମାରେ ଆମେରିକୀୟ ସେନା ମୁତୟନ ଓ ଶରଣାର୍ଥୀଙ୍କ ପ୍ରତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା ଆଭିମୁଖ୍ୟକୁ ନେଇ ପୁଣିଥରେ ସୃଷ୍ଟି ହୋଇଛି ବିରାଟ ପ୍ରଶ୍ନବାଚୀ। ଏହାର କାରଣ ପାଲଟିଛି ଏହି ହୃଦୟ ବିଦାରକ ଚିତ୍ର। ଫଟୋଟି ଜଣେ ପିତା ଓ ତାଙ୍କ ଝିଅଙ୍କର, ଯାହାଙ୍କ ମୃତଦେହ ବୁଧବାର ଆମେରିକା-ମେକ୍ସିକୋ ସୀମାନ୍ତ ରିଓ ଗ୍ରାଣ୍ଡେ ନଦୀକୂଳରେ ମିଳିଛି। ଓସ୍କାର ଆଲବର୍ଟୋ ମାର୍ଟିନେଜ୍ ରେମିରେଜ୍‌ଙ୍କ କଳା ଟି-ଶାର୍ଟ ଉପରକୁ ଉଠିଯାଇଥିବାବେଳେ ଝିଅ ଭଲେରିଆ ତା' ଭିତରେ ଛନ୍ଦିହୋଇ ରହିଛନ୍ତି। ଭଲେରିଆଙ୍କ ହାତ ଓସ୍କାରଙ୍କ ବେକ ଉପରେ ରହିଛି। ସତେଯେମିତି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଶିଶୁକନ୍ୟା ନିଜ ବାପାଙ୍କ ସହିତ ରହିବାକୁ ଚାହିଁଥିଲେ। ଉତ୍ତମ ଜୀବନ ଜିଇଁବା ଆଶାରେ ମେକ୍ସିକୋରୁ ଆମେରିକାକୁ ଯାଉଥିବା ଶରଣାର୍ଥୀମାନେ କିପରି ମରଣ ମୁହଁରେ ପଡ଼ି ପ୍ରାଣ ହରାଉଛନ୍ତି, ତା'ର ଏକ ନିଷ୍ଠୁର ସତ୍ୟତା ବ୍ୟକ୍ତ କରୁଛି ଏହି ବହୁଚର୍ଚ୍ଚିତ ଛବି। ମେକ୍ସିକୋର ଏକ ଖବରକାଗଜରେ ଏହା ପ୍ରକାଶିତ ହେବା ପରେ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଏହାକୁ ନେଇ ଟ୍ରମ୍ପଙ୍କ ଯୁକ୍ତି ବିବାଦ ସୃଷ୍ଟି କରିଛି।

ଏଲ୍-ସାଲ୍‌ଭାଡର ନିବାସୀ ୨୫ ବର୍ଷୀୟ ଓସ୍କାର ଓ ତାଙ୍କର ୨୧ ବର୍ଷୀୟା ସ୍ତ୍ରୀ ତାନିଆ ଭନେସା ଆଭାଲୋସ୍ ମେକ୍ସିକୋର ଡିଟେନ୍‌ଶନ୍ ସେଣ୍ଟର(ଶରଣାର୍ଥୀ ଶିବିର)ରେ ରହୁଥିଲେ। ସେମାନେ ସରକାରଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ନୂଆ ଜୀବନ ବିତାଇବା ଆଶାରେ ଆମେରିକା ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ଦୁହେଁ ତାଙ୍କର ୨୩ ମାସର ଝିଅ ଭଲେରିଆଙ୍କୁ ନେଇ ରବିବାର ଅପରାହ୍ନରେ ମେକ୍ସିକୋରୁ ଆମେରିକା ଯାଉଥିଲେ। ମେକ୍ସିକୋର ମାଟାମୋରୋସ୍ ଏବଂ ଟେକ୍ସାସ୍‌ର ବ୍ରାଉନ୍ସଭିଲ୍ଲା ମଧ୍ୟଦେଇ ପ୍ରବାହିତ ରିଓ ଗ୍ରାଣ୍ଡେ ନଦୀର ପ୍ରବାହରେ ବାପଝିଅ ଭାସିଯାଇଥିବାବେଳେ ଓସ୍କାରଙ୍କ ସ୍ତ୍ରୀ ବର୍ତ୍ତିଯାଇଛନ୍ତି। ସେ ନଦୀକୂଳରେ ପହଞ୍ଚିଛନ୍ତି। ଦୁଇ ମୃତଦେହ ଟାମାଉଲିପସ୍ ରାଜ୍ୟର ମାଟାମୋରୋସ୍‌ରେ ମିଳିଥିଲା। ବାପଝିଅଙ୍କ ଫଟୋ ସାମ୍ନାକୁ ଆସିବା ପରେ ଏଲ୍-ସାଲ୍‌ଭାଡର ଏବଂ ମେକ୍ସିକୋରେ ତୀବ୍ର ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି। ମେକ୍ସିକୋର ବାମପନ୍ଥୀ ନେତା ଆନ୍ଦ୍ରେସ ମାନୁଏଲ୍ ଲୋପେଜ୍ ଓବ୍ରାଡର ଶରଣାର୍ଥୀଙ୍କ ଅଧିକାରଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଶପଥ ନେଇ ୨୦୧୮ ଡିସେମ୍ବରରେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ହେଲେ ଶରଣାର୍ଥୀଙ୍କ ପ୍ରତି ତାଙ୍କର ବ୍ୟବହାର ଓ ଆଭିମୁଖ୍ୟକୁ ନେଇ ଏବେ କଡ଼ା ସମାଲୋଚନା କରାଯାଉଛି। ଆମେରିକା ସୀମାରେ ମେକ୍ସିକୋର ୧୫,୦୦୦ ସୈନ୍ୟ ମୁତୟନ ହୋଇଛନ୍ତି। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପ ଯୋଗୁ ଓବ୍ରାଡର ଏହି ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଥିବା କୁହାଯାଉଛି।

ରିଓ ଗ୍ରାଣ୍ଡେ ନଦୀକୂଳରେ ବାପଝିଅଙ୍କ ମୃତଦେହ ଭାସୁଥିବା ଫଟୋ ୩ ବର୍ଷୀୟ ଆୟଲାନ୍ କୁର୍ଦ୍ଦିଙ୍କ ସ୍ମୃତିକୁ ଉଜ୍ଜୀବିତ କରିଛି, ଯାହାଙ୍କ ମୃତଦେହ ୨୦୧୫ରେ ତୁର୍କୀର ସମୁଦ୍ରକୂଳରେ ମିଳିଥିଲା। ସେତେବେଳେ ଶରଣାର୍ଥୀଙ୍କ ପ୍ରତି ନରମ ଆଭିମୁଖ୍ୟ ପୋଷଣ କରିବାକୁ ବିଶ୍ୱ ସମୁଦାୟକୁ ଅନୁରୋଧ କରାଯାଇଥିଲା। ଏପରି କି ଜାତିସଂଘରେ ମଧ୍ୟ ଏହାର ସ୍ୱର ଗୁଞ୍ଜରିତ ହୋଇଥିଲା। ତିନିବର୍ଷ ପରେ ପୁଣିଥରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ପ୍ରକାଶ ଯେ, ଆମେରିକା ଓ ମେକ୍ସିକୋ ମଧ୍ୟରେ ରହିଥିବା ୩,୧୪୫ କି.ମି. ବିସ୍ତୃତ ସୀମା ହେଉଛି ବିଶ୍ୱର ସର୍ବାଧିକ ଅତିକ୍ରମ କରାଯାଉଥିବା ସରହଦ। ବାର୍ଷିକ ୩୫୦ ନିୟୁତ ଲୋକ ଏହି ସୀମା ଅତିକ୍ରମ କରନ୍ତି। ଗତବର୍ଷ ଏହି ସୀମା ଡେଇଁବା ବେଳେ ୨୮୦ ଜଣଙ୍କ ମୃତ୍ୟୁ ଘଟିଥିଲା।



ସାଲ୍‌ଭାଡରର ଜଣେ ଶରଣାର୍ଥୀ ଓ ତାଙ୍କ ୨୩ ମାସର ଝିଅ ଆମେରିକାକୁ ଅନୁପ୍ରବେଶ ବେଳେ ନଦୀରେ ଭାସିଯାଇ ପ୍ରାଣ ହରାଇଛନ୍ତି। ମୁହଁମାଡ଼ି ଭାସୁଥିବା ଓସ୍ୱାର ଆଲବର୍ଟୋ ମାର୍ଟିନେଜ୍ ରେମିରେଜ୍ ଏବଂ ଭଲେରିଆଙ୍କ ଏହି ହୃଦୟ ବିଦାରକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଦେଶାନ୍ତରୀଙ୍କ ଦୁର୍ଦ୍ଦଶାକୁ ନେଇ ପୁଣିଥରେ ବିତର୍କ ମୁଣ୍ଡ ଟେକିଛି।

## ଝିଅକୁ ଶେଷ ଯାଏ ସୁରକ୍ଷା ଦେଇଥିଲେ ବାପା

ଏଲ୍ ସଲଭାଡୋରସ୍ଥିତ ସାନ୍ ମାର୍ଟିନ୍ ବାସଭବନରେ ରୋସା ରମିରେଜ୍ ତାଙ୍କ ନାତୁଣୀ ଭଲେରିଆଙ୍କ କଣ୍ଢେଇ ଦେଖାଇ କାନ୍ଦି ପକାଇଛନ୍ତି। ଓସ୍କାରଙ୍କ ମା' ରୋସା କହିଛନ୍ତି, ଫଟୋକୁ ଦେଖିବା ପରେ ସେ ଦୁଃଖରେ ଭାଙ୍ଗିପଡ଼ିଥିଲେ। ହେଲେ ବାପଝିଅ ଦୁହେଁ ପରସ୍ପରର ବାହୁରେ ଆବଦ୍ଧ ହୋଇ ମୃତ୍ୟୁକୁ ଆଦରିନେଇଛନ୍ତି ଜାଣି ସେ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ଓସ୍କାର କେମିତି ନିଜ ଝିଅଙ୍କୁ ଶେଷ ଯାଏ ସୁରକ୍ଷା ଦେଇଛନ୍ତି ତାହା ଫଟୋରୁ ବୁଝି ହେଉଛି।



## ଫଟୋ ଦେଖିବାକୁ ଘୃଣା କରନ୍ତି ଟ୍ରମ୍ପ୍

ବାପଝିଅଙ୍କ ଫଟୋକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ସୀମାରେ ନିରାପତ୍ତା କଡ଼ାକଡ଼ି କରିବା ପାଇଁ ଆଇନ ପ୍ରଣୟନ ପାଇଁ ଉଦ୍ୟମ କରୁଥିବାବେଳେ ଡେମୋକ୍ରାଟ୍‌ମାନେ ତାଙ୍କର ଗୋଡ଼ ଟାଣିଥିଲେ। ସେମାନେ ଏପରି କରି ନ ଥିଲେ ଏବେ ଏହି ମୃତ୍ୟୁ ଘଟି ନ ଥାନ୍ତା। ଡେମୋକ୍ରାଟ୍‌ମାନେ ଆଇନ ସଂଶୋଧନ କଲେ ଏଭଳି ଘଟଣାକୁ ତୁରନ୍ତ ରୋକାଯାଇ ପାରିବ ଏବଂ କୌଣସି ବାପା ଓ ଝିଅ ଏପରି ମୃତ୍ୟୁମୁଖରେ ପଡ଼ିବାକୁ ବାଧ ହେବେନାହିଁ। ଅତ୍ୟନ୍ତ ବିଚଳିତ କରିବା ଭଳି ଏହି ଫଟୋକୁ ଦେଖିବାକୁ ସେ ଘୃଣା କରନ୍ତି ବୋଲି ଟ୍ରମ୍ପ୍ କହିଛନ୍ତି। ଅନ୍ୟପକ୍ଷରେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ଏହି ଘଟଣାକୁ ନେଇ ଶୋକବ୍ୟକ୍ତ କରିବା ସହ ମେକ୍ସିକୋରୁ ଆମେରିକା ଯାଉଥିବାବେଳେ ପ୍ରାଣ ହରାଇଥିବା ସମସ୍ତ ଶରଣାର୍ଥୀଙ୍କ ପାଇଁ ପ୍ରାର୍ଥନା କରିଛନ୍ତି।



# ମରାଠା ସଂରକ୍ଷଣ ବୈଧ

## ୧୩%ରେ ସୀମିତ ରଖାଯାଉ: ବମ୍ବେ ହାଇକୋର୍ଟ

ମୁମ୍ବାଇ,୨୭।୬(ପି.ଟି.)

ସରକାରୀ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ମରାଠା ସମ୍ପ୍ରଦାୟ ଲାଗି ସ୍ଥାନ ସଂରକ୍ଷଣ ଦାବିର ସାମ୍ବିଧାନିକ ବୈଧତା ରହିଛି ବୋଲି ଗୁରୁବାର ବମ୍ବେ ହାଇକୋର୍ଟ କହିଛନ୍ତି। ତେବେ ୧୬ ପ୍ରତିଶତ କୋଟା ଦାବି କରିବା ଠିକ୍ ନୁହେଁ। ଏହାକୁ ୧୨ରୁ ୧୩% ମଧ୍ୟରେ ସୀମିତ ରଖିବା ଲାଗି ହାଇକୋର୍ଟ ପରାମର୍ଶ ଦେଇଛନ୍ତି। ରାଜ୍ୟ ପଛୁଆବର୍ଗ ଆୟୋଗଙ୍କ ସୁପାରିସ ଅନୁଯାୟୀ ସଂରକ୍ଷଣ ସୀମିତ ରହିବା ଉଚିତ ବୋଲି ଜଷ୍ଟିସ୍ ରଞ୍ଜିତ ମୋରେ ଏବଂ ଭାରତୀ ଡାଙ୍ଗ୍ରେଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଆୟୋଗ ଶିକ୍ଷାକ୍ଷେତ୍ରରେ ୧୨% ଓ ନିଯୁକ୍ତିରେ ୧୩% ସଂରକ୍ଷଣ ଲାଗି ପୂର୍ବରୁ ସୁପାରିସ୍ କରିଥିଲେ। ରାଜ୍ୟ ସରକାର ସାମାଜିକ ଓ ଶିକ୍ଷାଗତ ଦୃଷ୍ଟିରୁ ପଛୁଆ ବର୍ଗ (ଏସ୍‌ଇବିସି)ଙ୍କ ଲାଗି ସ୍ୱତନ୍ତ୍ର ବର୍ଗ ସୃଷ୍ଟି କରି ସଂରକ୍ଷଣ ସୁବିଧା ଯୋଗାଇ ଦେବାକୁ ହାଇକୋର୍ଟ କହିଛନ୍ତି। ରାୟକୁ ମହାରାଷ୍ଟ୍ରର ଶାସକ ଭାଜପା-ଶିବସେନା ପକ୍ଷରୁ ସ୍ୱାଗତ କରାଯାଇଛି।

# କଂଗ୍ରେସ ନେତାଙ୍କୁ ଗୁଳିକରି ହତ୍ୟା

## ହରିୟାଣାର ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଲେ ରାହୁଲ

ଫରିଦାବାଦ/ନୂଆଦିଲ୍ଲୀ, ୨୭।୬ (ପି.ଟି.)

ହରିୟାଣାର କଂଗ୍ରେସ ନେତା ବିକାଶ ଚୌଧୁରୀଙ୍କୁ ଗୁରୁବାର ଦିବାଲୋକରେ ଗୁଳିକରି ହତ୍ୟା କରାଯାଇଛି। ପ୍ରଦେଶ କଂଗ୍ରେସର ମୁଖପାତ୍ର ବିକାଶ ସେକ୍ଟର ୯ସ୍ଥିତ ଏକ ଜିମ୍ ନିକଟରେ କାର୍ ପାର୍କିଂ କରୁଥିବାବେଳେ ଦୁର୍ବୃତ୍ତମାନେ ଦୁଇପଟୁ ପ୍ରାୟ ୧୫ ରାଉଣ୍ଡ ଗୁଳି ଚଳାଇଥିଲେ। ତାଙ୍କୁ ସର୍ବୋଦୟ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେପଟେ ବିକାଶଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା ବୋଲି ଏସିପି ଜୟବୀର ସିଂ ରାଠି କହିଛନ୍ତି, ସମସ୍ତ ଘଟଣା ସିସିଟିଭି କ୍ୟାମେରାରେ କଏଦ୍ ହୋଇ ଅଛି ଓ ଘଟଣାସ୍ଥଳରୁ ୧୨ଟି କାର୍ତ୍ତୁଜ୍ ଜବତ ହୋଇଛି। ହତ୍ୟାକାଣ୍ଡ ଯୋଜନାବଦ୍ଧ ଥିଲା ଓ ଦୁର୍ବୃତ୍ତମାନେ ବିକାଶ କାର୍‌ରେ ଏକୁଟିଆ ଜିମ୍ ଯାଉଥିଲେ ବୋଲି ଜାଣିଥିଲେ। ବିକାଶଙ୍କ ବେକ, ଛାତିରେ ଗୁଳି ବାଜିବାରୁ ସେ ଘଟଣାସ୍ଥଳରେ ହିଁ ଟଳିପଡ଼ିଥିଲେ ବୋଲି ଏସିପି ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ଲାଗି ଏକାଧିକ ଟିମ୍ ଗଠନ କରି ସିସିଟିଭି କ୍ୟାମେରା ଯାଞ୍ଚ କରୁଛି। ଏହାକୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତୀବ୍ର ନିନ୍ଦାକରିବା ସହ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ପ୍ରଶ୍ନ ଉଠାଇଛନ୍ତି।



ବିକାଶ ଚୌଧୁରୀ

## ଶର୍ଟ ସର୍କିଟ୍‌ରୁ ଫ୍ରିଜ୍ ଫାଟିଲା

# ଖବରଦାତାଙ୍କ ସହ ସ୍ତ୍ରୀ, ମା'ଙ୍କ ମୃତ୍ୟୁ

ଚେନ୍ନାଇ,୨୭।୬

ଏକ ରେଫ୍ରିଜରେଟରରେ ବିସ୍ଫୋରଣ ହେବାରୁ ତାମିଲ ଟିଭି ଚ୍ୟାନେଲ୍‌ର ଖବରଦାତା, ତାଙ୍କ ସ୍ତ୍ରୀ ଓ ମାଆଙ୍କର ମୃତ୍ୟୁ ଘଟିଛି। ବିଦ୍ୟୁତ ଶର୍ଟ ସର୍କିଟରୁ ଏଭଳି ବିସ୍ଫୋରଣ ହୋଇଥିବା ପୋଲିସ କହିଛି। ବିସ୍ଫୋରଣ ପରେ ଘରେ ଧୂଆଁ ଭର୍ତ୍ତି ହୋଇଯାଇଥିଲା। ଯାହା ଫଳରେ ଶ୍ୱାସରୁଦ୍ଧ ହୋଇ ତିନି ଜଣଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ମୃତକମାନେ ହେଲେ ନ୍ୟୁଜ୍ ଜି ଚ୍ୟାନେଲର ଖବରଦାତା ପ୍ରସନ୍ନ (୩୬), ତାଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀ ଅର୍ଚ୍ଚନା(୩୨) ଓ ମାଆ ରେବତୀ (୫୯)। ସେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ବୁଧବାର ରାତି ୨ଟାରେ ସେମାନେ ଶୋଇଥିବାବେଳେ ଫ୍ରିଜ୍‌ରେ ବିସ୍ଫୋରଣ ହୋଇଥିଲା। ଏହାପରେ ବିଦ୍ୟୁତ କଟିଯିବାରୁ ସେମାନେ ଉଦ୍ୟମ କରି ମଧ୍ୟ ବାହାରକୁ ବାହାରିପାରି ନ ଥିଲେ।

# ବୋମା ଆତଙ୍କ: ଲଣ୍ଡନରେ ଓହ୍ଲାଇଲା ନେୱାର୍କ ବିମାନ

ମୁମ୍ବାଇ,୨୭।୬

ମୁମ୍ବାଇରୁ ଆମେରିକା ନ୍ୟୁଜର୍ସିର ନେୱାର୍କ ସହରକୁ ଯାଉଥିବା ଏୟାର ଇଣ୍ଡିଆର ଏକ ନନ୍‌ଷ୍ଟପ୍ ବିମାନରେ ବୋମା ଥିବା ଖବର ପହଞ୍ଚିବାରୁ ଏହାକୁ ଲଣ୍ଡନର ଷ୍ଟାନଷ୍ଟେଡ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। ବୋଇଂ ୭୭୭ ବିମାନଟି ଭୋର ୪ଟା ୫୦ରେ ମୁମ୍ବାଇ ଛାଡିଥିଲା। ଏହା ବ୍ରିଟେନ ଆକାଶରେ ଉଡୁଥିବାବେଳେ ସେଥିରେ ବୋମା ଥିବା ପାଇଲଟଙ୍କୁ ସୂଚନା ଦିଆଯାଇଥିଲା। ଫଳରେ ପାଇଲଟ ବିମାନର ଦିଗ ବଦଳାଇ ଅପରାହ୍ନ ୩ଟାରେ ଷ୍ଟାନ୍‌ଷ୍ଟେଡ ବିମାନ ବନ୍ଦରରେ ଅବତରଣ କରାଇଥିଲେ। ବିମାନକୁ ସୁରକ୍ଷା କର୍ମୀଙ୍କ ତଦାରଖରେ ରଖାଯାଇଛି।

# ଜାଗୁଆରରେ ପକ୍ଷୀ ମାଡ଼

ଅମ୍ବାଲା,୨୭।୬

ଗୁରୁବାର ସକାଳେ ମଝି ଆକାଶରେ ଭାରତୀୟ ବାୟୁସେନାର ଜାଗୁଆର ଜେଟ୍‌ରେ ଏକ ପକ୍ଷୀ ମାଡ଼ହେବାରୁ ଏହାର ଗୋଟିଏ ଇଞ୍ଜିନ୍ ଅଚଳ ହୋଇଯାଇଥିଲା। ଫଳରେ ଏଥିରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ପାଇଲଟ ଇନ୍ଧନ ଟ୍ୟାଙ୍କରୁ ତେଲ ନିଷ୍କାସନ କରି ବିମାନଟିକୁ ନିରାପଦରେ ଅମ୍ବାଲା ବାୟୁସେନା ଷ୍ଟେସନରେ ଅବତରଣ କରାଇବାରେ ସକ୍ଷମ ହୋଇଥିଲେ। ବିମାନରେ ଅଭ୍ୟାସ ପାଇଁ ରଖାଯାଇଥିବା ଛୋଟ ବୋମାଗୁଡିକୁ ମଧ୍ୟ ଫିଙ୍ଗିଦିଆଯାଇଥିଲା। ପରେ ସେଗୁଡିକୁ ଉଦ୍ଧାର କରାଯାଇଛି। ଚଳିତ ମାସ ଆରମ୍ଭରେ ବାୟୁସେନାର ଆଉ ଏକ ଜାଗୁଆର ବିମାନ ଗୁଜରାଟର କଚ୍ଛଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ପାଇଲଟ ତଥା ଏୟାର କମୋଡର ସଞ୍ଜୟ ଚୌହାନ ପ୍ରାଣ ହରାଇଥିଲେ।

# ବଜେଟ ପୂର୍ବରୁ ମନମୋହନଙ୍କୁ ଭେଟିଲେ ଅର୍ଥମନ୍ତ୍ରୀ

ନୂଆଦିଲ୍ଲୀ,୨୭।୬(ପି.ଟି.)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଜୁଲାଇ ୫ରେ ତାଙ୍କର ପ୍ରଥମ ବଜେଟ ଉପସ୍ଥାପନ କରିବାକୁ ଯାଉଥିବାବେଳେ ଏହା ପୂର୍ବରୁ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ମନମୋହନ ସିଂଙ୍କୁ ଗୁରୁବାର ତାଙ୍କ ବାସଭବନରେ ଭେଟିଛନ୍ତି। ପି.ଭି. ନରସିଂହ ରାଓଙ୍କ ସରକାରରେ ମନମୋହନ ଅର୍ଥମନ୍ତ୍ରୀ ଥିବାବେଳେ ୧୯୯୧ରେ ଅନେକ ଆର୍ଥିକ ସଂସ୍କାର ଘୋଷଣା କରିଥିଲେ, ଯାହା ଭାରତର ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି ଆଣିଥିଲା। ତେବେ ମନମୋହନଙ୍କୁ ସୀତାରାମନ୍ ଭେଟିବା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା ବୋଲି ଅର୍ଥମନ୍ତ୍ରଣାଳୟ ସୂତ୍ରରୁ କୁହାଯାଇଛି। ପାଖାପାଖି ୩ ଦଶନ୍ଧି ଧରି ରାଜ୍ୟ ସଭା ସଦସ୍ୟ ଥିବା ମନମୋହନଙ୍କ କାର୍ଯ୍ୟକାଳ ନିକଟରେ ଶେଷ ହୋଇଛି। କେନ୍ଦ୍ରରେ ପୂର୍ଣ୍ଣକାଳୀନ ଅର୍ଥମନ୍ତ୍ରୀ ହେବାରେ ସୀତାରାମନ୍ ପ୍ରଥମ ମହିଳା। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଅର୍ଥ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱରେ ଥିଲେ।



## ଇତିହାସର ଆଇନାରେ

### ଜୁନ୍ ୨୮ର ପ୍ରମୁଖ ଘଟଣା

୨୦୦୪ ଜୁନ୍ ୨୮ରେ ଇରାକ୍‌ର ମଧ୍ୟବର୍ତ୍ତିକାଳୀନ ସରକାରଙ୍କୁ ସାର୍ବଭୌମ କ୍ଷମତା ହସ୍ତାନ୍ତର କରାଯାଇଥିଲା। ଏହାଦ୍ୱାରା ଆମେରିକା ନେତୃତ୍ୱାଧୀନ ଶାସନର ପରିସମାପ୍ତି ଘଟିଥିଲା। ଇରାକରେ ମଧ୍ୟବର୍ତ୍ତିକାଳୀନ ସରକାର ଆମେରିକା ଓ ଏହାର ମିତ୍ରଶକ୍ତି ଦ୍ୱାରା ଗଠିତ ହୋଇଥିଲା। ଇରାକରେ ନୂଆ ସମ୍ବିଧାନର ଚିଠା ପ୍ରସ୍ତୁତି ପର୍ଯ୍ୟନ୍ତ କାମଚଳା ସରକାର ଦ୍ୱାରା ଶାସନ ପରିଚାଳିତ ହେଉଥିଲା।

୨୦୦୯ ଜୁନ ୨୮ରେ ହଣ୍ଡୁରାସ୍ ରାଷ୍ଟ୍ରପତି ମାନୁଏଲ୍ ଜେଲାୟାଙ୍କୁ ତାଙ୍କ ପଦବୀରୁ ହଟାଯାଇଥିଲା। କାରଣ ହଣ୍ଡୁରାସ୍ ସମ୍ବିଧାନର ପୁନର୍ଲିଖନ ପାଇଁ ଜନମତ ସଂଗ୍ରହ କରିବାରେ ସେ ବିଫଳ ହୋଇଥିଲେ। ଏହାପରେ ହଣ୍ଡୁରାସ୍‌ରେ ସାମ୍ବିଧାନିକ ସଂକଟ ଆରମ୍ଭ ହୋଇଥିଲା। ହଣ୍ଡୁରାସ୍‌ରେ ୨୦୦୬ ଜାନୁୟାରୀ ୨୭ରୁ ରାଷ୍ଟ୍ରପତି ଥିଲେ।

# କେନ୍ଦ୍ରୀୟ ଶିକ୍ଷା ବିଲ୍ ଲୋକ ସଭାରେ ଆଗତ

ନୂଆଦିଲ୍ଲୀ,୨୭।୬(ପି.ଟି.)

ଲୋକ ସଭାରେ ଗୁରୁବାର କେନ୍ଦ୍ରୀୟ ଶିକ୍ଷା ବିଲ୍ ଆଗତ ହୋଇଛି। ଏହି ବିଲ୍ ଗୃହୀତ ହେଲେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ଖାଲି ପଡିଥିବା ୭୦୦୦ରୁ ଅଧିକ ପଦବୀ ପ୍ରତ୍ୟକ୍ଷ ନିଯୁକ୍ତି ମାଧ୍ୟମରେ ପୂରଣ କରାଯାଇପାରିବ। ଷୋଡଶ ଲୋକ ସଭାରେ ଏଭଳି ଏକ ବିଲ୍ ଆଗତ ହୋଇଥିଲେ ହେଁ ତାହା ଗୃହୀତ ହୋଇ ନ ପାରିବାରୁ ରଦ୍ଦ ହୋଇଯାଇଥିଲା। ଫଳରେ ସରକାରଙ୍କୁ ଏନେଇ ଅଧ୍ୟାଦେଶ ଆଣିବାକୁ ପଡିଥିଲା। କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ବିଲ୍, ୨୦୧୯ ଗୃହୀତ ହେଲେ ତାହା ଅଧ୍ୟାଦେଶ ସ୍ଥାନରେ ଲାଗୁ ହେବ। ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ଏହି ବିଲ୍ ଉପସ୍ଥାପନ କରିଥିଲେ। ଶିକ୍ଷକ ଓ ଛାତ୍ରୀଛାତ୍ର ଆନ୍ଦୋଳନ କରିବା ଫଳରେ ସରକାର ଉଚ୍ଚଶିକ୍ଷାନୁଷ୍ଠାନଗୁଡିକରେ ଶିକ୍ଷାର ମାନ ବୃଦ୍ଧି ଲାଗି ନୂଆ ଆଇନ ଆଣିବାକୁ ନିଷ୍ପତ୍ତି ନେଇଥିଲେ।

ଅନ୍ୟପକ୍ଷରେ ଦେଶର ୪ଟି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିଭିନ୍ନ ବର୍ଗ ଲାଗି ୫୦ ପ୍ରତିଶତ ସଂରକ୍ଷଣ ବିନା ଶିକ୍ଷକ ନିଯୁକ୍ତି ଲାଗି ବିଜ୍ଞାପନ ପ୍ରକାଶ କରିଥିବାରୁ ସରକାର ଏହାର ଅନୁଧ୍ୟାନ କରିବାକୁ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କୟା ନାଇଡୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସଭାରେ ଶୂନ୍ୟକାଳରେ ଏସ୍‌ପି ସଦସ୍ର ଜାଭେଦ ଅଲି ଏହି ପ୍ରସଙ୍ଗ ଉଠାଇଥିଲେ। ପଞ୍ଜାବର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କର୍ନାଟକ ବିଶ୍ୱବିଦ୍ୟାଳୟ, ତାମିଲନାଡୁ ବିଶ୍ୱବିଦ୍ୟାଳୟ ଏବଂ ମଧ୍ୟପ୍ରଦେଶର ଅମରକଣ୍ଟକରେ ଥିବା ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଟ୍ରାଇବାଲ ୟୁନିଭର୍ସିଟି ସହକାରୀ ପ୍ରାଧ୍ୟାପକ, ସହଯୋଗୀ ପ୍ରାଧ୍ୟାପକ ଓ ପ୍ରାଧ୍ୟାପକ ପଦବୀରେ ନିଯୁକ୍ତି ଲାଗି ଧାର୍ଯ୍ୟ ସଂରକ୍ଷଣ ସୁବିଧା ନ ଥାଇ ବିଜ୍ଞାପନ ପ୍ରକାଶ କରିଥିବା ଖାନ୍ କହିଥିଲେ।

# ଆବେଙ୍କୁ ଭେଟିଲେ ମୋଦି

ଓସାକା,୨୭।୬ (ପି.ଟି.)

ଜି-୨୦ ସମ୍ମିଳନୀରେ ଯୋଗଦେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଜାପାନ ପ୍ରତିପକ୍ଷ ଶିଞ୍ଜୋ ଆବେଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ବିଶ୍ୱ ଅର୍ଥନୀତି, ଫେରାର ଆର୍ଥିକ ଅପରାଧୀଙ୍କୁ ଧରିବା ଓ ବିପର୍ଯ୍ୟୟ ପରିଚାଳନା ପ୍ରସଙ୍ଗ ଆଦି ଆଲୋଚନାରେ ସ୍ଥାନ ପାଇଥିଲା। ଜି-୨୦ରେ ଜାପାନର ନେତୃତ୍ୱକୁ ମୋଦି ପ୍ରଶଂସା କରିଥିଲେ। ଅକ୍ଟୋବରରେ ହେବାକୁ ଥିବା ନାରୁହିଟୋଙ୍କ ରାଜ୍ୟାଭିଷେକ ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଯୋଗଦେବେ ବୋଲି ମୋଦି ଏହି ଅବସରରେ କହିଥିଲେ। ବର୍ଷ ଶେଷରେ ହେବାକୁ ଥିବା ବାର୍ଷିକ ସମ୍ମିଳନୀରେ ଯୋଗଦେବାକୁ ମୋଦି ଭାରତ ଆସିବା ଲାଗି ଆବେଙ୍କୁ ଆମନ୍ତ୍ରଣ କରିଛନ୍ତି।

ଦୁଇ ବନ୍ଧୁରାଷ୍ଟ୍ର ମୁଖ୍ୟଙ୍କ ମଧ୍ୟରେ ଆଲୋଚନା ଗଠନମୂଳକ ଓ ସଫଳ ହୋଇଛି। ଜି-୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି ଫେରାର ଆର୍ଥିକ ଅପରାଧୀଙ୍କୁ ଧରିବା ଲାଗି ସଦସ୍ୟ ରାଷ୍ଟ୍ରଙ୍କ ସହଯୋଗ ଲୋଡ଼ିବେ। ଦୁର୍ନୀତି ବିରୋଧୀ ଅଭିଯାନକୁ ଅଧିକ କ୍ରିୟାଶୀଳ କରିବା ଲାଗି ଏହାର ଯଥେଷ୍ଟ ଆବଶ୍ୟକତା ରହିଥିବା ସେ କହିଛନ୍ତି। ଏଥିସହ ବିଶ୍ୱ ବାଣିଜ୍ୟ ସମସ୍ୟା, ପାଣିପାଗ ପରିବର୍ତ୍ତନ, ବିପର୍ଯ୍ୟୟ ପରିଚାଳନା ପ୍ରସଙ୍ଗ ଆଦି ସ୍ଥାନ ପାଇବ। ମୋଦି- ଆବେଙ୍କ ମଧ୍ୟରେ ମୁମ୍ବାଇ-ଅହମଦାବାଦ୍ ହାଇସ୍ପିଡ୍ ରେଲୱେ କରିଡର୍ ଓ ବାରାଣସୀରେ ଏକ ସମ୍ମିଳନୀ କେନ୍ଦ୍ର ଖୋଲିବା ନେଇ ଆଲୋଚନା ହୋଇଛି। ପୂର୍ବୋତ୍ତର ଭାରତରେ ଜାପାନର କାର୍ଯ୍ୟକୁ ମୋଦି ପ୍ରଶଂସା କରିଥିଲେ। ପୁନଃ ଅଭ୍ୟୁଥାନ ଓ ପୁନଃନିର୍ମାଣ ଲାଗି ଦୁଇଦେଶ ଏକହୋଇ କାର୍ଯ୍ୟକରିବା ଉପରେ ମୋଦି ଗୁରୁତ୍ୱ ଦେଇଛନ୍ତି।

ଜାପାନ୍‌ରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି ନୂଆ ଭାରତ ଗଠନରେ ଜାପାନ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି କହିଛନ୍ତି। ବିଶ୍ୱର ସର୍ବବୃହତ ଗଣତନ୍ତ୍ର ପ୍ରତି ଆସ୍ଥାଭାଜନ ହୋଇଥିବାରୁ ପ୍ରବାସୀ ଭାରତୀୟଙ୍କୁ ମୋଦି ଧନ୍ୟବାଦ ଜଣାଇଥିଲେ। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ମଧ୍ୟ ସେ ସେଠାରେ ପ୍ରଶଂସା କରିବାକୁ ଭୁଲି ନ ଥିଲେ। ପ୍ରକାଶଥାଉ କି, ପ୍ରଧାନମନ୍ତ୍ରୀ ମୋଦି ଜି-୨୦ ଶିଖର ସମ୍ମିଳନୀ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷିଆ ରାଷ୍ଟ୍ରପତି ପୁଟିନ୍ ଓ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଓ ଅନ୍ୟ ନେତାମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।



- ଫେରାର ଆର୍ଥିକ ଅପରାଧୀ ପ୍ରସଙ୍ଗ ନେଇ ଆଲୋଚନା
- ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି ସହଯୋଗ ଲୋଡ଼ିଲେ



କ୍ରମାଗତ ୪ ସପ୍ତାହ ହେଲା ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ରହିଥିବାରୁ ଚାଷକାର୍ଯ୍ୟ ପ୍ରଭାବିତ ହେବା ସହ ଫସଲ ଅମଳ ହ୍ରାସ ଆଶଙ୍କା ସୃଷ୍ଟି ହୋଇଛି। ଦେଶର ୨.୫ ଟ୍ରିଲିୟନ ଡଲାର ଅର୍ଥନୀତିରେ କୃଷି ସେକ୍ଟରର ଅବଦାନ ୧୫ ପ୍ରତିଶତ ରହିଛି। ମୌସୁମୀ ଦୁର୍ବଳ ରହିଲେ ଦେଶର ଆର୍ଥିକ ଅଭିବୃଦ୍ଧି ମନ୍ଥର ହୋଇଯିବ। ଆଗାମୀ ଦୁଇ ତିନି ସପ୍ତାହ ମଧ୍ୟରେ ଯଦି ଭଲ ବର୍ଷା ନ ହୁଏ ତେବେ କୃଷି ଉତ୍ପାଦନ ଗୁରୁତର ଭାବେ ପ୍ରଭାବିତ ହେବ।




# ପେପର ମିଲ୍ ଉପରେ ୧୫୦୦ କୋଟିର ବକେୟା

ପବନ ପାଣିଗ୍ରାହୀ
ଜୟପୁର,୨୭।୬

କୋରାପୁଟ ଜିଲା ଜୟପୁର ସ୍ଥିତ ବିଲ୍ଟ ପେପର ମିଲ୍‌ରେ ଲାଗିରହିଥିବା ଅଚଳାବସ୍ଥା ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫ ହଜାର ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଅନ୍ୟପକ୍ଷରେ ପେପର ମିଲ୍ ଉପରେ ବିଭିନ୍ନ ବାବଦକୁ ପ୍ରାୟ ୧୫୦୦ କୋଟିର ବକେୟା ପଡ଼ିଛି। ଏଥିରେ ୪୫ କୋଟିରୁ ଅଧିକ ବିଦ୍ୟୁତ ବିଲ୍, ୬୨୩ କୋଟିରୁ ଅଧିକ ଜଳକର, କର୍ମଚାରୀଙ୍କ ଦରମା, ୧୫ କୋଟିରୁ ଅଧିକ କଞ୍ଚାମାଲ, କେମିକାଲ ବକେୟା ପଡ଼ିଛି। ସେହିପରି ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା ଓ ବ୍ୟାଙ୍କ ଋଣ ମଧ୍ୟ ରହିଛି। ଫଳରେ ମିଲ୍‌ର ଭବିଷ୍ୟତ ନେଇ କର୍ମଚାରୀ ସନ୍ଦେହରେ ରହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୧୩ ଜୁଲାଇ ୨୦୧୮ରେ ବିଲ୍ଟ ପେପର ମିଲ୍ ବନ୍ଦ ହୋଇଥିବା ବେଳେ ଏହାର ୩ ମାସ ପରେ ମିଲ୍ କାର୍ଯ୍ୟକ୍ଷମ ହୋଇଥିଲା। ଗତ ୨୦ ଏପ୍ରିଲରୁ ପେପର ମିଲ୍‌ରେ ପୁଣି ଉତ୍ପାଦନ ବନ୍ଦ ରହିଛି। କାରଖାନାରେ ୪୫୦ ସ୍ଥାୟୀ, ୭ ଶହ ଅସ୍ଥାୟୀ, ୨ ଶହ ଅଫିସର ନିୟୋଜିତ ଥିବାବେଳେ ଏମାନଙ୍କ ସମେତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫ ହଜାରରୁ ଅଧିକ ଲୋକ ଏହା ଉପରେ ପେଟ ପାଟଣା ପାଇଁ ନିର୍ଭର କରନ୍ତି। ୨୦୧୯ ଫେବୃୟାରୀରୁ କର୍ମଚାରୀଙ୍କୁ ଦରମା ମିଳି ନଥିବା ବେଳେ ଜିଲାପାଳଙ୍କ ହସ୍ତକ୍ଷେପ ପରେ ମେ ମାସରେ ଫେବୃୟାରୀ ମାସର ଗୋଟିଏ ଦରମା ମିଳିଥିଲା। କିନ୍ତୁ ଗତ ମାର୍ଚ୍ଚରୁ ଶ୍ରମିକମାନଙ୍କ ଆଉ ଦରମା ମିଳିନାହିଁ। ଓଭର ଟାଇମ କାମ କରୁଥିବା ଶ୍ରମିକମାନେ ମଧ୍ୟ ୪ ମାସ ହେବ ପାଉଣା ପାଇନାହାନ୍ତି। ଗତ ଏପ୍ରିଲରେ ମିଲ୍‌ର ୪ଟି ସ୍ଥାୟୀ ୟୁନିୟନ ଏଥିପାଇଁ କୋରାପୁଟ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଅଚଳାବସ୍ଥା ଦୂର କରିବା ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନିଜ କାର୍ଯ୍ୟାଳୟରେ ଗତ ୬ ମେରେ ବିଲ୍ଟ କର୍ତ୍ତୃପକ୍ଷ, ଜିଲା ଶ୍ରମ ଅଧିକାରୀ, ଶ୍ରମିକ ପ୍ରତିନିଧିଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ବିଲ୍ଟ ପକ୍ଷରୁ ୟୁନିଟ୍ ହେଡ୍, ଏଚ୍‌ଆର୍ ଡିଜିଏମ୍ ଯୋଗଦେଇ କହିଥିଲେ ଯେ ମ୍ୟାନେଜମେଣ୍ଟ ପ୍ରତିମାସରେ କ୍ଷତି ସହୁଥିବା ବେଳେ ରାଜ୍ୟ ସରକାର ୨୦୧୭ରେ କାରଖାନା ପୁନଃ କାର୍ଯ୍ୟକ୍ଷମ ହେବା ବେଳେ କମ୍ପାନିକୁ କେତେକ କ୍ଷେତ୍ରରେ ରିହାତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଯାହା କାର୍ଯ୍ୟକାରୀ କରିନାହାନ୍ତି। ଜଳ କର, ବିଦ୍ୟୁତ ଦେୟ ଆଗରୁ ରହିଛି। କୋଇଲା ଓ କଞ୍ଚାମାଲ ମିଳୁନାହିଁ। ପୁରୁଣା ଯନ୍ତ୍ରପାତି ବଦଳାଇବା ପାଇଁ ପାଣ୍ଠିର ଆବଶ୍ୟକତା ରହିଥିବା ନେଇ ବୈଠକରେ ମ୍ୟାନେଜମେଣ୍ଟ ନିଜ ପକ୍ଷ ରଖିବା ସହ ଏ ଦିଗରେ ଜିଲାପାଳଙ୍କ ସହାୟତା ଲୋଡ଼ିଥିଲା। ନୂତନ ସରକାର ଗଠନ ପରେ ରିହାତି ପାଇଁ ଆବେଦନ କରିବା ପାଇଁ ସେତେବେଳେ ମ୍ୟାନେଜମେଣ୍ଟକୁ ପରାମର୍ଶ ଦେଇଥିଲେ ଜିଲାପାଳ। ଅନ୍ୟପକ୍ଷରେ ୟୁନିୟନ ପ୍ରତିନିଧିମାନେ କହିଛନ୍ତି, ଆବଶ୍ୟକ କଞ୍ଚାମାଲ ଓ କେମିକାଲ, ମରାମତି ପାଇଁ ଯନ୍ତ୍ରାଂଶ ଯୋଗାଡ଼ କଲେ ମିଲ୍ ନିର୍ଦ୍ଧାରିତ ୫୫୫୦ ଟନ୍‌ରୁ ଅଧିକ ଉତ୍ପାଦନ କରିପାରିବ। ମ୍ୟାନେଜମେଣ୍ଟ ୬ ମାସ ନିରନ୍ତର କାରଖାନା ଚଳାଇବା ପାଇଁ ଲକ୍ଷ୍ୟ ରଖି କାମ କଲେ ଲାଭକ୍ଷତି ଜଣାପଡ଼ିବ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଦରମା ନଥିବା ଯୋଗୁ ଏବେ ନାମଲେଖା ଋତୁ ଚାଲିଥିବା ବେଳେ କର୍ମଚାରୀଙ୍କ ପିଲା ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଅଭାବ ଅନଟନରେ ପରିବାର ଚାଲିଥିବା ବିଲ୍ଟ ସେବା ପେପର ମିଲ ଏମ୍ପ୍ଲୋୟର୍ସ ୟୁନିୟନର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ମହାନ୍ତି କହିଛନ୍ତି। ଏପରିକି ଅବସର ନେଇଥିବା କର୍ମଚାରୀ ମଧ୍ୟ ୨ ବର୍ଷ ହେବ ବକେୟା ପାଇନାହାନ୍ତି। ଏଭଳି ପରିସ୍ଥିତିରେ ରାଜ୍ୟ ସରକାର ହସ୍ତକ୍ଷେପ କରି ସମାଧାନର ବାଟ ବାହାର କରିବା ଲାଗି ଦାବି ହୋଇଛି।

### ବିଲ୍ଟ ଅଚଳାବସ୍ଥା

- ୫ ହଜାର ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ
- ସରକାର ଦେଇଥିବା ପ୍ରତିଶ୍ରୁତି ରଖିଲେନି: ମିଲ କର୍ତ୍ତୃପକ୍ଷ
- ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲେ କର୍ମଚାରୀ

## ଟ୍ରେଲର ସହ ଯାତ୍ରୀବାହୀ ବସ୍ ଧକ୍କା, ୫ ମୃତ୍ୟୁ ଆଶଙ୍କା

ବାରିପଦା ଅଫିସ,୨୭।୬: ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଆଗରିଆ ଛକ ନିକଟରେ ଭୁବନେଶ୍ୱରରୁ ବାରିପଦା ଆସୁଥିବା କଳ୍ପନା ନାମକ ଏକ ଯାତ୍ରୀବାହୀ ବସ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ୫ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଛି। ଗୁରୁବାର ରାତି ପ୍ରାୟ ୧୨ଟା ବେଳେ ଏହି ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଯାଉଥିବା ଉକ୍ତ ବସ୍ ସମ୍ମୁଖକୁ ଏକ ଟ୍ରେଲର ପଶି ଆସିବାରୁ ଚାଳକ ଭାରସାମ୍ୟ ହରାଇ ବସିଥିଲେ। ଫଳରେ ବସ୍‌ଟି ଟ୍ରେଲରରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାସ୍ଥଳ ଠାରୁ ବାରିପଦା ଦୂରତା ୩୫ କିଲୋମିଟର। ଉକ୍ତ ବସରେ ବାରିପଦାର ଅଧିକ ଯାତ୍ରୀ ଥିବା କୁହାଯାଇଛି। ବସ୍‌ରେ ଥିବା ଜଣେ ମହିଳା ଓ ତାଙ୍କ ପୁଅଙ୍କ ମୁଣ୍ଡଗଣ୍ଡି ଅଲଗା ହୋଇଯାଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଆହତମାନଙ୍କୁ ୨ଟି ଆମ୍ବୁଲାନ୍ସରେ ବେତନଟୀ ଓ ବାରିପଦା ଡାକ୍ତରଖାନା ପଠାଯାଉଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ୨ଟି ମୃତଦେହକୁ ବସ୍ ଭିତରୁ ଉଦ୍ଧାର କରାଯାଇଛି।

### ତରୁଣ ଆଚାର୍ଯ୍ୟ ହତ୍ୟା ମାମଲା

## ୫ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଖଲ୍ଲିକୋଟ,୨୭।୬(ଡି.ଏନ.ଏ.)

ବହୁଚର୍ଚ୍ଚିତ ଖବରଦାତା ତରୁଣ ଆଚାର୍ଯ୍ୟ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଖଲ୍ଲିକୋଟ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ୫ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଆଇପିସି ଦଫା ୩୦୨/୧୨୦ବି ସମେତ ଅନ୍ୟାନ୍ୟ ଦଫାରେ ବିଚାରପତି ଶ୍ରୀନିବାସ ପ୍ରତିହାରୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ପି. ଶ୍ୟାମ ସୁନ୍ଦର ପୃଷ୍ଟି, ସନ୍ତୋଷ ମହାରଣା, ଆର. ରମେଶ ରେଡ୍ଡୀ, ଶିବରାମ ନାଏକ ଓ ସୁରେଶ ସାହୁ। ରାୟ ପ୍ରକାଶ ପାଇବା ପରେ ତରୁଣଙ୍କ ଭାଇ ତଥା ଆଇନଜୀବୀ ତାପସ କୁମାର ଆଚାର୍ଯ୍ୟ ଏହା ଧର୍ମର ଜୟ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ଦ୍ୱାରା ଏହା ସମ୍ଭବ ହେଲା ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ବିକ୍ରମପୁର ଗ୍ରାମର ତରୁଣ ୨୦୧୪ ମେ ୨୭ ତାରିଖ ରାତିରେ ଖଲ୍ଲିକୋଟରୁ ଫେରୁଥିବା ବେଳେ ସ୍ଥାନୀୟ ଅବକାରୀ କାର୍ଯ୍ୟାଳୟ ନିକଟରେ ତାଙ୍କ ଗଳାକାଟି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାର ମାଷ୍ଟର ମାଇଣ୍ଡ ଥିଲେ କାଜୁ ଫ୍ୟାକ୍ଟ୍ରିମାଲିକ ପି. ଶ୍ୟାମ ସୁନ୍ଦର ପୃଷ୍ଟି। କାଜୁ ଫ୍ୟାକ୍ଟ୍ରିରେ ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ଖବର ପରିବେଷଣ କରିଥିବାରୁ ତରୁଣଙ୍କ ଉପରେ ରାଗ ଶୁଝାଇବାକୁ ପି. ଶ୍ୟାମସୁନ୍ଦର ହତ୍ୟା ଯୋଜନା କରିଥିଲେ। ବ୍ରହ୍ମପୁରରୁ ୩ ଜଣ ସୁପାରିକିଲରଙ୍କୁ ଲଗାଇ ତରୁଣଙ୍କୁ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡ ପୂର୍ବରୁ ଓ ପରେ ଅନ୍ୟ ୨ ଜଣ ସହଯୋଗ କରିଥିବା ତଦନ୍ତରୁ ଜଣାପଡିଥିଲା। ଏହି ମାମଲାରେ ପୋଲିସ ପର୍ଯ୍ୟାୟକ୍ରମେ ମାଷ୍ଟରମାଇଣ୍ଡଙ୍କ ସମେତ ଉପରୋକ୍ତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟଜଣେ ଅଭିଯୁକ୍ତ ନୃସିଂହ ଚରଣ ପଣ୍ଡା ଓରଫ ଗୁଲ୍ଲୁ ଏବେ ବି ଫେରାର ଅଛନ୍ତି। ମାମଲାର ତଦନ୍ତରେ ଶିଥିଳତା ଦେଖାଦେବାରୁ ତରୁଣଙ୍କ ଭାଇ ତାପସ ହାଇକୋର୍ଟରେ ରିଟ୍‌ପିଟିଶନ ଦାଖଲ କରିଥିଲେ। ୨୦୧୫ରେ ହାଇକୋର୍ଟ ଏହି ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ଛତ୍ରପୁର ଏଡିଜେ କୋର୍ଟରେ ଏହି ମାମଲାର ଶୁଣାଣି ହୋଇ ଆସୁଥିଲା। ଖଲ୍ଲିକୋଟରେ ଏଡିଜେ କୋର୍ଟ ଖୋଲିବା ପରେ ଛତ୍ରପୁର କୋର୍ଟରୁ ଏଠାକୁ ମାମଲା ସ୍ଥାନାନ୍ତର ହୋଇଥିଲା। ମାମଲାରେ ମୋଟ ୪୭ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଦୀର୍ଘ ୫ ବର୍ଷ ୧ ମାସ ପରେ ଗୁରୁବାର ଖଲ୍ଲିକୋଟ ଏଡିଜେ ୫ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି।

GOA STATE LOTTERIES
Rajshree MONTHLY LOTTERY
SYMBOL OF TRUST
Ticket ₹ 100/-
1st Prize ₹ 1 CRORE Including Super Prize Amount
2nd Prize ₹ 10 LAKH Including Super Prize Amount
5 3rd Prize ₹ 2 LAKH Each Including Super Prize Amount
DRAW 10.07.2019 4.30 PM ONWARDS
FREE POSTAGE Tickets worth Rs. 1400/- will be sent by Regd. Post. Send BANK DRAFT / MONEY ORDER in favour of ANAND AGENCIES payable at Asansol (W.B.) with full Address & Pin Code to the following address
We request all customers please mention your active mobile no. for easy delivery
ANAND AGENCIES 407, Lower Chelidanga, Mother Teresa Road, Asansol - 713304 Mob. No.: 7365895446 / 9021166358





ପୌର ଅଧିକାରୀଙ୍କୁ ବ୍ୟାଟରେ ପିଟିବା ଘଟଣାରେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଭାଜପା ସାଧାରଣ ସମ୍ପାଦକ କୈଳାସ ବିଜୟଭର୍ଗୀୟଙ୍କ ପୁଅ ତଥା ଇନ୍ଦୋର ବିଧାୟକ ଆକାଶଙ୍କ ବିରୋଧରେ ଆଉ ଏକ ମାମଲା ରୁଜୁ ହୋଇଛି। ତାଙ୍କ ଜାମିନ ଆବେଦନକୁ ଜିଲା ଅଦାଲତ ଖାରଜ କରିଦେଇଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ସୌମ୍ୟଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରାଜ୍ୟରେ ଅଛନ୍ତି ୩୨% ଗରିବ

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

■ ୨୦୧୧ ପରଠାରୁ ଗରିବ ଆକଳନ ହୋଇନାହିଁ: ରାଜସ୍ୱ ମନ୍ତ୍ରୀ
■ ଗାଁ ଲୋକଙ୍କ ମାସକୁ ଖର୍ଚ୍ଚ ୬୯୫ ଟଙ୍କା
■ ସହରୀ ଲୋକଙ୍କ ଖର୍ଚ୍ଚ ୮୬୧ ଟଙ୍କା



ରାଜ୍ୟରେ ଗରିବ ବଢ଼ିଛି ନା କମିଛି। ଗରିବ ମାପିବାର ମାନଦଣ୍ଡ କ'ଣ। ଏହାକୁ କେନ୍ଦ୍ର ସରକାର ନା ରାଜ୍ୟ ସରକାର ସ୍ଥିର କରନ୍ତି। ଏବେ ରାଜ୍ୟରେ କେତେ ବ୍ୟକ୍ତି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଦାରିଦ୍ର୍ୟ ଦୂର କରିବାକୁ ରାଜ୍ୟରେ କେଉଁ କେଉଁ ଯୋଜନା କାର୍ଯ୍ୟକାରୀ ହେଉଛି । ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଏଭଳି ଅନେକ ପ୍ରଶ୍ନ ଗୁଡାଇ ତୁଡାଇ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ପଚାରିଥିଲେ। ଖାଲି ପଦବୀଗୁଡ଼ିକ ଖୁବ୍‌ଶୀଘ୍ର ପୂରଣ କରାଯିବ କହି ମନ୍ତ୍ରୀ ପ୍ରଶ୍ନକର୍ତ୍ତାଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଥିଲେ। ୨୦୧୧-୧୨ର ସର୍ଭେ ଅନୁଯାୟୀ ରାଜ୍ୟରେ ୩୨.୬୮% ଗରିବ ରହିଛନ୍ତି ବୋଲି ମନ୍ତ୍ରୀ କହିଥିଲେ।

ପ୍ରଶ୍ନକର୍ତ୍ତା ଭାଜପା ସଦସ୍ୟ ମୋହନ ଚରଣ ମାଝି ପଚାରିଥିଲେ ଯେ, ରାଜ୍ୟରେ ଗରିବ କିଏ। ତା'ର ମାପକାଠି କ'ଣ। କେଉଁ ମାପଦଣ୍ଡ ଆଧାରରେ ଗରିବଙ୍କୁ ଚିହ୍ନଟ କରାଯାଇଛି। ଗରିବଙ୍କ ପାଇଁ ରାଜ୍ୟ ସରକାରଙ୍କର କେଉଁ ଯୋଜନା କେବେଠାରୁ ଚାଲିଛି। କେଉଁ ତଥ୍ୟ ଆଧାରରେ ଏହା କାର୍ଯ୍ୟକାରୀ ହେଉଛି। ରାଜ୍ୟରେ ପ୍ରଚଳିତ ସର୍ବନିମ୍ନ ଆୟ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ଗତ ୧୦ ବର୍ଷ ମଧ୍ୟରେ କେତେ ବଢ଼ିଛି ଓ କମିଛି ବୋଲି ପଚାରିଥିଲେ। ମନ୍ତ୍ରୀ ଉତ୍ତରରେ କହିଥିଲେ ଯେ, ନୀତି ଆୟୋଗଙ୍କ ତେନ୍ଦୁଲକର କମିଟି ରିପୋର୍ଟ ଅନୁଯାୟୀ ମାସିକ ମୁଣ୍ଡପିଛା ଖର୍ଚ୍ଚକୁ ଦାରିଦ୍ର୍ୟ ସୀମାରେଖା ମାପଦଣ୍ଡ ହିସାବରେ ନିଆଯାଇଥାଏ। ଏହି ଆଧାରରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିଙ୍କୁ ଗରିବ ଭାବେ ଚିହ୍ନଟ କରାଯାଇଥାଏ। ରାଜ୍ୟ ସରକାର ଗରିବଙ୍କ ନିମନ୍ତେ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଯୋଜନାଗୁଡ଼ିକର ମାର୍ଗଦର୍ଶିକା ଅନୁଯାୟୀ ସମ୍ପୃକ୍ତ ବିଭାଗ ଗରିବ ହିତାଧିକାରୀଙ୍କୁ ଚିହ୍ନଟ କରିଥାନ୍ତି। ୨୦୦୪-୦୫ରେ ହୋଇଥିବା ସର୍ଭେ ଅନୁଯାୟୀ ରାଜ୍ୟରେ ୫୭.୨୦ ପ୍ରତିଶତ ଅର୍ଥାତ୍ ୨୨୧.୬୦ ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। ୨୦୧୧-୧୨ରେ ହୋଇଥିବା ସର୍ଭେ ଅନୁଯାୟୀ, ଦାରିଦ୍ର୍ୟ ସୀମାରେଖା ତଳେ ୧୩୮.୫୩ ଲକ୍ଷ ତଥା ୩୨.୬୮% ଲୋକ ଥିବା ଆକଳନ କରାଯାଇଥିଲା। ଉକ୍ତ ସର୍ଭେ ଅନୁଯାୟୀ ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୨୬.୬୧ ପ୍ରତିଶତକୁ ହ୍ରାସ ପାଇଛି। ବିଜେଡି ସଭ୍ୟ ପ୍ରଶାନ୍ତ ମୁଦୁଲି, ପ୍ରତାପ ଦେବ, ଭାଜପା ସଭ୍ୟ ମୁକେଶ ମହାଲିଙ୍ଗଙ୍କ ଅତିରିକ୍ତ ପ୍ରଶ୍ନରେ ଗରିବ ରାଜ୍ୟ ନା କେନ୍ଦ୍ର ସରକାର ନିର୍ଦ୍ଧାରଣ କରନ୍ତି। ଗରିବୀ ହଟାଇବା ପାଇଁ ଗତ ୫ ବର୍ଷରେ କେନ୍ଦ୍ର ସରକାର କି କି ଯୋଜନା କରିଛନ୍ତି। ରାଜ୍ୟରେ ସର୍ବନିମ୍ନ ଆୟ କେଉଁ ବର୍ଷ କମିଛି କିମ୍ବା ବଢ଼ିଛି। ବଲାଙ୍ଗୀର ଜିଲାରେ ଏହା କମିଛି ନା ବଢ଼ିଛି ବୋଲି ପଚାରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ତତ୍କାଳୀନ ଯୋଜନା କମିଶନ ଏବଂ ଏବେର ନୀତି ଆୟୋଗ ଦାରିଦ୍ର୍ୟ ନିର୍ଦ୍ଧାରଣ କରିଥାନ୍ତି। ୨୦୧୯-୨୦ ବଜେଟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ବ୍ୟୟବରାଦ କରାଯିବ। ଦାରିଦ୍ର୍ୟ ହ୍ରାସ କରିବାକୁ ୧୧ଟା ଯୋଜନା କାର୍ଯ୍ୟକାରୀ ହେଉଛି। ଗରିବଙ୍କ ମୁଣ୍ଡପିଛା ଖର୍ଚ୍ଚକୁ ଧରି ଦାରିଦ୍ର୍ୟ ନିର୍ଦ୍ଧାରଣ କରାଯାଉଛି। ୨୦୦୪-୦୫ରେ ଗ୍ରାମାଞ୍ଚଳରେ ମୁଣ୍ଡପିଛା ଖର୍ଚ୍ଚ ୪୦୭.୭୮ ଟଙ୍କା ଥିବା ବେଳେ ୨୦୧୧-୧୨ରେ ୬୯୫ ଟଙ୍କା ଥିଲା। ସେହିପରି ୨୦୦୪-୦୫ରେ ସହରାଞ୍ଚଳରେ ମୁଣ୍ଡପିଛା ଖର୍ଚ୍ଚ ୪୯୭.୩୧ ଥିବାବେଳେ ୨୦୧୧-୧୨ରେ ୮୬୧ ଟଙ୍କା ହୋଇଛି। ୨୦୧୧-୧୨ ପରେ ଆଉ ଗରିବ ଚିହ୍ନଟ ହୋଇନାହିଁ। ୨୦୧୧ ସୁଦ୍ଧା ରାଜ୍ୟରେ ୨୬.୬୧ ପ୍ରତିଶତ ଗରିବୀ କମିଛି। ଏହାପରେ କୌଣସି ଆକଳନ ହୋଇନାହିଁ ବୋଲି ମନ୍ତ୍ରୀ କହିଥିଲେ।

■ ବିଜେଡି କାଉନ୍‌ସିଲର ହତ୍ୟା ମାମଲା

# ଭାଜପା ନେତା ଭୃଗୁ, ଗୋଲକଙ୍କ ଅନ୍ତରୀଣ ସୁରକ୍ଷା ବଢ଼ିଲା

**କଟକ ଅଫିସ,୨୭।୬**

ଛତ୍ରପୁର ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ଭାଜପା ନେତା ଭୃଗୁ ବକ୍ସିପାତ୍ର ଓ ଗୋଲକ ମହାପାତ୍ରଙ୍କ ଅନ୍ତରୀଣ ସୁରକ୍ଷା ଅବଧିକୁ ଗୁରୁବାର ହାଇକୋର୍ଟ ବୃଦ୍ଧି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଦୁଇ ସପ୍ତାହ ପରେ କରାଯିବ। ଏହି ସମୟ ମଧ୍ୟରେ ପୋଲିସ କେସ୍ ଡାଏରୀ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲା ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ୨୦୧୭ ସେପ୍ଟେମ୍ବର ୧୬ରେ ହତ୍ୟା କରାଯାଇଥିଲା। ସଂଘବଦ୍ଧ ଭାବେ ଦୁର୍ବୃତ୍ତମାନେ ପ୍ରଧାନଙ୍କ ବାସଭବନ ଆଗରେ ତାଙ୍କୁ ଖଣ୍ଡା ଓ ମାରଣାସ୍ତ୍ରରେ ହାଣି ହତ୍ୟା କରିଥିଲେ। ଏହି ମାମଲାରେ ପୂର୍ବରୁ ପୋଲିସ ଜିଲାର ଭାଜପା ନେତା କୃଷ୍ଣ ନାୟକ ଓ ଦୁର୍ଯ୍ୟୋଧନ ରେଡ୍ଡୀଙ୍କୁ ଉତ୍ତରାଖଣ୍ଡର ଏକ ଗେଷ୍ଟ ହାଉସ୍‌ରୁ ଗିରଫ କରିଥିଲା। ତେବେ ଅଭିଯୁକ୍ତମାନଙ୍କୁ ଉକ୍ତ ଗେଷ୍ଟ ହାଉସ୍‌ରେ ଲୁଚାଇ ରଖିବା ପଛରେ ଭାଜପା ନେତା ଗୋଲକ ମହାପାତ୍ରଙ୍କ ଭୂମିକା ଥିବା ପୋଲିସ ତଦନ୍ତରୁ ଜାଣିପାରିଥିଲା। ଉକ୍ତ ଘଟଣାରେ ପୂର୍ବରୁ ପୋଲିସ ଗୋଲକଙ୍କୁ ଡାକି ଥାନାରେ ପଚରାଉଚରା କରିଥିଲା। ତେବେ ଗତ ଜାନୁୟାରୀ ୨୯ରେ ଉକ୍ତ ମାମଲାରେ ପୋଲିସ ପକ୍ଷରୁ ଗୋଲକଙ୍କ ସମେତ ଭାଜପାର ଅନ୍ୟତମ ନେତା ଭୃଗୁ ବକ୍ସିପାତ୍ରଙ୍କୁ ମଧ୍ୟ ନୋଟିସ କରାଯାଇଥିଲା। ଉଭୟଙ୍କୁ ଦୁଇଟି ପୃଥକ୍ ତାରିଖ ଯଥା ଗତ ଫେବୃୟାରୀ ୭ ଓ ଫେବୃୟାରୀ ୯ରେ ପୋଲିସ ନିକଟରେ ଉପସ୍ଥିତ ହେବା ପାଇଁ ନୋଟିସ କରାଯାଇଥିଲା। ମାତ୍ର ଉଭୟ ଏହି ମାମଲାରେ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରଙ୍କ ପକ୍ଷରୁ ଆଡଭୋକେଟ ଜନ୍ମେଜୟ କଟିକିଆ ଏହି ମାମଲା ପରିଚାଳନା କରୁଛନ୍ତି।

# ପାଠ୍ୟପୁସ୍ତକରେ କ୍ୟୁଆର୍ କୋଡ୍

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ବଦଳୁଛି ଶିକ୍ଷା ବ୍ୟବସ୍ଥା। ଦିନକୁ ଦିନ ସ୍ମାର୍ଟ ଫୋନ୍‌ର ବ୍ୟବହାର ବଢ଼ିବାରେ ଲାଗିଛି। ଛାତ୍ରୀଛାତ୍ର କିପରି ଏହି ସ୍ମାର୍ଟ ଫୋନ୍‌କୁ ନିଜ ଶିକ୍ଷା ଗ୍ରହଣରେ ବ୍ୟବହାର କରିପାରିବେ, ସେଥିପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପ୍ରୟାସ ଆରମ୍ଭ କରିଛି। ସ୍ମାର୍ଟ ଫୋନ୍ ସାହାଯ୍ୟରେ ଛାତ୍ରୀଛାତ୍ରଙ୍କ ନିକଟରେ ପାଠ୍ୟ ବିଷୟବସ୍ତୁ ପହଞ୍ଚିବ। ନବମ ଓ ଦଶମ ଶ୍ରେଣୀ ବହିରେ ବିଭିନ୍ନ ସ୍ଥାନରେ କ୍ୟୁଆର୍ କୋଡ୍ ଛପାଯାଇଛି, ଯାହାକୁ ନିଜ ସ୍ମାର୍ଟ ଫୋନ୍‌ରେ ସ୍କାନ କଲେ ସେହି ବିଷୟବସ୍ତୁ ସମ୍ପର୍କରେ ବିସ୍ତୃତ ତଥ୍ୟ ସହ ଅଡିଓ ଭିଜୁଆଲ୍ କଣ୍ଟେଣ୍ଟ ମଧ୍ୟ ଛାତ୍ରୀଛାତ୍ର ଦେଖିପାରିବେ। ନବମ ଓ ଦଶମ ଶ୍ରେଣୀର ଅଧିକାଂଶ ବହିର ସୂଚୀରେ ଏବଂ ବିଷୟର ପ୍ରାରମ୍ଭରେ କୁଇକ୍ ରେସ୍‌ପନ୍ସ କୋଡ୍ ବା QR Code ଛପାଯାଇଛି। 'ଦୀକ୍ଷା' ମୋବାଇଲ୍ ଆପ୍‌ରେ ଏହାକୁ ସ୍କାନ କଲେ ବିଷୟବସ୍ତୁକୁ ବିସ୍ତୃତ ଭାବେ ଜାଣିବା ସହ ସେ ସମ୍ପର୍କିତ ଭିଡିଓ ମଧ୍ୟ ଦେଖିହେବ। ପୂର୍ବରୁ ସିବିଏସ୍‌ଇ ଓ ଆଇସିଏସ୍‌ଇ ଏହି ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦ ପ୍ରଥମ ଥର ପାଇଁ ଏଭଳି ଉପାୟ ଆପଣାଇଛି। ଦିନକୁ ଦିନ ସ୍ମାର୍ଟ ଫୋନ୍‌ର ବର୍ଦ୍ଧିତ ବ୍ୟବହାରକୁ ଦୃଷ୍ଟିରେ ରଖି ଏହି ସ୍ମାର୍ଟ ଉପାୟ ଛାତ୍ରୀଛାତ୍ରଙ୍କ ଜ୍ଞାନବୃଦ୍ଧି ତଥା ବିଷୟବସ୍ତୁ ପ୍ରତି ଆଗ୍ରହ ସୃଷ୍ଟିରେ ସହାୟକ ହେବ ବୋଲି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆଶା ରଖିଛି। ସ୍ମାର୍ଟ ଫୋନ୍‌ରେ ବିସ୍ତୃତ ପାଠ୍ୟ ବିଷୟବସ୍ତୁ କିପରି ପାଇବେ ଓ କ୍ୟୁଆର୍ କୋଡ୍‌କୁ କିପରି ସ୍କାନ କରିବେ, ସେ ସମ୍ପର୍କରେ ବହିର ପ୍ରଥମ ପୃଷ୍ଠାରେ ଚିତ୍ର ସହିତ ଦର୍ଶାଯାଇଛି। ପ୍ରଥମେ ନିଜ ମୋବାଇଲ୍ ଫୋନ୍‌ର 'ଦୀକ୍ଷା' ଆପ୍ଲିକେଶନ ଡାଉନଲୋଡ୍ କରି ଛାତ୍ରୀଛାତ୍ର ଷ୍ଟୁଡେଣ୍ଟ ବଟନ୍‌ରେ କ୍ଲିକ୍ କରିବେ। ଏହାପରେ କ୍ୟୁଆର୍ କୋଡ୍‌କୁ ସ୍କାନ କଲେ ସେହି ପାଠ୍ୟ ବିଷୟବସ୍ତୁ ନିଜ ଫୋନ୍‌ରେ ପାଇପାରିବେ ବୋଲି ସୂଚନା ମିଳିଛି।

■ ସହରରେ ବୋମାମାଡ଼

# ୯ ଅଫୁଟା ବୋମା ଜବତ, ଜଣେ ଅଟକ

**କେନ୍ଦ୍ରାପଡା ଅଫିସ, ୨୭।୬**

ଟାଉନ ଥାନା ଅଧୀନ ସହରର ଜଇପୁରାଠାରେ ବୁଧବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଛି। ପୂର୍ବ ଶତ୍ରୁତାରୁ ଜଇପୁରା ଗ୍ରାମର ସେକ୍ ନୁରୀଙ୍କ ଘର ଉପରକୁ ସେହି ଗ୍ରାମର ସେକ୍ ହୁସେନ ଗୋଟିଏ ବୋମାମାଡ଼ କରିଥିଲେ। ଫଳରେ ନୁରୀଙ୍କ ଘରର କିଛି ଅଂଶ ନଷ୍ଟ ହୋଇଛି। ଏ ନେଇ ନୁରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଗୁରୁବାର ହୁସେନଙ୍କୁ ଥାନାକୁ ଆଣି ପଚରାଉଚୁରା କରିଛି। ତେବେ ହୁସେନଙ୍କ ନିକଟରୁ ଆଉ ୯ଟି ଅଫୁଟା ବୋମା ଜବତ କରିଛି। ହୁସେନଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ଥିବା ଥାନା ଅଧିକାରୀ ଦେବାଶିଷ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।



ଅଭିଯୁକ୍ତ ସେକ୍ ହୁସେନ



ଜବତ ବୋମା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର କେନ୍ଦ୍ରସ୍ଥ ମଙ୍ଗଳ ଯୋଗୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଅର୍ଥ ସମ୍ବନ୍ଧୀୟ କୌଣସି କଥା ବନ୍ଧୁଙ୍କ ନିକଟରୁ ଶୁଣିବାକୁ ପାଇ ଉଲ୍ଲସିତ ହେବେ। ପ୍ରତ୍ୟେକ ଦିଗକୁ ଲକ୍ଷ୍ୟରଖି ଗୋପନୀୟ ଆଲୋଚନା ବ୍ୟତିରେକ ସମସ୍ୟାରେ ଛନ୍ଦି ହୋଇଯିବେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ କିମ୍ବା ସତର୍କତାର ସହ କାମ ନ କଲେ ଫସିଯାଇ ପାରନ୍ତି।

**ବୃଷ** ମଙ୍ଗଳଯୁକ୍ତ ବୁଧଙ୍କ ସୁପ୍ରଭାବରୁ ଏକାଧାରରେ ଅର୍ଥଲାଭ ସଙ୍ଗକୁ ସନ୍ତାନମାନଙ୍କ ଗୌରବରେ ନିଜକୁ ଗୌରବାନ୍ୱିତ ମନେକରିବେ। କିନ୍ତୁ ଏହା ସଙ୍ଗକୁ କୌଣସି ପଡୋଶିନୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତରଜନିତ ସମସ୍ୟା ବୃଦ୍ଧିର ସମ୍ଭାବନା ରହିଛି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଜିନିଷ ହଜିବା କାରଣରୁ ବିରସ ମନରେ ସମୟ କଟାଇବେ।

**ମିଥୁନ** ବୃହସ୍ପତିଙ୍କ ଶୁଭ ଦୃଷ୍ଟିରୁ କାମଗୁଡ଼ିକୁ ସହଜ ଓ ସୁବିଧାରେ ସମ୍ପନ୍ନ କରିବାର ମାର୍ଗ ଉନ୍ମୁକ୍ତ କରିବ। ଆକସ୍ମିକ ଭାବରେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, କଳ କାରଖାନା,ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ପାରିବାରିକ କ୍ଷେତ୍ର ଗତାନୁଗତିକ ରୀତିରେ ଚାଲିବ।

**କର୍କଟ** କର୍ମସ୍ଥ ଚନ୍ଦ୍ର ଯୋଗୁ ନିଜର ଉଦାରତା ଓ ସହନଶୀଳତା ଗୁଣରୁ ସମସ୍ତଙ୍କର ଆଦରଣୀୟ ହୋଇ ପ୍ରଶଂସିତ ହେବେ। ତଥାପି ସାମୟିକ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଆଣ୍ଠୁ ଗଣ୍ଠିରେ ଦରଜଜନିତ ପୀଡା ଅନୁଭବ କରିପାରନ୍ତି।

**ସିଂହ** ରାଶ୍ୟାଧିପତିଙ୍କ ସ୍ଥାନ ସ୍ଥିତିରୁ ପ୍ରତ୍ୟେକ କାମକୁ ଦକ୍ଷତାର ସହ ସମ୍ପାଦନ କରିବାରେ ପ୍ରେରଣା ଯୋଗାଇବ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମକୁ ଚଳାଇ ନେବେ। ଅସୁବିଧା ଜନକ ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** ଅଷ୍ଟମ ଚନ୍ଦ୍ରଙ୍କ କୁପ୍ରଭାବରୁ ମନ ଭିତରର ଅଶାନ୍ତିକୁ ପ୍ରକାଶ ନ କରି ଅନ୍ୟମାନଙ୍କ କାମରେ ନିଜକୁ ମଜ୍ଜାଇ ରଖି ପ୍ରଶଂସିତ ହେବେ। ପରିବାରର ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହା କି କେବଳ ଅଶାନ୍ତି ସୃଷ୍ଟିର କାରଣ ହେବ। ଖୁସୀ ରହିବା ଓ ଅନ୍ୟମାନଙ୍କୁ ଖୁସୀରେ ରଖିବା ସକାଶେ ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ବିଫଳ ହୋଇପାରନ୍ତି।

**ତୁଳା** ଆଜି କାର୍ଯ୍ୟବ୍ୟସ୍ତତା ଓ ମାନସିକ ଚାପ କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନ ଅଶାନ୍ତ ରହିବ। ତଥାପି ସମୟାନ୍ତରେ ଆକସ୍ମିକ ଭାବରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସୁଯୋଗ ଆପଣା ଛାଏଁ ପାଖରେ ଆସି ଜୁଟିବ ଓ ଆଶା ନିଶ୍ଚିତ ପୂରଣ ହୋଇଯିବ। ନିଜ ଲୋକମାନଙ୍କ ଅନାଦର ଭାବ ମନକୁ ସାମୟିକ ବ୍ୟଥିତ କରିପାରେ।

**ବିଛା** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ ଠିକ୍ ନିଷ୍ପତ୍ତି ନେବା ସହଜସାଧ୍ୟ ନ ହୋଇପାରେ। ଯଦିଓ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ କିନ୍ତୁ ସହଜରେ ନୁହେଁ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ। ସାହିତ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**ଧନୁ** ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା କାରଣରୁ ଅଫିସ୍‌ରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। କାମ ହାସଲ ସକାଶେ ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ଭରସା କରିପାରିବେ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମନକୁ ଆନ୍ଦୋଳିତ କରିପାରେ।

**ମକର** ଚନ୍ଦ୍ରଙ୍କ ଚତୁର୍ଥସ୍ଥାନସ୍ଥିତିରୁ ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ପ୍ରକାଶନ, ସଙ୍ଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବ୍ୟବସାୟିକ ସଫଳତା ମିଳିବ କିନ୍ତୁ ପୂର୍ଣ୍ଣ ସନ୍ତୋଷଜନକ ହେବନି।

**କୁମ୍ଭ** ରବି ଓ ରାହୁଙ୍କ ଦୋଷରୁ ମନ ଭିତରର ଅସନ୍ତୋଷକୁ ବନ୍ଧୁଙ୍କ ସମ୍ମୁଖରେ ବଖାଣିବା ଦ୍ୱାରା ଓଲଟା ଫଳ ଭୋଗିବାକୁ ପଡିବ। ପରିବାର ସଦସ୍ୟଙ୍କ କାର୍ଯ୍ୟ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ। ଅସୁବିଧା ନ ହେଲେ ମଧ୍ୟ କେତେକ କାମ ଅଧାରେ ଅଟକି ଯିବା କାରଣରୁ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିବେ।

**ମୀନ** ସମସ୍ୟା ରହିଥିଲେ ମଧ୍ୟ ଚନ୍ଦ୍ର ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବଢିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଆଷାଢ଼ କୃଷ୍ଣପକ୍ଷର ଅଣସରଦଶମୀ ଯୁକ୍ତ ଏକାଦଶୀ ଶୁକ୍ରବାର, ଜୁନ୍ ୨୮ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୧୦।୨୪ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ ପାଇଁ ଶୁଭଦିନ। ଦିବା ଘ.୬।୪୯ମି. ମଧ୍ୟେ ଘ.୪।୩୪ମି. ଗତେ, ଘ.୪।୩୪ମି. ଗତେ, ଘ.୬।୧୬ମି. ମଧ୍ୟେ ଅମୃତବେଳା। ସକାଳ ଘ.୬।୪୯ମି. ଗତେ ଘ.୮।୨୧ମି. ମଧ୍ୟେ, ଘ.୧୧।୪୨ମି. ଗତେ ଘ.୧।୧୯ମି. ମଧ୍ୟେ ଅମୃତବେଳା।


# classifieds Everyday
**0674-2580101, 2549302**

## automobile

### SALE

Truck 10 wheeler-2011 model, make- Ashok Leyland, full dalla in good running condition. 9437015191. D-66251

### HIRE

Required SwiftDzire for monthly rented basis on Govt. duty. Contact: 9337819041. D-13155

## real estate

### SALE

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 6370292040. D-66395

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 9668135813. D-59932

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931. D-66705

**Gharabari plot having Boundary sale 2000sqft near Audi showroom service centre, Bhubaneswar (50'x40') , (North/ East facing). Contact: 8249853413.** D-13149

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡ଼ି. 90,000 ବିକ୍ରି। Contact: 8908492594. D-12707

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 7609987767. D-59931

Plot near Uttara Chhaka 11160 sqft, Backside of Uttara Petrol Pump, Sqft.2000/- 7749833104. D-66149

Residential plot- Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

Plot near Dhauli 1700 sqft infront of New bus stand sqft 900/-. 9938503178. D-13115

Bhubaneswar ସନ୍ନିକଟ Pitapalli ଛକଠାରେ 40', 30', 60' road, electric pole, possession plot ମାତ୍ର 6,60,000/- ମିଳୁଅଛି। 9439101373/7750068828. D-13131

ଭୁବନେଶ୍ୱର Tamando Kendriya vihar କଲୋନୀଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

**BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥାଇ ଘରବାରି plot ଶସ୍ତାରେ କିଣନ୍ତୁ 7978773097.** D-66719

ଭୁବନେଶ୍ୱର ହଂସପାଳ ଅଟଳା, ରଙ୍ଗବଜାରରେ ଘରବାରି ବାଉଣ୍ଡାରୀ ପ୍ଲଟ ବିକ୍ରି ହେବ- 8093465134, 9668194157. D-66497

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଞ୍ଚାରୁ ବିକ୍ରିହେବ। 9178660666. D-66584

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଳ Railway Station and Spintonic college 4400sqft. 8,80,000/-. 9439006524.** D-66720

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ Grandbazar ସମ୍ମୁଖରେ ଘରବାରି plot କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ 9438525948.** D-66717

2BHK fully furnished with modular kitchen apartment sale at Gudiapokhari near KEC. 15 minutes drive from Bhubaneswar and 40 minutes from Puri. Buyer please contact: 9438109040, 8144658008. D-13165

**ହଂସପାଳ ବାଲିଅନ୍ତାରେ ଘରବାରି ପ୍ଲଟ କଟକୀଗୁଣ୍ଠରେ 9,00,000/- concrete road, electry ଥାଇ ବିକ୍ରିହେବ। 9777236619.** D-13156

## to-let

1000 sqft House at HB Colony, Chandrasekharpur on mainroad side for commercial purpose. 9438283062. D-66154

Prime location 18'x60' garment furnished AC showroom, opposite Ekamra Talkies, Bomikhal, Bhubaneswar. Rent: 71,000/-, Contact: 9692796161. D-58095

## healthcare

Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and full ayurvedic body massage by smart therapist: 9114402304. D-66551

Full body massage with refreshment, expert therapist. 7381239385, 0674-2540855. D-66573

Experience full body massage with us (expert). Call: 7377048581, 0674- 2597822. D-66574

Herbal full body massage by smart/expert therapist. Contact: 8338067247. D-66575

Newly opening ayurvedic body massage smart therapist, Shree herbal. 7750020754. D-66576

Summer special mesmerizing offer expert therapeutic refreshing massage appointment. 9668374480. D-66579

New new openly fullbody massage ladies, gents AC room- 7609923705. D-38557

## LOST

I Sri Uttam Jena, S/o- Bibhutibhusan Jena, At- Barabatia, PS.- Bhograi, Dist- Balasore, here by declare that I lost 2 saledeed No- 10101200830 & 10101203230 along with a bag having some other documents. If any body found that kindly contact: 9937718762. D-38558

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମଣିଷ ଯାହାକୁ ପାପ ବୋଲି କହେ- ତାକୁ ତୁମେ ପାପ ବୋଲି ଭାବନାହିଁ। କେବଳ ଭଗବାନ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି- ତୁମେ ବି ତାକୁ ପ୍ରତ୍ୟାଖ୍ୟାନ କର। ପୁଣି ମଣିଷ ଯାହାକୁ ଶ୍ରେୟ ବୋଲି କହେ- ତୁମେ ତାକୁ ଶ୍ରେୟ ମନେକର ନାହିଁ। କେବଳ ଭଗବାନ ଯାହା ଗ୍ରହଣ କରନ୍ତି- ତୁମେ କେବଳ ତାକୁ ହିଁ ଗ୍ରହଣ କର। -ଶ୍ରୀଅରବିନ୍ଦ

# ବାହାପିଆ କଥା

ଚଳିତ ମାସରେ ଅନୁଷ୍ଠିତ ନୀତି ଆୟୋଗର ପଞ୍ଚମ ଗଭର୍ନିଂ କାଉନ୍‌ସିଲ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦରଦାସ ମୋଦି ଇଚ୍ଛା ପ୍ରକଟ କରିଛନ୍ତି କି ୨୦୨୪ ବା ତାଙ୍କ ବର୍ତ୍ତମାନ ସରକାରର ଅବଧି ଶେଷ ହେଉଥିବା ବର୍ଷ ସୁଦ୍ଧା ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତିର ଦେଶରେ ପରିଣତ ହେବ। ଏପରି ଇଚ୍ଛା କାନକୁ ତ ଭଲ ଶୁଣାଯାଉଛି କିନ୍ତୁ ଲକ୍ଷ୍ୟ ହାସଲ କରିବା ସହଜ ନୁହେଁ। ଏହି ଲକ୍ଷ୍ୟ ଅତ୍ୟନ୍ତ ମହତ୍ତ୍ୱାକାଂକ୍ଷୀ। ଖୁବ୍ ଉଚ୍ଚ ଅଭିଳାଷ ପୋଷଣ କରିବାରେ କିଛି କ୍ଷତି ନାହିଁ। କିନ୍ତୁ ପ୍ରକ୍ରିୟା ଏତେ ଲମ୍ବିବା ଉଚିତ ନୁହେଁ, ଯାହା ବିପରୀତ ଫଳ ପ୍ରଦାନ କରିବାର ସମ୍ଭାବନା ଥିବ। ଅତୀତରେ ଏଭଳି ଅନେକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦୁଇଗୁଣ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ, ଅଥଚ ତାହା ଫଳବତୀ ହେବାର କୌଣସି ସୂଚନା ଏଯାବତ୍ ଦେଖିବାକୁ ମିଳୁନାହିଁ। କେନ୍ଦ୍ର ସରକାରଙ୍କ ଦ୍ୱାରା ଆହୁରି ଅନେକ ଲକ୍ଷ୍ୟ ଓ ଲକ୍ଷ୍ୟ ହାସଲର ସମୟସୀମା ଧାର୍ଯ୍ୟ କରାଯାଇଥିଲା। ସବୁ ଗାଁକୁ ବିଜୁଳି, ସମସ୍ତଙ୍କୁ ପକ୍କାଘର, ଶତ ପ୍ରତିଶତ ଲୋକଙ୍କ ପାଖରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବା, ଦେଣନେଣର ସମ୍ପୂର୍ଣ୍ଣ ଡିଜିଟାଲୀକରଣ ପ୍ରଭୃତି ସେଗୁଡ଼ିକ ଭିତରୁ ଅନ୍ୟତମ। ମାତ୍ର ଅଧିକାଂଶ କ୍ଷେତ୍ରରେ ଲକ୍ଷ୍ୟ ହାସଲଠାରୁ ସରକାର ବହୁ ଦୂରରେ ଅଛନ୍ତି। ସରକାର ଦୁଇ ଅଙ୍କବିଶିଷ୍ଟ ଅଭିବୃଦ୍ଧି ହାସଲ କରିବା କଥା କହିଆସୁଛନ୍ତି। କିନ୍ତୁ ଅଭିବୃଦ୍ଧି ବଢ଼ିବ କ'ଣ ଆମେ ତାହା କମିବା ହିଁ ଦେଖୁଛୁ। ତେଣୁ ଏପରି ଉଚ୍ଚାଭିଳାଷୀ ଲକ୍ଷ୍ୟ ପୋଷଣ କରିବା ନିରର୍ଥକ। ସାମ୍ପ୍ରତିକ ମାନ୍ଦାବସ୍ଥାରୁ ଅର୍ଥନୀତିକୁ କିପରି ମୁକୁଳାଇବାକୁ ହେବ ସେ ଦିଗରେ ଆମେ ତତ୍କାଳ ପଦକ୍ଷେପ ନେବା ଏବଂ ମଧ୍ୟବର୍ତ୍ତୀ ଅବଧିରେ ଏହାକୁ ବାର୍ଷିକ ୮ ପ୍ରତିଶତ ଉପରକୁ ନେବା ପାଇଁ ଗୁରୁତ୍ୱ ଦେବା ଆବଶ୍ୟକ। ଦୁଇ ଅଙ୍କବିଶିଷ୍ଟ ଅଭିବୃଦ୍ଧି କଥା ଆଗରୁ ମଧ୍ୟ କୁହାଯାଉଥିଲା, କିନ୍ତୁ ତାହା ସମ୍ଭବ ହୋଇ ନାହିଁ। ପର୍ଯ୍ୟାୟକ୍ରମେ ଅଭିବୃଦ୍ଧି ବଢ଼ିପାରିବ। ଭାରତର ଜିଡିପି ବର୍ତ୍ତମାନ ପ୍ରାୟ ୨.୮୦ ଟ୍ରିଲିୟନ ଡଲାର ଅଛି। ଭାରତର ଜିଡିପି ୫ ଟ୍ରିଲିୟନ ଡଲାର ଛୁଇଁବାକୁ ହେଲେ ଆସନ୍ତା ଛଅବର୍ଷ ଭିତରେ ଦେଶର ଉତ୍ପାଦନ ୮୫ ପ୍ରତିଶତ ବୃଦ୍ଧିପାଇବା ଦରକାର, ଯାହା ଗତ ଛଅବର୍ଷ ଭିତରେ ୪୭ ପ୍ରତିଶତ ବୃଦ୍ଧି ପାଇଛି। ଆସନ୍ତା ଛଅବର୍ଷ ଭିତରେ ଜିଡିପି ୫ ଟ୍ରିଲିୟନ ଡଲାର ହେବା ମାନେ ବାର୍ଷିକ ଅଭିବୃଦ୍ଧି ହାର ୧୧ ପ୍ରତିଶତକୁ ବୃଦ୍ଧି ପାଇବା। କିନ୍ତୁ ଆସନ୍ତା ଦୁଇବର୍ଷ ଭିତରେ ଏହା ୮ ପ୍ରତିଶତ ହେବା ମଧ୍ୟ ସହଜସାଧ୍ୟ ମନେହେଉ ନାହିଁ। ଚଳିତବର୍ଷର ପ୍ରଥମ ତ୍ରିମାସୀରେ ଅଭିବୃଦ୍ଧି ହାର ୬ ପ୍ରତିଶତ ତଳକୁ ଚାଲିଯାଇଛି।

## ଆଜିର ଅର୍ଥନୀତି

ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଅନେକ ପ୍ରସ୍ତୁତିର ଆବଶ୍ୟକତା ରହିଛି। ଅନେକ ସଂରଚନାତ୍ମକ ପ୍ରସଙ୍ଗ ଅଭିବୃଦ୍ଧିର ପଥରୋଧ କରୁଛି। ଉଦାହରଣସ୍ୱରୂପ ଆମ ଆର୍ଥିକ ବ୍ୟବସ୍ଥା ଦୁର୍ବଳ ରହିଆସିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ସମସ୍ୟା ଆର୍ଥିକ ସମସ୍ୟାକୁ ବହୁଗୁଣିତ କରୁଛି। ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି)ଗୁଡ଼ିକ ଆଇଏଲ୍ ଓ ଏଫ୍‌ଏସ୍ (ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଜିଂ ଓ ଆର୍ଥିକ ସେବା) ପରି ଗୋଳମାଳିଆ ଅବସ୍ଥାରେ ଅଛନ୍ତି। ଘରୋଇ-ସରକାରୀ ସହଭାଗିତା (ପିପିପି) ମଡେଲଗୁଡ଼ିକର ନିଜର ସମସ୍ୟା ରହିଛି। କର୍ପୋରେଟ୍ ଆୟ ନିରୁତ୍ସାହଜନକ। ଘରୋଇ ଉଦ୍ୟୋଗଗୁଡ଼ିକ ଆବଶ୍ୟକତାଠାରୁ ଅଧିକ ଉତ୍ପାଦନ କ୍ଷମତାଜନିତ ସମସ୍ୟାରେ ପୀଡ଼ିତ। ଉଦାହରଣସ୍ୱରୂପ ଶକ୍ତି କ୍ଷେତ୍ର ଠିକ୍‌ଭାବରେ ଚାଲିପାରୁ ନାହିଁ। ଏହାର ଉତ୍ପାଦନ କ୍ଷମତା ଯେତିକି ତା'ର ପ୍ରାୟ ୫୦ ପ୍ରତିଶତ ମାତ୍ର ବିନିଯୋଗ ହୋଇପାରୁଛି, ଯେତେବେଳେ କି ଦେଶର ଅନେକ ଅଞ୍ଚଳ ବିଦ୍ୟୁତ୍ ଅଭାବରୁ ଅନ୍ଧାରରେ ରହୁଛି। ଯଦି ଘରୋଇ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ନ ପାଏ, ତେବେ ନିଯୁକ୍ତି ବଜାର ସଙ୍କୁଚିତ ହୋଇରହିବ। ଏଗୁଡ଼ିକର ପୂର୍ଣ୍ଣ କ୍ଷମତାର ଉପଯୋଗ ହୋଇ ନ ପାରିଲେ ଅଧିକ ପୁଞ୍ଜିଲଗାଣ ପାଇଁ ସୁଯୋଗ ମିଳିବ ନାହିଁ। ଅଭିବୃଦ୍ଧିକୁ ବଢ଼ାଇବାକୁ ହେଲେ ଚାହିଦା ବୃଦ୍ଧି ପାଇବା ଦରକାର, ଯାହା ଉଚ୍ଚତର ଉପଭୋଗ ଉପରେ ନିର୍ଭରଶୀଳ। ଯଦି ଲୋକଙ୍କ ପକେଟ୍‌ରେ ଖର୍ଚ୍ଚ କରିବା ପାଇଁ ଯଥେଷ୍ଟ ଟଙ୍କା ନ ରହେ ତେବେ ତାହା ସମ୍ଭବ ହେବ ନାହିଁ। ଭଲ ମୌସୁମୀ ବର୍ଷା ନ ହେଲେ ଗ୍ରାମାଞ୍ଚଳରେ ଚାହିଦା ବୃଦ୍ଧି ପାଇବ ନାହିଁ। ଆହୁରି ମଧ୍ୟ ଆମର ଆର୍ଥିକ ସମୃଦ୍ଧି ପାଇଁ ରପ୍ତାନି ବୃଦ୍ଧି ସହ ସୁସ୍ଥ, ସୁଶିକ୍ଷିତ ଓ ଉତ୍ପାଦନଶୀଳ ଲୋକଶକ୍ତିର ଆବଶ୍ୟକତା ରହିଛି। ଏଥିସହ ଆମ ଦେଶରେ ଭୂମି ଓ ଶ୍ରମ ସଂସ୍କାର ଜରୁରୀ। କିନ୍ତୁ ଏଗୁଡ଼ିକୁ ଆମ ସରକାର ପ୍ରାଥମିକତା ଦେଉନାହାନ୍ତି। ଅଭିବୃଦ୍ଧି ଲକ୍ଷ୍ୟ ହାସଲ ପାଇଁ ସରକାର ସମସ୍ତ ଆର୍ଥିକ ଅଳିଆ ସଫା କରିବା ସହ ଗୁରୁତ୍ୱପୂର୍ଣ୍ଣ ସଂସ୍କାରଗୁଡ଼ିକ ପ୍ରତି ଦୃଷ୍ଟିଦେବା ଆବଶ୍ୟକ। ତା' ନ ହେଲେ ପାଞ୍ଚବର୍ଷରେ ଭାରତକୁ ୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବା ପାଇଁ ସରକାରଙ୍କ ଉଚ୍ଚାଭିଳାଷ କେବଳ ବାହାପିଆଙ୍କ ବାରବାଟି ଚାଷ ପରି ହେବ।

# ମଣିଷର ବଡ଼ ଶତ୍ରୁ



ଉପେନ୍ଦ୍ର ବିଶ୍ୱାଳ

ସ୍ୱର୍ଗ ଓ ନର୍କର ପାର୍ଥକ୍ୟ ଜାଣିବାକୁ ଇଚ୍ଛା କରି ଜନୈକ ଯୁବକ ଆସି ପହଞ୍ଚିଲେ ଜଣେ ସାଧୁଙ୍କ ଆଶ୍ରମରେ। ସାଧୁଙ୍କୁ ପ୍ରଣାମ କରି ଆସିବାର ଅଭିପ୍ରାୟ ଜଣାଇଲେ। ଆପାଦ-ମସ୍ତକ ନିରୀକ୍ଷଣ କରି ସାଧୁ ପଚାରିଲେ, ''ବତ୍ସ, ତୁମର ବୃତ୍ତି କ'ଣ ?'' ସ୍ୱର୍ଦ୍ଧିତ ଶବ୍ଦରେ ଉତ୍ତର ଦେଲେ ଯୁବକ ''ମୁଁ ଜଣେ ବୀର ଯୋଦ୍ଧା।'' କଟାକ୍ଷ କରି ସାଧୁ କହିଲେ- ଜଣେ ଭୀରୁ କ'ଣ କେବେ ଯୋଦ୍ଧା ହୋଇପାରେ ? ତୁମପରି ବ୍ୟକ୍ତିଙ୍କୁ ଯେଉଁ ରାଜା ନିଜ ସେନାରେ ନିଯୁକ୍ତି ଦେଇଛନ୍ତି, ସେ ନିଶ୍ଚିତଭାବେ ଜଣେ ମୂର୍ଖ ହୋଇଥିବେ। କିଏ ସେ ରାଜା ଏବଂ କେଉଁ ରାଜ୍ୟର ସେ ? ସେତେବେଳକୁ ଯୋଦ୍ଧାଙ୍କ ହାତ ଯାଇ ପହଞ୍ଚି ଯାଇଥାଏ, ତଲୱାର ପାଖରେ। ଏହାକୁ ଲକ୍ଷ୍ୟ କରି ସାଧୁ ପୁଣି କହିଲେ- ତୁମେ ତଲୱାର ବି ସାଥିରେ ରଖିଛ ? ତାହା ଏକ ଖେଳନା ନା ଅସଲରେ ତା'ର କିଛି ତାକତ ଅଛି ? ଏତିକିରେ ଯୋଦ୍ଧାଙ୍କୁ ଆଉ କିଏ ସମ୍ଭାଳେ ! ତଲୱାରଟିକୁ ତୁରନ୍ତ ବାହାର କରି ସାଧୁଙ୍କ ଆଡ଼କୁ ଆଗେଇ ଯିବାବେଳକୁ ଖୁବ୍ ଜୋରରେ ହସି ଉଠିଲେ ସାଧୁ। କହିଲେ- ବାଃ, ବାଃ ! ଏତେ ଶୀଘ୍ର ନରକରେ ଆସି ପହଞ୍ଚିଗଲ ? ...ଉଠିଥିବା ହାତରୁ ସ୍ୱତଃ ଖସିପଡ଼ିଛି ତଲୱାରଟି। ସେତିକିରେ ସଂଜ୍ଞା ଫେରି ପାଇ, ସାଧୁଙ୍କ ଗୋଡ଼ତଳେ ପଡ଼ି ଯାଇଛନ୍ତି ଯୁବକ। ଶ୍ରଦ୍ଧାରେ ସୈନିକଙ୍କ ଶିର ସ୍ପର୍ଶ କରି ସାଧୁ କହିଲେ- ଏବେ ବୁଝିଲ ତ, ସ୍ୱର୍ଗ ଓ ନର୍କର ପାର୍ଥକ୍ୟ କ'ଣ ? ଯେବେ ଭୟଙ୍କର କ୍ରୋଧରେ, ହାତରେ ଅସ୍ତ୍ର ଧରି ଆଗେଇ ଆସୁଥିଲ, ସେତେବେଳେ ତୁମେ ଥିଲ ନର୍କରେ। ଆଉ, ଚେତନାର ଉଚ୍ଚସ୍ତରକୁ ଯାଇ ଯେବେ ଶାନ୍ତ ହୋଇଗଲ, ସେତେବେଳେ ତୁମେ ସ୍ୱର୍ଗରେ ପହଞ୍ଚିଗଲ। ଅର୍ଥାତ୍ କ୍ରୋଧ ହେଉଛି ନରକର ଦ୍ୱାର ଓ ଶାନ୍ତ ଅବସ୍ଥା ହେଉଛି ସ୍ୱର୍ଗର ସୋପାନଟିଏ।

କ୍ରୋଧ ଏକ ଆସୁରିକ ଭାବ, ଯାହା ମଣିଷର ଚିନ୍ତା ଓ ଭାବନାକୁ ବିଷାକ୍ତ କରିଦିଏ। ମଣିଷକୁ ଅପରାଧୀ ବନାଇଥାଏ। ମଣିଷର ବିକୃତ ମାନସିକତାରୁ ଏହା ସୃଷ୍ଟ। କ୍ରୋଧ ଏପରି ଏକ ବିକାର ଯାହା ଅନେକ ପ୍ରକାର ବେମାରିକୁ ଜନ୍ମ ଦେଇଥାଏ। ଏହା ଏପରି ଏକ ଭୟଙ୍କର ଅନଳ ଯାହା ପ୍ରଥମେ ନିଜକୁ, ତା'ପରେ ଅପରକୁ ଜାଳିପୋଡ଼ି ନଷ୍ଟ କରିଦିଏ। ମନରେ କ୍ରୋଧ ଜାତ ହେଲେ ମଣିଷ ମୂଢ଼ମତି ହୋଇଯାଏ। ଠିକ୍ ନିଷ୍ପତ୍ତି ନେଇ ନ ପାରି ଭୁଲ କରିବସେ। ହିତାହିତ ଜ୍ଞାନ ଭୁଲି ସଇତାନ ପାଲଟିଯାଏ। ପାଣିକୁ ଗରମ କଲେ ଯେମିତି ଫୁଟିବାକୁ ଲାଗେ ଓ ସେଥିରୁ ବାମ୍ପ ବାହାରେ, ସେମିତି କ୍ରୋଧ ଜାତ ହେଲେ ଶରୀରର ଜ୍ୱଳନ ହୁଏ ଓ ତାପମାତ୍ରା ବୃଦ୍ଧି ଘଟିଥାଏ। କ୍ଷୀର ଉତୁରିଲେ ସର ବା ମଲେଇ ଯେମିତି ବାହାରେ ପଡ଼ି ନଷ୍ଟ ହୋଇଯାଏ, ସେମିତି କ୍ରୋଧ ସମୟରେ ଶରୀରର ଅନେକ ଉର୍ଜ୍ଜା ନଷ୍ଟ ହୋଇଥାଏ। ଚିକିତ୍ସା ବିଜ୍ଞାନାନୁଯାୟୀ କ୍ରୋଧ ଯୋଗୁ ଉଚ୍ଚ ରକ୍ତଚାପ, ଚର୍ମରୋଗ, ମୁଣ୍ଡବିନ୍ଧା, ମାନସିକ ଅବସାଦ, କର୍କଟ, ହୃଦ୍‌ଘାତ ଆଦି ଅନେକ ରୋଗ ଦେଖା ଦିଏ। କୁହାଯାଏ ଯେଉଁଠାରେ କ୍ରୋଧିତ ବ୍ୟକ୍ତିଟି ଥାଏ ସେଠାରେ ପାଣି ମାଠିଆ ବି ଶୁଖିଯାଏ। ଏହି କ୍ରୋଧ ବ୍ରହ୍ମର୍ଷି ହେବାରେ ପ୍ରତିବନ୍ଧକ ସାଜିଥିଲା ରାଜର୍ଷି ବିଶ୍ୱାମିତ୍ରଙ୍କର। ବ୍ରହ୍ମର୍ଷି ବଶିଷ୍ଠଙ୍କ ଶହେ ପୁତ୍ରଙ୍କୁ ହତ୍ୟା କରି ସାରିଲା ପରେ ମଧ୍ୟ କ୍ରୋଧ ପ୍ରଶମିତ ହେଉ ନ ଥାଏ ବିଶ୍ୱାମିତ୍ରଙ୍କର। ଶେଷରେ ବଶିଷ୍ଠଙ୍କୁ ମାରିବାକୁ ବଶିଷ୍ଠମାରଣ ଯଜ୍ଞ କଲେ ଏବଂ ପୁରୋହିତ ନ ମିଳିବାରୁ ସେହି ବଶିଷ୍ଠଙ୍କୁ ହିଁ ପୁରୋଧା ଭାବେ ନିମନ୍ତ୍ରଣ କଲେ। ଉଦାରଚେତା ବ୍ରହ୍ମର୍ଷି ନିଜ ମୃତ୍ୟୁ ପାଇଁ ହେଉଥିବା ଯଜ୍ଞରେ ବି ପୁରୋହିତ କାର୍ଯ୍ୟ କରିବାକୁ ସମ୍ମତ ହେଲେ। ପୂର୍ଣ୍ଣାହୂତିର ପୂର୍ବ ରାତ୍ରିରେ ଗଛ ଆଢୁଆଳରେ ଥାଇ ଶୁଣିବାକୁ ପାଇଛନ୍ତି ବଶିଷ୍ଠଙ୍କ ମୁଖରୁ ନିଜର ପ୍ରଶସ୍ତି। 'ମୁଁ ଯାହାର ଏତେ କ୍ଷତି କରିଛି, ଯାହାର ସମସ୍ତ ପୁତ୍ରଙ୍କୁ ମାରି ତାଙ୍କୁ ମଧ୍ୟ ମାରିବା ପାଇଁ ଏଠିକି ଆଣିଛି, ସେ ପୁଣି ମୋର ପ୍ରଶଂସା କରୁଛନ୍ତି! ମୋ ଭିତରେ ଥିବା ଖରାପ ଗୁଣ ତାଙ୍କୁ ଦେଖାଯାଉ ନାହିଁ, ମୋର କେବଳ ଭଲ ଗୁଣକୁ ହିଁ ଦେଖୁଛନ୍ତି!'- ଏହିପରି ଭାବନାରେ ବିଶ୍ୱାମିତ୍ରଙ୍କ ମନରେ ଅନୁତାପ ଆସିଲା। ଧାଇଁଯାଇ ଲୋଟିପଡ଼ିଲେ ବଶିଷ୍ଠଙ୍କ ପାଦତଳେ ଏବଂ କ୍ଷମା ପ୍ରାର୍ଥନା କଲେ। ତାଙ୍କୁ 'ଉଠନ୍ତୁ ବ୍ରହ୍ମର୍ଷି' କହି କୋଳେଇ ନେଇଛନ୍ତି ବଶିଷ୍ଠ ସେଇଠି। ଅନେକ ସାଧନା ସତ୍ତ୍ୱେ ବ୍ରହ୍ମର୍ଷି ହୋଇ ପାରୁ ନ ଥିବା ବିଶ୍ୱାମିତ୍ର, କ୍ରୋଧ ତ୍ୟାଗ କଲା ପରେ ବ୍ରହ୍ମର୍ଷି ବୋଲି ସ୍ୱୀକୃତ ହୋଇପାରିଲେ। ବ୍ରହ୍ମର୍ଷି ମାନେ ବ୍ରାହ୍ମଣ ଓ ଋଷି। ବିଶ୍ୱାମିତ୍ର ଆଗରୁ ରାଜା ବା କ୍ଷତ୍ରିୟ ଓ ଋଷି ଥିଲେ। ବହୁ ତପସ୍ୟା କରିବା ପରେ ବ୍ରହ୍ମା ତାଙ୍କୁ କହିଥିଲେ- ବଶିଷ୍ଠ ତୁମକୁ ବ୍ରାହ୍ମଣ ବୋଲି ମାନିଲେ ସମାଜ ତାକୁ ଗ୍ରହଣ କରିବ। କିନ୍ତୁ ଆଜିଯାଏ କ୍ରୋଧ, ହିଂସା, ଅହଂକାର ଆଦି ଦୁର୍ଗୁଣ ତ୍ୟାଗ କରିପାରି ନ ଥିବାରୁ ବଶିଷ୍ଠ ତାଙ୍କୁ ବ୍ରାହ୍ମଣ ବୋଲି ମାନି ନ ଥିଲେ।

କ୍ରୋଧ ଓ ଅହଂକାର ତ ମହାଭାରତ ଯୁଦ୍ଧର କାରଣ। ଯଦୁବଂଶ ଧ୍ୱଂସର କାରଣ ବି ଏହି କ୍ରୋଧ (ଋଷି ଦୁର୍ବାସାଙ୍କ ଅଭିଶାପ)। ଭଉଣୀର ଅପମାନ ପାଇଁ ପ୍ରତିଶୋଧର ଭାବନା ଯୋଗୁ ରାବଣର ସୀତାହରଣ ଓ ପରିଣତିରେ ସ୍ୱର୍ଣ୍ଣମୟୀ ଲଙ୍କାର ଧ୍ୱଂସ। ଏହି କ୍ରୋଧ ହିଁ ମଣିଷର ବଡ଼ ବଇରୀ। କ୍ରୋଧକୁ ଦମନ କରିବା ଅର୍ଥ ବିଶ୍ୱବିଜୟୀ ହେବା। ସେଇଥିପାଇଁ ତ ନଚିକେତା ତାଙ୍କର ପ୍ରଥମ ମାଗୁଣିରେ ଯମଙ୍କଠୁଁ ବର ମାଗିଥିଲେ ପିତାଙ୍କ କ୍ରୋଧ ଶାନ୍ତ ହେଉ ବୋଲି।

ଏଇମାତ୍ର ସରିଥିବା ନିର୍ବାଚନରେ ଦେଖିବାକୁ ମିଳିଛି ରେକର୍ଡ ସଂଖ୍ୟକ ନିର୍ବାଚନୀ ହିଂସା। ଯାହାକି କ୍ରୋଧର ବୀଭତ୍ସ ପରିଣତି। କ୍ରୋଧରେ ଜଳୁଥିବା ମମତା ଦିଦିଙ୍କ ବଙ୍ଗଭୂମି ତ ସମସ୍ତ ରେକର୍ଡକୁ ଭାଙ୍ଗି ଇତିହାସ ରଚିଛି। ଯେଉଁଥିପାଇଁ କି ଦିଦିଙ୍କ ଶରୀର ଓ ଦଳ କ୍ଷୀଣ ହୋଇ ଚାଲିଥିଲାବେଳେ ନବୀନବାବୁଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି ଏହାର ବିପରୀତ। ସେ ନିଜର ଶରୀର ଓ ଦଳକୁ ସବଳ ରଖିପାରିଛନ୍ତି ନାନା ପ୍ରତିକୂଳତା ସତ୍ତ୍ୱେ। ଏହା କେବଳ ସମ୍ଭବ ହୋଇଛି ନବୀନବାବୁଙ୍କ କ୍ରୋଧଶୂନ୍ୟ ଓ ଶାନ୍ତ ସ୍ୱଭାବ ଯୋଗୁ। କ୍ରୋଧର ଆରମ୍ଭ ହୁଏ ଆତ୍ମବଡ଼ିମା, ଭୁଲ୍ ବୁଝାମଣା, ଅପମାନବୋଧ, ଇଚ୍ଛାପୂର୍ତ୍ତି ହୋଇ ନ ପାରିବା, ଈର୍ଷା, ଦ୍ୱେଷ, ଶତ୍ରୁତା ମନୋଭାବ ଆଦି ଯୋଗୁ ଏବଂ ସମାପ୍ତି ଘଟେ ଧ୍ୱଂସ ବା ପଶ୍ଚାତ୍ତାପରେ। ସେତେବେଳକୁ ଅନେକ କ୍ଷତ ଓ କ୍ଷତି ଘଟି ସାରିଥାଏ। ନେଡ଼ିଗୁଡ଼ କହୁଣିକୁ ବୋହି ଯାଇଥାଏ। କ୍ରୋଧ ଏପରି ଏକ ଆସୁରିକତା, ଥରେ ତାକୁ ପ୍ରଶ୍ରୟ ଦେଲେ କ୍ରମଶଃ କାୟା ବିସ୍ତାର କରିଚାଲେ। ଭାଙ୍ଗିଦିଏ ବନ୍ଧୁତ୍ୱକୁ। ସମାଧି ଦିଏ ସମ୍ପର୍କକୁ। ଚୂରମାର କରିଦିଏ ପରିବାରକୁ। ଧ୍ୱଂସ କରେ ଦାମ୍ପତ୍ୟ ଜୀବନକୁ। ଶରାଘାତର କ୍ଷତ ହୁଏତ ଶୁଖି ଯାଇପାରେ ମାତ୍ର କ୍ରୋଧଜନିତ ଶବ୍ଦାଘାତର କ୍ଷତ ସହଜେ ଶୁଖେ ନାହିଁ। ଏଣୁ କ୍ରୋଧିତ ଅବସ୍ଥାରେ ନୀରବ ରହିଯିବା ବୁଦ୍ଧିମତ୍ତାର ପରିଚୟ। କାରଣ ଧନୁରୁ ତୀର ଓ ପାଟିରୁ ଶବ୍ଦ ବାହାରିଗଲା ପରେ ଆଉ ଫେରାଇ ଆଣି ହୁଏନା।

ମନେପଡ଼େ ଆଉ ଏକ ପ୍ରେରଣାଦାୟୀ ପ୍ରସଙ୍ଗଟିଏ। ଏକ ବୃହତ୍ କାରଖାନାରେ ଅଜୟ ବେହେରା ନାମରେ ଜଣେ କିରାଣି ଥିଲେ। କଥାଛଳରେ ଦିନେ ସେ କହିଲେ- ଗତକାଲି ମୋ ସ୍ତ୍ରୀ ଭୀଷଣ ଗାଳି କଲେ ମୋ ଉପରେ। ଇଚ୍ଛା ହେଉଥିଲା ଭଲ କରି ଉତ୍ତମ-ମଧ୍ୟମ ଦୁଇଟା କଷିଦେବାକୁ। ଅଫିସ୍ କଥା ଚିନ୍ତାକରି ଚୁପ୍ ରହିଗଲି। ଭାବିଲି, ମୁଁ ତ ପ୍ରାୟ ପ୍ରତିଦିନ ବସ୍‌ଙ୍କଠାରୁ ନାନାଦି କଟୁକଥା ଶୁଣୁଛି। ଅଶ୍ରାବ୍ୟ ଭାଷା ବି ଶୁଣିବାକୁ ମିଳେ ବେଳେ ବେଳେ। ଯଦି ସେ ସବୁକୁ ହଜମ କରିଦେଉଛି ତେବେ ଯିଏ ମୋର ଅର୍ଦ୍ଧାଙ୍ଗିନୀ ତଥା ମୋ ପରିବାରର ଯାବତୀୟ ସେବା କରି ଚାଲିଛି ତା'ର ସାମାନ୍ୟ କେଇଟା ଶବ୍ଦ ପାଇଁ ମୁଁ କ'ଣ ଚାଣ୍ଡାଳ ସାଜିବି ? ଏହା ଭାବି ଶାନ୍ତ ରହିଗଲି। ନ ହେଲେ ବଡ଼ ଅନର୍ଥଟିଏ ହୋଇଥାନ୍ତା।

ଏହିପରି ବୋଧଶକ୍ତି ଦ୍ୱାରା ହିଁ କ୍ରୋଧକୁ ବଧ କରାଯାଇଥାଏ। ଧୈର୍ଯ୍ୟ ଓ ସହନଶୀଳତା ରୂପକ ଥଣ୍ଡା ପାଣିରେ ହିଁ କ୍ରୋଧ ଓ ହିଂସା ରୂପକ ନିଆଁକୁ ଆୟତ୍ତ କରାଯାଇପାରେ। ମୌନ ଭାବ, ଏକାନ୍ତପଣିଆ, ସକାରାତ୍ମକ ଦୃଷ୍ଟିଭଙ୍ଗୀ, ଧ୍ୟାନ ଓ ଯୋଗ ଆଦି କ୍ରୋଧର ସଫଳ ଉପଚାର। ଅନ୍ୟଥା ଯୁକ୍ତିତର୍କଠୁ ଦୂରେଇ ରହିଲେ କ୍ରୋଧ ଆପେ ଆପେ ଅପସରି ଯାଏ। କ୍ରୋଧ ବେଳେ ଥଣ୍ଡା ପାଣି ମୁନ୍ଦାଏ ମଧ୍ୟ କ୍ରୋଧକୁ ପ୍ରଶମିତ କରିଥାଏ। ମନୋବିଜ୍ଞାନୀଙ୍କ ମତରେ କ୍ରୋଧଭାବ ଆସିଲାକ୍ଷଣି ଆଖି ସାମ୍ନାରେ ଥିବା ସଜଫୁଟା ଫୁଲଟିକୁ ନିରୀକ୍ଷଣ କରି ତା'ର ସୌନ୍ଦର୍ଯ୍ୟ ଓ ସୁରଭିକୁ ଉପଭୋଗ କରନ୍ତୁ। ଅଥବା ମନପସନ୍ଦର ଯେ କୌଣସି ଗୀତକୁ ଗୁଣୁଗୁଣେଇ ହୁଅନ୍ତୁ। ଶୁଣିବାକୁ ଚେଷ୍ଟା କରନ୍ତୁ ମନ୍ଦିରରୁ ଆସୁଥିବା ପବିତ୍ର ଘଣ୍ଟଧ୍ୱନିକୁ, ନୀଡ଼ଫେରନ୍ତା କାକଳିର ମୁଗ୍ଧ କୋଳାହଳକୁ। ମନେ ପକାନ୍ତୁ ଉଦିତ ସୂର୍ଯ୍ୟର ସେହି ସୁନେଲି ଦୃଶ୍ୟକୁ। ଅନ୍ତରଙ୍ଗ ବନ୍ଧୁଙ୍କଠାରେ ମଧ୍ୟ କ୍ରୋଧର କାରଣ ଥିବା ପ୍ରସଙ୍ଗକୁ ପ୍ରକାଶ କରି ମନକୁ ହାଲୁକା କରିଦିଅନ୍ତୁ। ପ୍ରଗତିର ପ୍ରତିବନ୍ଧକ, ଉତ୍ତରଣର ବାଧକ, ଆମର ବଡ଼ ଶତ୍ରୁ ହେଉଛି କ୍ରୋଧ। ଅତଏବ କ୍ରୋଧଠୁଁ କୋଶେ ଦୂରରେ ରହିଲେ ହିଁ ଜୀବନ ଆନନ୍ଦମାର୍ଗୀ ହେବ। ଅନ୍ୟଥା ଜୀବନକୁ ଜାଳିପୋଡ଼ି ସେ ପାଉଁଶ କରିଦେବ।

ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର, ମୋ-୯୪୩୭୪୩୬୦୭୩, ଇ-ମେଲ : unbiswal05@gmail.com

## ଏଇ ଭାରତରେ

ଭାତଥାଳିକୁ ଗୋଡ଼ରେ ଠେଲି ପୁରୁଷଙ୍କୁ ଖାଇବାକୁ ଦିଅନ୍ତି ମହିଳା। ପରମ୍ପରା ନାଁରେ ଏବେ ବି ଅନେକ ଅନ୍ଧବିଶ୍ୱାସ ପ୍ରଚଳିତ ରହିଛି। ଉତ୍ତରପ୍ରଦେଶର ତରାଇ ଅଞ୍ଚଳରେ ଥିବା ମହିଳାମାନେ ପୁରୁଷମାନଙ୍କୁ ଖାଦ୍ୟ ପରଷିବା ପରେ ଥାଳିଟିକୁ ଗୋଡରେ ଠେଲି ଦେଇଥାଆନ୍ତି। ଏହା ପଛରେ ଏକ ଇତିହାସ ରହିଛି। ୧୫୭୬ରେ ହଳଦୀଘାଟ ଯୁଦ୍ଧ ସମୟରେ ମହାରାଣା ପ୍ରତାପଙ୍କ ସହଯୋଗୀମାନେ ନିଜ ପରିବାରକୁ ସୁରକ୍ଷା ଦେବାକୁ ଯାଇ ନିଜ ସେବକମାନଙ୍କ ସହ ହିମାଳୟ ପାଦଦେଶକୁ ପଠାଇ ଦେଇଥିଲେ। ବହୁ ବାଟ ବୁଲିବୁଲି ସେମାନେ ନେପାଳ ସୀମାରେ ଥିବା ଉତ୍ତରପ୍ରଦେଶ ତରାଇ ଅଞ୍ଚଳରେ ପହଞ୍ଚିଥିଲେ। ସେହିଠାରେ ହିଁ ସେମାନେ ରହିବାକୁ ଲାଗିଲେ। ରାଜସ୍ଥାନରୁ ଆସିଥିବାରୁ ଏମାନଙ୍କୁ ଥାରୁ ବୋଲି କୁହାଗଲା। ସୁରକ୍ଷା ଦୃଷ୍ଟିରୁ ଏହି ମହିଳାମାନେ ସେମାନଙ୍କ ସେବକ ଓ ସୈନିକଙ୍କୁ ବିବାହ କରିନେଲେ। ହେଲେ ଏହି ମହିଳାମାନେ ନିଜ କୁଳୀନ ପ୍ରବୃତ୍ତି ବା ରାଜକୀୟ ଢଙ୍ଗକୁ ଛାଡି ପାରିଲେନି। ନିଜ ଅହଂକାରକୁ ବଜାୟ ରଖିବାକୁ ଏମାନେ ଯେତେବେଳେ ବି ପୁରୁଷମାନଙ୍କୁ ଖାଇବା ପରଷନ୍ତି ତା'ପରେ ଥାଳିଟିକୁ ଗୋଡ଼ରେ ଠେଲିଦେଇ ନିଜର ଅହମିକା ସାବ୍ୟସ୍ତ କରନ୍ତି।

# ହସ୍ପିଟାଲରେ ସୌରଶକ୍ତିର ବ୍ୟବସ୍ଥା

ସଞ୍ଜୟ ସାନ୍ୟାଲ, ସଙ୍ଗୀତା ରାଣେ ଓ ଅରବିନ୍ଦ ଶାଶ୍ୱତ

ଏହା ଥିଲା ଏକ ବର୍ଷାମୁଖର ସଂଧ୍ୟା, ଯେତେବେଳେ ଡାକ୍ତର କାନିଲି ଜିମୋଙ୍କ ରୋଗିଣୀଙ୍କୁ ଜରୁରୀ ଅସ୍ତ୍ରୋପଚାର କରାଇବାର ଆବଶ୍ୟକତା ଥିଲା। ଏକ ସନ୍ତାନକୁ ଜନ୍ମ ଦେବା ପରେ ରୋଗିଣୀଙ୍କ ଦେହରୁ ପ୍ରବଳ ରକ୍ତସ୍ରାବ ହେଉଥିଲା। ତୁରନ୍ତ ଅପରେଶନ ନ କଲେ ତାଙ୍କର ମୃତ୍ୟୁ ହେବାର ଆଶଙ୍କା ଥିଲା। କିନ୍ତୁ ସମସ୍ୟା ହେଲା ଯେ ସେତେବେଳେ ହସ୍ପିଟାଲରେ ବିଦ୍ୟୁତ୍ ନ ଥିଲା। ସେତେବେଳେ ହସ୍ପିଟାଲର ଜେନେରେଟର ବି ଖରାପ ଥିଲା। ବାଧ୍ୟ ହୋଇ ଡା. ଜିମୋ ଏକ ମୋବାଇଲ ଫୋନ୍‌ର ଆଲୋକରେ ଅସ୍ତ୍ରୋପଚାର ଆରମ୍ଭ କଲେ। ଭାଗ୍ୟ ଭଲ ମା'ଟିର ଜୀବନରକ୍ଷା ହୋଇଗଲା। ଏହା ଜିମୋଙ୍କ ପାଇଁ କିଛି ନୂଆ କଥା ନ ଥିଲା କାରଣ ଉକ୍ତ ହସ୍ପିଟାଲଟି ଅବସ୍ଥିତ ଥିବା ଆସାମ ଓ ମଣିପୁରର ସୀମାନ୍ତବର୍ତ୍ତୀ ପାହାଡ଼ିଆ ଗାଁରେ ଅନେକ ସମୟରେ ବିଜୁଳି ରହେ ନାହିଁ।

ଆଜିକାଲି ଭାରତରେ ବିଦ୍ୟୁତୀକରଣ ବୃଦ୍ଧିପାଇଥିଲେ ବି ଅଧିକାଂଶ ସ୍ଥାନରେ ବିଜୁଳିକାଟ ଏକ ନିତିଦିନିଆ ଘଟଣା। ଏହି ସମସ୍ୟାର ଏକ ସମାଧାନ ହେଉଛି ସୌରଶକ୍ତିର ଉପଯୋଗ। ପୂର୍ବାଞ୍ଚଳ ରାଜ୍ୟ ଝାଡ଼ଖଣ୍ଡର ହଜାରିବାଗଠାରେ ଥିବା ସଦର ହସ୍ପିଟାଲରେ ୨୦୧୬ରେ ସୌରଶକ୍ତିର ବ୍ୟବସ୍ଥା କରାଯାଇଛି। ଛାତ ଉପରେ ଖଞ୍ଜାଯାଇଥିବା ସୋଲାର ପ୍ୟାନେଲ ଦ୍ୱାରା ବ୍ୟାଟେରି ଚାର୍ଜ ହୁଏ, ଯାହା ହସ୍ପିଟାଲକୁ ବିଜୁଳି ଯୋଗାଏ। ଆଗରୁ ଏହି ହସ୍ପିଟାଲର କର୍ମଚାରୀମାନେ ଅପରେଶନ ପାଇଁ ରୋଗୀମାନଙ୍କୁ ଅନ୍ୟ ହସ୍ପିଟାଲକୁ ପଠାଉଥିବାବେଳେ ଏବେ ଏଠାରେ ବୃହତ୍ ଅପରେଶନ ୨୫ ପ୍ରତିଶତ ବୃଦ୍ଧି ପାଇଛି। ବିଜୁଳି କାଟ ପାଇଁ ଏଠାରେ ଆଉ ଅପରେଶନ ବନ୍ଦ କରିବାକୁ ପଡୁନାହିଁ ବୋଲି ହସ୍ପିଟାଲର ମ୍ୟାନେଜର ସୁମିତ୍ ଶ୍ରୀବାସ୍ତବ କହିଛନ୍ତି।

ଡିଜେଲ ଜେନେରେଟରଗୁଡ଼ିକ ଅତ୍ୟନ୍ତ ବ୍ୟୟବହୁଳ ଏବଂ ତାକୁ ଚଳାଇବା ଓ ତା'ର ରକ୍ଷଣାବେକ୍ଷଣ ମଧ୍ୟ କଷ୍ଟସାଧ୍ୟ। ଡିଜେଲକୁ ଆଗରୁ ଆଣି ନିରାପଦରେ ଗଚ୍ଛିତ ରଖିବାକୁ ପଡ଼େ। ମଝିରେ ମଝିରେ ଜେନେରେଟର ଖରାପ ବି ହୋଇଯାଏ। ସଦର ହସ୍ପିଟାଲରେ ସୌରଶକ୍ତି ବ୍ୟବସ୍ଥା ହେବା ପରେ ଜେନେରେଟର ପାଇଁ ଡିଜେଲ କିଣିବା ଓ ଜେନେରେଟରର ରକ୍ଷଣାବେକ୍ଷଣ ଖର୍ଚ୍ଚ ବାବଦକୁ ମାସିକ ପ୍ରାୟ ୨ ଲକ୍ଷ ଟଙ୍କା ବଞ୍ଚୁଛି। ଡିଜେଲ ଜେନେରେଟରଗୁଡ଼ିକ ମଧ୍ୟ ଅପରିଚ୍ଛନ୍ନ ଏବଂ ସେଗୁଡ଼ିକ ବାୟୁମଣ୍ଡଳକୁ ନାଇଟ୍ରୋଜେନ୍ ଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍ ଓ କଠିନ କଣିକା ଆଦି ପ୍ରଦୂଷକ ଛାଡ଼ି ବାୟୁପ୍ରଦୂଷଣରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି। ଖୁବ୍ ଜୋରରେ ଗର୍ଜନ କରି ସେଗୁଡ଼ିକ ଧ୍ୱନି ପ୍ରଦୂଷଣ ବି କରନ୍ତି।

ସୌରଶକ୍ତିଚାଳିତ ହେଲ୍‌ଥ କ୍ଲିନିକ୍‌ଗୁଡ଼ିକ ଏସିଆ ଓ ଆଫ୍ରିକାରେ କିଛି କିଛି ଦେଖିବାକୁ ମିଳିଲାଣି। ତଥାପି ସେଗୁଡ଼ିକର ସଂଖ୍ୟା ବହୁତ କମ୍ ରହିଛି। ଗୋଟିଏ ଡିଜେଲ ଜେନେରେଟର କିଣିବାକୁ ଯେତିକି ଖର୍ଚ୍ଚ ପଡ଼େ, ସେହି ତୁଳନାରେ ସୌରଶକ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରାରମ୍ଭିକ ଖର୍ଚ୍ଚ ଯଥେଷ୍ଟ ଅଧିକ ପଡ଼େ। ଏକ ୧୦୦ ଶଯ୍ୟାବିଶିଷ୍ଟ ହସ୍ପିଟାଲ ପାଇଁ ସୌରଶକ୍ତି ବ୍ୟବସ୍ଥା କରିବାକୁ ବ୍ୟାଟେରି ସହିତ ପ୍ରାୟ ୧୦ ନିୟୁତ ଟଙ୍କା ଦରକାର। ସେହି ତୁଳନାରେ ଡିଜେଲ ଜେନେରେଟର ପାଇଁ ପ୍ରାୟ ୧୦ଗୁଣ କମ୍ ଖର୍ଚ୍ଚ ପଡ଼େ। ଏହି କାରଣରୁ ଅଧିକାଂଶ ହସ୍ପିଟାଲ ସୌରଶକ୍ତି ପ୍ରତିଷ୍ଠା କରିପାରୁନାହାନ୍ତି। କିନ୍ତୁ ଥରେ ସୌରଶକ୍ତି ପ୍ରତିଷ୍ଠା ହୋଇଗଲେ କିଛି ବର୍ଷ ଭିତରେ ଖର୍ଚ୍ଚ ଉଠିଯାଏ। ସେଥିପାଇଁ ସୌରଶକ୍ତି ପ୍ରତିଷ୍ଠା ଲାଗି ଆର୍ଥିକ ସହାୟତାର ଆବଶ୍ୟକତା ରହିଛି।

ବର୍ତ୍ତମାନ ସୌରଶକ୍ତି ପ୍ରତିଷ୍ଠା ପାଇଁ ତିନୋଟି ସୂତ୍ରରୁ ଆର୍ଥିକ ସହାୟତା ମିଳୁଛି। ୧. ସରକାରୀ ବଜେଟ: କେତେକ ଦେଶରେ ନବୀକରଣଯୋଗ୍ୟ ଶକ୍ତି ଲକ୍ଷ୍ୟ ହାସଲ ପାଇଁ ତଥା ବିକାଶ ଲକ୍ଷ୍ୟ ପୂରଣ ପାଇଁ ସୌରଶକ୍ତି ଉପରେ ଗୁରୁତ୍ୱ ଦିଆଯାଉଛି। ସଦର ହସ୍ପିଟାଲରେ ସୌରଶକ୍ତି ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ପାଣ୍ଠି ଯୋଗାଇଥିଲେ। ୨. ବିଶ୍ୱବ୍ୟାଙ୍କ ପରି ଅନ୍ତର୍ଜାତୀୟ ବିକାଶ ସଂସ୍ଥାଗୁଡ଼ିକ ସ୍କୁଲ, କଲେଜ, ହସ୍ପିଟାଲ ପ୍ରଭୃତିରେ ସୌରଶକ୍ତି ପ୍ରତିଷ୍ଠା ପାଇଁ ପାଣ୍ଠି ଯୋଗାଉଛନ୍ତି। ୩. କେତେକ ଘରୋଇ ପ୍ରତିଷ୍ଠାନ ମଧ୍ୟ ଏଥିପାଇଁ ପାଣ୍ଠି ଯୋଗାଉଛନ୍ତି। କେନିଆର ନାଜାଇଲ ହେଲ୍‌ଥ କ୍ଲିନିକ୍‌ରେ ସୌରଶକ୍ତି ପ୍ରତିଷ୍ଠା ପାଇଁ ୟୁରୋପୀୟ ସୌରଶକ୍ତି ଫାଉଣ୍ଡେଶନ ପାଣ୍ଠି ଯୋଗାଇଥିଲା।

ଭାରତରେ ପାଣ୍ଠି ଯୋଗାଣ ପାଇଁ ଆଉ ଗୋଟିଏ ଉତ୍ସ ରହିଛି। ଆମ ଦେଶର ଆଇନ ଅନୁଯାୟୀ ବୃହତ୍ ଭାରତୀୟ କର୍ପୋରେଶନଗୁଡ଼ିକ ସେମାନଙ୍କ ଆୟର ୨ ପ୍ରତିଶତ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରକଳ୍ପଗୁଡ଼ିକରେ ଖର୍ଚ୍ଚ କରିବାକୁ ବାଧ୍ୟ। ୨୦୧୫ ଓ ୨୦୧୬ରେ ଭାରତୀୟ କମ୍ପାନୀଗୁଡ଼ିକ ଏ ବାବଦରେ ୯୮.୨ ବିଲିୟନ ଟଙ୍କା ନିବେଶ କରିଛନ୍ତି। ସ୍ୱାସ୍ଥ୍ୟ ଓ ଗ୍ରାମୀଣ ବିକାଶ ହେଉଛି ସେମାନଙ୍କ ପୁଞ୍ଜିନିବେଶର ପ୍ରମୁଖ କ୍ଷେତ୍ର। ଭାରତରେ ସୌରଶିଳ୍ପର ବିକାଶ ଘଟିଚାଲିଛି। ବଡ଼ ବଡ଼ କମ୍ପାନୀ ଚାହୁଁଛନ୍ତି ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ପ୍ରକଳ୍ପକୁ ପାଣ୍ଠି ଯୋଗାଇବା ପାଇଁ ଯେଉଁଥିରେ ସ୍ୱାସ୍ଥ୍ୟ କ୍ଲିନିକ୍ ଓ ହସ୍ପିଟାଲଗୁଡ଼ିକର ଛାତ ଉପରେ ସୌର ପ୍ୟାନେଲ ଲଗାଯାଇପାରିବ। ଡିଜେଲ ଜେନେରେଟର ଅପେକ୍ଷା ସୌରଶକ୍ତି ପ୍ରତିଷ୍ଠା କରିବା ସହଜ। କିନ୍ତୁ ପ୍ୟାନେଲଗୁଡ଼ିକୁ ପ୍ରତି ସପ୍ତାହରେ ସଫା କରିବା ଏବଂ ପ୍ରତି ପାଞ୍ଚବର୍ଷରେ ବ୍ୟାଟେରି ବଦଳାଇବା ଦରକାର। ସହାୟତା ଆକାରରେ ମିଳିଥିବା ପାଣ୍ଠି ସାହାଯ୍ୟରେ ସୌର କମ୍ପାନୀଗୁଡ଼ିକ ସହ ଚୁକ୍ତିବଦ୍ଧ ହେବାକୁ ପଡ଼ିବ ଏବଂ କମ୍ପାନୀଗୁଡ଼ିକ ସୌର ବ୍ୟବସ୍ଥା ପ୍ରତିଷ୍ଠା କରିବା ସହ ତା'ର ନିୟମିତ ରକ୍ଷଣାବେକ୍ଷଣକୁ ସୁନିଶ୍ଚିତ କରିବେ। ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଯେପରି ପ୍ରତିଦିନ ଆବଶ୍ୟକ ବିଦ୍ୟୁତ୍ ପାଇପାରିବେ ଏବଂ କିଛି ଦୋଷତ୍ରୁଟି ଦେଖାଗଲେ ତାହାକୁ ତୁରନ୍ତ ଠିକ୍ କରାଯାଇପାରିବ, ସେ ବିଷୟରେ ସୌର କମ୍ପାନୀଗୁଡ଼ିକ ଦୃଷ୍ଟି ଦେବେ। ଭାରତର ସବୁ ହସ୍ପିଟାଲରେ ଏହି ବ୍ୟବସ୍ଥା ହେବା ଦରକାର। ତା'ହେଲେ ବିଦ୍ୟୁତ୍ ଅଭାବରେ ଆଉ କୌଣସି ହସ୍ପିଟାଲରେ ମୋବାଇଲ ଆଲୋକରେ ଅପରେଶନ କରିବାକୁ ପଡ଼ିବ ନାହିଁ।

## ଚିରନ୍ତନୀ

ବରଷା ଆସିଲା ଚଷା କି ଭାବନା କରେ ବସି
ଚୁଲିରେ ପଶଇ ପାଣି ଅଧେ ଚାଳ ପଡେ ଖସି।
ଘରଣୀ କଜିଆ କରି ଆଜି ତାକୁ ପାଳି ଜ୍ୱର
ବରଷକ ପିଲାଟା ତ କାନ୍ଥୁ କଫେ ସଡ ସଡ।
ସବୁବେଳେ ଛଟପଟ ଦିନରାତି କାଉଁ କାଉଁ
ଦେଇଛି ସକାଳେ ପେଇ ଟୋପେ ତାକୁ ଚିନାଜାଉ।
ଏ ବେଳାକୁ ନାହିଁ କିଛି ଶୁଖାଇ ଦେଲାଣି ମୁହଁ।
କିଟିକିଟି କଳା ମେଘ ବିଲରେ ପଡିଛି ସୁଅ।
ଚଇତନ ଡାକିଥିଲା ଆଜି ତାର ପାଳାପୂଜା
କିଏ ଯିବ ପାଳା ଦେଖି ଘରେ ନାହିଁ ଚୁଡାଭଜା !
ବିଲରେ ପଡିଛି ସୁଅ ତିନିଦିନ ନାହିଁ ଚାଷ
ବାର ବରଷର ପୁଅ ଭୋଗି ଭୋଗି ଧଇଁ କାଶ।
(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜୁନ୍ ୧୯୯୪

- ଆଇନଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ପାଇଁ ରାଜ୍ୟର କେତେକ ଥାନାରେ ପରୀକ୍ଷାମୂଳକଭାବେ ପୃଥକ୍ ପୃଥକ୍ ପୋଲିସ କର୍ମଚାରୀ ନିଯୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରକାଶ କରିଛନ୍ତି।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜଣେ ପୁରୁଖା ବିଧାୟକ ଅରୁଣ ଦେଙ୍କୁ ଦଳରୁ ବହିଷ୍କାର କରାଯାଇଛି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 4 | | | | | B | A | | 1 | | | D | | 0 |
| 0 | 3 | | | | | D | | C | | | A | | | 2 |
| B | | 5 | | E | | | 7 | | | | | | | |
| 1 | D | | C | 5 | | | 4 | | | 2 | | B | 8 | |
| A | 9 | | 6 | | B | | | | | | | | | |
| 4 | | | | 1 | | | 3 | 5 | | | | | | |
| | A | | | | | 7 | C | | | | E | | | 5 |
| | | | | | E | | D | | | 5 | | 8 | 7 | |
| | 6 | | 2 | | | 8 | | E | | | | 0 | D | 4 |
| | 0 | | D | 9 | C | 6 | | | | | | E | | |
| | | | B | | | 4 | | 2 | | | | | 6 | |
| | | | | 6 | 2 | | E | 9 | | 8 | | C | 1 | |
| | | | A | | | 0 | B | | | | 9 | | | |
| 2 | | | 5 | D | | | | | | | | | B | A |
| | | 4 | | | 7 | C | | A | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ

ମହାଶୟ,

ସରକାରଙ୍କ ଟଙ୍କିକିଆ ଚାଉଳ ରାଜନୀତି ହିଁ କୃଷିଶ୍ରମିକ ହ୍ରାସର କାରଣ। ଗହମ, ଚାଉଳ ସାଙ୍ଗକୁ ଏବେ ଟଙ୍କିକିଆ ମାଣ୍ଡିଆ ଯୋଗାଇବାକୁ ସରକାର ସ୍ଥିର କରିଛନ୍ତି। କୋଡିଏ ତିରିଶ ଟଙ୍କା ବଦଳରେ ମାସଯାକ ପାଇଁ ମିଳିଯାଉଛି ଖାଦ୍ୟ। ତେଣୁ ଚାଷୀମାନେ ମଦରେ ବୁଡିରହି କାମ କରିବା ଛାଡିଦେଲେଣି। ସାଧାରଣ ଜମିମାଲିକ ଚାଷ କରିବା ପାଇଁ ଶ୍ରମିକଟିଏ ପାଉନାହାନ୍ତି। ଚାଷଜମି ପଡିଆ ପଡିଲାଣି। କେବଳ ଭୋଟ ହାତେଇବା ପାଇଁ ସରକାରଙ୍କର ଏ ଯୋଜନା ଦିନେ ଚାଷୀକୁଳ ପାଇଁ କାଳ ହେବ। କିଏ ବିଲେଇ ବେକରେ ଘଣ୍ଟି ବାନ୍ଧିବ ?

ସଚ୍ଚିଦାନନ୍ଦ ମିଶ୍ର, ଗଡହଳଦିଆ, ଖୋର୍ଦ୍ଧା

### ଭାଇ ଦିଏ ବଳ

କଥାରେ ଅଛି- ଭାଇ ଦିଏ ବଳ। ପୁରାଣ ଅନୁଯାୟୀ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ଭାଇ ଭଳିଆ ଭାଇ ଥିଲେ। ପାଣ୍ଡବ ପାଞ୍ଚଭାଇଙ୍କ ମଧ୍ୟରେ ଥିବା ସମ୍ପର୍କ ସମସ୍ତଙ୍କୁ ଜଣା। ସେହିପରି କୃଷ୍ଣ ଓ ବଳରାମ ଦୁଇଭାଇଙ୍କ ମଧ୍ୟରେ ନିବିଡ ଭଲପାଇବା ଥିଲା। ସମାଜରେ ଏମିତି ଭ୍ରାତୃଭାବ ଥିବା ପରିବାରଟିଏ ଦେଖିଲେ ମନ ଖୁସି ହୋଇଯାଏ। ଭାଇଟିଏ ନ ଖାଇଲେ ଅନ୍ୟ ଭାଇଟି ନ ଖାଇ ଭାଇ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରେ। ଗୋଟିଏ ଭାଇ ରୋଗରେ ପଡିଲେ, ଅନ୍ୟ ଭାଇଟି ତା' ପାଖରେ ବସି ସେବା କରେ ଓ ଲୁହ ଗଡାଇ ତା'ର ଆରୋଗ୍ୟ କାମନା କରିଥାଏ। ଆଗ ଭଳି ଏବେ ଏକାନ୍ନବର୍ତ୍ତୀ ପରିବାର ନାହିଁ। ତେଣୁ ସମ୍ପର୍କ ଶିଥିଳ ହୋଇଯାଉଛି। ଏବେକାର ଲୋକେ ନିଜେ ବଞ୍ଚିଲେ ବାପର ନାଁ ବୋଲି ଭାବୁଛନ୍ତି। ସ୍ୱାର୍ଥାନ୍ଧ ହୋଇ ଭାଇ ବେକରେ ଛୁରି ଚଳାଇବାକୁ ସେମାନଙ୍କ ହାତ ଥରି ଉଠୁ ନାହିଁ। ପରିବାର ମଧ୍ୟରେ ସମ୍ପର୍କରେ ଫାଟ ସୃଷ୍ଟି ହେତୁ ଶତ୍ରୁ ପକ୍ଷ ତା'ର ଫାଇଦା ନେଉଛି। ଭାଇ ଭାଇ ମଧ୍ୟରେ ସୁସମ୍ପର୍କ ରହିଲେ ଯେତେ ପରାକ୍ରମୀ ଶତ୍ରୁ ହେଲେ ହେଁ ସେ ବଳହୀନ ହୋଇଯିବ। ସେଥିପାଇଁ ପୂର୍ବପୁରୁଷ କହିଛନ୍ତି- କଳି ଯେବେ କରି ବସିବୁ ସଙ୍ଗେ ଥିବ ଭାଇ। ଧରିତ୍ରୀ (୧୪।୬)ରେ ପ୍ରକାଶିତ ଅଭିମନ୍ୟୁ ଧଳଙ୍କ 'ଭାଇ ଭାଇର ସମ୍ପର୍କ' ଆଲେଖ୍ୟଟି ଅତ୍ୟନ୍ତ ଉପାଦେୟ ମନେହୁଏ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ଗଣତନ୍ତ୍ରରେ ଜନସାଧାରଣଙ୍କ ଇଚ୍ଛା ସର୍ବୋଚ୍ଚ'

ଭୁବନେଶ୍ୱର,୨୭ା୬(ବ୍ୟୁରୋ)

- ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ
- ମହିଳା ସଶକ୍ତୀକରଣ, କୃଷିକୁ ଗୁରୁତ୍ୱ
- ପ୍ରତି ବ୍ଲକରେ ହେବ ଆଦର୍ଶ ବିଦ୍ୟାଳୟ
- ବଳକା କଚ୍ଚାଘର ହେବ ପକ୍କା

ଗଣତନ୍ତ୍ରରେ ଜନସାଧାରଣଙ୍କ ଇଚ୍ଛା ସର୍ବୋଚ୍ଚରେ ରହିଥାଏ। ରାଜ୍ୟକୁ ପୁଣିଥରେ ଶାସନ କରିବାକୁ ଓଡ଼ିଶାର ଜନସାଧାରଣ ସୁଯୋଗ ଦେଇଥିବାରୁ ସେମାନଙ୍କ ନିକଟରେ ନତମସ୍ତକ ହେଉଛି। ଜନସାଧାରଣଙ୍କ ବିଶ୍ୱାସ ଜନମତରେ ପ୍ରତିଫଳିତ ହୋଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବିଧାନସଭାରେ ଗୁରୁବାର ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ଏହି କଥା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଲୋକଙ୍କ ଆଶୀର୍ବାଦକୁ ପାଥେୟ କରି ରାଜ୍ୟରେଏକ ସ୍ୱଚ୍ଛ, ପାରଦର୍ଶୀ ଏବଂ ଲୋକାଭିମୁଖୀ ଶାସନ ବ୍ୟବସ୍ଥା ଦେବାକୁ ଚେଷ୍ଟା କରାଯିବ। ଗତ ୧୯ ବର୍ଷରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ରକ୍ଷା କରାଯାଇଛି। ପ୍ରଶାସନର ସଫଳତାରେ ସରକାର ଗର୍ବିତ। ନିକଟରେ ରାଜ୍ୟ ଭୟାନକ ସାମୁଦ୍ରିକ ଝଡ଼ ଫନୀର ସଫଳ ମୁକାବିଲା କରିପାରିଛି। ଏଥିପାଇଁ ରାଜ୍ୟ ସରକାର ଜାତୀୟ ଏବଂ ଅନ୍ତର୍ଜାତିକସ୍ତରରେ ପ୍ରଶଂସିତ ହୋଇଛନ୍ତି। ଏହି ଦୁଃସ୍ଥିତି ସମୟରେ ଜନସାଧାରଣ ପ୍ରଦର୍ଶନ କରିଥିବା ସାହସକୁ ମୁଖ୍ୟମନ୍ତ୍ରୀ ସମ୍ମାନ ଜଣାଇଛନ୍ତି। ପୁରୀ, ଖୋର୍ଦ୍ଧା ଏବଂ ଅନ୍ୟାନ୍ୟ ଜିଲାରେ ଫନୀ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ସରକାର ଲୋକମାନଙ୍କ ପାଇଁ ବିଶେଷକରି ଦୁର୍ବଳ ଶ୍ରେଣୀଙ୍କ ଲାଗି ପ୍ରତିଶ୍ରୁତିବଦ୍ଧ। ଏହାକୁ ପ୍ରମାଣିତ କରିବା ପାଇଁ ରାଜ୍ୟ ସରକାର ଶପଥ ଗ୍ରହଣ ପରେ ଅନୁଷ୍ଠିତ ପ୍ରଥମ ମନ୍ତ୍ରି ପରିଷଦ ବୈଠକରେ ଦଳର ଇସ୍ତାହାରକୁ ପ୍ରାଥମିକତା ଦେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଦିଆଯାଇଥିବା ପ୍ରତିଶ୍ରୁତି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। କୃଷି ଆମ ଅର୍ଥନୀତିର ମେରୁଦଣ୍ଡ। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ କାଳିଆ ଯୋଜନା ଜାରି ରହିବ। ଜଳସେଚନ କ୍ଷେତ୍ରରେ ଉନ୍ନତୀକରଣ ପାଇଁ ଚେଷ୍ଟା କରାଯିବ। ମହିଳା ସଶକ୍ତୀକରଣ ଉତ୍ତମ ପ୍ରଶାସନର ଚାବିକାଠି। ନାରୀ ସଶକ୍ତୀକରଣକୁ ପରବର୍ତ୍ତୀ ସୋପାନକୁ ନେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରତି ମଞ୍ଚରେ ମହିଳା ସଂରକ୍ଷଣକୁ ବ୍ୟାପକ ଭାବେ ଉପସ୍ଥାପନ କରାଯିବା ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସରକାରଙ୍କ ପ୍ରାଥମିକତା। ରାଜ୍ୟର ପ୍ରତି ବ୍ଲକରେ ଓଡ଼ିଶା ଆଦର୍ଶ ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ କରାଯିବ। ଧୀଶକ୍ତିସମ୍ପନ୍ନ ଛାତ୍ରୀଛାତ୍ରଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିକୁ ଦେଖି ବୃତ୍ତି ପ୍ରଦାନ ବ୍ୟବସ୍ଥା କରାଯିବ। ଆଗାମୀ ଦିନରେ ରାଜ୍ୟରେ ଏକ ସ୍କଲାରଶିପ୍ କାଉନ୍ସିଲ(ବୃତ୍ତି ପରିଷଦ) ଗଠନ ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ରାଜ୍ୟରେ ବଳକା ଥିବା ସମସ୍ତ କଚ୍ଚାଘରକୁ ପକ୍କାଘର କରିବା ପାଇଁ ସରକାର ପଦକ୍ଷେପ ନେବେ। ଯୁବବର୍ଗ ପାଇଁ ରୋଜଗାର ସୃଷ୍ଟିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ରରୁ ଆଗାମୀ ଦିନରେ ୧ ଲକ୍ଷ ୫୦ ହଜାର ପେସାଗତ ବ୍ୟକ୍ତିବିଶେଷ ବାହାରିବେ। ଓଡ଼ିଶାକୁ ଏକ ଅଗ୍ରଣୀ କ୍ରୀଡ଼ାସ୍ଥଳୀ କରିବା ପାଇଁ ଏହାର ଭିତ୍ତିଭୂମି ଉନ୍ନୟନ ଦିଗରେ ବ୍ୟାପକ ପଦକ୍ଷେପ ନିଆଯାଉଛି। ରାଜ୍ୟର ସ୍ୱାର୍ଥ ତଥା ସାଢ଼େ ୪ କୋଟି ଓଡ଼ିଆଙ୍କ କଲ୍ୟାଣ ପାଇଁ ଓଡ଼ିଶା ସରକାର କେନ୍ଦ୍ର ସହ ଉତ୍ତମ ସମ୍ପର୍କ ରକ୍ଷା କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ସଶକ୍ତ, ସମୃଦ୍ଧ ଓଡ଼ିଶା ସମସ୍ତଙ୍କ ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣ ପାଇଁ ଜନସାଧାରଣ ଆଶୀର୍ବାଦ କରିଛନ୍ତି। ଏହାକୁ ପୂରଣ ନିମନ୍ତେ ସରକାର କୌଣସି ସୁଯୋଗ ହାତଛଡ଼ା କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସରକାରଙ୍କ ସମସ୍ତ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ଗୃହର ସହଯୋଗ କାମନା କରିଥିଲେ।

# ସରକାରଙ୍କୁ ଘେରିଲେ ବିରୋଧୀ ସଭ୍ୟ

ଭୁବନେଶ୍ୱର,୨୭ା୬(ବ୍ୟୁରୋ)

- ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା
- ଉଠିଲା ବୈଷୟିକ, ଡାକ୍ତରୀ ସିଟ୍‌ରେ ସଂରକ୍ଷଣ ପ୍ରସଙ୍ଗ
- ହାସଲ ହୋଇନାହିଁ ଜଳସେଚନ ଲକ୍ଷ୍ୟ
- ପ୍ରତି ବ୍ଲକରେ ହୋଇନାହିଁ ଶୀତଳଭଣ୍ଡାର, ଆଇଟିଆଇ

ଓଡ଼ିଶାରେ ବୈଷୟିକ ଏବଂ ଡାକ୍ତରୀ ଶିକ୍ଷାରେ ଏସ୍‌ସି, ଏସ୍‌ଟିଙ୍କ ପାଇଁ ମାତ୍ର ୨୦% ସିଟ୍ ସଂରକ୍ଷଣ ରହିଛି, ଯାହା ୩୮.୫% ହେବା ଉଚିତ। ସେହିପରି ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ତଥା ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ(ଏସ୍‌ଇବିସି) ଛାତ୍ରୀଛାତ୍ରଙ୍କ ପାଇଁ ଆଦୌ ସଂରକ୍ଷଣ ନାହିଁ, ଯାହା ୨୭ ପ୍ରତିଶତ ରହିବା କଥା ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଗୁରୁବାର କହିଛନ୍ତି। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ହୋଇଥିବା ଆଲୋଚନାରେ ଭାଗନେଇ ପ୍ରଦୀପ୍ତ ଏହି କଥା କହିଛନ୍ତି। ସେହିପରି ରାଜ୍ୟରେ ଉଚ୍ଚଶିକ୍ଷା ବିଭାଗ ଆଇଏଏସ୍ ଓ ଆଇପିଏସ୍ ଭଳି ୟୁପିଏସ୍‌ସି ପରୀକ୍ଷାରେ ଓଡ଼ିଆ ପିଲାଙ୍କୁ ମାଗଣା କୋଚିଂ ଦେବା କଥା ଘୋଷଣା କରିଛନ୍ତି। ହେଲେ ଏସ୍‌ସି, ଏସ୍‌ଟି ଏବଂ ଓବିସି ଛାତ୍ରୀଛାତ୍ରଙ୍କ ପାଇଁ ଏ ସୁବିଧା ନ ଥିବା କହି ପ୍ରଦୀପ୍ତ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏହା ବ୍ୟତୀତ ବିରୋଧୀ ଦଳ ନେତା ଅନେକ ଗୁରୁତ୍ୱପୂର୍ଣ୍ଣପ୍ରସଙ୍ଗରେ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପ୍ରଦୀପ୍ତ କହିଛନ୍ତି, ୨୦୦୦ ମସିହାରେ ରାଜ୍ୟର ଋଣଭାର ଯାହା ଥିଲା ତାହା ବର୍ତ୍ତମାନ ବୃଦ୍ଧି ପାଇଛି। ଏହା ୯୦,୦୦୦ କୋଟିରୁ ୧,୦୫,୦୦୦ କୋଟିରେ ପହଞ୍ଚିଥିବା କୁହାଯାଉଛି। ରାଜ୍ୟ ସରକାର ପ୍ରାୟ ୧,୨୦,୦୦୦ ଲକ୍ଷ କୋଟି ଟଙ୍କାର ବଜେଟ କରୁଛନ୍ତି। ତନ୍ମଧ୍ୟରୁ ୬୧ ଲକ୍ଷ କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ଅନୁଦାନ ରହିଛି। ତେଣୁ ଜନ୍ମରୁ ମୃତ୍ୟୁ ଯାଏ ଯୋଜନା କରିଥିବା କହି ନବୀନ ବାବୁ ଶ୍ରେୟ ନେଉଛନ୍ତି, ହେଲେ ସେଥିମଧ୍ୟରେ ଅନେକ କେନ୍ଦ୍ରୀୟ ଯୋଜନା ରହୁଛି। ରାଜ୍ୟରେ ୨୭,୯୦୧ କୋଟି ଟଙ୍କାର ଟ୍ରିଫେଣ୍ଡ ଦୁର୍ନୀତି ଏବଂ ପ୍ରାୟ ୬୯,୦୦୦ କୋଟିରୁ ଊର୍ଦ୍ଧ୍ୱ ଖଣି ଦୁର୍ନୀତି ହୋଇଥିବା ବିରୋଧୀ ଦଳ ନେତା କହିଛନ୍ତି। ପ୍ରତି ବ୍ଲକରେ ଶୀତଳଭଣ୍ଡାର ଏବଂ ଆଇଟିଆଇ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ସେ ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପ୍ରଦୀପ୍ତ ଗୃହରେ କହିଥିଲେ। ଏହା ବ୍ୟତୀତ ନିଜ ନିର୍ବାଚନମଣ୍ଡଳୀ ଭବାନୀପାଟଣା ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ସମସ୍ୟାକୁ ସେ ନିଜ ବକ୍ତବ୍ୟରେ ସ୍ଥାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ମଧ୍ୟ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ପଦ୍ମଶ୍ରୀ ଉପାଧି ପାଇଥିବା ଦୈତାରୀ ନାୟକ ଏବେ ଏ ରାଜ୍ୟରେ ଭୋକ ଉପାସରେ ରହିବାକୁ ବାଧ୍ୟ ହେଉଛନ୍ତି। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ୩୫% ଜମି ଜଳସେଚିତ ହୋଇନାହିଁ। ବିଗତ ଦିନଗୁଡ଼ିକରେ ୪/୫ ପ୍ରତିଶତରୁ ଅଧିକ ଜଳସେଚନ ହୋଇନାହିଁ। ତାହା ହୋଇଥିଲେ ଜଳସେଚନ ପ୍ରତିଶତ ୧୮ରୁ ୧୯ ହୋଇଥାଆନ୍ତା। ରାଜ୍ୟ ସରକାର ଅଫିସରମାନଙ୍କ ଉପରେ ଅଧିକ ଭରସା କରୁଛନ୍ତି। ହେଲେ ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ସାଧାରଣ ନିର୍ବାଚନରେ ଅଫିସର ଶ୍ରେଣୀର ଲୋକମାନେ ହିଁ ପୋଷ୍ଟାଲ ବାଲଟ୍‌ରେ ମତଦାନ କରିଥାନ୍ତି। ସଦ୍ୟସମାପ୍ତ ହୋଇଥିବା ନିର୍ବାଚନରେ ପୋଷ୍ଟାଲ ବାଲାଟ୍‌ରେ ବିଜେଡି ପ୍ରାୟ ଅଧିକାଂଶ ଆସନରେ କମ୍ ଭୋଟ ପାଇଛି। କେତେକ ସ୍ଥାନରେ ଭାଜପା ସର୍ବାଧିକ ଏବଂ କଂଗ୍ରେସ ଶାସକ ଦଳଠାରୁ ଅଧିକ ଭୋଟ ପାଇଥିବା ସାଲୁଜା କହିଛନ୍ତି। ଭାଜପା ସଭ୍ୟ ଭାସ୍କର ମଢେଇ ରାଜ୍ୟ ସରକାର ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଅତିରିକ୍ତ ଅର୍ଥ ବ୍ୟୟ କରିବା ନେଇ ମତ ରଖିଥିଲେ। ପ୍ରଧାନମନ୍ତ୍ରୀ ଆବାସ ପାଇଁ ଜମିପଟ୍ଟା ଯୋଗାଇଦେବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଯୋଜନା ଲାଗୁ କରିବା ନେଇ ମଢେଇ ଗୃହରେ ବକ୍ତବ୍ୟ ରଖିଥିଲେ। ସେହିପରି ବଡସାହି ବିଧାୟକ ସନାତନ ବିଜୁଳି ମୟୂରଭଞ୍ଜ ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ଓରାମ, ଦାଶରଥି ଗମାଙ୍ଗ ପ୍ରମୁଖ ଆଗତ ପ୍ରସ୍ତାବ ବିରୋଧରେ ମତ ଉପସ୍ଥାପନ କରିଥିଲେ। ଅପରପକ୍ଷରେ ବିଜେଡି ବିଧାୟକ ଦେବେଶ ଆଚାର୍ଯ୍ୟ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ କେଶରୀ ଦେବ, ଅମର ପ୍ରସାଦ ଶତପଥୀ, ପ୍ରଶାନ୍ତ ମୁଦୁଲି, ଧ୍ରୁବ ସାହୁ ଏବଂ ବିଷ୍ଣୁବ୍ରତ ରାଉତରାୟ ଆଗତ ପ୍ରସ୍ତାବ ସପକ୍ଷରେ ମତ ରଖିଛନ୍ତି।



ଗୁରୁବାର ବିଧାନସଭାରେ ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ, କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଏବଂ ସୁରେଶ ଚନ୍ଦ୍ର ରାଉତରାୟଙ୍କ ମଧ୍ୟରେ ଆଲୋଚନାର ମୁହୂର୍ତ୍ତ।

## ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା
# ସୌମ୍ୟଙ୍କୁ କଟାକ୍ଷ କଲେ ନରସିଂହ

ଭୁବନେଶ୍ୱର, ୨୭ା୬(ବ୍ୟୁରୋ):

ବିଧାନସଭାରେ ଗୁରୁବାର ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ସମୟରେ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ କହିବାକୁ ସୁଯୋଗ ମିଳିଥିଲା। ଏହି ଅବସରରେ ସୌମ୍ୟ ପ୍ରଥମ ଥର ଲାଗି କହିବାକୁ ସୁଯୋଗ ପାଇ ଅତ୍ୟନ୍ତ ଖୁସି ହୋଇପଡିଥିଲେ। ଯେହେତୁ ପ୍ରଥମ ଥର ସେଥିପାଇଁ ତାଙ୍କୁ ୨ରୁ ୪ ମିନିଟ୍ ଅଧିକ କହିବା ଲାଗି ସମୟ ମିଳିବ। ସୌମ୍ୟ କହିଛନ୍ତି ଯେ, ବିଧାନସଭାରେ କହିବା ବେଳେ ଆତ୍ମସଚେତନ ହୋଇ କହିବାକୁ ପଡୁଛି। ଗୃହର ଆରମ୍ଭ ଦିନରୁ ବିରୋଧୀ ଦଳ ନେତାଙ୍କ ନାମ ଘୋଷଣା, ବିରୋଧୀଙ୍କ ଭୂମିକା ଏବଂ ରାଜ୍ୟ ସଭା ପ୍ରାର୍ଥୀତ୍ୱକୁ ନେଇ ଯେପରି ହଟ୍ଟଗୋଳ ହେଲା ଏହାର କିଛି ଆବଶ୍ୟକତା ନ ଥିଲା ବୋଲି ଭାବୁଛି। କଂଗ୍ରେସ, ଭାଜପା ଓ ବିଜେଡି ସମସ୍ତେ ବିକାଶ କଥା କହୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବହୁତ ଭଲ ଢଙ୍ଗରେ ବିକାଶ କଥା କହୁଛନ୍ତି। ତେବେ କାହିଁକି ଏତେ ଭିଡା ଓଟରା ଚାଲିଛି। କେବଳ ବିରୋଧ କରିବା ବିରୋଧୀ ଦଳଙ୍କ ଭୂମିକା ନୁହେଁ। କ୍ଷମତାସୀନ ଦଳଗୁଡିକର ଅହଂକାର ମଧ୍ୟ ଅତ୍ୟନ୍ତ ଖରାପ। ସଂଖ୍ୟାଗରିଷ୍ଠ ଦଳଗୁଡିକ ଅଧିକ ଅହଂକାରରେ ରହିବା ଠିକ୍ ନୁହେଁ ବୋଲି ସୌମ୍ୟ କହିବା ସହ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଚାଲିଥିବା ଧନ୍ୟବାଦ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ଏହା ପରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ କହିବା ପାଇଁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସୁଯୋଗ ଦେଇଥିଲେ। ନରସିଂହ ରାଜ୍ୟପାଳଙ୍କ ଅଭିଭାଷଣକୁ ସମର୍ଥନ କରି ନ ଥିଲେ। ଅନ୍ୟପଟେ ସୌମ୍ୟ ପଟ୍ଟନାୟକଙ୍କ ଅଭିଭାଷଣ ଉପରେ କଡା ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ ଯେ, ସୌମ୍ୟବାବୁ କହିଲେ, ବିରୋଧୀଙ୍କ ପକ୍ଷରୁ ବିରୋଧ କରିବାର ଆବଶ୍ୟକତା ନାହିଁ। ଏମିତି ହେଲେ ଗଣତନ୍ତ୍ର ପାଇଁ ଖରାପ ଓ ରାଜ୍ୟର ବିକାଶ ହୋଇପାରିବ ନାହିଁ। ରାଜ୍ୟ ସରକାରଙ୍କ ବହୁ ପଦକ୍ଷେପକୁ ବିରୋଧୀ ସମର୍ଥନ କରିଛନ୍ତି। ଉଦାହରଣ ସ୍ୱରୂପ ମହାନଦୀ ପ୍ରସଙ୍ଗ। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଟି କମିଟି ଗଠନ ହେଲା। ପ୍ରଥମେ ତତ୍କାଳୀନ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗୋଟିଏ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଉ ଗୋଟିଏ। ସେହି ଦୁଇ କମିଟିରୁ ଫଳ କ'ଣ ଆସିଲା। ବିଜେଡି ଓ ଭାଜପା ମିଶି ଜଣେ ପ୍ରାର୍ଥୀଙ୍କୁ ରାଜ୍ୟ ସଭା ପଠାଇଲେ। ରାଜ୍ୟ ସଭା ପାଇଁ ପ୍ରାର୍ଥୀ ହୋଇଥିବା ବ୍ୟକ୍ତି ଓଡିଶାର ନୁହନ୍ତି। ଦୁଇଦିନ କାଳ ଏ ନେଇ ଆଲୋଚନା ଚାଲିଲା। ସୌମ୍ୟବାବୁ ଏହାକୁ ବିରୋଧ କଲେ କି କିମ୍ବା ଶାସକ ଦଳର କୌଣସି ଜଣେ ନେତା ଏକଥାରେ ବିରୋଧ କରିଛନ୍ତି କି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ଅଶ୍ୱିନୀ ବୈଷ୍ଣବ ବାହାର ଲୋକ, ସେ କୌଣସି ରାଜନୈତିକ ଦଳର ନୁହନ୍ତି। ରାଜ୍ୟ ସଭା ପ୍ରାର୍ଥୀ ହେବାପରେ ଭାଜପାରେ ଯୋଗଦେଲେ। ସେ କେବଳ ଖଣି ମାଲିକ ହୋଇଥିଲେ କିଛି ଅସୁବିଧା ହୋଇ ନ ଥାଆନ୍ତା। ତାଙ୍କ ନାଁରେ ମାମଲା ରହିଛି। ଅଶ୍ୱିନୀଙ୍କୁ ବିରୋଧ କରିବାରୁ ଏଠି ନରସିଂହ ରାଓଙ୍କ କଥା କୁହାଯାଉଛି। ନରସିଂହ ରାଓ କ'ଣ ବୈଷ୍ଣବଙ୍କ ସହ ସମାନ। ସେ ପ୍ରଧାନମନ୍ତ୍ରୀ ଥିଲେ। ମୁଖ୍ୟମନ୍ତ୍ରୀ କେମିତି ବୈଷ୍ଣବଙ୍କ ପ୍ରାର୍ଥୀତ୍ୱକୁ ନେଇ ବିରୋଧ କଲେ ନାହିଁ ବୋଲି ନରସିଂହ ପ୍ରଶ୍ନ କରିଥିଲେ।



# ବିଧାନସଭା ପ୍ରଶ୍ନୋତ୍ତର

## ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀଙ୍କ ଉତ୍ତର
# 'ଧରିତ୍ରୀ' ସର୍ବାଧିକ ପ୍ରସାରିତ ଖବରକାଗଜ

ଭୁବନେଶ୍ୱର,୨୭ା୬(ବ୍ୟୁରୋ)

ରାଜ୍ୟରେ ପ୍ରସାରିତ ଖବରକାଗଜଗୁଡିକ ମଧ୍ୟରୁ 'ଧରିତ୍ରୀ' ପ୍ରସାରଣ ସର୍ବାଧିକ। ଚଳିତ ବର୍ଷ ଜାନୁୟାରୀ ୨୪ରେ ପ୍ରକାଶିତ ତଥ୍ୟକୁ ଆଧାର କରି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ପଚରା ଯାଇଥିବା ଅଣତାରକା ପ୍ରଶ୍ନ ନଂ-୯୮ର ଉତ୍ତର ଦେଇ ମନ୍ତ୍ରୀ ଦାସ ଉପରୋକ୍ତ ତଥ୍ୟ ରଖିଛନ୍ତି। ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀଙ୍କ ପ୍ରଦତ୍ତ ଉତ୍ତର ଅନୁଯାୟୀ, ଅନୁମୋଦିତ ଦୈନିକ ଖବରକାଗଜ ସଂଖ୍ୟା ୮୨, ସାପ୍ତାହିକ ସଂଖ୍ୟା-୬୦, ପାକ୍ଷିକ ସଂଖ୍ୟା-୧୬, ମାସିକ ସଂଖ୍ୟା-୧୯, ତ୍ରୟମାସିକ ସଂଖ୍ୟା-୧ ଏବଂ ଇଂଲିଶ ଖବରକାଗଜ ସଂଖ୍ୟା-୧୭ ଅଟେ।

ସେହିଭଳି ଗ୍ରାମାଞ୍ଚଳ ଖବରଦାତାମାନଙ୍କୁ ନିର୍ଦ୍ଦିଷ୍ଟ ଭାବେ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ନିମନ୍ତେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ସହରାଞ୍ଚଳର କାର୍ଯ୍ୟରତ ଖବରଦାତାଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧା ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ସାମ୍ବାଦିକମାନଙ୍କୁ ଯୋଗାଇ ଦିଆଯାଉଛି। ଖବରଦାତାମାନଙ୍କୁ ପେନ୍‌ସନ ଦେବାର କୌଣସି ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ନାହିଁ ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

## ଜଟଣୀ: ଜଗନ୍ନାଥଙ୍କ ନାଁରେ ଥିବା ଜମି କିଣାବିକା
# ୬ ମାସ ମଧ୍ୟରେ ସରକାର କରିବେ ବିଚାର

ଭୁବନେଶ୍ୱର,୨୭ା୬(ବ୍ୟୁରୋ)

ପୁରୁଷାନୁକ୍ରମେ ଜଟଣୀ ଅଞ୍ଚଳର ୨୭ ଗ୍ରାମର ସ୍ଥିତିବାନ ଜମିକୁ ଜଗନ୍ନାଥଙ୍କ ନାମରେ ଦର୍ଶାଇ କିଣାବିକା କରାଯାଇପାରୁନାହିଁ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀ ନିଜର କୌଣସି କାର୍ଯ୍ୟ କରିପାରୁନାହାନ୍ତି। ଏନେଇ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଗୃହରେ ପ୍ରଶ୍ନ କରିଥିଲେ। ଏହି ସମସ୍ୟାର ସମାଧାନ ୬ ମାସ ମଧ୍ୟରେ କରାଯିବା ନେଇ ମନ୍ତ୍ରୀ ମାରାଣ୍ଡି କହିଛନ୍ତି। ଏ ବାବଦରେ ଉଚ୍ଚ ନ୍ୟାୟାଳୟ ରିଟ୍ ପିଟିସନ କେସ୍ ନଂ. ୧୨୧୯୩/୨୦୧୪ ର ବିଚାର କରି ଗତ ମାର୍ଚ୍ଚ ୧୨ରେ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆବେଦନକାରୀଙ୍କ ଦରଖାସ୍ତକୁ ୬ ମାସରେ ବିଚାର କରିବେ।

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପୂର୍ବତନ ଏଖାରାଜାତ ମାହାଲ ରୟତ ସୁରକ୍ଷା କମିଟି, ଜଟଣୀ ସରକାରଙ୍କୁ ତାଙ୍କର ପ୍ରତିବେଦନ ଦାଖଲ କରିଛନ୍ତି। ଏହାର ଗୁରୁତ୍ୱ ଉପଲବ୍ଧି କରି ରାଜ୍ୟ ସରକାରଙ୍କ ଦ୍ୱାରା ସେମାନଙ୍କ ଦରଖାସ୍ତ ଓ ଅନ୍ୟାନ୍ୟ କାଗଜାତ ରାଜସ୍ୱ ପର୍ଷଦ ସଚିବଙ୍କ ନିକଟକୁ ଗତ ମେ ୭ରେ ଚିଠି କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇଛି।

## ପୋଲାଭରମ୍ ପ୍ରକଳ୍ପ ପ୍ରସଙ୍ଗ
# ଜାତୀୟ ମାନ୍ୟତା ରଦ୍ଦ କରିବାକୁ ରାଜ୍ୟ ସରକାରଙ୍କ ଉଦ୍ୟମ

ଭୁବନେଶ୍ୱର, ୨୭ା୬(ବ୍ୟୁରୋ):

ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ଗୋଦାବରୀ ନଦୀରେ ନିର୍ମାଣାଧୀନ ପୋଲାଭରମ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଓଡିଶାର ବ୍ୟାପକ କ୍ଷତି ହେବ। ପ୍ରାରମ୍ଭିକ ସର୍ଭେ ଅନୁଯାୟୀ ସିଲେରୁ ଓ ସାବେରୀ ନଦୀର ଉଭୟ ପାର୍ଶ୍ୱରେ ନଦୀବନ୍ଧ ନିର୍ମାଣ ବ୍ୟବସ୍ଥାକୁ ବିଚାର କରାଯାଇ ନାହିଁ। ପୋଲାଭରମ ପ୍ରକଳ୍ପ ନିର୍ମାଣ ଦ୍ୱାରା ଓଡିଶାର ମାଲକାନଗିରି ଜିଲାରୁ ମୋଟୁ ତହସିଲର ୧୫ଟି ରାଜସ୍ୱ ଗ୍ରାମ ଏବଂ ୧୦ଟି ପଡା ଜଳମଗ୍ନ ହେବାର ସମ୍ଭାବନା ରହିଛି। ଏହାସହ ୬,୮୧୮ ଲୋକଙ୍କୁ ବିସ୍ଥାପିତ କରିବାକୁ ପଡିବ। ସେମାନଙ୍କ ମଧ୍ୟରୁ ୫, ୯୧୬ ଜଣ ଆଦିବାସୀ । ଏହାସହ ୭,୬୫୬ ହେକ୍ଟର ଜମି ଜଳମଗ୍ନ ହେବ। ସେଥିରୁ ସଂରକ୍ଷିତ ଜମି ୫,୫୩୮ ହେକ୍ଟର ଏବଂ ଅନ୍ୟାନ୍ୟ ଜମି ୨,୧୧୮ ହେକ୍ଟର ଜଳମଗ୍ନ ହେବ। ବର୍ତ୍ତମାନ ଏହି ପ୍ରକଳ୍ପର ସ୍ଥିତି କେନ୍ଦ୍ର ସରକାରଙ୍କ ହାତରେ ରହିଛି। ପୋଲାଭରମକୁ ଜାତୀୟ ପ୍ରକଳ୍ପ ଘୋଷଣା କରିବା ସହ ଏହାର ନିର୍ମାଣ ଦାୟିତ୍ୱ କେନ୍ଦ୍ର ସରକାର ନେଇଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲା ବହୁ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଥିବା କାରଣରୁ ଏହାକୁ ବନ୍ଦ କରିବା ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟ ସରକାର ଭାରତୀୟ ସମ୍ବିଧାନ ଅନୁଚ୍ଛେଦ ୧୩୧ ଅନୁଯାୟୀ ୨୦୦୭ ଅକ୍ଟୋବରରେ ଏକ ମାମଲା ସୁପ୍ରିମକୋର୍ଟରେ ଦାଏର କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପୋଲାଭରମ ପ୍ରକଳ୍ପ ପ୍ରସ୍ତାବ ପାଇଁ ଏବଂ ଜାତୀୟ ମାନ୍ୟତାକୁ ରଦ୍ଦ କରିବା ଲାଗି ଏକ ସଂଶୋଧିତ ମାମଲା ସୁପ୍ରିମକୋର୍ଟରେ ନଭେମ୍ବର ୨୦୧୫ରେ ଦାଖଲ କରାଯାଇଛି ବୋଲି ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ସୂଚନା ଦେଇଛନ୍ତି।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ରଘୁନନ୍ଦନ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ପକ୍ଷରୁ ୨୦୧୮ ଜୁଲାଇରେ ଆସିଥିବା ସ୍ମାରକପତ୍ର ଅନୁଯାୟୀ ପୋଲାଭରମ ପ୍ରକଳ୍ପର କାର୍ଯ୍ୟବନ୍ଦ ଆଦେଶକୁ ୨୦୧୯ ଜୁଲାଇ ପର୍ଯ୍ୟନ୍ତ ପୁନର୍ବାର ସ୍ଥଗିତ ରଖିବା ପାଇଁ ଦିଆଯାଇଥିବା ଆଦେଶକୁ ରଦ୍ଦ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟବର୍ତ୍ତିକାଳୀନ ଦରଖାସ୍ତ ସୁପ୍ରିମକୋର୍ଟରେ ୨୦୧୮ ଜୁଲାଇରେ ଦାଖଲ କରାଯାଇଥିଲା। ଏବେ ଏହି ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ଏହାର ଉପରମୁଣ୍ଡରେ ଗୋଦାବରୀ ନଦୀର ଉପନଦୀ ସାବେରୀରେ ବ୍ୟାରେଜ କରିବାକୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବ ରହିଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ସୂଚନା ଦେଇଛନ୍ତି।

# ବିଲ୍ଡରଙ୍କ କାମ କରୁଛନ୍ତି ଆର୍‌ଆଇ

ଭୁବନେଶ୍ୱର,୨୭ା୬(ବ୍ୟୁରୋ)

- ରାଜ୍ୟରେ ୫୦୩ ଆର୍‌ଆଇ ପଦବୀ ଖାଲି
- ହଇରାଣ ହେଉଛନ୍ତି ଗରିବ ଲୋକ

ରାଜ୍ୟରେ ଅମିନ ଓ ଆର୍‌ଆଇ ମରୁଡ଼ି ପଡ଼ିଛି। ଆର୍‌ଆଇ ସର୍କଲରେ ଅମିନ ନାହାନ୍ତି। ଜମିବାଡ଼ି ମପାଚୁପା କାର୍ଯ୍ୟ ହୋଇପାରୁ ନାହିଁ। ଭୁବନେଶ୍ୱରରେ ଆର୍‌ଆଇ ଏବଂ ଅମିନ ବଡ଼ ବଡ଼ ବିଲ୍ଡରଙ୍କ ପାଇଁ କାମ କରୁଛନ୍ତି। ସହର ତଳି ଗ୍ରାମାଞ୍ଚଳ ବାତ୍ୟା ଫନୀରେ ଧ୍ୱଂସ ହୋଇଯାଇଛି। ଆଜିଯାଏ ଘରଭଙ୍ଗା ସର୍ଭେ କରାଯାଇ ପାରୁନାହିଁ। ଆର୍‌ଆଇ ନ ଥିବାରୁ ସର୍ଭେ କାମ ହୋଇପାରୁନି। ସରକାରଙ୍କ ପାଖରେ ରିପୋର୍ଟ ପହଞ୍ଚି ପାରୁନାହିଁ। ସେମାନେ ଘରଭଙ୍ଗା ଟଙ୍କା ପାଇପାରୁ ନାହାନ୍ତି।

ବିଭିନ୍ନ ଜିଲାରେ ଆର୍‌ଆଇ ସର୍କଲର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଲୋକମାନେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟରେ ଆର୍‌ଆଇ ଏବଂ ଅମିନ ପଦବୀ ଖାଲିପଡ଼ିଥିବା ନେଇ ବିଧାନସଭାରେ ଉଭୟ ବିରୋଧୀ ଏବଂ ଶାସକ ଦଳର ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଖାଲି ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବାକୁ ସଦସ୍ୟମାନେ ଦାବି କରିଛନ୍ତି।

ଗୁରୁବାର ପୂର୍ବାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ ପଚାରିଥିବା ୩୧ ନମ୍ବର ପ୍ରଶ୍ନରୁ ଆରମ୍ଭ ହୋଇଥିଲା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ। ରାଜସ୍ୱ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତକୁ ଏକ ଆର୍‌ଆଇ ସର୍କଲ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ନ ହେବାର କାରଣ କ'ଣ। ଭଦ୍ରକ ଜିଲାରେ ୭ଟି ତହସିଲରେ କେତୋଟି ଆର୍‌ଆଇ ଓ ଅମିନ ପଦବୀ ଖାଲିପଡ଼ିଛି, ତାହା କେବେ ସୁଦ୍ଧା ପୂରଣ ହେବ ବୋଲି ସେ ମୂଳ ପ୍ରଶ୍ନରେ ପଚାରିଥିଲେ। ରାଜସ୍ୱମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହାର ଜବାବରେ କହିଥିଲେ ଯେ, ପ୍ରତ୍ୟେକ ପଞ୍ଚାୟତକୁ ଆର୍‌ଆଇ ସର୍କଲ କରିବା ପାଇଁ କୌଣସି ବିଧିବଦ୍ଧ ନିଷ୍ପତ୍ତି ନିଆଯାଇ ନାହିଁ। ତେବେ ଜନସଂଖ୍ୟା, ଭୌଗୋଳିକ ଅବସ୍ଥିତି ଏବଂ କାର୍ଯ୍ୟର ଗୁରୁତ୍ୱକୁ ବିଚାରକୁ ନେଇ ଆବଶ୍ୟକ ସ୍ଥଳେ ଆର୍‌ଆଇ ସର୍କଲ ଗଠନ କରାଯାଉଛି। ଭଦ୍ରକ ଜିଲାର ୭ଟି ତହସିଲରେ ୮୨ଟି ଆର୍‌ଆଇ ପଦବୀ ମଧ୍ୟରୁ ୩୧ଟି ପଦବୀ ଖାଲି ରହିଛି। ମୋଟ ୫୧ ଅମିନ ପଦବୀରୁ ୨୫ଟି ଖାଲିପଡ଼ିଛି। ଏହା ଶୀଘ୍ର ପୂରଣ କରିବା ପାଇଁ ଉଦ୍ୟମ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ବଲାଙ୍ଗୀର ଜିଲାରେ ଆର୍‌ଆଇ ପଦବୀ ଖାଲିପଡ଼ିଥିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ଯେ, ଏହି ଜିଲାରେ ଆର୍‌ଆଇ ଏବଂ ଅମିନ ପଦବୀ ପୂରଣ ନେଇ ଦୁର୍ନୀତି ହୋଇଥିଲା। ଏହି କଥା ଜଣାପଡିବା ପରେ ନିଯୁକ୍ତିକୁ ସରକାର ରଦ୍ଦ କରିଛନ୍ତି। ନିଯୁକ୍ତି ପାଇଥିବା ପ୍ରାର୍ଥୀମାନେ ସୁପ୍ରିମ କୋର୍ଟରେ କେସ କରିଥିଲେ। ସେଠାରେ ସେମାନେ ହାରିଛନ୍ତି। ଖାଲି ପଦବୀଗୁଡ଼ିକ କେବେସୁଦ୍ଧା ପୂରଣ ହେବ, ଜିଲାରେ କେତେ ପଦବୀ ଖାଲି ଅଛି ସେ ସମ୍ପର୍କରେ ମନ୍ତ୍ରୀ ଗୃହରେ ସୂଚନା ଦିଅନ୍ତୁ ବୋଲି ନରସିଂହ କହିଥିଲେ। ନୂତନ ନିଯୁକ୍ତି ହେବା ଯାଏ ଅବସରପ୍ରାପ୍ତ ଅମିନଙ୍କୁ କାମରେ ନିୟୋଜିତ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ମନ୍ତ୍ରୀ କହିଥିଲେ ଯେ, ବଲାଙ୍ଗୀର ଜିଲାରେ ମୋଟ ମଞ୍ଜୁରୀ ପଦବୀ ୯୪। ସେଥିରୁ ୭୫ଟି ଖାଲି ରହିଛି। ଏହି ଜିଲାରେ ୮୬ଟି ଆର୍‌ଆଇ ପଦବୀ ଥିବାବେଳେ ଖାଲି ରହିଛି ୮୧। ନିର୍ବାଚନ ଯୋଗୁ ନୂତନ ନିଯୁକ୍ତି ହୋଇପାରି ନାହିଁ। ଷ୍ଟାଫ୍ ସିଲେକ୍ସନ୍ କମିଶନଙ୍କ ଜରିଆରେ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି। ବିଜେଡି ସଭ୍ୟ ନୃସିଂହ ସାହୁ, ଅମର ଶତପଥୀ, ସୁବ୍ରତ ତରାଇ, ଭାଜପା ସଭ୍ୟ କେ. ନାରାୟଣ ରାଓଙ୍କ ଅତିରିକ୍ତ ପ୍ରଶ୍ନରେ ଆର୍‌ଆଇ ଓ ଅମିନ ପଦବୀ କେବେ ସୁଦ୍ଧା ପୂରଣ କରାଯିବ।ସେହିପରି ଢେଙ୍କାନାଳ, ଯାଜପୁର ଓ ସୁନ୍ଦରଗଡ଼ ଜିଲାରେ କେତୋଟି ଆର୍‌ଆଇ ଓ ଅମିନ ପଦବୀ ଖାଲି ରହିଛି ବୋଲି ସେମାନେ ପ୍ରଶ୍ନ କରିଥିଲେ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଭୁବନେଶ୍ୱର ଉପକଣ୍ଠ ଗ୍ରାମାଞ୍ଚଳରେ ଲୋକମାନେ ଆର୍‌ଆଇ ସେବା ପାଉ ନ ଥିବା ନେଇ ପ୍ରଶ୍ନକାଳରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଭୁବନେଶ୍ୱର ଜମି ରେଟ୍ ବଢ଼ିଛି। ଗ୍ରାମାଞ୍ଚଳ ଲୋକଙ୍କ କଥା ଆର୍‌ଆଇ ଶୁଣୁନାହାନ୍ତି। ବଡ଼ ବଡ଼ ବିଲ୍ଡରଙ୍କ ପାଖରେ କାମ କରୁଛନ୍ତି। ଆର୍‌ଆଇ ସର୍ଭେ ହୋଇପାରୁ ନ ଥିବାରୁ ଫନୀ କ୍ଷୟକ୍ଷତି ରିପୋର୍ଟ ସରକାରଙ୍କୁ ମିଳିପାରୁ ନାହିଁ। ତୁରନ୍ତ ଆରଆଇ ଏବଂ ଅମିନ ପଦବୀ ପୂରଣ କରି ସେବା ଯୋଗାଇ ଦିଆଯାଉ। ଉତ୍ତରରେ ମନ୍ତ୍ରୀ ମାର୍ଣ୍ଡି କହିଥିଲେ ଯେ, ଓଡ଼ିଶାରେ ୨୪୫୩ ମଞ୍ଜୁରୀପ୍ରାପ୍ତ ଆର୍‌ଆଇ ପଦବୀ ରହିଛି। ସେଥିରୁ ୫୦୩ ଖାଲିପଡ଼ିଛି। ଢେଙ୍କାନାଳ ଜିଲାରେ ୫୫ଟି ପଦବୀରୁ ୧୦ଟି ଖାଲି ପଡ଼ିଥିବା ବେଳେ ଯାଜପୁର ଜିଲାରେ ୮୬ଟି ପଦବୀରୁ ୧୧ଟି ଖାଲି ପଡ଼ିଛି। ସୁନ୍ଦରଗଡ଼ ଜିଲାରେ ୧୧୬ଟି ପଦବୀରୁ ୧୭ଟି ଖାଲି ରହିଥିବା ବେଳେ କେବଳ ଅମିନ ପଦବୀ ୧୧୩ରୁ ୧୬ଟି ଖାଲି ରହିଛି। ପର୍ଯ୍ୟାୟକ୍ରମେ ସେଗୁଡ଼ିକ ପୂରଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

## ଫନୀ ବେଳେ ଏସ୍‌ଏମ୍‌ଏସ୍ ସେବା
# ବିଏସ୍‌ଏନ୍‌ଏଲ୍ ପକ୍ଷରୁ ୪ କୋଟି ୯୮ ଲକ୍ଷ ବିଲ୍ ଧାର୍ଯ୍ୟ
## -ଛାଡ଼ ପାଇଁ କେନ୍ଦ୍ରକୁ ଚିଠି ଲେଖିଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୨୭ା୬(ବ୍ୟୁରୋ)

ସାମୁଦ୍ରିକ ଝଡ଼ ଫନୀ ସମୟରେ ଏସ୍‌ଏମ୍‌ଏସ୍ ଜରିଆରେ ରାଜ୍ୟ ସରକାର ସାଧାରଣ ଲୋକଙ୍କୁ ସଚେତନ କରାଇଥିଲେ। ଏଥିପାଇଁ ଭାରତୀୟ ସଞ୍ଚାର ନିଗମ ଲିମିଟେଡ୍(ବିଏସ୍‌ଏନ୍‌ଏଲ୍) ସରକାରଙ୍କ ନିକଟରେ ପ୍ରାୟ ୪ କୋଟି ୯୮ ଲକ୍ଷ ଟଙ୍କାର ଦେୟ ଧାର୍ଯ୍ୟ କରିଛି। ହେଲେ ଏହି ଦେୟକୁ ଛାଡ଼ କରିବା ପାଇଁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କେନ୍ଦ୍ର ଟେଲିକମ୍ ସଚିବ ଅରୁଣା ସୁନ୍ଦରାଜନଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟ ୨୦୧୭ ମସିହାର ଏକ ନିୟମାନୁଯାୟୀ, ବିପର୍ଯ୍ୟୟ ସମୟରେ ଲୋକଙ୍କୁ ସୂଚନା ପଠାଇବା ପାଇଁ କମ୍ପାନୀମାନେ ଅର୍ଥ ଦାବି କରିପାରିବେ ନାହିଁ। ତେଣୁ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ କେନ୍ଦ୍ର ଅର୍ଥ ଛାଡ଼ କରିପାରେ ବୋଲି ପ୍ରଶାସନିକ ଅଧିକାରୀମାନେ ମତ ରଖିଛନ୍ତି।

# ୬ ରଥ ଗଢୁଥିଲା, ସୁନା ଧ୍ୱଜ କଳସ ଲାଗୁଥିଲା

**ପୁରୀ ଅଫିସ,୨୭।୬**

ବଦଳୁଛି ସମୟ। ଆଉ ସମୟ ସହିତ ତାଳଦେଇ କେତେକ ପ୍ରଥା ବା ପରମ୍ପରାରେ ବି ପରିବର୍ତ୍ତନ ହେଉଛି। ଏଥିରୁ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ବି ବାଦ୍ ପଡ଼ିନାହିଁ। ପରିବର୍ତ୍ତିତ ସମୟ ସହିତ ତାଳଦେଇ ରଥଯାତ୍ରାରେ ବି କିଛି ପରିବର୍ତ୍ତନ ଘଟିଛି। ସେତେବେଳର ରଥଯାତ୍ରା ଆଉ ଏବେର ରଥଯାତ୍ରା ମଧ୍ୟରେ କେତେକ ଫରକ୍ ଦେଖିବାକୁ ମିଳୁଛି।

ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ସୋମବଂଶୀ ରାଜା ଯଯାତି କେଶରୀଙ୍କ ସମୟରେ ରଥଯାତ୍ରାର ରୂପରେଖ ସ୍ୱତନ୍ତ୍ର ଥିଲା। ସେ ସମୟରେ ଶ୍ରୀମନ୍ଦିରର ଉଚ୍ଚତା ଥିଲା ୪୮ ହାତ। ଠାକୁର ଥିଲେ ୨ ହାତ ୧୦ ଙ୍ଗୁଳିର। ରଥଗୁଡ଼ିକର ଉଚ୍ଚତା ୧୮ ହାତ ଥିଲା। ସେତେବେଳେ ଠାକୁରଙ୍କ ପାଇଁ ୬ଟି ରଥ ନିର୍ମାଣ ହେଉଥିଲା। ଶ୍ରୀମନ୍ଦିରଠାରୁ ବଳଗଣ୍ଡି ପର୍ଯ୍ୟନ୍ତ ତିନିରଥ ଯାଉଥିଲା। ମଝିରେ ପ୍ରବାହିତ ହେଉଥିଲା ମାଳିନୀ ନଦୀ। ଏହି ନଦୀର ଅପର ପାର୍ଶ୍ୱରେ ଇନ୍ଦ୍ରଦ୍ୟୁମ୍ନ ପାଟଣାରେ ତିନିରଥ ନିର୍ମାଣ କରାଯାଉଥିଲା। ଏହି ରଥଗୁଡ଼ିକ ଚାରିଚକିଆ ଶଗଡ଼ି ସଦୃଶ ଥିଲା। ଏହି ରଥଗୁଡ଼ିକ ମାଳିନୀ ବା ବଡ଼ନଦୀର ଉତ୍ତର ଭୂମିରେ ଆଡପମଣ୍ଡପ ବା ଗୁଣ୍ଡିଚା ଘରକୁ ଯାଉଥିଲା। ସିଂହଦ୍ୱାରଠାରୁ ବଳଗଣ୍ଡି ପର୍ଯ୍ୟନ୍ତ ଯାଉଥିବା ତିନିରଥ ମଧ୍ୟରୁ ଶ୍ରୀଜଗନ୍ନାଥଙ୍କ ରଥ ୧୬ ଚକିଆ, ଶ୍ରୀବଳଭଦ୍ରଙ୍କ ରଥ ୧୪ଚକିଆ ଏବଂ ଦେବୀ ସୁଭଦ୍ରାଙ୍କର ରଥ ଥିଲା ୧୨ ଚକିଆ। ରଥ ଉପରେ ସୁନାର ତିନିବେଷ୍ଟିଆ ଧ୍ୱଜ କଳସ ଲାଗୁଥିଲା। କନକମୁଣ୍ଡିରେ ରତ୍ନଚାନ୍ଦୁଆ ଟଣା ହେଉଥିଲା। ସେତେବେଳେ ଅନ୍ୟ ଗୋଟିଏ ଛୋଟ ରଥରେ ବଜନ୍ତରୀ, ରଥ ଘଣ୍ଟୁଆ ଓ ବାଦ୍ୟକାରମାନେ ଆଗେ ଆଗେ ଯାଉଥିଲେ। ଏହି ରଥକୁ ଘୋଡାମାନେ ଟାଣୁଥିଲେ। ପଛରେ ଥିବା ତିନିରଥକୁ ଭକ୍ତମାନେ ଟାଣୁଥିଲେ। ରଥରେ ଚାଉଳ, ନଡ଼ିଆଖଣ୍ଡ ପଡ଼ି ଭୋଗ ଲାଗୁଥିଲା। ସେହି ଭୋଗକୁ ଭକ୍ତଜନଙ୍କୁ ବଣ୍ଟାଯାଉଥିଲା। ରଥ ଚକଡ଼ାରେ ଏଥିପାଇଁ ଗୋଟିଏ ପଦ ରହିଛି, ଯାଉ ରଥ ଯାଉ ବଳଗଣ୍ଡିଠି ଥାଉ, ଉଆ ଚାଉଳ ଖଣ୍ଡ ନଡ଼ିଆ ଟାଉ ଟାଉ କରି ଖାଉ... ।

### ରଥ: ସେବେର ଓ ଏବେର

ବଳଗଣ୍ଡିଠାରେ ତିନିରଥ ପହଞ୍ଚିବା ପରେ ଠାକୁରମାନଙ୍କୁ ଦୋଳଚାପରେ ନଦୀ ପାର୍ କରାଯାଉଥିଲା। ଦାରୁବିଗ୍ରହମାନେ ନଦୀ ପାର୍ ହୋଇ ଚାରିଚକିଆ ଶଗଡ଼ି ରଥରେ ବସି ଗୁଣ୍ଡିଚା ମନ୍ଦିରକୁ ଯାଉଥିଲେ। ନବଦିନାତ୍ମକ ଯାତ୍ରା ସମାପ୍ତ କରି ଠାକୁରମାନେ ବାହୁଡ଼ି ଆସୁଥିଲେ। ରଥ ଚକଡ଼ାରେ ଉଲ୍ଲେଖ ରହିଛି ପାଟଣା ରଥ ଚାରିଚକିଆ, କିଆ ପଟୁଳାରେ ହୋଇଛି ଠିଆ... । ଦ୍ୱିତୀୟ ନରସିଂହ ଦେବ ଖ୍ରୀଷ୍ଟୀୟ ୧୨୭୮ରୁ ୧୩୦୭ଙ୍କ ସମୟରେ ମାଳିନୀ ନଦୀକୁ ପୋତିଦେବା ଫଳରେ ଠାକୁରମାନଙ୍କ ଲାଗି ତିଆରି କରାଯାଉଥିବା ୬ରଥ ପରିବର୍ତ୍ତେ ତିନିରଥ ନିର୍ମିତ ହେଲା। ସେବେଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ରଥଯାତ୍ରା ପାଇଁ ୩ଗୋଟି ରଥ ନିର୍ମାଣ ହୋଇଆସୁଛି। ରଥ ଉପରେ ସୁନାର ତିନିବେଷ୍ଟିଆ ଧ୍ୱଜ କଳସ ପରିବର୍ତ୍ତେ ପିତ୍ତଳର କଳସମାନ ଲାଗୁଛି। କନକମୁଣ୍ଡିରେ ରତ୍ନଚାନ୍ଦୁଆ ବଦଳରେ ସାଧାରଣ ଚାନ୍ଦୁଆ ବ୍ୟବହାର କରାଯାଉଛି। ବଜନ୍ତରୀ, ରଥଘଣ୍ଟୁଆ ଓ ବାଦ୍ୟକାରମାନେ ସେତେବେଳେ ସ୍ୱତନ୍ତ୍ର ରଥରେ ଯାଉଥିବାବେଳେ ବର୍ତ୍ତମାନ ଘଣ୍ଟୁଆମାନେ ତିନିରଥରେ ହିଁ ଯାଉଛନ୍ତି। ସେମାନଙ୍କ ପାଇଁ ସ୍ୱତନ୍ତ୍ର ରଥ ନିର୍ମିତ ହେଉନାହିଁ ବୋଲି ଡ. ଦାଶ ପ୍ରକାଶ କରିଛନ୍ତି।



# ବାଟୋଇଙ୍କ ପାଇଁ ମାନସିଂହଙ୍କ ମାହାଲ ଖଞ୍ଜା

### ଐତିହ୍ୟ ପୃଷ୍ଠାରୁ...

ମହାପ୍ରଭୁଙ୍କ ଉପାସନା ପରମ୍ପରା କେବଳ ଏକ ଉଦାରବାଦୀ ପରମ୍ପରା ନୁହଁ, ମଣିଷ ପଣିଆର ମୂଲ୍ୟବୋଧ ପରମ୍ପରା ମଧ୍ୟ। ଏହାର ରହସ୍ୟ ଭେଦିବା ବାଁ ହାତର ଖେଳ ନୁହେଁ, କିନ୍ତୁ ଭେଦି ହେବନି, ସେ କଥା ବି ନୁହେଁ । ଯିଏ ଭେଦିଛି ସେ ପରମ୍ପରା ନିକଟକୁ ଆଉଜି ଆସିଛି। ରାଜା ମାନସିଂହ ଧାମକୁ ଆସିବା ବେଳର କଥା। ଗାଡ଼ିମୋଟର ନ ଥିଲା। ଫିନିଫିନିଆ ଚଲାରାସ୍ତା ବି ସାତସପନ। ରାସ୍ତାରେ ବହୁ କଥା ଦେଖିଲେ, ମାତ୍ର କେତୋଟି ବୁକୁଥରା ଦୃଶ୍ୟ ତାଙ୍କୁ ଚହଲାଇ ଦେଲା। ଦେଖିଲେ ପେଡ଼ିପୁଟୁଳା ଧରି ତୀର୍ଥକୁ ଆସୁଥିବା ଲୋକେ ବଡ଼ ଦୟନୀୟ ହୋଇ ଠାକୁ ଠା ଥକ୍କା ମାରୁଛନ୍ତି। ନାରଖାର ହୋଇ କେତେଜଣ ଏଠିସେଠି ପଡିଛନ୍ତି। ପାଣି ନାହିଁ, ଖାଇବା ଦରବ ନାହିଁ। ବହୁ ପଥ ପାରି ହେବାକୁ ବହୁଦିନ ଲାଗିବା ବଡ଼କଥା ନୁହଁ। ବଡ଼କଥା ହେଉଛି ରାସ୍ତାରେ ଦୋକାନ ବଜାର ଓ ଖାଇବା ଚିଜ ମିଳିବା। ଆଜିକାଲି ପରି ଦୋକାନ ବଜାର ବାଟରେ ନ ଥିଲା। ନ ଖାଇ ନ ପିଇ କେହି ରୋଗିଣା ହେଲେଣି ତ କେହି ଚାଲିପାରୁ ନାହାନ୍ତି। ବସିଲା ଠୁ ଯିଏ ଉଠିପାରୁନି, ସିଏ ଚାଲିବ ବା କଣ! ସାଙ୍ଗରେ ଥିବା ରାଜକର୍ମଚାରୀଙ୍କୁ ପଠାଇ ବୁଝିଲେ। ସେମାନେ ବୁଝିଆସି କହିଲେ- ମହାରାଜ! ଏମାନେ ଦିନ ଦିନ ଧରି ଖାଇନାହାନ୍ତି। ଆବୁଡ଼ା ଝଟକା କୂଅ ପୋଖରୀ ମିଳିଲେ ପାଣି ମୁନ୍ଦେ ମୁନ୍ଦେ ପିଇ ମହାପ୍ରଭୁଙ୍କ ଭଜନ ନିଜ ଭାଷାରେ ଗାଇ ଗାଇ ଚାଲିଛନ୍ତି। କେତେଜଣଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି, ମାତ୍ର କିଛି ଫଳ ନ ହେବାରୁ ଛାଡ଼ି ଚାଲିଯାଉଛନ୍ତି। ସେ ଯେଉଁ କେତେଜଣ ପଡ଼ିଥିବା ଆପଣ ଦେଖିଲେ, ସେମାନେ ମରିଯାଇଛନ୍ତି... । ମହାରାଜା ଦୀର୍ଘ ନିଃଶ୍ୱାସଟିଏ ପକାଇଲେ। ତୀର୍ଥରେ ପହଞ୍ଚିଲେ। ଗୁରୁମଠରେ ଡେରା ପକାଇଲେ। ଗୁରୁ ମଠଟି ହେଉଛି ଉତ୍ତର ପାରଶ (ପାର୍ଶ୍ୱ) ମଠ। ପରଦିନ ମହାପୁରୁଙ୍କ ଦର୍ଶନ ସାରି ଡେରାରେ ପହଞ୍ଚି ମହନ୍ତ ମହାରାଜାଙ୍କ ସହ କଥା ହେଲେ। ମନ କଥା ପ୍ରକାଶ କଲେ। ସ୍ଥାୟୀ ଭୂସମ୍ପତ୍ତି ଖଞ୍ଜା ଦେଲେ ମଠ ପକ୍ଷରୁ ତୀର୍ଥଯାତ୍ରୀଙ୍କ ଖାଇବା, ପିଇବା ବ୍ୟବସ୍ଥା ହୋଇପାରିବ ବୋଲି ମାହାର୍ଜେ ଭରସା ଦେଲେ।

ନିଜ ଇଲାକା ନୁହଁ। ନିଜ ଜମିଦାରି ବି ନୁହଁ। ଭୂ ସମ୍ପତ୍ତି ସ୍ଥାୟୀ ଭାବରେ ଖଞ୍ଜା ନ ଦେଲେ ବାବାଜୀ ପଞ୍ଝା ଖାଇବେ କଣ, ଖୁଆଇବେ ବା କେମିତି ! ବହୁ ବିଚାର ପରେ ମାହାଲ ବଦଳ ପରମ୍ପରା ଆପଣାଇ ନେଲେ । ନୀଳଗିରି ରାଜା ଶେଷରେ ରାଜି ହେଲେ। ସେଇଠି ଗୋଟିଏ ବିରାଟ ମାହାଲ ଉତ୍ତର ପାର୍ଶ୍ୱ ମାହାର୍ଜାଙ୍କ ମାର୍ଫତରେ ଖଞ୍ଜା ଦେଲେ। ମାହାର୍ଜ ବି ପଛକୁ ହଟିବା ଲୋକ ନୁହଁନ୍ତି। ଜଗନ୍ନାଥ ସଡ଼କରେ ଠାଆକୁ ଠା ରାମାନୁଜୀ ବାବାଜୀ ରହିଲେ। ମରଣାନ୍ତକ ଦୁଃଖରୁ ଲେଉଟାଇ ଆଣିଲେ ତୀର୍ଥଯାତ୍ରୀଙ୍କୁ ।

**-ଡ. ସୁରେନ୍ଦ୍ର କୁମାର ମିଶ୍ର**



ଉତ୍ତର ପାର୍ଶ୍ୱ ମଠ



ଉତ୍ତର ପାର୍ଶ୍ୱ ମଠ ପକ୍ଷରୁ ସାଧୁସନ୍ଥଙ୍କୁ ଖାଦ୍ୟ ପରଷା ଯାଉଛି।



ଦେବଦଳନ ରଥର କଳସ ପେଣ୍ଡି ନିର୍ମାଣ କରାଯାଉଛି।

# ଆସୁଛି ରଥଯାତ୍ରା, ଭାଙ୍ଗିଛି ମଠବାଡ଼ି
# ହୀନସ୍ତା ହେବେ ସାଧୁସନ୍ଥ, ଶ୍ରଦ୍ଧାଳୁ

**ପୁରୀ ଅଫିସ, ୨୭।୬**

ଜୁଲାଇ ୪ରେ ରଥଯାତ୍ରା। ଏଥିପାଇଁ ପୁରୀରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମେତ ବହୁ ସାଧୁସନ୍ଥ ଆସିବେ। ହେଲେ ଚଳିତବର୍ଷ ଏମାନେ ଆଶ୍ରୟ ନେବାକୁ ହୀନସ୍ତା ହେବା ଜଳ ଜଳ ଦିଶୁଛି। ବାତ୍ୟାରେ ଭାଙ୍ଗିଯାଇଥିବା ପୁରୀର ମଠବାଡ଼ି ଏ ପର୍ଯ୍ୟନ୍ତ ମରାମତି ହୋଇପାରିନାହିଁ। ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳୁ ନ ଥିବାବେଳେ ସମ୍ବଳ ଅଭାବରୁ ନିଜସ୍ୱ ଉଦ୍ୟମରେ ମଠଗୁଡ଼ିକୁ ସଜାଡ଼ି ପାରୁନାହାନ୍ତି ମଠାଧୀଶ। ତେଣୁ ରଥଯାତ୍ରାକୁ ଦୃଷ୍ଟିରେ ରଖି ନିଖିଳ ଉତ୍କଳ ମଠ, ମନ୍ଦିରାଧୀଶ ସେବା ସଂଘ ପକ୍ଷରୁ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କୁ ସ୍ମାରକପତ୍ର ଦିଆଯିବା ସହ ଆଇନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ପ୍ରତିବର୍ଷ ରଥଯାତ୍ରାରେ ଶ୍ରୀକ୍ଷେତ୍ର ଆସିଥାନ୍ତି ଦେଶବିଦେଶର ଶ୍ରଦ୍ଧାଳୁ। ଭାରତର ବିଭିନ୍ନ ରାଜ୍ୟର ସାଧୁସନ୍ଥ ମଧ୍ୟ ଏହି ମାଟିରେ ପାଦ ପକାଇଥାନ୍ତି। ରଥଯାତ୍ରା ଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଏଠାରେ ଶ୍ରଦ୍ଧାଳୁ, ସାଧୁସନ୍ଥଙ୍କ ଗହଳି ଲାଗେ। ଆଧ୍ୟାତ୍ମିକ ପରିବେଶରେ ଉଚ୍ଛୁଳିପଡ଼େ ବଡ଼ଦାଣ୍ଡ। ସମସ୍ତଙ୍କୁ ଆତିଥେୟତାର ଡୋରିରେ ବାନ୍ଧିଥାଏ ପୁରୁଷୋତ୍ତମ କ୍ଷେତ୍ର। ଏହି ସମୟରେ ଅନେକ ଶ୍ରଦ୍ଧାଳୁ ମଠବାଡ଼ି, ଧର୍ମଶାଳା ପ୍ରଭୃତିରେ ରହିଥାନ୍ତି।

### ବାତ୍ୟାର ଦେଢମାସ ପରେ ବି ସରକାରଙ୍କ ଦୃଷ୍ଟି ପଡ଼ିଲାନି

ଅନେକ ଲୋକ ନିଜ ଗୁରୁମଠରେ ଅବସ୍ଥାନ କରିଥାନ୍ତି। ସାଧୁସନ୍ଥ ଆସିଲେ ବିଭିନ୍ନ ମଠରେ ଆଶ୍ରୟ ନେଇଥାନ୍ତି। ମଠରେ ସେମାନଙ୍କ ରହିବା, ଖାଇବା ବ୍ୟବସ୍ଥା କରାଯାଏ। କେତେକ ମଠର ମଠାଧୀଶ ମଧ୍ୟ ଶ୍ରଦ୍ଧାଳୁଙ୍କ ଖାଦ୍ୟପେୟ କଥା ବୁଝିଥାନ୍ତି। ଘରକୁ ଫେରିବାବେଳେ ଯିଏ ଯାହା ସ୍ୱଇଚ୍ଛାରେ ମଠକୁ ଦାନ କରିଥାନ୍ତି। ମଧ୍ୟବିତ୍ତ ଓ ଆର୍ଥିକ ଦୃଷ୍ଟିକୋଣରୁ ଅସ୍ୱଚ୍ଛଳ ଲୋକଙ୍କ ପାଇଁ ମଠବାଡ଼ି ବେଶ୍ ସହାୟକ ହୋଇଥାଏ। ହେଲେ ଏବେ ମଠଗୁଡ଼ିକ ଦେବାଳିଆ ହୋଇଯାଇଛନ୍ତି। ବାତ୍ୟା ଫନୀରେ ଅନେକ ମଠ ଭାଙ୍ଗିରୁଜି ଯାଇଛି। ଫଳରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇବା ନେଇ ଚିନ୍ତା ବଢ଼ିଛି। ନେବଳ ଦାସ ମଠ ମହନ୍ତ ଡ. ରାମଚରଣ ଦାସଙ୍କ ସୂଚନା ମୁତାବକ, ବାତ୍ୟାରେ ଶ୍ରୀକ୍ଷେତ୍ରର ପ୍ରାୟ ୪୦ରୁ ଅଧିକ ମଠ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ଅଧିକାଂଶ ମଠର ଏକାଧିକ ଘର ଭାଙ୍ଗିଯାଇଛି। ପୂର୍ବରୁ ରଥଯାତ୍ରା ସମୟରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ମଠ, ମନ୍ଦିର, ଧର୍ମଶାଳାରେ ରହିବାକୁ ପସନ୍ଦ କରିଥାନ୍ତି। କାରଣ ହୋଟଲରେ ରହିବା ପାଇଁ ସେମାନଙ୍କର ସମ୍ବଳ ନ ଥାଏ। ତେଣୁ ମଠରେ ରହି ଘୋଷଯାତ୍ରାଠୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ସବୁ ଦର୍ଶନ କରିଥାନ୍ତି। ସେହିପରି ଦ୍ୱାରକା, ହରିଦ୍ୱାର, ବୃନ୍ଦାବନ ପ୍ରଭୃତି ସ୍ଥାନରୁ ସାଧୁସନ୍ଥମାନେ ରଥଯାତ୍ରା ଦେଖିବାକୁ ପୁରୀ ଆସିଥାନ୍ତି। ସେମାନେ ବାହାରେ କେଉଁଠି ଖାଆନ୍ତି ନାହିଁ। ତେଣୁ ବିଭିନ୍ନ ମଠରେ ରହିଥାନ୍ତି। ମଠ ମହନ୍ତମାନେ ସେମାନଙ୍କ ରହିବା, ଖାଇବା ଇତ୍ୟାଦି ବୁଝିଥାନ୍ତି। ହେଲେ ଚଳିତବର୍ଷ ମଠଗୁଡ଼ିକ ଭାଙ୍ଗିରୁଜି ଯାଇଥିବାରୁ ସମସ୍ୟା ଉପୁଜିଛି।

ଇତିମଧ୍ୟରେ ବାତ୍ୟାର ଦେଢମାସ ବିତିଗଲାଣି। ମାତ୍ର ଏପର୍ଯ୍ୟନ୍ତ ମଠଗୁଡ଼ିକର ପୁନରୁଦ୍ଧାର ପାଇଁ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଗତ ୨୪ତାରିଖରେ ନିଖିଳ ଉତ୍କଳ ମଠ, ମନ୍ଦିରାଧୀଶ ସେବା ସଂଘ ପକ୍ଷରୁ ଆଇନମନ୍ତ୍ରୀ ଏବଂ ସଚିବଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ସଂଘ କାର୍ଯ୍ୟକାରୀ ସଭାପତି ମହନ୍ତ ଡ. ରାମଚରଣ ଦାସ ମହାରାଜ, ସମ୍ପାଦକ ମହନ୍ତ ବିଜୟ ରାମାନୁଜ ଦାସ, ଉପସଭାପତି ମହନ୍ତ ନାରାୟଣ ରାମାନୁଜ ଦାସ, କୋଷାଧ୍ୟକ୍ଷ ମହନ୍ତ ରାମକୃଷ୍ଣ ଦାସ ମହାରାଜ ପ୍ରମୁଖ ଏହି ସ୍ମାରକପତ୍ର ଦେଇଥିଲେ। ପୂର୍ବରୁ ଜିଲାପାଳଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରାଯାଇଥିଲା। ହେଲେ ଅଦ୍ୟାବଧି ପ୍ରଶାସନିକ ତଦନ୍ତ ହୋଇନାହିଁ କି ସହାୟତା ମିଳିନାହିଁ। ତେଣୁ ରଥଯାତ୍ରାରେ ମଠାଧୀଶମାନେ ସାଧୁସନ୍ଥ, ଭକ୍ତଙ୍କୁ କିପରି ଆତିଥେୟତା ଦେବେ ଓ ମହାପ୍ରଭୁଙ୍କ ସେବା ସହ ଜଡ଼ିତ ମଠଗୁଡ଼ିକ କିପରି ସେବା ଯୋଗାଇବେ ତାହା ଚିନ୍ତାର କାରଣ ହୋଇଛି।

### ଅଣସର ଦର୍ଶନ ୧୦ମ ଦିନରେ

**ବ୍ରହ୍ମଗିରି, ୨୭।୬(ଡି.ଏନ୍.ଏ.):** ଅଲାରନାଥଙ୍କ ପୀଠରେ ଚାଲିଥିବା ଅଣସର ଦର୍ଶନ ଗୁରୁବାର ଦଶମ ଦିନରେ ପହଞ୍ଚିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁମାନେ ଧାଡିରେ ଯାଇ ସ୍ୱାଭାବିକ ଭାବେ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି। ଏହି ଦର୍ଶନ ପରେ ଅଲାରନାଥଙ୍କ ଖିରୀ ପ୍ରସାଦ ପାଇ ଭକ୍ତମାନେ ଆନନ୍ଦ ଲାଭ କରିଥିଲେ। ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ୪ଟା ୧୫ରେ ମଙ୍ଗଳ ଆଳତୀ, ୪ଟା ୩୦ରେ ଅବକାଶ, ୫ଟାରେ ମହାପ୍ରଭୁଙ୍କ ଅଣସର ବେଶ ଓ ଚନ୍ଦନ ତୁଳସୀ ଲାଗି, ୫ଟା ୩୦ରେ ବଲ୍ଲଭ ଧୂପ ଓ ସକାଳ ୬ଟାରେ ସର୍ବସାଧାରଣ ଦର୍ଶନ ହୋଇଥିଲା। ସକାଳ ଧୂପ, ଦ୍ୱିପ୍ରହର ଧୂପରେ କେବଳ ଖିରି ପ୍ରସାଦ ଭୋଗ ହୋଇ ଦିନ ୨ଟା ୩୦ରେ ପହୁଡ ପଡିଥିଲା। ପୁନଃ ୨ଟା ୪୫ରେ ଚିଆଁ ପହୁଡ ନୀତି ହୋଇ ସର୍ବସାଧାରଣ ଦର୍ଶନ ହୋଇଥିଲା। ୭ଟା ୧୦ରେ ସନ୍ଧ୍ୟା ଆଳତୀ, ରାତି ୮ଟାରେ ମଇଲମ, ୮ଟା ୩୦ରେ ସର୍ବସାଧାରଣ ଦର୍ଶନ, ରାତି ୧୦ଟା ୨୦ରେ ସଧା ଧୂପ ଏବଂ ଅନ୍ୟାନ୍ୟ ନୀତି ବଢି ରାତି ୧୦ଟା ୫୦ରେ ବଡସିଂହାର ବେଶ ହେବା ପରେ ୧୨ଟାରେ ପହୁଡ ହୋଇଥିଲା।



ଶ୍ରୀ ଚୈତନ୍ୟଙ୍କ ସାଷ୍ଟାଙ୍ଗ ପ୍ରଣିପାତ ପରେ ତରଳି ଯାଇଥିବା ଶିଳା।



ଶ୍ରୀ ଚୈତନ୍ୟଙ୍କ ପ୍ରତିମୂର୍ତ୍ତି।

# ଅଲାରପୀଠ: ଭକ୍ତର ଭାବରେ ତରଳିଛି ପଥର

**ବ୍ରହ୍ମଗିରି, ୨୭।୬(ଡି.ଏନ୍.ଏ.)**

ଯୁଗେ ଯୁଗେ ଭକ୍ତର ଭାବରେ ବନ୍ଧା ପଡ଼ିଛନ୍ତି ଭଗବାନ। ଭକ୍ତିର ଶକ୍ତି ଏତେ ଅଧିକ ଯେ, ଏହାର ପ୍ରଭାବରେ ପଥର ବି ତରଳି ଯାଇଥାଏ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳେ ବ୍ରହ୍ମଗିରି ଅଲାରନାଥ ପୀଠରେ। ଏହି ପୀଠରେ ପୂଜା ପାଉଛନ୍ତି ବିଷ୍ଣୁଙ୍କ ଚତୁର୍ଦ୍ଧାମୂର୍ତ୍ତି। ଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନେ ଦେବସ୍ନାନ ପୂର୍ଣ୍ଣିମୀ ପରେ ଜ୍ୱରରେ ପଡିବା ପରେ ଅଲାରନାଥ ପୀଠରେ ଚାଲେ ଅନବସର ଦର୍ଶନ। ଏହି ଦର୍ଶନ ପାଇଁ ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଏହି ପୀଠକୁ ଛୁଟିଆସିଥାନ୍ତି। କିମ୍ବଦନ୍ତୀ କୁହେ ଶ୍ରୀଚୈତନ୍ୟଙ୍କ ଆଗମନ ପରେ ଏହି ପୀଠ ବିଷ୍ଣୁ ପ୍ରେମୀଙ୍କ ବେଶ ଆଦୃତ ହୋଇପାରିଥିଲା। ୧୫ଶ ଶତାବ୍ଦୀରେ ଶ୍ରୀଚୈତନ୍ୟଙ୍କ ପୁରୀ ଆଗମନ ହୋଇଥିଲା ଜୀଉମାନଙ୍କ ଦର୍ଶନ ନିମନ୍ତେ। ଠିକ୍ ସେହି ସମୟରେ ଦେବସ୍ନାନ ପୂର୍ଣ୍ଣିମୀ ପରେ ଠାକୁରମାନେ ଅଣସର ପିଣ୍ଡିରେ ଗୁପ୍ତ ସେବା ପାଉଥାନ୍ତି। ଯାହା ଫଳରେ ଶ୍ରୀଚୈତନ୍ୟ ଠାକୁର ମାନଙ୍କୁ ଦର୍ଶନ କରି ନ ଥିଲେ। ଶେଷରେ ନିଜକୁ ଧିକ୍କାର କରି ସମୁଦ୍ରରେ ପ୍ରାଣ ବିସର୍ଜନ ପାଇଁ ଯାଇଥିଲେ। କିନ୍ତୁ ଭଗବାନଙ୍କ ଲୀଳା ଭିନ୍ନ। ସେଠାରେ ତାଙ୍କୁ ବ୍ରହ୍ମଗିରି ଅଲାରନାଥ ପୀଠକୁ ଯାଇ ବିଷ୍ଣୁ ରୂପରେ ଦର୍ଶନ ଶୂନ୍ୟ ବାଣୀ ହୋଇଥିଲା। ପରେ ଶ୍ରୀଚୈତନ୍ୟ ସମୁଦ୍ର କୂଳେ କୂଳେ ଦୀର୍ଘ ପଥ ଅତିକ୍ରାନ୍ତ କରି ବ୍ରହ୍ମଗିରି ଅଲାରନାଥ ପୀଠରେ ପହଞ୍ଚିଥିଲେ। ମହାପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ତାଙ୍କ ଦେହରୁ ବାହାରୁଥିବା ଉତ୍ତାପରେ ସାଷ୍ଟାଙ୍ଗ ପ୍ରଣିପାତ କରିଥିବା ପଥର ଖଣ୍ଡ ତରଳି ଯାଇ ଶ୍ରୀଚୈତନ୍ୟଙ୍କ ରୂପ ସମ ହୋଇଯାଇଥିଲା। ଏବେବି ଏହି ପଥର ମନ୍ଦିର ପରିସରରେ ଚୈତନ ପଥର ନାମରେ ନାମିତ ହୋଇ ପୂଜା ପାଉଛି। ଯାହା ଗୌଡୀୟ ସମ୍ପ୍ରଦାୟ ଭକ୍ତଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। ଅଣସର ସମୟରେ ଗୌଡୀୟ ଭକ୍ତମାନେ ଏହି ପୀଠକୁ ଆସି ନାମ ସଂକୀର୍ତ୍ତନ ଆଦି କରିଥାନ୍ତି।

## ଉଠିଲା ତୃତୀୟ ଭୂଇଁ ଚାରିକାଠ

**ରଥଖଳାରୁ....**

ପୁରୀ ଅଫିସ,୨୭।୬

ରଥଯାତ୍ରା ପାଇଁ ଶ୍ରୀନଅର ସମ୍ମୁଖ ରଥଖଳାରେ ଦ୍ରୁତିଗତିରେ କାମ ଚାଲିଛି। ତିନି ରଥରେ ପ୍ରଥମ ଭୂଇଁରେ ଚଉଦା ନାହାକା ବୁଲିସାରିବା ପରେ ପ୍ରଥମ ଭୂଇଁ ଟୁଙ୍ଗୁରା ସରିଛି। ଏଥିସହ ପ୍ରଥମ ଭୂଇଁଖମ୍ବି ଉଠିସାରିବା ପରେ ଦ୍ୱିତୀୟ ଭୂଇଁ ଛ' କାଠ ଉଠିସାରିଛି। ଗୁରୁବାର ଦ୍ୱିତୀୟ ଭୂଇଁ କାମ ଶେଷ ହେବା ପରେ ତୃତୀୟ ଭୂଇଁ ଚାରିକାଠ ଏବଂ ବଡ଼ଥାଳି ପୋଟଳ ଉଠିଛି। ଏହାପରେ ତିନିରଥରେ ଭୋଇ ସେବକମାନେ ପଞ୍ଚମ ହରିବୋଲ ପକାଇଥିଲେ। ଅନ୍ୟପଟେ ରଥରେ ଅଁଳା ହଣା ଚାଲିଛି। ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର କହିଛନ୍ତି, ପ୍ରତ୍ୟେକ ରଥରେ ୪ଟି ଲେଖାଏ ଅଁଳା ଲାଗିବ। ଦୁଆରବେଢାରେ ଏହି ଅଁଳା ଲାଗିଥାଏ। ଦର୍ପଦଳନ ରଥର ରୂପକାର ସେବକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ନାଟଗୋଡ଼, ସିଂହାସନ ଓ ଚାର ପରଶା କାମ ଚାଲିଛି। ଅନ୍ୟପଟେ ଦୋଳବେଦି କମାରଶାଳରେ ଜଂଘାକଣ୍ଟା ତିଆରି କରାଯାଉଛି। ତାଳଧ୍ୱଜ ରଥର କମାର ସେବକ ଅର୍ଜୁନ ମହାରଣା କହିଛନ୍ତି, ଗୋଟିଏ ରଥରେ ୪ଟି ଲେଖାଏ ଜଂଘାକଣ୍ଟା ଲାଗେ। ଏହା ରଥର ସବୁଠାରୁ ବଡ଼ କଣ୍ଟା (ପ୍ରାୟ ସାଢେ ୪ଫୁଟ ଲମ୍ୱ)। ରଥର ତେର ପରସ୍ତ ପୋଟଳରେ ଏହାକୁ ବାଡ଼ିଆ ଯାଇଥାଏ।


ରଥରେ ତୃତୀୟ ଭୂଇଁ ଚାରିକାଠ ଉଠିଛି।

## 'ମହାପ୍ରଭୁଙ୍କ ଡୋରି ଟାଣିଲା'

**ମୋ ଅନୁଭୂତି...**


ପୂର୍ଣ୍ଣଚନ୍ଦ୍ର ମହାପାତ୍ର।

ଦର୍ପଦଳନ ରଥର ରୂପକାର ପୂର୍ଣ୍ଣଚନ୍ଦ୍ର ମହାପାତ୍ର। ୫ବର୍ଷ ବୟସରେ ପ୍ରଥମେ ବାପା ଯୋଗୀଙ୍କ ସହ ରଥଖଳାରେ ପାଦ ଦେଇଥିଲେ। ବଡ଼ଭାଇ ମନମୋହନ ହେଉଛନ୍ତି ଦର୍ପଦଳନ ରଥର ମୁଖ୍ୟ ରୂପକାର। ତାଙ୍କ ପରିବାରର ୫ଜଣ ଏହି କାମରେ ନିୟୋଜିତ ରହିଛନ୍ତି। ୧୯୭୭, ୧୯୯୬ ଓ ୨୦୧୫ ନବକଳେବରରେ କାର୍ଯ୍ୟ କରିଥିବା ପୂର୍ଣ୍ଣଚନ୍ଦ୍ର କହିଛନ୍ତି, ପିଲାବେଳୁ ରଥଖଳାରେ କାମ କରିବା ଲାଗି ଉତ୍ସାହ ସୃଷ୍ଟି ହୋଇଥିଲା। ରଥଖଳାକୁ ଆସିଲେ ଖୁସି ଲାଗେ, ଆନନ୍ଦ ମିଳେ। ସମସ୍ତଙ୍କ ଗହଣରେ କାମ କରିବା ସୌଭାଗ୍ୟର ବିଷୟ। ପୂର୍ଣ୍ଣଚନ୍ଦ୍ର କହିଛନ୍ତି, ଭୁବନେଶ୍ୱରରେ ହସ୍ତଶିଳ୍ପ ପ୍ରଶିକ୍ଷଣ ନେବା ପରେ ବାଙ୍ଗାଲୋର ଚାଲିଯାଇଥିଲି। ସେଠାରେ କାମ କରୁଥିଲେ ମଧ୍ୟ ମନ ଶ୍ରୀକ୍ଷେତ୍ରରେ ରହିଥିଲା। ଦିନେ ରାତିରେ ଶୋଇଥିବାବେଳେ ମହାପ୍ରଭୁଙ୍କ ସ୍ୱପ୍ନ ଦେଖିଲି। ସତେ ଯେପରି ସେ ଶ୍ରୀକ୍ଷେତ୍ରକୁ ଚାଲିଆସିବାକୁ ହାତ ଠାରି ଡାକୁଛନ୍ତି। ମହାପ୍ରଭୁଙ୍କ ଡୋରି ଲାଗିଲା। ଏହା ତାଙ୍କ ଇଚ୍ଛା ଭାବି ଆଉ ବିଳମ୍ୱ ନ କରି ପୁରୀ ଚାଲିଆସିଲି। ସେବେଠୁ ଏହି ସେବାରେ ରହିଛି। ମହାପ୍ରଭୁଙ୍କ ଆଶୀର୍ବାଦ ଓ ବାପାଙ୍କ ପ୍ରେରଣାରୁ ଆଜିପର୍ଯ୍ୟନ୍ତ ସେବା କରିଚାଲିଛି। ରଥଖଳାରୁ ଭଲ ରୂପକାର ଗଢା ହୁଅନ୍ତି। ମହାପ୍ରଭୁଙ୍କ ନିକଟରେ ଶରଣାପନ୍ନ ହୋଇ ଭକ୍ତି ଓ ଶ୍ରଦ୍ଧାର ସହ କାମ କଲେ ସୁନାମ ଆପେ ଆପେ ଆସିବ। ଏହା ମୁଁ ଅନୁଭବ କରିଛି। ଏଠାରେ କାମ ଦେଖିବା ପରେ ବହୁ ଶ୍ରଦ୍ଧାଳୁ ପରବର୍ତ୍ତୀ ସମୟରେ ଆସି ମୋତେ କାମ ଲାଗି ଅର୍ଡର ଦେଇଯାନ୍ତି। ହସ୍ତଶିଳ୍ପ ପ୍ରତି ଯୁବପୀଢିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ଲାଗି ସେ ପ୍ରଶିକ୍ଷଣ ଶିବିର ଆୟୋଜନ କରିବା ସହ ପିଲାଙ୍କୁ କାଠ, ପଥରରେ ଖୋଦେଇ କାମ ଶିକ୍ଷା ଦିଅନ୍ତି।

### ■ ରଥଯାତ୍ରା ପାଇଁ ବ୍ୟବସ୍ଥାବଳୀ
## ୩ ରଥରେ ରହିବେ ୨୧୦ ସେବକ, କର୍ମଚାରୀ

- ■ ଗୋଟିଏ ଚକକୁ ଦୁଇ ଘଣ୍ଟୁଆ
- ■ ରଥବାଡ଼ରେ ବସିଲେ କାର୍ଯ୍ୟାନୁଷ୍ଠାନ

ପୁରୀ ଅଫିସ, ୨୭।୬

ଘୋଷଯାତ୍ରାର ଆଦ୍ୟପର୍ବ ସ୍ନାନଯାତ୍ରା ଶେଷ ହୋଇଛି। ମହାପ୍ରଭୁ ଏବେ ଅଣସରରେ। ଆଗକୁ ରଥଯାତ୍ରା। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏହି ମହାନ ପର୍ବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ପ୍ରସ୍ତୁତ କରିଛି ବ୍ୟବସ୍ଥାବଳୀ। ଏଥିରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ନିର୍ଦ୍ଦିଷ୍ଟ ନିୟମ କାନୁନ ଉଲ୍ଲେଖ ରହିଛି। ଯେପରି କି ତିନିରଥରେ ମୋଟ ୨୧୦ ଜଣ ସେବକ ଓ କର୍ତ୍ତବ୍ୟରତ କର୍ମଚାରୀ ରହିବେ, ଏହାଠୁ ଅଧିକ ରହିପାରିବେ ନାହିଁ। ସେହିପରି ଗୋଟିଏ ଚକକୁ ଦୁଇ ଘଣ୍ଟୁଆ ହିସାବରେ ଘଣ୍ଟୁଆ ସେବାୟତ ରଥ ଉପରେ ରହିପାରିବେ। ରଥବାଡ଼ରେ କେହି ବସିପାରିବେ ନାହିଁ। ଏହାକୁ ଯଦି କେହି ଉଲ୍ଲଂଘନ କରନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ୟବସ୍ଥାବଳୀରେ ଦର୍ଶାଯାଇଛି।

ପ୍ରତିବର୍ଷ ଶ୍ରୀମନ୍ଦିର ପ୍ରଶାସନ ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡ଼ାଯାତ୍ରା ପାଇଁ ବ୍ୟବସ୍ଥାବଳୀ କରୁଛି। ହେଲେ ଅନେକ ସମୟରେ ଏହାର ଉଲ୍ଲଂଘନ ହେଉଛି। ଚଳିତ ବର୍ଷ ସ୍ନାନଯାତ୍ରା ବ୍ୟବସ୍ଥାବଳୀକୁ ମାନି ନ ଥିବାରୁ ପ୍ରାଥମିକ ପର୍ଯ୍ୟାୟରେ ମନ୍ଦିର ପ୍ରଶାସନ ୨ଜଣ ସେବକଙ୍କୁ ସେବାରୁ ନିଲମ୍ବିତ କରିଛି। ଆଗକୁ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ତେବେ ରଥଯାତ୍ରା ପାଇଁ ପ୍ରସ୍ତୁତ ବ୍ୟବସ୍ଥାବଳୀରେ କେତେକ ନୀତିନିୟମ ରଖିଛି ମନ୍ଦିର ପ୍ରଶାସନ। ରଥ ଉପରେ ଚଳିତବର୍ଷ ମୋଟ ୨୧୦ଜଣ ସେବକ ଓ କର୍ତ୍ତବ୍ୟରତ କର୍ମଚାରୀ ରହିବେ ବୋଲି କୁହାଯାଇଛି। ଛେରାପହଁରା ପରେ ସମ୍ପୃକ୍ତ ସେବକ ଓ କର୍ତ୍ତବ୍ୟରତ କର୍ମଚାରୀ ମିଶି ଶ୍ରୀବଳଭଦ୍ରଙ୍କ ରଥରେ ୭୦ଜଣ, ଦେବୀ ସୁଭଦ୍ରାଙ୍କ ରଥରେ ୬୦ଜଣ ଏବଂ ଶ୍ରୀଜଗନ୍ନାଥଙ୍କ ରଥରେ ୮୦ଜଣ ରହିବେ। ଏହାଠାରୁ ଯେପରି ଅଧିକ ନ ରୁହନ୍ତି ସେଥିପ୍ରତି ଶ୍ରୀମନ୍ଦିର ଶୋଧ ଦଳ ଦୃଷ୍ଟି ଦେବେ। ସେହିପରି ଏଣିକି ମନଇଚ୍ଛା ରଥ ଉପରକୁ ଚଢିପାରିବେନି ଘଣ୍ଟୁଆ ସେବାୟତ। ଏଥିରେ କଟକଣା ଲଗାଇଛି ଶ୍ରୀମନ୍ଦିର ପ୍ରଶାସନ। ରଥଟଣାକୁ ସୁବ୍ୟବସ୍ଥିତ କରିବା ଲାଗି ଗୋଟିଏ ଚକକୁ ଦୁଇ ଘଣ୍ଟୁଆ ସେବାୟତ ରହିବେ ବୋଲି ନିଷ୍ପତ୍ତି ହୋଇଛି। ଅର୍ଥାତ୍ ଯେଉଁ ରଥରେ ଯେତୋଟି ଚକ ସେହି ରଥରେ ତା'ର ଡବଲ ସଂଖ୍ୟକ ଘଣ୍ଟୁଆ ସେବାୟତ ରହିବେ। ଛେରାପହଁରା ପୂର୍ବରୁ ଘଣ୍ଟୁଆମାନେ ରଥ ଉପରକୁ ଯିବେ ନାହିଁ। ଛେରାପହଁରା ସେବା ସମାପନ ହେବା ପରେ ଘଣ୍ଟୁଆମାନେ ରଥ ଉପରକୁ ଚଢିବେ। ପ୍ରତି ରଥରେ ପୁରୀ ଓ ଭଟିମୁଣ୍ଡା ଘଣ୍ଟୁଆ ସମ ସଂଖ୍ୟାରେ ରହିବେ। ତିନିରଥର ମୋଟ ଚକ ସଂଖ୍ୟା ୪୨ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨)। ତେଣୁ ନନ୍ଦିଘୋଷ ରଥରେ ୩୨, ତାଳଧ୍ୱଜ ରଥରେ ୨୮ ଏବଂ ଦର୍ପଦଳନ ରଥରେ ୨୪ ଏହିପରି ମୋଟ ୮୪ଜଣ ଘଣ୍ଟୁଆ ସେବାୟତ ରହିବେ। ଅଧିକ ସଂଖ୍ୟକ ଘଣ୍ଟୁଆଙ୍କୁ ରଥ ଉପରେ ଥିବା ଶ୍ରୀମନ୍ଦିର କର୍ମଚାରୀ, ଦଇତାପତି ସେବକ ଓ ବାଡ଼ଗ୍ରାହୀମାନେ ତଳକୁ ଓହ୍ଲାଇ ଦେବେ। ଘଣ୍ଟୁଆମାନେ ଠାକୁରଙ୍କୁ ଅବରୋଧ ନ କରି ରଥ ଉପରେ ଦୁଇକଡ଼ରେ ରହି ଘଣ୍ଟ ବଜାଇବେ। ଉଭୟ ଘଣ୍ଟୁଆ ଗୋଷ୍ଠୀ ସେମାନଙ୍କ ରଥୱାରି ତାଲିକା ଦେବେ ଏବଂ ପ୍ରଶାସନର ଚୟନ ପରେ ସେମାନଙ୍କୁ ପାସ୍ ଦିଆଯିବାର ବ୍ୟବସ୍ଥା କରାଯିବ।

### ଜିଲା ପ୍ରଶାସନର ରଥଯାତ୍ରା ପ୍ରସ୍ତୁତି
## ରହିବ ୩୦ ଆମ୍ବୁଲାନ୍ସ, ଖୋଲିବ ୩୧ ଫାଷ୍ଟଏଡ୍ ସେଣ୍ଟର

ପୁରୀ ଅଫିସ, ୨୭।୬

ଆସନ୍ତା ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ପୁରୀ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ରଥଯାତ୍ରାଠାରୁ ବାହୁଡ଼ାଯାତ୍ରା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ପୁରୀରେ ଯାତ୍ରୀ, ପର୍ଯ୍ୟଟକଙ୍କ ଗହଳି ଲାଗିବ। ଏଥିପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି, ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଆଦି ସମ୍ପର୍କରେ ଗୁରୁବାର ଜିଲାପାଳ ଏବଂ ଏସ୍‌ପି ସୂଚନା ଦେଇଛନ୍ତି। ସର୍କିଟ ହାଉସ୍‌ରେ ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ରାସ୍ତାଘାଟ, ପରିମଳ, ବିଦ୍ୟୁତୀକରଣ ଉପରେ ଗୁରୁତ୍ୱ ଦିଆଯାଇ କାମ କରାଯାଇଛି। ଡ୍ରେନ୍ ସଫେଇ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଆଉ କେତେକ ଜାଗାରେ କାମ ଚାଲିଛି। ୭,୪୫୦ ଷ୍ଟ୍ରିଟ୍ ଲାଇଟ୍ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫,୫୦୦ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇସାରିଲାଣି। ରଥଯାତ୍ରା ପୂର୍ବରୁ ସବୁ ଠିକ୍ କରିଦିଆଯିବ। ରଥଯାତ୍ରା ସମୟରେ ପ୍ରାୟ ୫୦୦ ଅସ୍ଥାୟୀ ଶୌଚାଳୟ ତିଆରି ହେବ। ୫୦୦ ପରିମଳ କର୍ମଚାରୀ ନିୟୋଜିତ ହେବେ। ୩୨ଟି ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ହେବ। ଶତାଧିକ ଏନ୍‌ଜିଓ ବିଭିନ୍ନ ପ୍ରକାର ସେବା ଯୋଗାଇଦେବେ। ରଥଯାତ୍ରା ଦିନ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ପ୍ରାୟ ୨ଲକ୍ଷ ଲୋକଙ୍କୁ ଖାଦ୍ୟ ଯୋଗାଇବେ। ୩୧ଫାଷ୍ଟଏଡ ସେଣ୍ଟର ଖୋଲାଯିବ। ୩୦ଟି ଆମ୍ବୁଲାନ୍ସ ମହଜୁଦ ରହିବ। ପର୍ଯ୍ୟାପ୍ତ ଡାକ୍ତର ସ୍ୱାସ୍ଥ୍ୟସେବା ପାଇଁ ପ୍ରସ୍ତୁତ ରହିବେ। ହାଲୋଜିନ ଟାବ୍‌ଲେଟ ଏବଂ ଓଆରଏସ୍ ପାଉଡର ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ ରଖାଯିବ। ୮ଜଣ ଫୁଡ୍ ଇନ୍ସପେକ୍ଟର ଖାଦ୍ୟ ପଦାର୍ଥ ଯାଞ୍ଚ କରିବେ। ଆସନ୍ତା ଜୁଲାଇ ୧ତାରିଖରୁ ଫୁଡ ଇନ୍ସପେକ୍ଟରମାନେ ଦାୟିତ୍ୱରେ ନିୟୋଜିତ ହେବେ। ବିଭିନ୍ନ ଜିଲାରୁ ୧୨୫ ଜଣ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିବେ ବୋଲି ଜିଲାପାଳ ସିଂ କହିଥିଲେ। ଏସ୍‌ପି ଉମାଶଙ୍କର ଦାଶ କହିଥିଲେ, ପୋଲିସ ବ୍ୟବସ୍ଥାକୁ ମନ୍ଦିର ଭିତର, କ୍ରାଉଡ ଏବଂ ଟ୍ରାଫିକ ଏହିଭଳି ୩ ଭାଗରେ ବିଭକ୍ତ କରାଯାଇଛି। ଏହିସବୁ ଦାୟିତ୍ୱ ଜଣେ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଦିଆଯାଇଛି। ରଥଯାତ୍ରାରେ ମୋଟ ୧୫୫ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଯଦି ସମସ୍ତଙ୍କୁ ମିଶାଯାଏ ତେବେ ପ୍ରାୟ ୧୦ ହଜାର ପୋଲିସ କର୍ମଚାରୀ ନିୟୋଜିତ ହେବେ।


ବୈଠକରେ ଜିଲାପାଳ, ଏସ୍.ପି. ଏବଂ ଅନ୍ୟ ଅଧିକାରୀ।

- ■ ତିଆରି ହେବ ୫୦୦ ଅସ୍ଥାୟୀ ଶୌଚାଳୟ
- ■ ଖାଦ୍ୟ ଯାଞ୍ଚ କରିବେ ୮ ଫୁଡ୍ ଇନ୍ସପେକ୍ଟର
- ■ ମୁତୟନ ହେବେ ୧୫୫ ପ୍ଲାଟୁନ ଫୋର୍ସ

ସେହିପରି ଟ୍ରାଫିକ ବ୍ୟବସ୍ଥାକୁ ଇନ୍‌ସାଇଡ-୧, ଇନ୍‌ସାଇଡ-୨ ଓ ଆଉଟ୍‌ସାଇଡ୍ ୩ ଆଦି ଭାଗରେ ବିଭକ୍ତ କରାଯାଇଛି। ଆନ୍ତଃରାଜ୍ୟ ବସ୍‌ଗୁଡ଼ିକ ମାଳତୀପାଟପୁର ବସ୍‌ଷ୍ଟାଣ୍ଡରେ ରହିବେ । ଦୈନିକ ପୁରୀକୁ ଚଳାଚଳ କରୁଥିବା ବସ୍‌ଗୁଡ଼ିକ ତାଳବଣିଆ ପର୍ଯ୍ୟନ୍ତ ଆସିବେ । ବାଇକ୍ ପାଇଁ ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଉଛି। ଆସନ୍ତା ୨୯, ୩୦ ଏବଂ ଜୁଲାଇ ୧ ତାରିଖ ତିନିଦିନ ଧରି ପୋଲିସ ପକ୍ଷରୁ ରିହର୍ସାଲ କରାଯିବ। କେହି ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାହା ଉପରେ ଗୁରୁତ୍ୱ ଦିଆଯିବ। ପ୍ରତି ଛକରେ ପୁରୀ ବିଷୟରେ ଧାରଣା ଥିବା ପୋଲିସ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯିବ। ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିଙ୍କୁ ସହଯୋଗ ପାଇଁ କୁହାଯିବ ବୋଲି ଏସ୍‌ପି ଦାଶ କହିଥିଲେ। ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂହ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବରମୁଣ୍ଡା ଫାୟାରଷ୍ଟେଶନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଅନ୍ୟ ଅଧିକାରୀଙ୍କ ସହ ନିଯୁକ୍ତିପତ୍ର ପାଇଥିବା ଯୁବକମାନେ।

## ଅଗ୍ନିଶମ ବିଭାଗର ୧୯ ଷ୍ଟେଶନ ଅଫିସରଙ୍କୁ ମିଳିଲା ନିଯୁକ୍ତିପତ୍ର

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

ଷ୍ଟାଫ୍ ସିଲେକ୍ସନ କମିଶନ ପକ୍ଷରୁ ଷ୍ଟେଶନ ଅଫିସର ଭାବେ ଚୟନ ହୋଇଥିବା ୧୯ ଜଣଙ୍କୁ ରାଜ୍ୟ ଅଗ୍ନିଶମ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ବରମୁଣ୍ଡା ଫାୟାରଷ୍ଟେଶନ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ନବନିଯୁକ୍ତମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ମିଶ୍ର କହିଲେ, ଓଡ଼ିଶା ଅଗ୍ନିଶମ ବିଭାଗ ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଅନ୍ୟ ରାଜ୍ୟରେ ହେଉଥିବା ପ୍ରାକୃତିକ ଦୁର୍ବିପାକରେ ଓଡ଼ିଶାର ଅଗ୍ନିଶମ କର୍ମଚାରୀମାନେ ଉତ୍ତମ ସେବା କରି ବେଶ୍ ପ୍ରଶଂସା ପାଇଛନ୍ତି। ରାଜ୍ୟରେ ମଧ୍ୟ ଗତ ଫନୀ ବାତ୍ୟାରେ ଲୋକଙ୍କୁ ଉଦ୍ଧାର କାର୍ଯ୍ୟଠାରୁ ରିଲିଫ୍ ଦେବା ପର୍ଯ୍ୟନ୍ତ ସବୁଠି ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇ ଲୋକଙ୍କୁ ସେବା ଯୋଗାଇଛନ୍ତି। ହୁଡ୍‌ହୁଡ୍ ବେଳେ ଆନ୍ଧ୍ରକୁ ଯାଇ ଉଦ୍ଧାର କର୍ଯ୍ୟ କରିଥିଲେ। ସେହିଭଳି ମେଘାଳୟରେ ମଧ୍ୟ କୋଇଲା ଖଣି ଭୁଶୁଡିବା ପରେ ସେଠାକୁ ଯାଇ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇ ସଫଳତା ହାସଲ କରିଥିଲେ। ଆଗକୁ ଏଭଳି କାର୍ଯ୍ୟଜାରି ରଖିବାକୁ ମନ୍ତ୍ରୀ ପରାମର୍ଶ ଦେବା ସହ ସବୁବେଳେ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ନବ ନିଯୁକ୍ତମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଅଗ୍ନିଶମ ଡିଜି ବି.କେ. ଶର୍ମା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନବନିଯୁକ୍ତ ଅଫିସରଙ୍କୁ ଉତ୍ସାହିତ କରିଥିଲେ।

## ଖଣି ବିଭାଗର ଅତିରିକ୍ତ ସଚିବଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର, ୨୭।୬(ବ୍ୟୁରୋ):** ଗୁରୁବାର ରାତି ପ୍ରାୟ ୯ଟାରେ ଖଣି ବିଭାଗର ଅତିରିକ୍ତ ସଚିବ ବଟକୃଷ୍ଣ ବେହେରାଙ୍କୁ ଆକ୍ରମଣ ହୋଇଛି। ସେ ନିଜ ଘର ସମ୍ମୁଖରେ କାର୍‌ରୁ ଓହ୍ଲାଉଥିବାବେଳେ ଦୁଇଜଣ ଯୁବକ ପହଞ୍ଚି ମରଣାନ୍ତକ ଆକ୍ରମଣ କରିଛନ୍ତି। ତାଙ୍କ ମୁହଁ ଫାଟିଯାଇଥିବାବେଳେ ଶରୀରରେ ଗୁରୁତର ଆଘାତ ଲାଗିଛି। ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବରପାଇ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଅତିରିକ୍ତ ସଚିବ ବେହେରା କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ବଟକୃଷ୍ଣ ଅଫିସ କାର୍ଯ୍ୟ ସାରି ତାଙ୍କ କାରରେ ୟୁନିଟ୍-୬ସ୍ଥିତ ସରକାରୀ ବାସଭବନକୁ ଫେରୁଥିଲେ। ପୂର୍ବରୁ ଦୁଇଜଣ ଯୁବକ ବାଇକ୍‌ରେ ଆସି ଘର ଆଗରେ ଛିଡ଼ା ହୋଇଥିଲେ। ବଟକୃଷ୍ଣ କାରରୁ ଓହ୍ଲାଇବା ପରେ ଉକ୍ତ ଯୁବକଦ୍ୱୟ ଲୁହା ରଡ଼ରେ ତାଙ୍କୁ ନିସ୍ତୁକ ପିଟିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଚିତ୍କାର କରିବାରୁ ଅଭିଯୁକ୍ତମାନେ ବାଇକ ଧରି ଫେରାର ହୋଇଯାଇଥିଲେ। ତେବେ କାହିଁକି ଯୁବକମାନେ ଅତିରିକ୍ତ ସଚିବଙ୍କୁ ଆକ୍ରମଣ କଲେ ତାହାକୁ ନେଇ ନାନା ଚର୍ଚ୍ଚା ହେଉଛି। ଖଣି କିମ୍ବା ଠିକା କାର୍ଯ୍ୟକୁ ନେଇ ଏପରି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ପୋଲିସ ସେଠାରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତକୁ ତ୍ୱରାନ୍ୱିତ କରିଛି। ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବା ପରେ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଥାନା ଅଧିକାରୀ ଚକ୍ରବର୍ତ୍ତୀ କହିଛନ୍ତି।

## ଡେମୋ ଦେଖାଇଲେ ଦୁଇ ବାଂଲାଦେଶୀ

**କାନନ ବିହାର ଡକାୟତି ଘଟଣା**

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

କାନନବିହାର ଡକାୟତି ଘଟଣାରେ ଦିଲ୍ଲୀ ପୋଲିସ ଗିରଫ କରିଥିବା ୩ ବାଂଲାଦେଶୀଙ୍କ ମଧ୍ୟରୁ ଚନ୍ଦ୍ରଶେଖରପୁର ପୋଲିସ ଦୁଇଜଣଙ୍କୁ ରିମାଣ୍ଡରେ ଆଣିଛି। କେବଳ କାନନ ବିହାର ନୁହେଁ, ପଟିଆ ଓ ମଞ୍ଚେଶ୍ୱର ଅଞ୍ଚଳରେ ଏକାଧିକ ଲୁଟ୍ କରିଥିବା ଦୁଇ ଅଭିଯୁକ୍ତ ଶାହିଦ ଓ ମଜରୁନ୍ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ତେବେ ପୋଲିସ ସେମାନଙ୍କୁ ଘଟଣାସ୍ଥଳକୁ ନେଇ ତଦନ୍ତ କରିଥିଲା। କିଭଳି ଲୁଟ୍ ଓ ଡକାୟତି କରୁଥିଲେ ଘଟଣାସ୍ଥଳରେ ତାହାର ଡେମୋ ଦେଖାଇଥିଲେ ଦୁଇ ଅଭିଯୁକ୍ତ। ଏହାସହ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ଡକାୟତି ହୋଇଥିବା ଘରର ସଦସ୍ୟମାନଙ୍କୁ ଥାନାକୁ ଡାକିଥିଲା ପୋଲିସ। ଦୁଇ ଅଭିଯୁକ୍ତଙ୍କୁ ସେମାନେ ଚିହ୍ନଟ କରିବା ସହ ଏମାନେ ଘର ଭିତରେ ପଶି ମାରଣାସ୍ତ୍ର ଦେଖାଇ ଡକାୟତି କରିଥିଲେ ବୋଲି କହିଥିଲେ। ଅନ୍ୟପକ୍ଷରେ ଦିଲ୍ଲୀର ଏକ ମାମଲାରେ ସମ୍ପୃକ୍ତ ଗ୍ୟାଙ୍ଗ ମୁଖ୍ୟ କମରୁଲ୍ ସେଠାକାର କୋର୍ଟରେ ହାଜର ହେବାକୁ ଥିବାରୁ ତାଙ୍କୁ ରିମାଣ୍ଡରେ ଅଣାଯାଇପାରିନି। ଜୁଲାଇ ୩ରେ କମରୁଲ୍ ରିମାଣ୍ଡରେ ଆସିବା ପରେ ଆହୁରି ଅନେକ ଗୁମର ଖୋଲିବ ବୋଲି ଚନ୍ଦ୍ରଶେଖରପୁର ଥାନା ପୋଲିସ କହିଛି।

ସବୁଠୁ ବଡ଼ କଥା ହେଲା ଏହି ଗ୍ୟାଙ୍ଗ୍ ଗୋଟିଏ ସହରରୁ ଲୁଟ୍ ଓ ଡକାୟତି କରିବା ପରେ ସୁନା ଗହଣା ଓ ଟଙ୍କାକୁ ନେଇ ବାଂଲାଦେଶ ପଳାଉଥିଲେ। ଭାରତର ସୀମା ନିକଟରେ ଶସ୍ତା ମୋବାଇଲ୍ ଫିଙ୍ଗି ଦେଇ ଦାମୀ ମୋବାଇଲ୍ ନେଇଯାଉଥିଲେ। ପରେ ପୁଣି ଭାରତର ଅନ୍ୟ ଏକ ସହରକୁ ଟାର୍ଗେଟ କରୁଥିଲେ। ଫଳରେ ପୋଲିସ ସେମାନଙ୍କୁ ଧରିବାରେ ବିଫଳ ହୋଇଥିଲା। ସେମାନେ ନକଟରେ କର୍ଣ୍ଣାଟକ,ଗୋଆରେ ଡକାୟତି କରିଥିବାବେଳେ ୨୦୦୭ରୁ ୨୦୧୦ ମଧ୍ୟରେ ବହୁ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ କହିଛି।



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ। -ଗୁରୁ ନାନକ



ସ୍ମାର୍ଟ ସିଟି ଭୁବନେଶ୍ୱର ଦିନକୁ ଦିନ ଜାମ୍ ସିଟିରେ ପରିଣତ ହେବାକୁ ଲାଗିଛି। ବିଭିନ୍ନ ସ୍ଥାନରେ ଟ୍ରାଫିକ ଜାମ ନିତିଦିନିଆ ହୋଇଯାଇଛି। ବେଳେବେଳେ ଏପରିସ୍ଥିତି ସୃଷ୍ଟି ହେଉଛି ଗୋଟିଏ କିମି ରାସ୍ତା ଅତିକ୍ରମ କରିବାକୁ ଘଣ୍ଟାଏ ବି ଲାଗି ଯାଉଛି। ଜାମ୍‌ରେ ଫସି ରହି ଲୋକେ ହଟହଟା ହେଉଛନ୍ତି। ଅନ୍ୟପକ୍ଷରେ ଦୁର୍ଘଟଣା ମଧ ଚିନ୍ତା ବଢ଼ାଇଛି। ସହର ଦେଇ ଯାଇଥିବା ଜାତୀୟ ରାଜପଥଠାରୁ ଆରମ୍ଭ କରି ପ୍ରମୁଖ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ଯାଉଛି। ଭୁବନେଶ୍ୱର କମିଶନରେଟ ପୋଲିସ ଇଲାକାରେ ଗତ ୬ ମାସ ମଧ୍ୟରେ ୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏହି ଦୁଇ ସମସ୍ୟା ଏବେ ସହରବାସୀଙ୍କ ଜୀବନକୁ ଜଟିଳ କରିଦେଇଛି। ଘରୁ ବାହାରିଲେ ଟ୍ରାଫିକ ଜାମ୍ ଓ ଦୁର୍ଘଟଣାକୁ ନେଇ ନାନା ଆଶଙ୍କାରେ ରହୁଛନ୍ତି। ତେବେ ବିଭିନ୍ନ ବିଭାଗ ପକ୍ଷରୁ ସହରରେ ବହୁ ଯୋଜନା କାର୍ଯ୍ୟକାରୀ ହେଉଛି। ଏବାବଦରେ ହଜାର ହଜାର କୋଟି ଟଙ୍କା ପାଣିଭଳି ଖର୍ଚ୍ଚ କରାଯାଉଥିଲେ ମଧ ସ୍ମାର୍ଟ ସିଟିର ଏପରିସ୍ଥିତି କ'ଣ ପାଇଁ? ନାନା ନିୟମ ଓ କଟକଣା ସତ୍ତ୍ୱେ ଦୁର୍ଘଟଣା କାହିଁକି ନେଉଛି ଜୀବନ? ତେବେ ପ୍ରତିଦିନ ଏଭଳି ସ୍ଥିତିକୁ ସାମ୍ନା କରୁଥିବା ସହରବାସୀ କ'ଣ କୁହନ୍ତି, ତାହାକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।



## ସ୍ମାର୍ଟ ସିଟିରେ ଜଟିଳ ହେଉଛି ଜୀବନ

ରିପୋର୍ଟ
ଜ୍ୟୋତିରଞ୍ଜନ ମହାପାତ୍ର
ଫଟୋ
ବିକାଶ ନାୟକ

# କନ୍ଧାଉଛି ଟ୍ରାଫିକ ଜାମ୍, ଚିନ୍ତା ବଢ଼ାଇଛି ଦୁର୍ଘଟଣା



ବମିଖାଲ ଫ୍ଲାଏ ଓଭରରେ ଲୋକଙ୍କ ମନଇଚ୍ଛା ପ୍ରବେଶ ଯୋଗୁ ଟ୍ରାଫିକ୍ ଜାମ୍।

### ପରିବାର ସୁରକ୍ଷା ପାଇଁ ସମସ୍ତେ ସଚେତନ ହୁଅନ୍ତୁ



ଲୋକଙ୍କ ସୁରକ୍ଷା ପାଇଁ ନିୟମ କରାଯାଉଛି। ଲୋକେ ଏହାକୁ ମାନୁନାହାନ୍ତି। ଲୋକେ ସଚେତନ ହୋଇ ନିଜ ଜୀବନ ଓ ପରିବାର ପ୍ରତି ଚିନ୍ତା କରିବା ଦରକାର। ଅନ୍ୟପକ୍ଷରେ ଟ୍ରାଫିକ ପୋଲିସ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଓଭରବ୍ରିଜ ଉପରେ ଓ ତଳେ ଚେକିଂ କରାଯାଉଛି। ବରମୁଣ୍ଡାରୁ ବାହାରୁଥିବା ବସ୍‌ଗୁଡ଼ିକୁ କିଛିଦିନ ଓଭରବ୍ରିଜ ଉପର ଦେଇ ଛଡ଼ାଯାଇଥିଲା। କିନ୍ତୁ ଯେଉଁ କେତେକ ସ୍ଥାନରେ ଅଧିକ ସମସ୍ୟା ହେଲା ସେଠାରେ ତଳ ସର୍ଭିସ ରୋଡ଼୍‌ରେ ଯିବାକୁ ଅନୁମତି ଦିଆଗଲା। କିନ୍ତୁ ଯାତ୍ରୀବାହୀ ଘରୋଇ ବସ୍‌ଗୁଡିକ ରହିବା ପାଇଁ ନିର୍ଦ୍ଦିଷ୍ଟ ପାର୍କିଂ ବ୍ୟବସ୍ଥା ହୋଇନି। ଏ ନେଇ ବିଭିନ୍ନ ବିଭାଗ ସହ ଆଲୋଚନା କରାଯାଇ ସ୍ଥାୟୀ ସମାଧାନ ପାଇଁ ପୋଲିସ ପକ୍ଷରୁ ଏକ ଲିଖିତ ପ୍ରସ୍ତାବ ବିଭାଗଗୁଡ଼ିକୁ ଦିଆଯିବ। **-ସତ୍ୟଜିତ ମହାନ୍ତି, ପୋଲିସ କମିଶନର**

## ସମନ୍ୱୟ ରହୁନି, ପରସ୍ପର ଦୋଷ ଲଦାଲଦି

### ବସ୍ ନିୟନ୍ତ୍ରଣ ଆର୍‌ଟିଓ କରିବ



ଆମେ ରାସ୍ତାରେ ନିୟମ ଉଲ୍ଲଂଘନକାରୀଙ୍କୁ ଚେକିଂ କରି ଜରିମାନା କରୁଛୁ। କର୍ମଚାରୀ ଅଭାବ ଯୋଗୁ ଅନେକ ସ୍ଥାନରେ ହୋମ୍‌ଗାର୍ଡ ଓ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟରଙ୍କୁ ଟ୍ରାଫିକ ପରିଚାଳନାରେ ନିୟୋଜିତ କରୁଛୁ। ବମିଖାଲ ଓଭର ବ୍ରିଜ ଉପରେ ଡିଭାଡର ତିଆରି କରିବା ନେଇ ଯନ୍ତ୍ରୀଙ୍କୁ ଅବଗତ କରିବା ସହ ବିପରୀତ ଦିଗରେ ଗାଡ଼ିଗୁଡ଼ିକର ବେଆଇନ ପ୍ରବେଶକୁ ରୋକିବାକୁ ବ୍ୟବସ୍ଥା ହେଉଛି। କିନ୍ତୁ ବସ୍ ପାଇଁ ଯେଉଁ ସମସ୍ୟା ଉପୁଜୁଛି ତାହା ଉପରେ ଆମର କର୍ତ୍ତୃତ୍ୱ ନାହିଁ। ବସ୍‌ଗୁଡିକ ସାଧାରଣତଃ କେଉଁ ସମୟରେ ବାହାରିବେ, କେଉଁଠି ଅଟକିବ,ତାହାର ନିୟନ୍ତ୍ରଣ ଏବଂ ଜରିମାନା ଆଦାୟ ଆର୍‌ଟିଓ କର୍ମଚାରୀଙ୍କ ଦାୟିତ୍ୱ। **-କିଶୋର କୁମାର ପାଣିଗ୍ରାହୀ, ଟ୍ରାଫିକ ଏସିପି**

### ଟ୍ରାଫିକ ପୋଲିସ ଘଉଡ଼ାଇବା ଦରକାର



ପୂର୍ବପରି ଆଉ ବସ୍‌ଗୁଡିକ ରାସ୍ତା କଡ଼ରେ ଅଧିକ ସମୟ ଠିଆ ହେଉନାହାନ୍ତି। ସେମାନଙ୍କ ଭିତରେ ପ୍ରତିଯୋଗିତା ଚାଲିଛି। ଯଦି ବେଆଇନ ଭାବେ ବସ୍ କେଉଁଠି ରହୁଛି ଡ୍ୟୁଟି କରୁଥିବା ଟ୍ରାଫିକ ପୋଲିସ ପଛରୁ ଡ଼ୋଡ଼ା କରି ବାଡିରେ ପିଟି ବିଦା କରିବା ଉଚିତ। ରାଜଧାନୀରୁ ଦୂରଯାତ୍ରା କରୁଥିବା ଲାଇନ୍ ବସ୍‌ଗୁଡିକ ଯାତ୍ରୀ ଉଠାଇବା ନେଇ ବସ୍ ଷ୍ଟପ୍ ସୁବିଧା ହୋଇପାରିନି। ଆମେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରୁଛୁ। ବିଭିନ୍ନ ବିଭାଗ ସହ ଆଲୋଚନା କରି ତ୍ୱରିତ ପଦକ୍ଷେପ ଗ୍ରହଣ କରିବୁ। **-ପ୍ରଦୀପ କୁମାର ମହାନ୍ତି, ଆଞ୍ଚଳିକ ପରିବହନ ଅଧିକାରୀ**

### ଜାତୀୟ ରାଜପଥ କଡ଼ରୁ ବିଏମ୍‌ସି ଜବରଦଖଲ ଉଚ୍ଛେଦ କରୁ

ଜାତୀୟ ରାଜପଥ କଡ଼ ଓ ଓଭରବ୍ରିଜ ବାଡ଼ାର ଏକ ନିର୍ଦ୍ଦିଷ୍ଟ ଉଚ୍ଚତା ରହିଛି। ଦ୍ରୁତଗତି ଯୋଗୁ ଦୁର୍ଘଟଣା ଘଟିଲେ ଲୋକେ ଛିଟିକି ତଳକୁ ଖସି ପଡୁଛନ୍ତି। ଏ ନେଇ ଚାଳକମାନେ ସଚେତନ ହେବା ଆବଶ୍ୟକ। ବିଜ୍ଞାପନ ଜରିଆରେ ବିଭିନ୍ନ ଦୁର୍ଘଟଣାପୂର୍ଣ୍ଣ ସ୍ଥାନଗୁଡିକ ଚିହ୍ନଟ କରିବୁ। ବାଣୀବିହାରରେ ଅନ୍ୟ ଏକ ସର୍ଭିସ ରୋଡ୍ ତିଆରି କରିବା ପାଇଁ ବିଏମ୍‌ସି ଜବରଦଖଲ ଉଚ୍ଛେଦ କରିବାର ଆବଶ୍ୟକ ରହିଛି। ସେହିଭଳି ଅନ୍ୟସ୍ଥାନରେ ଥିବା ଜବରଦଖଲ ହଟାଗଲେ ଆମେ ରାସ୍ତା ପ୍ରଶସ୍ତ କରିବାରେ ଅସୁବିଧା ନାହିଁ। **-ଦେବ ପ୍ରସାଦ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ, ଏନ୍‌ଏଚ୍‌ଏଆଇ**

### ବାଣୀବିହାର ଛକରେ ଜୀବନକୁ ପାଣି ଛଡ଼ାଇ ଯିବାକୁ ପଡୁଛି



ବାଣୀବିହାର ଛକରେ ପ୍ରତିଦିନର ସ୍ଥିତିକୁ ଦେଖିଲେ ଆଖି ଛପି ପଡ଼ିବ। ନିକଟରେ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟକୁ ଶହଶହ ଛାତ୍ରୀଛାତ୍ର, ପ୍ରଫେସର ଓ ଅଭିଭାବକ ବିଭିନ୍ନ କାର୍ଯ୍ୟରେ ଆସୁଛନ୍ତି। ରସୁଲଗଡ଼ କିମ୍ବା ଶହୀଦନଗର ପଟୁ ବିଶ୍ୱବିଦ୍ୟାଳୟକୁ ଗଲେ ବାଣୀବିହାର ଟ୍ରାଫିକ ଛକ ଦେଇ ଓଭରବ୍ରିଜ ତଳେ ରଂ ରୁଟ୍‌ରେ ୧୫୦ ମିଟର ବିପଜ୍ଜନକ ଭାବେ ଯିବାକୁ ପଡୁଛି। ବେଳେବେଳେ ଆଚାର୍ଯ୍ୟବିହାର ପଟୁ ବସ୍, କାର, ବାଇକ୍ ଯମ ଭଳି ମାଡ଼ି ଆସୁଛି। ସତ୍‌ସଙ୍ଗ ବିହାର ଆଡୁ ରଂ ରୁଟ୍‌ରେ କାର୍ ଓ ବାଇକ୍‌ଗୁଡିକ ଯାତାୟାତ କରୁଛି। ପୁଣି ବସ୍ ଓ ଅଟୋଗୁଡ଼ିକ ଠିକ୍ ଟ୍ରାଫିକ୍ ଛକ ଉପରେ ହିଁ ରଖୁଥିବାରୁ ଦୁର୍ଘଟଣା ଆଶଙ୍କା ରହୁଛି। ସବୁବେଳେ ଜୀବନକୁ ପାଣି ଛଡାଇ ଯିବାକୁ ପଡୁଛି। ବିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ ହେଉନି କି ନୂଆ ସର୍ଭିସ୍ ରୋଡ୍ କରାଯାଉନି। **-ମହେଶ ପ୍ରସାଦ, ପୂର୍ବତନ ସଭାପତି, ଉତ୍କଳ ବିଶ୍ୱବିଦ୍ୟାଳୟ**

### ଅଧିକାରୀମାନେ ସ୍ୱପ୍ନ ଦେଖି ଯୋଜନା କରୁଛନ୍ତି



୫୦ବର୍ଷ ହେଲା ରାଜଧାନୀକୁ ଦେଖି ଆସୁଛି। ୧୯୯୯ ବାତ୍ୟା ପରେ ଲୋକସଂଖ୍ୟା ହଠାତ୍ ବଢ଼ିବା ଆରମ୍ଭ କରିଥିଲା। ସ୍ମାର୍ଟସିଟି ହେବାପରେ ସହରବାସୀ ଅନେକ ଆଶା କରିଥିଲେ। ହେଲେ ଟ୍ରାଫିକ ଜାମ୍‌ରେ ଆମେ ଅଣନିଃଶ୍ୱାସୀ ହୋଇପଡୁଛୁ। ବରମୁଣ୍ଡାକୁ ମଡେଲ ବସ୍‌ଷ୍ଟାଣ୍ଡ କରାଯିବା ସ୍ୱପ୍ନରେ ରହିଯାଇଛି। ବସ୍, ଅଟୋ ଚଳାଚଳ ସୁବ୍ୟବସ୍ଥିତ ହୋଇପାରୁନି। ମନଇଚ୍ଛା ରାସ୍ତାରେ ଅଟକୁଛି। ବରମୁଣ୍ଡା, ଆଚାର୍ଯ୍ୟ ବିହାରଠାରୁ ଆରମ୍ଭକରି ବାଣୀବିହାର, ରସୁଲଗଡ ଏବଂ ପଳାଶୁଣୀ ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱକୁ ଜବରଦଖଲ କରାଯାଇଛି। ଅଧିକାରୀମାନେ ସ୍ୱପ୍ନ ଦେଖି ନୁହେଁ, ବାସ୍ତବ ସ୍ଥିତି ଓ ଭବିଷ୍ୟତକୁ ଲକ୍ଷ୍ୟକରି ଯୋଜନା କରିବା ଆବଶ୍ୟକ। ବିଏମ୍‌ସି, ଟ୍ରାଫିକ ପୋଲିସ ଓ ଆରଟିଓ ପକ୍ଷରୁ ମିଳିତ ଭାବେ ଏନେଇ ପଦକ୍ଷେପ ନେଲେ ନିଶ୍ଚିତ ଏଥିରେ ସୁଧାର ଆସିବ। **-ଦେବୀପ୍ରସାଦ ମହାପାତ୍ର, ବରିଷ୍ଠ ନାଗରିକ**

### ଓଭରବ୍ରିଜ ସଂଯୋଗ ସ୍ଥଳରେ ସବୁବେଳେ ବିପଦ



ଓଭରବ୍ରିଜଗୁଡିକର ସଂଯୋଗ ସ୍ଥାନରେ ସବୁବେଳେ ଜାମ୍ ରହୁଛି। ପଳାଶୁଣୀ ନିକଟରେ ଓଭରବ୍ରିଜ ଆରମ୍ଭରୁ ଜାତୀୟ ରାଜପଥରେ ବସ୍ ଅଟକୁଥିବାବେଳେ ଅଟୋଗୁଡିକୁ ଘଣ୍ଟା ଘଣ୍ଟା ଧରି ରଖାଯାଉଛି। ସତ୍‌ସଙ୍ଗ ବିହାର ସମ୍ମୁଖ ଶହୀଦନଗର ପାର୍ଶ୍ୱ ଜଙ୍କଶନରେ ସ୍ଥିତି ଏପରି ହେଉଛି ସବୁବେଳେ ଗାଡ଼ି ମାଡ଼ିଯିବାର ଭୟ ରହୁଛି। ସେହିଭଳି ଜୟଦେବବିହାର ଆଚାର୍ଯ୍ୟ ବିହାର ମଧ୍ୟବର୍ତ୍ତୀ ସ୍ଥାନ, ବରମୁଣ୍ଡା ଦୁର୍ଗାପୂଜା ପଡ଼ିଆ ସମ୍ମୁଖରେ ବିପଜ୍ଜନକ ପରିସ୍ଥିତି ଦେଖିବାକୁ ମିଳୁଛି। ସହର ଭିତର ରାସ୍ତାର ବମିଖାଲ ଓଭରବ୍ରିଜର ଏସ୍‌ପ୍ଲାନେଡ୍ ଓ ଏକାମ୍ର ହଲ୍ ସମ୍ମୁଖ, ରାଜମହଲ ଓଭରବ୍ରିଜର ପ୍ରବେଶ ଓ ପ୍ରସ୍ଥାନ ପାର୍ଶ୍ୱରେ ଗାଡିମୋଟର ଜାମ୍ ରହୁଛି। ଅନ୍ୟପକ୍ଷରେ ଓଭରବ୍ରିଜଗୁଡିକର ନିର୍ମାଣ ଶୈଳୀ ବିପଦ ସୃଷ୍ଟି କରୁଛି। ବାଡ଼ା କମ୍ ଉଚ୍ଚତା ରହୁଥିବାରୁ ଛୋଟମୋଟ ଦୁର୍ଘଟଣା ପରେ ବି ତଳକୁ ଖସି ପଡିବାର ଭୟ ରହୁଛି। ଆଚାର୍ଯ୍ୟବିହାର ନିକଟ ଓଭରବ୍ରିଜ ଉପରେ କିଛିଦିନ ତଳେ ଟ୍ରକ୍ ଧକ୍କାରେ ସ୍କୁଟିରେ ଯାଉଥିବା ବାପ ଓ ପୁଅ ୩୦ଫୁଟ ତଳକୁ ଖସି ପଡ଼ିବାରୁ ମୃତ୍ୟୁ ଘଟିଥିଲା। ପୁଣି ଦ୍ରୁତଗତିକୁ ରୋକିବାକୁ ହେଉଥିବା ନିୟମକୁ କଡାକଡି ପାଳନ କରାଯାଇପାରୁନି। **-ଭାରତ ପଟ୍ଟନାୟକ, ରସୁଲଗଡ଼ ବାସିନ୍ଦା**

### ଓଡ଼ିଶାରେ ସବୁ ଢିଲା: ଅଧିକ କଟକଣା, କାର୍ଯ୍ୟକାରିତା କମ୍



ଢିଲା ଆଇନ ଓ ଦଣ୍ଡବିଧାନ ଯୋଗୁ ଦୁର୍ଘଟଣା ଘଟୁଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଅଧିକ ନିୟମ ଓ କଟକଣା ହେଉଛି, ହେଲେ କାର୍ଯ୍ୟକାରୀ କରାଯାଉନି। ଚାଳକମାନେ ମଦ୍ୟପାନ ଓ ନିୟମ ଉଲ୍ଲଂଘନ କରି ଦୁର୍ଘଟଣା ଘଟାଇ କାହାର ଜୀବନ ନେଲେ ମଧ ଅତି ସହଜରେ ଜାମିନରେ ମୁକୁଳିଯାଉଛନ୍ତି। ଦଣ୍ଡ ଭୟ ରହୁ ନ ଥିବାରୁ ବିଶେଷକରି ବଡ଼ ବଡ଼ ଗାଡ଼ିଗୁଡିକ ଅତି ବେପରୁଆ ଭାବେ ଗାଡି ଚଲାଇ ଦୁର୍ଘଟଣା ଘଟାଉଛନ୍ତି। ଆଇପିସି ଧାରା ୨୭୯ ଅନୁଯାୟୀ ଗତ ୧ ମାସ ମଧ୍ୟରେ ପୁଣେରେ ୩୦୦ରୁ ଊର୍ଦ୍ଧ୍ୱ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଟ୍ରାଫିକ ପୋଲିସ ପକ୍ଷରୁ ମାମଲା ରୁଜୁ ହୋଇଛି। ସର୍ବନିମ୍ନ ୧ହଜାର ଟଙ୍କା ଜରିମାନା ଓ ୬ ମାସ ଜେଲ୍ ଦଣ୍ଡାଦେଶ ରହିଛି। କିନ୍ତୁ ଓଡ଼ିଶାରେ ଏହାର ବ୍ୟତିକ୍ରମ ହିଁ ଦୁର୍ଘଟଣା ବୃଦ୍ଧିର କାରଣ ପାଲଟିଛି। **-ଅଭିଷେକ ମହାନ୍ତି, ଆଇନଜୀବୀ**



ସତ୍‌ସଙ୍ଗ ବିହାର ସମ୍ମୁଖ ରାସ୍ତାରେ ଟ୍ରାଫିକ୍ ଜାମ୍।



ବାଣୀବିହାର ଛକ ମଝି ରାସ୍ତାରେ ବସ୍ ରଖି ଯାତ୍ରୀଙ୍କୁ ଜବରଦସ୍ତି କରାଯାଉଛି।



ସଚିବାଳୟ ମାର୍ଗ ଭିଡ଼ରେ ଫସିଛି ଆମ୍ବୁଲାନ୍ସ।



ଭୁଲ୍ ରାସ୍ତାରେ ରସୁଲଗଡ଼ରୁ ପଳାଶୁଣୀ ଯାଉଛନ୍ତି ଯାତ୍ରୀ।



ବାଣୀବିହାର ଛକରୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଭୁଲ୍ ରାସ୍ତାରେ ଯାଉଛନ୍ତି ଲୋକେ।



ବାଣୀବିହାର ଛକରେ ବେଆଇନ ବସ୍ ପାର୍କିଂ, ଯାତାୟାତ ଠପ୍।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି, ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।

-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ତାଲା ଭାଙ୍ଗି ଉଦ୍ଧାର

**ଭୁବନେଶ୍ୱର,୨୭।୬(ବ୍ୟୁରୋ):** ନୟାପଲ୍ଲୀ ଥାନାଞ୍ଚଳର ଏକ ବସ୍ତିରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଜଣେ ଯୁବକ ଜବରଦସ୍ତ ଟେକିନେଇ ଏକ ବନ୍ଦ ଘରେ ରାତିସାରା ବଳାତ୍କାର କରିବା ପରେ ବାହାର ପଟୁ ତାଲା ବନ୍ଦ କରି ଫେରାର ହୋଇଯାଇଛନ୍ତି। ସକାଳୁ ନାବାଳିକା ଜଣକ ଚିତ୍କାର କରି କବାଟ ବାଡେଇବାରୁ ସ୍ଥାନୀୟ ଅଞ୍ଚଳର ଜଣେ ଅଙ୍ଗନୱାଡି କର୍ମୀ ତାଲାଭାଙ୍ଗି ତାଙ୍କୁ ଉଦ୍ଧାର କରିଥିଲେ। ପୋଲିସ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିବା ପରେ ସଖୀରେ ଆଶ୍ରୟ ଦିଆଯାଇଛି। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ପୀଡିତା ନାବାଳିକା ଜଣକ ପରିବାର ସହ ଉକ୍ତ ବସ୍ତିରେ ରୁହନ୍ତି। ସେ ବୁଧବାର ରାତିରେ ଟ୍ୟୁଶନ ସାରି ଘରକୁ ଫେରୁଥିବାବେଳେ ଏହି ଘଟଣା ଘଟିଥିଲା।

### ପଲିଥିନମୁକ୍ତ ନେଇ ସଚେତନତା କର୍ମଶାଳା

**ବାଲିଅନ୍ତା,୨୭।୬(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ ଅଲାରପୁରସ୍ଥିତ ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିରରେ 'ପଲିଥିନ ମୁକ୍ତ ଭାରତ' ପାଇଁ ଗୁରୁବାର ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୬ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏଥିରେ ପରିବେଶବିତ୍ ଦୀନବନ୍ଧୁ ଭୋଇ, ସାମାଜିକ କର୍ମୀ ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ପଲିଥିନ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପଲିଥିନର ଅପକାରିତା ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏହି କର୍ମଶାଳାକୁ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶେଖର ସାମନ୍ତରାୟ, ଗୁରୁଜୀ ଶକ୍ତିରଞ୍ଜନ ଦାସ ଓ ପ୍ରାଶନ୍ତ କୁମାର ତ୍ରିପାଠୀ ପରିଚାଳନା କରିଥିଲେ।

### ୫୦ଚାଷୀଙ୍କୁ କୃଷି ସାମଗ୍ରୀ ବଣ୍ଟନ

**ବାଲିଅନ୍ତା,୨୭।୬(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ ମହୁଖଣ୍ଡା ପ୍ରାଥମିକ ସେବା ସମବାୟ ସମିତି ପରିସରରେ ୫୦ଜଣ ଚାଷୀଙ୍କୁ ଗୁରୁବାର ବିଭିନ୍ନ କୃଷି ସାମଗ୍ରୀ ବଣ୍ଟନ କରାଯାଇଛି। ବାତ୍ୟା 'ଫନୀ'ରେ ପ୍ରଭାବିତ ଚାଷୀଙ୍କୁ ସହାୟତା ପାଇଁ ଇଫ୍‌କୋ ପକ୍ଷରୁ ଏହି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମିତି ସଭାପତି ତାପସ କୁମାର ଜେନା, ସମ୍ପାଦକ ପ୍ରଫୁଲ୍ଲ କୁମାର ସେଠୀ, କପିଳେନ୍ଦ୍ର ଜେନା, ପରିକ୍ଷିତ ସ୍ୱାଇଁ ଓ ତ୍ରିଲୋଚନ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

### ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉପରେ ଲାଗିଲା ଟିଣ ଚାଦର



**ବାଲିଅନ୍ତା,୨୭।୬(ଡି.ଏନ୍.ଏ.):** ବାତ୍ୟା 'ଫନୀ'ରେ ବାଲିଅନ୍ତାସ୍ଥିତ ମହାତ୍ମା ସେତୁ ପାର୍ଶ୍ୱରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉପରେ ନିର୍ମିତ ସେଡର ଟିଣ ଚାଦର ଉଡିଯାଇଥିଲା। ଫଳରେ ଖୋଲା ଆକାଶ ତଳେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ରହି ବର୍ଷାରେ ନଷ୍ଟ ହେବାକୁ ବସିଥିଲା। ବାତ୍ୟାର ଦେଢ ମାସ ପରେ ବି ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିଲେ। ଏ ନେଇ ଗତ ୨୧ତାରିଖରେ ଧରିତ୍ରୀରେ 'ଖୋଲା ଆକାଶ ତଳେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶର ୫ଦିନ ପରେ ପୂର୍ତ୍ତ ବିଭାଗ ଡିଭିଜନ-୪ ପକ୍ଷରୁ ପୁନର୍ବାର ସେଡରେ ଟିଣ ଚାଦର ଲଗାଯାଇଥିଲା।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ବାରଙ୍ଗ,୨୭।୬(ଡି.ଏନ୍.ଏ.):** ଭୁବନେଶ୍ୱର ବ୍ଲକ ଅର୍ନ୍ତଗତ ଅନ୍ଧାରୁଆ ପଞ୍ଚାୟତ କାର୍ଯ୍ୟାଳୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅନ୍ଧାରୁଆ ସରପଞ୍ଚ ଦିଲୀପ ତରାଇ ଉଦ୍‌ଘାଟନ କରିଥିଲେ। କେୟାର ନେତ୍ରର ସଞ୍ଚାଳକ ଅଖିଳ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଡା. ଗୋପୀନାଥ ଦାସ ଓ ସହଯୋଗୀ ସୁମିତ୍ରା ଭଦ୍ରା ପରିଚାଳନା କରିଥିଲେ। ପ୍ରାୟ ୯୦ଜଣ ସେମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲେ।

## ■ ରାଜଧାନୀରୁ କାର ଲୁଟ୍ ର୍ୟାକେଟର ପର୍ଦ୍ଦାଫାଶ

# ୩ କାର, ବିପୁଳ ଅଳଙ୍କାର ଜବତ: ୪ ଗିରଫ



- ଲୁଟ୍ ଗାଡ଼ିରେ ଘଟାଉଥିଲେ ଅପରାଧ
- ନମ୍ବର ବଦଳାଇ କମ୍ ଦାମ୍‌ରେ ବିକୁଥିଲେ
- ଖେଳଣା ବନ୍ଧୁକ, ଛୁରି ଜବତ

ଗିରଫ ହୋଇଥିବା ୪ ଅଭିଯୁକ୍ତ ଓ ଜବତ ଖେଳଣା ବନ୍ଧୁକ, ଛୁରି।

**ଭୁବନେଶ୍ୱର/ପାତ୍ରପଡା, ୨୭।୬(ବ୍ୟୁରୋ/ଡି.ଏନ୍.ଏ.)**

ଗତ କିଛି ମାସ ହେବ ରାଜଧାନୀରେ ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ ହୋଇଉଠିଛି। ବିଶେଷକରି ବାରମ୍ବାର କାର୍ ଲୁଟ୍ ଘଟଣା ପୋଲିସର ଚିନ୍ତା ବଢ଼ାଇ ଦେଇଛି। ଲୁଟ୍ କାରକୁ ବ୍ୟବହାର କରି ଲୁଟ୍ ଓ ଅନ୍ୟ ଅପରାଧ କରାଯାଉଥିବା ପୋଲିସ ଜାଣିବା ପରେ ସେମାନଙ୍କୁ ଠାବ କରିବାକୁ କମିଶନରେଟ ପୋଲିସ ତତ୍ପର ହୋଇଉଠିଛି। ଖଣ୍ଡଗିରି ଥାନା ପୋଲିସ ଏକ କାର୍ ଲୁଟ୍ ର୍ୟାକେଟର ପର୍ଦ୍ଦାଫାଶ କରିଛି। ଏକ ଲୁଟେରା ଗ୍ୟାଙ୍ଗ୍ ଠାବ କରିବା ସହ ସମ୍ପୃକ୍ତ ୪ଜଣଙ୍କୁ ଖଣ୍ଡଗିରି ଓ ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳରୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ୩ଟି ଲୁଟ୍ କାର, ୪ଟି ସୁନା ଚେନ, ୩ହଳ ସୁନା ଚୁଡ଼ି, ଦୁଇ ହଳ କାନଫୁଲ ସହ ଗୋଟିଏ ଖେଳନା ବନ୍ଧୁକ ଓ ଏକ ଛୁରୀକୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୋନପୁର ଜିଲା ବୋଡିପାଲି ଗ୍ରାମର କୃଷ୍ଣଚନ୍ଦ୍ର ଦାଶ ଓରଫ କ୍ରିଷ୍ଣା, କେନ୍ଦ୍ରାପଡା ଜିଲା ଆଳି ଅଞ୍ଚଳର ଅମରଜିତ ପ୍ରଧାନ ଓରଫ ରକି (୨୪), ରାଜକନିକା ଅଞ୍ଚଳର ମହେଶ୍ୱର ଦଳାଇ(୨୮) ଓ ବୌଦ୍ଧ ଜିଲା ତଳିପଡା ଅଞ୍ଚଳର ପ୍ରଭାତ ସାହୁ(୧୯)। ଏନେଇ ଖଣ୍ଡଗିରି ପୋଲିସ କେସ୍ ନଂ.୩୩୦/୧୯ରେ ଦଫା ୩୯୪ ଲଗାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

### ଖେଳଣା ବନ୍ଧୁକରେ କରୁଥିଲେ ଲୁଟ୍

ଅଭିଯୁକ୍ତମାନେ ବିଳମ୍ବିତ ରାତିରେ ଜାତୀୟ ରାଜପଥ, ସହରର ଅନ୍ୟ ରାସ୍ତାର ନିଛାଟିଆ ସ୍ଥାନରେ ଛକି ରହୁଥିଲେ। କୌଣସି କାର ସେହିବାଟ ଦେଇ ଗଲାବେଳେ ରାସ୍ତା ମଝିରେ ବାଇକ୍ ରଖି ଅଟକାଉଥିଲେ। ପରେ ଡ୍ରାଇଭର ମୁଣ୍ଡରେ ଖେଳନା ବନ୍ଧୁକ ଲଗାଇ କାର ଚାବି ହାତଉଥିଲେ। ପରେ ଡ୍ରାଇଭରଙ୍କୁ ବାହାରକୁ ଟାଣିଆଣି କାର୍ ଲୁଟି ନେଉଥିଲେ। ମେ' ୧୦ରେ ଖୋର୍ଦ୍ଧା ଜିଲାପାଳଙ୍କ ଅଫିସ ନିକଟରୁ ଏକ ବୋଲେରୋ, ଜୁନ୍ ୨୦ରେ ଖଣ୍ଡଗିରି ଆମ୍ରି ହସ୍ପିଟାଲ ଓ ଜୁନ୍ ୧ରେ ପିତାପଲ୍ଲୀ ନିକଟରୁ କାର ଲୁଟ କରିଥିଲେ।

### ଦିନରେ ଅଳଙ୍କାର, ରାତିରେ କାର୍ ଲୁଟ୍

ଏହି ଗ୍ୟାଙ୍ଗ୍ ରାତିରେ କାର୍ ଓ ଦିନରେ ଅଳଙ୍କାର ଲୁଟୁଥିଲେ। ଦିନରେ ବାଇକରେ ଆସି ମହିଳାଙ୍କୁ ଛୁରି ଓ ବନ୍ଧୁକ ଦେଖାଇ ପିନ୍ଧିଥିବା ସୁନା ଅଳଙ୍କାର ଝାମ୍ପି ନେଉଥିଲେ। ନିକଟରେ ଅବଦୁଲ କାଲାମ ସ୍କୁଲ ନିକଟରେ କାରରେ ଯାଉଥିବା ଏକ ପରିବାର ସଦସ୍ୟଙ୍କୁ ବନ୍ଧୁକ ଦେଖାଇ ସୁନାଗହଣା ଲୁଟି ନେଇଥିଲେ। ସେହିଭଳି ରାତିରେ କାର୍ ଲୁଟ୍ ପରେ ତୁରନ୍ତ ନମ୍ବର ପ୍ଲେଟକୁ ବଦଳାଉଥିଲେ। କିଛିଦିନ ନିର୍ଦ୍ଦିଷ୍ଟ ସ୍ଥାନରେ ଲୁଚାଇବା ପରେ ଲୁଟ୍‌ରେ ବ୍ୟବହାର କରୁଥିଲେ। ପରେ ସମୟ ଦେଖି ୭୦ହଜାରରୁ ୧ ଲକ୍ଷ ଟଙ୍କା ମଧ୍ୟରେ ବିକ୍ରି କରୁଥିଲେ। ଲୁଟ କାରକୁ ସେମାନେ ସହରବାହାରେ ବିକ୍ରି କରୁଥିଲେ।

### କେମିତି ଧରା ପଡ଼ିଲେ ଅଭିଯୁକ୍ତ

ରାଜଧାନୀରୁ ଲଗାତାର କାର୍ ଚୋରି ପରେ ପୋଲିସର ଚେତା ପଶିଥିଲା। ଆମ୍ରି ହସ୍ପିଟାଲ ନିକଟରେ ଅଜୟ କୁମାର ସାହୁ ତାଙ୍କ ମାରୁତି କାର (ଓଡି-୧୯ଏମ୍-୦୦୭୮)ରେ ଯାଉଥିବାବେଳେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର, ଅମରଜିତ ଓ ମହେଶ୍ୱର ପଲସରରେ ଆସି ତାଙ୍କ କାର ଆଗରେ ବାଇକକୁ ରଖି ଅଟକାଇଥିଲେ। ଅଜୟଙ୍କୁ ବନ୍ଧୁକ ଦେଖାଇ ନିସ୍ତୁକ ମାଡ଼ମାରି ତାଙ୍କ କାର ଲୁଟିନେଇଥିଲେ। ଏନେଇ ଅଭିଯୋଗ ହେବା ପରେ ଖଣ୍ଡଗିରି ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୁରୁଣା ଫାଇଲ୍ ଖୋଲି ଅପରାଧୀଙ୍କୁ ଚିହ୍ନଟ କରି ସେମାନଙ୍କ ଗତିବିଧି ଉପରେ ନଜର ରଖିଥିଲା। ଅଭିଯୁକ୍ତମାନେ ଲୁଟ୍ କାର ବିକ୍ରି କରୁଥିବାବେଳେ ଖଣ୍ଡଗିରି ଅଞ୍ଚଳରେ ଚଢ଼ାଉ କରି ଦୁଇଜଣଙ୍କୁ ଧରିଥିଲା। ତାଙ୍କୁ ପଚରାଉଚରା କରି ଅନ୍ୟ ଦୁଇଜଣଙ୍କୁ ବୌଦ୍ଧ କନ୍ଧମାଳରୁ ଗିରଫ କରିଥିଲା। ଏମାନଙ୍କ ନାମରେ ଖଣ୍ଡଗିରି, ଜଟଣୀ, ନୟାପଲ୍ଲୀ ଓ ମଞ୍ଚେଶ୍ୱର ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି।

### ମିଳିଲା ଅନେକ ସୁରାକ୍, ରିମାଣ୍ଡରେ ଆଣିପାରେ ପୋଲିସ

ସିଆର୍‌ପି ଛକ ନିକଟରେ ରହୁଥିବା ବ୍ୟବସାୟୀ ଶିବ ସୁନ୍ଦରଙ୍କ କାର ଲୁଟ୍ ପଛରେ ଏହି ଗ୍ୟାଙ୍ଗ୍‌ର ହାତଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ସେମାନଙ୍କୁ ପଚରାଉଚରା କରିଥିଲେ ମଧ୍ୟ ସେମାନେ ଏନେଇ ମଧ୍ୟ କିଛି ମୁହଁ ଖୋଲି ନାହାନ୍ତି। ତେଣୁ ପୋଲିସ ସେମାନଙ୍କୁ ରିମାଣ୍ଡରେ ଆଣି ଅନ୍ୟ ଲୁଟ୍ ଘଟଣାର ପର୍ଦ୍ଦାଫାସ କରିବାକୁ ଆଶା ରଖିଛି।

## ଜମିବାଡ଼ିକୁ କେନ୍ଦ୍ରକରି ଗଣ୍ଡଗୋଳ, ୨ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**

ଜମିବାଡିକୁ କେନ୍ଦ୍ରକରି ଘରେ ପଶି ଭଙ୍ଗାରୁଜା କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ଗୁରୁବାର ଗିରଫ କରିଛି। ସେମାନେ ହେଲେ ଥାନା ଅଞ୍ଚଳରେ ରହୁଥିବା କରୁଣାକର ସ୍ୱାଇଁ (୪୩) ଓ ଦୀପୁ ସ୍ୱାଇଁ (୨୧)। ଏହି ଘଟଣାରେ ଜଣେ ନାବାଳକ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ପୋଲିସ ତାଙ୍କୁ ଧରିବା ସହ ପଚରାଉଚରା ପରେ ବାଳସୁଧାର ଗୃହକୁ ପଠାଇ ଦେଇଛି। ପୋଲିସ ସୂଚନା ମୁତବାକ, ଖାରବେଳନଗର ଥାନା ଅଧୀନ ମା' ମଙ୍ଗଳାବସ୍ତି ଅଞ୍ଚଳରେ ଲିସି ନାୟକ ପରିବାର ସହ ରୁହନ୍ତି। ଜମିବାଡିକୁ କେନ୍ଦ୍ରକରି ଲିସିଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ତାଙ୍କ ସ୍ୱାମୀ ଏବଂ ପରିବାର ଲୋକଙ୍କୁ ମାଡମାରି ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏ ନେଇ ଲିସି ଖାରବେଳନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୫୪/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଗୁରୁବାର ଅଭିଯୁକ୍ତମାନଙ୍କୁ ଗିରଫ କରି ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଅନିଶ୍ଚିତତା ମଧ୍ୟରେ ହାତଲେଖା କଳାକାରଙ୍କ ଭବିଷ୍ୟତ




ସମ୍ମାନିତ ପ୍ରତିଭାଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।

**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**

ହାତଲେଖା କଳାକାରମାନେ ରଙ୍ଗ ତୁଳୀ ଧରି ହାତରେ ନିଜର କଳା ପ୍ରଦର୍ଶନ କରୁଥିଲେ। ହେଲେ ଫ୍ଲେକ୍ସ ଆସିବା ପରଠାରୁ ସେମାନଙ୍କ ସ୍ଥିତି ଦୋହଲି ଯାଇଛି। ସମୟାନୁକ୍ରମେ ଲୋକମାନଙ୍କ ହସ୍ତକଳା ପ୍ରତି ଆଦର ହ୍ରାସ ପାଇବାରେ ଲାଗିଛି। ନମ୍ବର ପ୍ଲେଟ ଡିଜାଇନ୍ କରିବା ଅଥବା ବାହାଘର ବେଳେ କାନ୍ଥରେ ଚିତ୍ରକଳା କରି ସେମାନେ ନିଜର ପେଟ ପୋଷୁଥିଲେ। ହେଲେ ଏହି କାରିଗରଙ୍କୁ କେନ୍ଦ୍ର ସରକାର ଅଣଦେଖା କରିଛନ୍ତି। ନମ୍ବର ପ୍ଲେଟ ଡିଜାଇନ୍ କେବଳ ଜଣେ ଭେଣ୍ଡର କରିପାରିବ ବୋଲି ନିର୍ଦ୍ଦେଶ ଦେବା ପରେ ୨୫ ହଜାର କଳାକାର ଓ ତାଙ୍କ ପରିବାରର ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ରାଜ୍ୟ ହାତଲେଖା କଳାକାର ସଂଘ ଓ ଓଡ଼ିଶା ନମ୍ବର ପ୍ଲେଟ ଷ୍ଟିକର ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ସୂଚନାଭବନଠାରେ 'ସାମ୍ପ୍ରତିକ ସ୍ଥିତିରେ ହାତଲେଖା କଳାକାର ଓ ନମ୍ବର ପ୍ଲେଟ ଷ୍ଟିକର ଆର୍ଟିଷ୍ଟଙ୍କ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ ଉଦ୍‌ବେଗ ପ୍ରକାଶ ପାଇଛି। ବିଧାୟକ ସୁରେଶ କୁମାର ରାଉତରାୟ, ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ, ସାମାଜିକ କର୍ମୀ ସସ୍ମିତା ଦାସ, କିନ୍ନର ସଂଘ ସଭାପତି ମୀରା ପରିଡ଼ା, ଖବରଦାତା ବିଭୂତି ଭୂଷଣ କର, ଲିଙ୍ଗରାଜ ସାହୁ, ସାମାଜିକ କର୍ମୀ ଶଶାଙ୍କଶେଖର ନାୟକ ମତ ରଖିଥିଲେ। ଏହି ଅବସରରେ ଓଡ଼ିଶା ନମ୍ବର ପ୍ଲେଟ ଆଣ୍ଡ ଷ୍ଟିକର ଆସୋସିଏଶନ ଭୁବନେଶ୍ୱର ସମେତ ଭବାନୀପାଟଣାର ଶ୍ୟାମ ଆର୍ଟ କ୍ଷୀରସିନ୍ଧୁ ସାହୁ, ପୋଲିସ୍ ଅଧିକାରୀ କୈଳାସ ନାୟକ, ଅଭିନେତା ଜଗବନ୍ଧୁ ପଣ୍ଡା, ଖବରଦାତା ଦୁଷ୍ମନ୍ତ ବେହେରା, ସମାଜିକ କର୍ମୀ ବିନ୍ଦାସ ଚିନ୍ତୁ, ଧୀରେନ ରାଉତରାୟ, ଅମ୍ବିକା ମହାରଣା, ମେଘନା ସାହୁ, ଖବରଦାତା ସ୍ଥିତପ୍ରଜ୍ଞ ମିଶ୍ରଙ୍କୁ 'କଳା ଓ କଳାକାର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ରାଜ୍ୟ ହାତଲେଖା କଳାକାର ସଂଘର ପ୍ରତିଷ୍ଠାତା ନାରାୟଣ ଓଝା ସଭାପତିତ୍ୱ କରିଥିଲେ। ରାଜ୍ୟ ସଭାପତି ଶିବଶଙ୍କର ଡାକୁଆ ଧନ୍ୟବାଦ ଦେଇଥିଲେ।

## ହୋମ୍‌ଗାର୍ଡଙ୍କୁ ମାଡ଼ ଘଟଣା:୨ ଅଭିଯୁକ୍ତ କୋର୍ଟ ଚାଲାଣ

**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**

ନଖରା ଅଞ୍ଚଳରେ ଟ୍ରକ ଦୁର୍ଘଟଣା ପରେ ଟ୍ରାଫିକ ଜାମକୁ ନିୟନ୍ତ୍ରଣ କରୁଥିବା ହୋମଗାର୍ଡଙ୍କୁ ମାଡ ମାରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଯାଜପୁର ରୋଡ ଅଞ୍ଚଳର ଦେବଦତ୍ତ ବିଶ୍ୱାଳ ଓ କେନ୍ଦ୍ରାପଡା ଜିଲା ମହାକାଳପଡାର ଜିତେନ୍ଦ୍ର ପ୍ରଧାନ। ଗୁରୁବାର ୨ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ବୁଧବାର ରାତି ୮ ଟାରେ ନଖରା ନିକଟରେ ୨ଟି ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ କିଛି ସମୟ ପାଇଁ ଟ୍ରାଫିକ ଜାମ ରହିଥିଲା। ହୋମଗାର୍ଡ ପ୍ରକାଶ ଚନ୍ଦ୍ର ମଲ୍ଲିକ ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟରେ ଥିବା ବେଳେ ୨ଅଭିଯୁକ୍ତ ହୋମଗାର୍ଡଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ଲୋକେ ୨ଅଭିଯୁକ୍ତଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଏନେଇ ଥାନାରେ ମାମଲା (ନଂ. ୨୪୪/୧୯)ରୁଜୁ ରୁଜୁ ହୋଇଥିଲା।

## ରିଲିଫ ପାଣ୍ଠିକୁ ଆଇଓବିର ୬୭ ଲକ୍ଷ ସହାୟତା




**ଭୁବନେଶ୍ୱର,୨୭।୬**

ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି ଇଣ୍ଡିଆନ ଓଭରସିଜ ବ୍ୟାଙ୍କ (ଆଇଓବି) ପକ୍ଷରୁ ୬୭ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବ୍ୟାଙ୍କର ଜୋନାଲ ମ୍ୟାନେଜର ସୂରଜ ନାଥ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସିନିୟର ରିଜିଓନାଲ ମ୍ୟାନେଜର ଶ୍ୟାମସୁନ୍ଦର ନାରଙ୍ଗ ରାଜ୍ୟ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଅର୍ଥରାଶିର ଡିମାଣ୍ଡ ଡ୍ରାଫ୍ଟକୁ ପ୍ରଦାନ କରିଥିଲେ।

## ସିପେଟ୍ ସିଏସ୍‌ଟିଏସ୍ ପୁରସ୍କୃତ




**ଭୁବନେଶ୍ୱର,୨୭।୬**

ଫନୀ ପ୍ରଭାବିତ ଅଞ୍ଚଳଗୁଡିକରେ ରିଲିଫ୍ ତଥା ଥଇଥାନ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ଲାଗି ମଞ୍ଚେଶ୍ୱରସ୍ଥିତ ସିପେଟ୍ ସିଏସ୍‌ଟିଏସ୍‌କୁ ସମ୍ମାନିତ କରାଯାଇଛି। ୟଙ୍ଗ ଇଣ୍ଡିଆନ୍ସ ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସିପେଟ୍ ପୁରସ୍କୃତ ହୋଇଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି। ସିପେଟ୍‌ର ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ୟଙ୍ଗ ଇଣ୍ଡିଆନ୍ସର ଜାତୀୟ ମୁଖ୍ୟ କମଲ ଅଗ୍ରୱାଲଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସମୟ ଉପଯୋଗୀ ସହାୟତା ଏବଂ ରିଲିଫ ବଣ୍ଟନ ସହ ୨ ଲକ୍ଷ ଅକ୍ସୋ ବାୟୋଡିଗ୍ରେଡେବଲ ସାନିଟାରି ନାପକିନ୍ ବଣ୍ଟନ ଦ୍ୱାରା ସିପେଟ୍ ଉଚ୍ଚ ପ୍ରଶଂସିତ ହୋଇଛି। ଏହି ସାନିଟାରୀ ନାପକିନ ସିପେଟର ମହାନିର୍ଦ୍ଦେଶକ ଡ.ସଞ୍ଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ବଣ୍ଟନ କରାଯାଇଛି। କେନ୍ଦ୍ର ସରକାରଙ୍କ ସାର ଏବଂ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ଏହା ମଞ୍ଜୁର କରାଯାଇଥିଲା।

## ନାରୀର ତ୍ୟାଗ, ଗରିମାକୁ ବର୍ଣ୍ଣନା କରିଛି 'ତପସ୍ୱିନୀ'

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ଭାରତୀୟ ନାରୀତ୍ୱର ଅପୂର୍ବ ମହିମା 'ତପସ୍ୱିନୀ' କାବ୍ୟରେ ପ୍ରତିଫଳିତ। ସୀତାଙ୍କ ଆଦର୍ଶ ଓ ମୂଲ୍ୟବୋଧ ଆଧାରରେ ରଚିତ ଏହି କାବ୍ୟ କବି ଗଙ୍ଗାଧରଙ୍କ ଭାରତୀୟ ଦୃଷ୍ଟିଭଙ୍ଗୀକୁ ପ୍ରତିଫଳିତ କରିଥାଏ। ପରମ୍ପରା, ବିଧାନ ଓ ଭକ୍ତି ତଥା ଈଶ୍ୱର ବିଶ୍ୱାସକୁ ନେଇ ସୀତାଙ୍କୁ ସତୀ ସିରୋମଣୀ ଭାବେ ସ୍ୱଭାବକବି ଏଥିରେ ବର୍ଣ୍ଣନା କରିଛନ୍ତି। ଭାରତୀୟ ସଂସ୍କୃତିରେ ନାରୀର ତ୍ୟାଗ, ଗରିମା ଓ ଉତ୍ସର୍ଗୀକୃତ ମାନସିକତା ତଥା ହୃଦୟବତ୍ତାକୁ 'ତପସ୍ୱିନୀ' ଉତ୍ତୋଳିତ କରିଛି ବୋଲି ବିଶିଷ୍ଟ ସମାଲୋଚକ ତଥା ଶିକ୍ଷାବିତ୍ ପ୍ରଫେସର ଡ. ଶରତ ଚନ୍ଦ୍ର ରଥ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଆୟୋଜିତ 'ପୁସ୍ତକ ଚର୍ଚ୍ଚା' କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ କହିଥିଲେ। ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' କାବ୍ୟ ଉପରେ ଡ. ରଥ ଆଲୋଚନା କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ 'ପୁସ୍ତକ ଚର୍ଚ୍ଚା' କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ବିଜୟ କୁମାର ନାୟକ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ଆଜି ରଥଯାତ୍ରାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ,୨୭।୬–** ଆସନ୍ତା ଜୁଲାଇ ୪ ରେ ରଥଯାତ୍ରା। ଏ ନେଇ ପ୍ରଶାସନ କେତେ ପ୍ରସ୍ତୁତ ତାହାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ନୀଳାଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ। ଏଥିରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରିବେ। ପୂର୍ବରୁ ୩ଟି ସମନ୍ୱୟ ବୈଠକ ସରିଛି। ରଥଯାତ୍ରା ପାଇଁ ବାତ୍ୟା କ୍ଷତିଗ୍ରସ୍ତ ପୁରୀ ସହର କେତେଦୂର ପ୍ରସ୍ତୁତ ହୋଇସାରିଛି, ବିଭିନ୍ନ ବିଭାଗର ପ୍ରସ୍ତୁତି ଓ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ମତ ରଖିବେ। ବିଭିନ୍ନ ପ୍ରସଙ୍ଗ ଦୃଷ୍ଟିରୁ ରଥଯାତ୍ରା ଶେଷ ସମନ୍ୱୟ ବୈଠକ ପ୍ରଶାସନିକ ଅଧିକାରୀଙ୍କ ଉପରେ ଭାରି ପଡ଼ିବ ବୋଲି ଚର୍ଚ୍ଚା ହେଉଛି। ବୁଧବାର ରଥଯାତ୍ରା ପାଇଁ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଆରଡିସି ଅନିଲ ସାମଲ, ଜିଲାପାଳ ବଲୱନ୍ତ ସିଂ ପ୍ରମୁଖ ବୈଠକସ୍ଥଳ ପରିଦର୍ଶନ କରିଥିଲେ।

## ଦାୟିତ୍ୱ ନେଲେ ନୂଆ ବିଏମ୍‌ସି କମିଶନର

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

■ ସହରବାସୀଙ୍କୁ ଉତ୍ତମ ସେବା ଯୋଗାଇବା ଲକ୍ଷ୍ୟ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ନୂଆ କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ଗୁରୁବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସକାଳ ୯ଟା ୩୦ରେ ଅଫିସରେ ପହଞ୍ଚିବା ପରେ କର୍ମଚାରୀମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପରେ ବିଏମ୍‌ସି ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ମଚାରୀଙ୍କ ସହ ପରିଚିତ ହେବା ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କମିଶନର ଚୌଧୁରୀ କହିଲେ, ସହରର ସବୁବର୍ଗର ନାଗରିକଙ୍କୁ ଉତ୍ତମ ତଥା ତ୍ୱରିତ ସେବା ଯୋଗାଇବା ପ୍ରଥମ ଲକ୍ଷ୍ୟ ହେବ। ପ୍ରକ୍ରିୟାଗତ ସରଳତା ଆପଣାଇ କିପରି ସେବା ପ୍ରଦାନକୁ ନାଗରିକ ଅଭିମୁଖୀ କରିହେବ ଓ ସେବାର ମାନକୁ ବଢ଼ାଇ ହେବ ସେ ନେଇ ବିଚାର କରିବାକୁ ହେବ। ଏଥିପାଇଁ କ'ଣ କରିହେବ, କେଉଁ ପଦକ୍ଷେପ ନେଇହେବ ସେନେଇ ସମସ୍ତ କର୍ମଚାରୀଙ୍କ ସହିତ କମିଶନର ଆଲୋଚନା କରିବା ସହିତ ପରାମର୍ଶ ଲୋଡ଼ିଥିଲେ। ସହରବାସୀଙ୍କୁ ଭଲ ସେବା ପ୍ରଦାନ ନେଇ କର୍ମଚାରୀଙ୍କ ପ୍ରସ୍ତାବକୁ ସ୍ୱାଗତ କରାଯିବ ବୋଲି ସେ କହିଛନ୍ତି। ସେ କହିଲେ, ବିଏମ୍‌ସି ଉପରେ ନିର୍ଭର କରୁଥିବା ସମସ୍ତ ନାଗରିକଙ୍କ କଥାକୁ ଅଧିକାରୀମାନେ ଧୈର୍ଯ୍ୟ ସହକାରେ ଶୁଣିବା ସହ ସେମାନଙ୍କ ସୁବିଧା ଅସୁବିଧାକୁ ବୁଝିବାକୁ ଚେଷ୍ଟା କରିବା ଆବଶ୍ୟକ। ବିଏମ୍‌ସି ଅଧିକାରୀଙ୍କ ବ୍ୟବହାରକୁ ନାଗରିକମାନେ ଅନୁଭବ କରନ୍ତୁ। ସମାଧାନ ଯେତେ ଶୀଘ୍ର ହେବ ସେବା ପ୍ରଦାନ ଆହୁରି ସରଳ ଓ ସୌହାର୍ଦ୍ଦପୂର୍ଣ୍ଣ ହୋଇପାରିବ ବୋଲି କମିଶନର ଚୌଧୁରୀ କହିଥିଲେ। ସାନିଟେଶନ, ସିଟି ହେଲ୍‌ଥ, ଫାଇନାନ୍ସ, ଟ୍ୟାକ୍ସେଶନ, ରେଭିନ୍ୟୁ, ଇଞ୍ଜିନିୟରିଂ, ଡ୍ରେନେଜ୍, ୱେଲ୍‌ଫେୟାର୍, ପ୍ଲାନିଂ, ହାଉସିଂ, ଏଷ୍ଟାବ୍ଲିଶ୍‌ମେଣ୍ଟ ଓ ଇମର୍ଜେନ୍ସି ପଦାଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶୁକ୍ରବାର କମିଶନର ସହରର ଡ୍ରେନେଜ୍ ସ୍ଥିତି ବୁଲି ଦେଖିବା ସହିତ ଅନ୍ୟ ବ୍ୟବସ୍ଥାର ଯାଞ୍ଚ କରିବେ ବୋଲି ଜଣାପଡିଛି।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଭିନ୍ନ ସାମାଜିକ ସଙ୍ଗଠନ ତରଫରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ନାଗରିକ ସମ୍ବର୍ଦ୍ଧନା ସମାରୋହ, ସୂଚନା ଭବନ, ଅପରାହ୍ନ ୫ଟା।
- ଗାନ୍ଧର୍ବ କଳା ପରିଷଦ ପକ୍ଷରୁ ୪୫ତମ ଡ. ଦିବାକର ମିଶ୍ର ଗାନ୍ଧର୍ବ କଳା ମହୋତ୍ସବ-୨୦୧୯, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

**କଟକ**

- କବି ରାଜେନ୍ଦ୍ର କୁମାର ପ୍ରଧାନଙ୍କ ରଚିତ 'ସୁନ୍ଦରାଚଳୀଶ' କାବ୍ୟର ଉନ୍ମୋଚନ ସମାରୋହ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।
- କଟକ ନଗର ୧୭ ନମ୍ବର ୱାର୍ଡ କଂଗ୍ରେସ ପକ୍ଷରୁ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା, ଓରିଏଣ୍ଟାଲ ବ୍ୟାଙ୍କ ନିକଟ, ପେନ୍‌ସନ ଲେନ୍, ରାତି ୭ଟା ୩୦।

# 'ମୋ ବସ୍'ରୁ ପାଇଥିବା ଟଙ୍କା ଫେରାଇଲେ ଡ୍ରାଇଭର

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

**ସମ୍ବର୍ଦ୍ଧିତ କଲା କ୍ରୁଟ**



ରାଜଧାନୀ ରାସ୍ତାରେ ଟଙ୍କା ଲୁଟିବାକୁ ଲୁଟେରା ଚାହିଁ ରହିଛନ୍ତି। କିଛି ଲୋଭୀ ମଣିଷ ଅଛନ୍ତି ରାତାରାତି ଧନୀ ହେବାକୁ ଭଗବାନଙ୍କୁ ଡାକିଥାନ୍ତି। ରାସ୍ତାରେ ଟଙ୍କା ଥଳି ମିଳିଯାଆନ୍ତା କି, କାହା ପକେଟରୁ ପର୍ସ ଗଳିପଡ଼ନ୍ତା କି, ଏମିତି ଅନେକ ସୁଯୋଗ ଖୋଜିଥାନ୍ତି। ହେଲେ ସମାଜରେ ଅନେକ ନିଆରା ମଣିଷ ଅଛନ୍ତି, ଯେଉଁମାନେ ଟଙ୍କା ପାଇଲେ ବି ତାହାକୁ ଫେରାଇବାକୁ ବହୁ ପରିଶ୍ରମ କରନ୍ତି। ଏମିତି ଜଣେ ସଚ୍ଚୋଟ ଭଲ ମଣିଷଟିଏ ହେଉଛନ୍ତି ବିଶ୍ୱନାଥ ଖୁଣ୍ଟିଆ। ବିଶ୍ୱନାଥ ହେଉଛନ୍ତି 'ମୋ ବସ୍' ଡ୍ରାଇଭର। ସେ ବସ୍‌ରୁ ପାଇଥିବା ଜଣେ ଯାତ୍ରୀଙ୍କ ଟଙ୍କା ବ୍ୟାଗ୍ ଫେରାଇ ଆଜି ଉଦାହରଣ ପାଲଟିଛନ୍ତି।

ମିଳିଥିବା ସୂଚନାନୁସାରେ, ରାଜ୍ୟ ସରକାରଙ୍କ ପକ୍ଷରୁ 'ମୋ ବସ୍' ଚାଲୁଛି। କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଏହାର ପରିଚାଳନା କରୁଛି। ଟ୍ରାଭେଲ ଟାଇମ୍ ସଂସ୍ଥା ଅଧୀନରେ ବିଶ୍ୱନାଥ ରୁଟ୍ ନଂ.୨୫ରେ ଚାଲୁଥିବା ମୋ ବସ୍‌ର ଡ୍ରାଇଭର ଭାବେ କାର୍ଯ୍ୟ କରୁଛନ୍ତି। ଗତ ବୁଧବାର ସକାଳେ ବସ୍‌ଟି ମଞ୍ଚେଶ୍ୱରରୁ ଡୁମୁଡୁମା ଯାଇ ଫେରିଥିଲା। ଯାତ୍ରୀମାନେ ଓହ୍ଲାଇଯିବା ପରେ ବିଶ୍ୱନାଥ ବସ୍‌ଟିକୁ ମଞ୍ଚେଶ୍ୱର ଡିପୋକୁ ନେଉଥିଲେ। ତେବେ ବସ୍‌ର ସିଟ୍ ଉପରେ ଏକ ବ୍ୟାଗ୍ ଦେଖିଥିଲେ। ସେଥିରେ ନଗଦ ୪୯ହଜାର ୫ଶହ ଟଙ୍କା ଥିଲା। ହେଲେ ଟଙ୍କା ଦେଖି ତାଙ୍କର ଲୋଭ ହୋଇ ନ ଥିଲା। ବରଂ କିଏ କେଉଁ ଜରୁରୀ କାର୍ଯ୍ୟରେ ଟଙ୍କା ନେଉଥିବ ଭାବି ଫେରାଇବାକୁ ତାଙ୍କ ମନ ବ୍ୟାକୁଳ ହୋଇଥିଲା। ଯାଉଥିବା ରୁଟ୍‌ରେ ବସ୍ ଅଟକୁଥିବା ସ୍ଥାନରେ ଜଣଜଣ କରି ଲୋକଙ୍କୁ ପଚାରୁଥିଲେ। ହେଲେ କେହି କିଛି ବ୍ୟାଗ୍ ଛାଡ଼ିଥିବା କହି ନ ଥିଲେ। ଅଢ଼େଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଖୋଜାଖୋଜି ପରେ ବିଶ୍ୱନାଥ ଉକ୍ତ ଟଙ୍କା ବ୍ୟାଗକୁ ନିଜ ଅଫିସ୍‌ରେ ଫେରାଇଥିଲେ। ଗୁରୁବାର ସକାଳେ ପହଞ୍ଚିବା ପରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଟଙ୍କା ବ୍ୟାଗ୍ ଛାଡ଼ିଥିବା ଲୋକଙ୍କ ସନ୍ଧାନ ପାଇବାରେ ଲାଗିପଡିଲେ। ଶେଷରେ ପ୍ରକୃତ ବ୍ୟକ୍ତିଙ୍କୁ ଟଙ୍କା ବ୍ୟାଗ୍ ଫେରାଇ ମହାନତାର ପରିଚୟ ଦେଇଥିଲେ। ବିଶ୍ୱନାଥଙ୍କର ଏପରି ମାନବିକତା ଓ ସଚ୍ଚୋଟତା ପାଇଁ କ୍ରୁଟ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଧାରୁ ପାଠ ଛାଡ଼ୁଥିବା ପିଲାଙ୍କୁ ବିଦ୍ୟାଳୟ ଫେରାଇ ଆଣିବ 'ଆଶା କିରଣ'

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ହେରିଟେଜ୍ ତରଫରୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ରୟାଲ କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ପରିସରରେ ଗୁରୁବାର 'ଆଶା କିରଣ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶରେ ଅବହେଳିତ ଛାତ୍ରୀଛାତ୍ରଙ୍କୁ ପୁନର୍ବାର ବିଦ୍ୟାଳୟକୁ ଫେରାଇ ଆଣିବା ଏବଂ ଉପଯୁକ୍ତ ଶିକ୍ଷା ଓ ଉନ୍ନତ ଭବିଷ୍ୟତ ଗଠନରେ ସହାୟକ ହେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିକଶିତ ରାଷ୍ଟ୍ରକୁ ବାଦ୍ ଦେଲେ ବିଭିନ୍ନ କାରଣ ଯୋଗୁ ଏକାଧିକ ରାଷ୍ଟ୍ରରେ ଛାତ୍ରୀଛାତ୍ର ମୌଳିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଅଧାରୁ ପାଠ ଛାଡ଼ି ଦେଶର ବିକାଶରେ ବାଧକ ସାଜୁଛନ୍ତି। ସେଭଳି ପିଲାମାନଙ୍କୁ ପୁଣି ଥରେ ବିଦ୍ୟାଳୟରେ ଯୋଗଦାନ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା 'ଆଶା କିରଣ' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ହେରିଟେଜ୍ ପକ୍ଷରୁ କୁହାଯାଇଛି।

ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିଆନ୍ ଶିବବ୍ରତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିଆନ୍ ଭବାନୀ ପ୍ରସାଦ ଚୌଧୁରୀ, ରୋଟାରିଆନ୍ ଦେବାଶିଷ ମିଶ୍ର, ରୋଟାରିଆନ୍ ଶାନ୍ତନୁ କୁମାର ପାଣି, ରୋଟାରିଆନ୍ ସୌମ୍ୟରଞ୍ଜନ ମିଶ୍ର, ରୋଟାରିଆନ୍ ଦେବବ୍ରତ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ 'ଆଶା କିରଣ' କାର୍ଯ୍ୟକ୍ରମକୁ ସହଯୋଗର ହାତ ବଢ଼ାଇଥିବା ବିଭିନ୍ନ ରୋଟାରି କ୍ଲବଗୁଡ଼ିକୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ପିଲାଙ୍କ ପାଇଁ ୨୫୦୦ଟଙ୍କା ଲେଖାଏ ସଂଗ୍ରହ କରାଯାଇଥିଲା। ଅବହେଳିତ ଓ ଆର୍ଥିକ ଅନଗ୍ରସର ପିଲାମାନଙ୍କୁ ଏହି ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ରୋଟାରି କ୍ଲବର ସଦସ୍ୟ ଓ ରୟାଲ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ରୋଟାରି କ୍ଲବ ଭୁବନେଶ୍ୱର ହେରିଟେଜ୍ ସଭାପତି ରୋଟାରିଆନ୍ ବିଷ୍ଣୁମୋହନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ରୋଟାରିଆନ୍ ବସନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# 'ସମ୍ରାଟ'ର ହେଲା ଏକ୍ସ-ରେ



ବାରଙ୍ଗ,୨୭।୬(ଡି.ଏନ୍.ଏ.):

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଧଳାବାଘ ସମ୍ରାଟର ଗୁରୁବାର ସକାଳେ ଡାକ୍ତରଖାନାରେ ଏକ୍ସ-ରେ କରାଯାଇଛି। ୩୩ନଂ. ଏନକ୍ଲୋଜରର ଫିଡିଂଚାମ୍ବରରେ ଏକ ସ୍ୱତନ୍ତ୍ର କେଜ ରେ ମାଂସ ରଖାଯାଇଥିଲା। ସମ୍ରାଟ ମାଂସ ଖାଇବାକୁ ଆସିବା ପରେ ଜଗିରହିଥିବା କର୍ମଚାରୀମାନେ କେଜର କବାଟ ଦେଇଥିଲେ। ଏହା ପରେ ସମ୍ରାଟକୁ ଟ୍ରାଙ୍କୁଲାଇଜ କରାଯାଇ ଡାକ୍ତରଖାନାକୁ ଅଣାଯାଇଥିଲା। ଓୟୁଏଟି ସର୍ଜରି ବିଭାଗ ପ୍ରଫେସର ଇନ୍ଦ୍ରମଣି ନାଥଙ୍କ ନେତୃତ୍ୱରେ ୫ଜଣିଆ ଦଳ ସମ୍ରାଟର ସ୍ୱାସ୍ଥ୍ୟବସ୍ଥା ଅନୁଧାନ କରିବା ସହ ରକ୍ତ ନମୁନା ସଂଗ୍ରହ କରିଥିଲେ। ଏହି ଦଳ ପଛପଟ ଗୋଡ ଓ ପେଟର ୧୨ଟି ସ୍ଥାନରେ ଏକ୍ସରେ ପରୀକ୍ଷା କରିଥିଲେ। ଏହା ପରେ ପୁଣି ସମ୍ରାଟକୁ ଏନକ୍ଲୋଜରରେ ଛଡାଯାଇଥିଲା। ଏକ୍ସରେ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଏସିଏଫ୍ ଅଶୋକ କୁମାର ଦାସ କହିଛନ୍ତି। ସୂଚନାଥାଉକି, ସମ୍ରାଟ ଗତ ୩ ମାସ ହେବ ଛୋଟେଇ ଛୋଟେଇ ଚାଲିବାରୁ ତାର ଚିକିତ୍ସା କରାଯାଉଥିଲେ ମଧ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ହୋଇ ନ ଥିଲା। ଓୟୁଏଟି ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶକ୍ରମେ ସମ୍ରାଟର ଏକ୍ସରେ ପାଇଁ ଯୋଜନା କରାଯାଇଥିଲା।

### କୁଟୁରା ଶାବକ ଜନ୍ମ

ନରାଜ,(ଡି.ଏନ୍.ଏ.): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଥିବା କୁଟୁରା ବୁଧବାର ବିଳମ୍ବିତ ରାତିରେ ଏକ ଶାବକକୁ ଜନ୍ମ ଦେଇଛି। ଗୁରୁବାର ସକାଳୁ ୩୬(ଗ) ଖୁଆଡର ଜନ୍ତୁ ରକ୍ଷକ କୁଟୁରା ଛୁଆଟି ମା' ସହିତ ବୁଲୁଥିବା ଦେଖି ପ୍ରାଣୀ ଉଦ୍ୟାନର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଖବରପାଇ ପ୍ରାଣୀ ଚିକିତ୍ସକ ପହଞ୍ଚି ମା' ଓ ଛୁଆର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ପରେ ସ୍ୱାସ୍ଥ୍ୟ ଠିକ୍ ଥିବା କହିଥିଲେ। ନନ୍ଦନକାନନରେ କୁଟୁରା ସଂଖ୍ୟା ୬୦କୁ ବୃଦ୍ଧି ପାଇଛି।

# ନିରନ୍ତର ପରିଶ୍ରମ ଦ୍ୱାରା ସଫଳତାର ସୋପାନ ଗଢ଼ାଯାଇପାରିବ

ଭୁବନେଶ୍ୱର,୨୭।୬(ବ୍ୟୁରୋ)



ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ) ପକ୍ଷରୁ ଏମ୍‌ବିଏ ବ୍ୟାଚ୍‌ର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶିକ୍ଷାନୁଷ୍ଠାନର ଭୁବନେଶ୍ୱରସ୍ଥିତ ଗୋଠପାଟଣା କ୍ୟାମ୍ପସ୍‌ରେ ଅନୁଷ୍ଠିତ ହୋଇଯାଇଛି। କେପିଏମ୍‌ଜିର ବରିଷ୍ଠ ସହକାରୀ ନିର୍ଦ୍ଦେଶକ(ମାନବ ସମ୍ବଳ) ସାହିଲ ନାୟାର ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ରାମ୍‌କୋ ଗ୍ରୁପ୍‌ର ବରିଷ୍ଠ ଉପ-ସଭାପତି(ମାନବ ସମ୍ବଳ) ପ୍ରଭୁ ନାମ୍ପିଆପାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କଠିନ ଓ ନିରନ୍ତର ପରିଶ୍ରମ ଦ୍ୱାରା ସଫଳତାର ସୋପାନ ଗଢ଼ାଯାଇପାରିବ ବୋଲି ନାମ୍ପିଆପାନ୍ ଛାତ୍ରୀଛାତ୍ରଙ୍କୁ କହିଥିଲେ। ବିଜିୟୁ କୁଳପତି ପ୍ରଫେସର ଡ. ସୁଧାକର ପଣ୍ଡା ନୂତନ ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସ୍‌ରେ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଜିୟୁ ରେଜିଷ୍ଟ୍ରାର୍ ଡ. ବି.କେ. ଦାସ ଛାତ୍ରୀଛାତ୍ରଙ୍କୁ ଏମ୍‌ବିଏ ପାଠ୍ୟକ୍ରମ ଉପଯୋଗ କରି ବିଶ୍ୱ ସ୍ତରରେ ନିଜକୁ ସୁପ୍ରତିଷ୍ଠିତ କରାଇବାକୁ କହିଥିଲେ। ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ ନୂତନ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବା ସହ ଦୃଢ଼ ନିଷ୍ଠା ଓ ଅଧ୍ୟବସାୟ ବଳରେ ସେମାନେ ନିଜ ନିଜର ସ୍ୱପ୍ନ ପୂରଣ କରିପାରିବେ ବୋଲି କହିଥିଲେ। ଏମ୍‌ବିଏ ବିଭାଗର ପ୍ରୋଗ୍ରାମ କୋ-ଅର୍ଡିନେଟର ଡ. ଅର୍ଚ୍ଚନା ଚୌଧୁରୀ ଧନ୍ୟବାଦ ଦେଇଥିଲେ।

## ଅଡିଓ ସିଡୀ 'ମନ ଗାଲିଚା' ଲୋକାର୍ପିତ

# ଓଡ଼ିଆ ଭାଷାର ସୌନ୍ଦର୍ଯ୍ୟ, ଅନ୍ୟ ଭାଷାରେ ନାହିଁ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ଜଣେ ଅଣଓଡ଼ିଆ ପିଲା ହୋଇ ମଧ୍ୟ ଏତେ କମ୍ ବୟସରେ ଓଡ଼ିଆ ଭାଷାରେ ଗୀତ ଗାଇଛନ୍ତି ପ୍ରଣବ ଜ୍ୟୋତି ନାଥ। ଓଡ଼ିଆ ଭାଷା ପ୍ରତି ତାଙ୍କର କେତେ ଭଲପାଇବା ରହିଛି ଏଥିରୁ ପ୍ରମାଣ ମିଳୁଛି। ଓଡ଼ିଆ ଭାଷାର ଯେଉଁ ସୌନ୍ଦର୍ଯ୍ୟ, ତାହା ଅନ୍ୟ କୌଣସି ଭାଷାରେ ନାହିଁ। ଆମେ କାହିଁକି ଆମ ଭାଷାକୁ ଘୃଣା କରି ଅନ୍ୟ ଭାଷାକୁ ଆପଣାଇବା, ଆମ ପିଲାଙ୍କ ସହ ଓଡ଼ିଆ ଭାଷା ଛାଡ଼ି ଅନ୍ୟ ଭାଷାରେ କଥା ହେବା। ଯେତେବେଳେ ଆମେ ବୁଝିବା ସେତେବେଳେ ପ୍ରଣବଙ୍କ ପରି ଯୁବକ ହିଁ ଆମର ପ୍ରେରଣାର ଉତ୍ସ ହେବେ ବୋଲି ପୂର୍ବତନ ଏମ୍‌ପି ତଥା 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ କହିଛନ୍ତି।

ଗୁରୁବାର ଗୀତଗୋବିନ୍ଦ ସଦନରେ ଆଦିତ୍ୟ ମ୍ୟୁଜିକ୍ ପ୍ରଯୋଜିତ ଓଡ଼ିଆ ଅଡିଓ ସିଡୀ 'ମନ ଗାଲିଚା'ର ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସତପଥୀ କହିଥିଲେ, ମୁଁ ହିନ୍ଦୀ ସିନେମା ଗୀତ ଶୁଣେ ନାହିଁ। ଏମିତି ନୁହେଁ କି ମୋର ହିନ୍ଦୀ ବିରୋଧରେ କିଛି ମତ ଅଛି, କିନ୍ତୁ ଯଦି କେଉଁଠି ବି କାହାକୁ ପଚାରିବେ ତାଙ୍କ ପାଟିରୁ ଗୋଟିଏ ହିନ୍ଦୀଗୀତ ହିଁ ଶୁଣିବାକୁ ମିଳିବ। ଛୋଟରୁ ବଡ଼ ଯାଏ ସବୁଠି ସମାନ ଅବସ୍ଥା। ସତେଯେମିତି ଭାରତବର୍ଷରେ ଆଉ କୌଣସି ଭାଷା ନାହିଁ, ସଙ୍ଗୀତ ନାହିଁ, ସଂସ୍କୃତି ନାହିଁ। କେବଳ ବମ୍ବେରୁ ତିଆରି ହୋଇଥିବା ସେହି ମୁକେଶ, କିଶୋର କୁମାର, ମହମ୍ମଦ ରଫି, ଲତା ମଙ୍ଗେଷ୍କର, ଆଶା ଭୋସ୍‌ଲେଙ୍କ ସଙ୍ଗୀତରେ ହିଁ ଭାରତୀୟ ସଙ୍ଗୀତ ସୀମିତ ହୋଇଯାଇଛି।

ଅଡିଓ ସିଡୀ 'ମନ ଗାଲିଚା'ରେ ପ୍ରଣବ ଜ୍ୟୋତି ନାଥଙ୍କ ସହ ନନ୍ଦିନୀ ମହାନ୍ତି କଣ୍ଠଦାନ କରିଛନ୍ତି। ମମତାରାଣୀ ନାୟକ ଗୀତ ରଚନା କରିଥିବା ବେଳେ ଲକ୍ଷ୍ମୀକାନ୍ତ ପାଲିତ୍ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଲୋକାର୍ପଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସରୋଜ କୁମାର ତ୍ରିପାଠୀ, ମିତାଲି, ସୌରଭ ନାୟକ, ବିଷ୍ଣୁ କିଶୋର, ସତ୍ୟବ୍ରତ ମୀନକେତନ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଓ ଅନ୍ୟ ଅତିଥିମାନେ ଓଡ଼ିଆ ଅଡିଓ ସିଡୀ 'ମନ ଗାଲିଚା'ର ଲୋକାର୍ପଣ କରୁଛନ୍ତି।

## କୋଟିଏରୁ ଊର୍ଦ୍ଧ୍ୱ ଠକେଇ କରି ଫେରାର ଥିବା ବିଲ୍‌ଡର ଗିରଫ

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

ରାଜଧାନୀ ଉପକଣ୍ଠ ଅଞ୍ଚଳରେ ଲୋକଙ୍କୁ ସୁଲଭ ମୂଲ୍ୟରେ ପ୍ଲଟ ଯୋଗାଇ ଦେବାକୁ କହି ଜମାକାରୀଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇରେ ଫେରାର ଥିବା ବିଲଡରଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ କଟକ ଜିଲା ଚାଉଳିଆଗଞ୍ଜ ଥାନା ଅଞ୍ଚଳର ନିର୍ବିକାର ନନ୍ଦ। ନିର୍ବିକାର ଶହୀଦନଗର ଅଞ୍ଚଳର ବାଇଆବାବା ମଠ ନିକଟରେ ସଂଯୋଗ ଇଷ୍ଟେଟ ପ୍ରାଇଭେଟ ଲିମିଟେଡ ନାମକ ବିଲଡର ସଂସ୍ଥା ଖୋଲି ଜମି କିଣାବିକା ବ୍ୟବସାୟ ଚଳାଇଥିଲେ। ୫୦ରୁ ଊର୍ଦ୍ଧ୍ୱ ଜମାକାରୀଙ୍କୁ ରାଜଧାନୀ ଉପକଣ୍ଠ ଖଣ୍ଡଗିରି ଥାନା ଅଧୀନ ସଁପୁର ଅଞ୍ଚଳରେ ସୁଲଭ ମୂଲ୍ୟରେ ପ୍ଲଟ ଦେବାକୁ କହି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇଥିଲେ। ଆଜିକାଲି କରି ଦିନ ଗଡାଇ ଚାଲିବା ପରେ ଆଉ କାହାକୁ ଧରା ନ ଦେଇ ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ନଂ. ୨୮୧/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସୁବୁନିମା



ସୀତାରାମ



କ୍ରୀଷ୍ଣା



ଏସ୍. ମହାପାତ୍ର



ଦେବେନ୍ଦ୍ର



ପିଏମ୍ ମହାପାତ୍ର



ବିବିବି ସେଠୀ



କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ଭିତରକନିକା ଜାତୀୟ ଉଦ୍ୟାନରେ ବେଆଇନ ଭାବରେ ହରିଣ ଶିକାର କରିବା ଅଭିଯୋଗରେ ପେସାଦାର ଶିକାରୀ ନିରଞ୍ଜନ ମଣ୍ଡଳଙ୍କୁ ଗିରଫ କରାଯାଇଛି। ତେବେ ଅନ୍ୟ ଦୁଇଜଣ ଶିକାରୀ ବନବିଭାଗ କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ଚମ୍ପଟ ମାରିଛନ୍ତି। ନିରଞ୍ଜନଙ୍କଠାରୁ ଗୋଟିଏ ହରିଣର କଟାମୁଣ୍ଡ ସହ ୧୦କେଜି ମାଂସ, ହରିଣ ଛାଲ ଓ ଫାଶ ଜବତ କରାଯାଇଛି।

# ବଲାଙ୍ଗୀର ମେଡିକାଲ କଲେଜରେ ଡିଜିଟାଲ ବ୍ଲେଣ୍ଡେଡ୍ ଶିକ୍ଷା ବ୍ୟବସ୍ଥା

- ଘରେ ବସି ଜାଣିହେବ ବିଶ୍ୱସ୍ତରୀୟ ଜ୍ଞାନକୌଶଳ
- ଶରୀରତତ୍ତ୍ୱ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ସିଏମ୍ଇ ଓ କର୍ମଶାଳା
- ଯୋଗଦେଲେ ଦୁଇ ଆମେରିକୀୟ ଶିକ୍ଷାବିତ୍

ବଲାଙ୍ଗୀର ଅଫିସ, ୨୭।୬

ବିଶ୍ୱସ୍ତରୀୟ ଶିକ୍ଷାଲାଭ କରିବା ପାଇଁ ଆଉ ବିଦେଶକୁ ଯିବାକୁ ପଡିବ ନାହିଁ। ନିଜ ଘରେ ବା କଲେଜରେ ବସି ଆମ ଛାତ୍ରୀଛାତ୍ରମାନେ ବିଶ୍ୱସ୍ତରୀୟ ଶିକ୍ଷା ଓ ଡିଜିଟାଲ ଜ୍ଞାନକୌଶଳ ପାଇପାରିବେ। ବଲାଙ୍ଗୀର ସନ୍ଥ ଭୀମ ଭୋଇ ମେଡିକାଲ କଲେଜରେ ଶରୀରତତ୍ତ୍ୱ ବିଭାଗ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଆନ୍ତର୍ଜାତିକ ସିଏମ୍ଇ ଏବଂ ୱାର୍କଶପ୍‌ରେ ଏହି ବିଶ୍ୱସ୍ତରୀୟ ଶିକ୍ଷା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଦୁଇ ଆମେରିକୀୟ ଶିକ୍ଷାବିତ୍ ଡା. କୌଶିକ ଦତ୍ତ ଏବଂ ଆମି ବୁଚର ଯୋଗଦେଇ ଅତ୍ୟାଧୁନିକ ଡିଜିଟାଲ ବ୍ଲେଣ୍ଡେଡ ଲର୍ନିଂ ଉପରେ କହିଥିଲେ।

ଭୀମ ଭୋଇ ମେଡିକାଲ କଲେଜରେ ପ୍ରଥମ ଥର ପାଇଁ ହାଇଟେକ୍ ଡିଜିଟାଲ ଲର୍ନିଂ ଇନ୍ ମେଡିକାଲ ଫିଜିଓଲୋଜି ଉପରେ ଆନ୍ତର୍ଜାତିକ କର୍ମଶାଳା ଓ ସିଏମ୍ଇ ଆୟୋଜନ କରାଯାଇଥିଲା। ଏହାକୁ ନେଇ କଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରୀଛାତ୍ର ମହଲରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଭୀମ ଭୋଇ ମେଡିକାଲ କଲେଜ ଶରୀରତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ଡା. ଅର୍ପିତା ପ୍ରିୟଦର୍ଶିନୀ ପ୍ରଥମେ ଏହି କର୍ମଶାଳାର ଆଭିମୁଖ୍ୟ



ଶରୀରତତ୍ତ୍ୱ ବିଭାଗ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ କର୍ମଶାଳାରେ ଉପସ୍ଥିତ ଶିକ୍ଷାବିତ୍, ମେଡିକାଲ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର।

ସମ୍ପର୍କରେ କହିଥିଲେ। ମେଡିକାଲ କଲେଜର ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେଡିକାଲ କଲେଜ ଡିନ୍ ପ୍ରଫେସର ଡା ଲଳିତ କୁମାର ମେହେର, ବିଭିନ୍ନ ବିଭାଗର ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ଫିଜିଓଲୋଜି ବିଭାଗର ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଏକାଡେମିକସ୍ ସେସନ୍‌ରେ ଯୁକ୍ତରାଷ୍ଟ୍ର ଆମେରିକାର ମେନ୍‌ସ୍ଥିତ ନିଉ ଇଂଲଣ୍ଡ ବିଶ୍ୱବିଦ୍ୟାଳୟରୁ ଆସିଥିବା ବରିଷ୍ଠ ଅଧ୍ୟାପକ ଡା କୌଶିକ ଦତ୍ତ ଏବଂ ଆମେରିକାର କଲୋରାଡୋ ସ୍ପ୍ରିଙ୍ଗସ୍‌ସ୍ଥିତ ଆଡଇଷ୍ଟ୍ରମେଣ୍ଟର ଶିକ୍ଷା ବିଭାଗୀୟ ମୁଖ୍ୟ ଆମି ବୁଚର ଫାକଲ୍‌ଟି ଡେଭେଲପମେଣ୍ଟ ଅନ୍ ଡିଜିଟାଲ ବ୍ଲେଣ୍ଡେଡ୍ ଲର୍ନିଂ ଉଇଥ୍ ଲାବ୍‌ଷ୍ଟେଶନ୍ ଉପରେ ଗବେଷଣାଭିତ୍ତିକ ଆଲୋଚନା କରିଥିଲେ। ଶରୀରତତ୍ତ୍ୱର ଜଟିଳ ଶିକ୍ଷାକୁ ଆହୁରି ସୁଗମ କରିବା ପାଇଁ ଡିଜିଟାଲ ଟେକ୍‌ନୋଲୋଜିରେ ଆମେ କିଭଳି ବିଶ୍ୱସ୍ତରୀୟ ଶିକ୍ଷା ଗ୍ରହଣ କରିପାରିବା ସେ ଉପରେ ଉଭୟ ଶିକ୍ଷାବିତ୍ ବୁଝାଇଥିଲେ। ବିଭାଗୀୟ ମୁଖ୍ୟ ଅର୍ପିତା ପ୍ରିୟଦର୍ଶିନୀ କହିଥିଲେ ଯେ, ଘରେ ବସି ଏବେ ମେଡିକାଲ ଛାତ୍ରୀଛାତ୍ର ବିଶ୍ୱସ୍ତରୀୟ ବିଜ୍ଞାନର ନୂତନ ଜ୍ଞାନ ଆହରଣ କରିପାରିବେ। ସେମାନେ ମେଡିକାଲ ବିଜ୍ଞାନର ସୂକ୍ଷ୍ମାତି ସୂକ୍ଷ୍ମ ବିଷୟଗୁଡ଼ିକୁ ଅତ୍ୟାଧୁନିକ ଟେକ୍‌ନୋଲୋଜି ଓ କମ୍ପ୍ୟୁଟର ଜରିଆରେ ଏଠାରୁ ଶିକ୍ଷା କରିପାରିବେ। ସେହି ଜ୍ଞାନକୁ ସମଗ୍ର ବିଶ୍ୱବାସୀଙ୍କ କଲ୍ୟାଣରେ ଲଗାଇପାରିବେ। ଆମେ ସରକାରଙ୍କଠାରେ କୃତଜ୍ଞ ଯେ ଆମପାଇଁ ବଲାଙ୍ଗୀର ମେଡିକାଲ କଲେଜରେ ଏଭଳି ଅତ୍ୟାଧୁନିକ ଡିଜିଟାଲ ଟେକ୍‌ନୋଲୋଜି ଯୋଗାଇ ଦେଇଛନ୍ତି। ଏହା ସାଧାରଣ କଥା ନୁହେଁ। ଏବେ ଓଡିଶା କଥା ଛାଡନ୍ତୁ ସମଗ୍ର ଦେଶରେ ଏଭଳି କମ୍ କଲେଜ ରହିଛି ଯେଉଁଠି ଏହିଭଳି ଡିଜିଟାଲ ବ୍ଲେଣ୍ଡେଡ୍ ଶିକ୍ଷା ବ୍ୟବସ୍ଥା ଓ ଉପକରଣ ରହିଛି। ଆଗାମୀ ଦିନରେ ବଲାଙ୍ଗୀରରୁ ଓଡିଶାରୁ ଏହି ଜ୍ଞାନ ଆହରଣ କରି ଅନେକ ସଫଳ ଡାକ୍ତର ବାହାରିବେ, ଯେଉଁମାନେ ଆମକୁ ନୂଆ ବାଟ ଦେଖାଇବେ ବୋଲି ବିଭାଗୀୟ ମୁଖ୍ୟ ଡା ପ୍ରିୟଦର୍ଶିନୀ କହିଛନ୍ତି।

ଏଭଳି ଏକ କର୍ମଶାଳାରେ ଦୁଇ ଆମେରିକୀୟ ଶିକ୍ଷାବିତ୍ ଯୋଗଦେଇ ଆମକୁ ନୂଆ ଟେକ୍‌ନୋଲୋଜି ବିଷୟରେ ସୂଚନା ଦେବା ନିଶ୍ଚିତ ରୂପେ ଏକ ଗୌରବର କଥା ବୋଲି ମେଡିକାଲ କଲେଜ ଡିନ୍ ପ୍ରଫେସର ଡା ମେହେର କହିଥିଲେ। ବଲାଙ୍ଗୀର ମେଡିକାଲ କଲେଜରେ ଏହି ବିଶ୍ୱସ୍ତରୀୟ ଡିଜିଟାଲ ଉପକରଣ ରହିଥିଲେ ମଧ୍ୟ ଏହାକୁ ଚଳାଇବା ପାଇଁ ଟେକ୍‌ନିସିଆନ୍ ବା ଶିକ୍ଷାବିତ୍ ନ ଥିଲେ। ଏବେ ଦୁଇ ଆମେରିକୀୟ ବିଦ୍ୱାନ୍ ଡା ଦତ୍ତ ଓ ଆମି ବୁଚରଙ୍କ ତତ୍ତ୍ୱାବଧାନରେ ଅନେକ ଛାତ୍ରୀଛାତ୍ର ଏହି ଉପକରଣ ଚଳାଇବା ଶିଖିଛନ୍ତି ଓ ଏହା ଆଗକୁ ଅନେକ କାମରେ ଆସିବ ବୋଲି ସେ କହିଛନ୍ତି। ଏକାଡେମିକ୍ ସେସନସ୍ ପରେ ପାୱାର ଲାବ୍‌ରେ ଡା. ଦତ୍ତ ଓ ଆମି ବୁଚର ଛାତ୍ରୀଛାତ୍ର, ଆସିଷ୍ଟାଣ୍ଟ ପ୍ରଫେସର ଓ ଅନ୍ୟମାନଙ୍କୁ ପ୍ରାକ୍ଟିକାଲ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ପି କେ. ଶିବା. ସୁବ୍ରମଣି, ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଡା ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜେଲ ଗଲେ କୋଟିପତି କନିଷ୍ଠ ଯନ୍ତ୍ରୀ

କଟକ ଅଫିସ,୨୭।୬: ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକର କନିଷ୍ଠଯନ୍ତ୍ରୀ ତ୍ରିବିକ୍ରମ ସାମନ୍ତରାୟଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଗତ ବୁଧବାର ସାମନ୍ତରାୟଙ୍କ ଘର, ଅଫିସ ସମେତ ୪ଟି ସ୍ଥାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ମୋଟ ୧ କୋଟି ୩୩ ଲକ୍ଷ ୨୦ହଜାର ୯୩୯ ଟଙ୍କାର ସମ୍ପତ୍ତି ଠାବ ହୋଇଥିଲା। ଏଥିରେ ତିନୋଟି କୋଠା, ଗୋଟିଏ ଦୋକାନ ଘର, ଦୁଇଟି କାର୍, ଦୁଇଟି ପିକ୍‌ଅପ ଭ୍ୟାନ୍, ଗୋଟିଏ ଅଟୋ, ଦୁଇଟି ବାଇକ ସମେତ ମସଲା ପ୍ରସ୍ତୁତ ଯନ୍ତ୍ରପାତିକୁ ଭିଜିଲାନ୍ସ ଠାବ କରିଥିଲା। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧୪/୨୦୧୯) ରୁଜୁ କରାଯାଇ ସାମନ୍ତରାୟଙ୍କୁ ଗିରଫ କରାଯାଇଛି। ଗିରଫ ପରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଲାଞ୍ଚ: କେନ୍ଦୁପତ୍ର ଉପଖଣ୍ଡ ପରିଚାଳକ, ପିଅନ ଗିରଫ

କଟକ ଅଫିସ,୨୭।୬: ୧୨ ହଜାର ଟଙ୍କା ଲାଞ୍ଚ ନେବାବେଳେ ଓଡ଼ିଶା ବନ ଉନ୍ନୟନ ନିଗମ ଅଧୀନରେ ଥିବା କନ୍ଧମାଳ କେନ୍ଦୁପତ୍ର ଉପଖଣ୍ଡର ପରିଚାଳକ ବିକ୍ରମ କୁମାର ସାହୁଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି। କନ୍ଧମାଳ ଥାନା ଅଧୀନ ଋଷିମହୁଲ ଗ୍ରାମର ସତ୍ୟନାରାୟଣ ଖଟୁଆଙ୍କଠାରୁ ସାହୁ ଏହି ଲାଞ୍ଚଟଙ୍କା ଗ୍ରହଣ କରୁଥିଲେ। ୪୧ ନମ୍ବର ଜାତୀୟ ରାଜପଥରେ ହୋଇଥିବା ବନୀକରଣ କାର୍ଯ୍ୟରେ ଗତ ଏପ୍ରିଲ ଓ ମେ ମାସରେ ପାଣିଦେବା କାର୍ଯ୍ୟ ଖଟୁଆ କରିଥିଲେ। କାର୍ଯ୍ୟ ବାବଦ ଅର୍ଥ ଦେବା ନିମନ୍ତେ ପରିଚାଳକ ସାହୁ ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ଗୁରୁବାର ଅପରାହ୍ନ ୩ଟା ୪୫ରେ ସାହୁ ନିଜ ଅଫିସରେ ଖଟୁଆଙ୍କଠାରୁ ଏହି ଲାଞ୍ଚ ଟଙ୍କା ଗ୍ରହଣ କରି ଅଫିସ ଟେବୁଲ ଡ୍ରୟରରେ ରଖିଥିଲେ। ଏହି ସମୟରେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ କନ୍ଧମାଳଠାରେ ଥିବା ପରିଚାଳକ ସାହୁଙ୍କ ଘର, ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଧୀନ ବେରୁଆଁବାରିଠାରେ ଥିବା ପୈତୃକ ଘର ଆଦିକୁ ଭିଜିଲାନ୍ସ ଯାଞ୍ଚ କରିଥିଲା। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧୩/୨୦୧୯) ରୁଜୁ କରାଯାଇ ସାହୁଙ୍କୁ ଗିରଫ କରାଯାଇଛି। ସେହିପରି ୧୨୦୦ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଢେଙ୍କାନାଳ ଜିଲା ମଣିପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ପିଅନ ଅଜୟ କୁମାର ପଟ୍ଟନାୟକ। ଗୁରୁବାର ସେ ଏହି ଲାଞ୍ଚ ସଦର ଥାନା ଅଧୀନ ସିଆରିଆ ଗ୍ରାମର ଚିନ୍ତାମଣି ମହାନ୍ତିଙ୍କଠାରୁ ଗ୍ରହଣ କରୁଥିଲେ। ଚିନ୍ତାମଣିଙ୍କ ଏକ ମ୍ୟୁଟେଶନ କେସ୍‌ରେ ରେକର୍ଡ ଅଫ ରାଇଟ୍‌ସ ଇସ୍ୟୁ କରିବାରେ ସାହାଯ୍ୟ କରିବା ପାଇଁ ପିଅନ ପଟ୍ଟନାୟକ ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ଗୁରୁବାର ସେ ଅଫିସରେ ଚିନ୍ତାମଣିଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ଢେଙ୍କାନାଳ ସହରରେ ଥିବା ପଟ୍ଟନାୟକଙ୍କ ବାସଭବନକୁ ଯାଞ୍ଚ କରାଯାଇଛି। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧୫/୨୦୧୯) ରୁଜୁ କରାଯାଇ ପଟ୍ଟନାୟକଙ୍କୁ ଗିରଫ କରାଯାଇଛି।

## ୧୬ ନମ୍ବର ଏନ୍‌ଏଚ୍ ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା

# ଅନୁମତିଠାରୁ ଅଧିକ ଲଘୁ ଖଣିଜ ଦ୍ରବ୍ୟ ଲୁଟ

- ଡିବିଏଲ ଉପରେ ଏନ୍‌ଜିଟି ଛାଟ
- ତଦନ୍ତ କଲେ ୫ ଜଣିଆ ସ୍ୱତନ୍ତ୍ର ଟିମ୍
- ୨ଦିନ ଧରି ବିଭିନ୍ନ ଲଘୁ ଖଣିଜ ଦ୍ରବ୍ୟ ଖନନ ସ୍ଥାନରେ ଚଢ଼ାଉ

ଯାଜପୁର ଅଫିସ,୨୭।୬

ଯାଜପୁର ଜିଲାର ଚଣ୍ଡିଖୋଲଠାରୁ ଭଦ୍ରକ ୧୬ନମ୍ବର ଜାତୀୟ ରାଜପଥର ୬ଲେନ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ମେସର୍ସ ଦିଲୀପ ବିଲଡକନ ଲିମିଟେଡ(ଡିବିଏଲ)କୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଛାଟ ପଡ଼ିଛି। ଲଘୁ ଖଣିଜ ସମ୍ପଦ ଲୁଟ ସମେତ ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବାରୁ ଡିବିଏଲ ଠିକାସଂସ୍ଥା ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଲଘୁ ଖଣିଜ ଦ୍ରବ୍ୟ ଲୁଟ ସାଙ୍ଗକୁ ପରିବେଶ ପ୍ରଦୂଷଣ କରୁଥବା ଅଭିଯୋଗରେ ଆଇନଜୀବୀ ଶ୍ରୀନାଥ ମିଶ୍ର ଏନ୍‌ଜିଟିରେ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ଏନ୍‌ଜିଟି ନିର୍ଦ୍ଦେଶରେ ଏକ ୫ଜଣିଆ ଟିମ୍ ବୁଧବାରଠାରୁ ୨ଦିନ ଧରି ଲଘୁ ଖଣିଜ ଦ୍ରବ୍ୟ ଖନନ କରାଯାଇଥିବା ସ୍ଥାନକୁ ଗସ୍ତ କରି ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ସମୟରେ ଠିକାସଂସ୍ଥା ଦ୍ୱାରା ପରିବେଶ ନିୟନ୍ତ୍ରଣ ଆଇନକୁ ବ୍ୟାପକ ଭାବେ ଉଲ୍ଲଂଘନ କରାଯାଇଥିବା ଉକ୍ତ ଟିମ୍ ସୁରାକ ପାଇଥିବା ସୂଚନା ମିଳିଛି। ଉକ୍ତ ଟିମ୍‌ରେ ସିନିୟର ସାଇଣ୍ଟିଷ୍ଟ,



ଏନ୍‌ଜିଟି ନିର୍ଦ୍ଦେଶରେ ତଦନ୍ତ କରୁଥିବା ସ୍ୱତନ୍ତ୍ର ଟିମ୍।

ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଭୁବନେଶ୍ୱର ଅଧିକାରୀ ଶୀତିକାନ୍ତ ସାହୁ, ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା, ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ପ୍ରମୁଖ ତଦନ୍ତ ଟିମରେ ସାମିଲ ହୋଇଥିଲେ। ଡିବିଏଲ ଦ୍ୱାରା କୁମାରୀ ପଞ୍ଚାୟତରୁ ବେଆଇନ ଭାବେ ମାଟି ଓ ମୋରମ, ରାହାଡପୁର ପାହାଡ଼ରୁ ମାଟି, ଆରୁହା ଓ ବାଜବାଟି ପାହାଡ଼ରୁ କଳାପଥର ଖନନ ଓ ରାସ୍ତାରେ ବ୍ୟବହୃତ ଲଘୁ ଖଣିଜ ଦ୍ରବ୍ୟର ହିସାବ ତନଖି କରିବା ସହିତ ଠିକାସଂସ୍ଥା ଦ୍ୱାରା ଦାଖଲ ହୋଇଥିବା କାଗଜପତ୍ର ଉପରେ ଟିମ୍ ସମୀକ୍ଷା କରିଥିଲେ। ତେବେ ଧର୍ମଶାଳା ତହସିଲ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଡିବିଏଲ୍‌କୁ କଳାପଥର ପାଇଁ ତହସିଲ ସୈରାତରୁ ଲିଜ୍ ଦିଆଯାଇଛି। ମାତ୍ର ଯେଉଁଠାରୁ ମାଟି ମୋରମ ତାଡିଛି ସେନେଇ କୌଣସି ଅନୁମତି ଦିଆଯାଇ ନାହିଁ। ରାହାଡ଼ପୁର ପାହାଡ଼ରୁ ମଧ୍ୟ ମାତ୍ରାଧିକ କଳାପଥର ଖନନ କରାଯାଇଛି। ସହିପରି କୁମାରୀ ପଞ୍ଚାୟତରେ ମାଟି ଓ ମୋରମ ଖନନର ତଦନ୍ତ କରିବାକୁ ଯାଇଥିବା ଟିମ୍‌କୁ ଠିକାଦାରଙ୍କ ସପକ୍ଷବାଦୀମାନେ ବିରୋଧ କରିଥିବା ଦେଖିବାକୁ ମିଳିଥିଲା। ଏହି ଠିକାସଂସ୍ଥା ନିଜର ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଯାଇ ବେଆଇନ ଭାବେ ବ୍ୟାପକ ଲଘୁ ଖଣିଜ ଦ୍ରବ୍ୟ ଲୁଟ କରିଥିବା ଅଭିଯୋଗ ହୋଇଥିଲା। ଏପରିକି ଗତ ମାସରେ ଧର୍ମଶାଳା ତହସିଲ ପକ୍ଷରୁ ଠିକାସଂସ୍ଥାକୁ ୩୦ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ଏଯାବତ୍ ଠିକାସଂସ୍ଥା ଉକ୍ତ ଜରିମାନା ଦାଖଲ କରିନାହିଁ। ଠିକା ସଂସ୍ଥା ଡିବିଏଲର ପ୍ରକଳ୍ପ ମୁଖ୍ୟ କହିଛନ୍ତି ଚଣ୍ଡିଖୋଲ-ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ କୌଣସି ବେଆଇନ କାର୍ଯ୍ୟ କରାଯାଇ ନାହିଁ। ଆଇନ ଅନୁସାରେ ସବୁ କାର୍ଯ୍ୟ ଚାଲିଛି। ଅଭିଯୋଗ ଭିତ୍ତିହୀନ ଅଟେ ବୋଲି ସେ କହିଛନ୍ତି। ଅପରପକ୍ଷରେ ତଦନ୍ତ ଚାଲିଥିବାରୁ ଅଧିକ ତଥ୍ୟ ଟିମ୍ ସଦସ୍ୟଙ୍କ ଠାରୁ ମିଳିପାରିନାହିଁ।

# ଘରୋଇ ସ୍କୁଲ ପ୍ରୀତି ଯୋଗୁ ସରକାରୀ ବିଦ୍ୟାଳୟ ଶିକ୍ଷା ବିପର୍ଯ୍ୟସ୍ତ: କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

ଓଡ଼ିଶାରେ ସରକାରୀ ସ୍କୁଲରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ସରକାରଙ୍କୁ କଂଗ୍ରେସ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ଘରୋଇ ସ୍କୁଲ ପ୍ରତି ଅହେତୁକ ଅନୁକମ୍ପା ହେତୁ ବର୍ତ୍ତମାନ ରାଜ୍ୟରେ ସରକାରୀ ସ୍କୁଲରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ବୋଲି କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟ ପ୍ରକାଶ ନାୟକ ଅଭିଯୋଗ କରିଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟ ପ୍ରକାଶ କହିଛନ୍ତି ଯେ, ଓଡିଶାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ୬୯,୨୮୭ ହୋଇଥିବା ବେଳେ ଏହା ଉପରେ ରାଜ୍ୟର ୮୫ପ୍ରତିଶତ ବିଦ୍ୟାର୍ଥୀ ପାଠ ପଢିବାକୁ ନିର୍ଭର କରୁଛନ୍ତି। ମାତ୍ର ଦୁଃଖ ଏବଂ ପରିତାପର ବିଷୟ ମୋଟ୍ ସରକାରୀ ସ୍କୁଲ ମଧ୍ୟରୁ ୪୦,୫୫୮ଟି ସ୍କୁଲକୁ ବିଜୁଳି ସଂଯୋଗ ହୋଇପାରି ନାହିଁ। ୪୦,୬୨୮ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ଖେଳ ପଡିଆ ନାହିଁ। ଏପରିସ୍ଥଳେ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ସରକାରୀ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏଥିପାଇଁ ସରକାରୀ ସ୍କୁଲରେ ପାଠପଢାର ସ୍ତର ବିଗତ ୨୦ ବର୍ଷ ଧରି ଲଗାତର ଭାବେ ନିମ୍ନଗାମୀ ହୋଇଛି। ସରକାର ସ୍କୁଲଗୁଡିକର ମୌଳିକ ସୁବିଧା ପ୍ରତି ଆଖିବୁଜି ବସିଥିବା ବେଳେ 'ମାର୍ ମାର୍ ଭଣ୍ଡାରିଆକୁ ମାର୍' ନ୍ୟାୟରେ ୯୬୬ ସ୍କୁଲ ବନ୍ଦ କରିବା ପାଇଁ ବସିଛନ୍ତି। ସରକାରଙ୍କ ଗଣଶିକ୍ଷା ବିଭାଗ ଜାଣିଶୁଣି ସରକାରୀ ସ୍କୁଲକୁ ଅବହେଳା ଏବଂ ଉପେକ୍ଷା କରିଛନ୍ତି, ଯାହାର ପରିଣାମ ସ୍ୱରୂପ ଆଜି ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସରକାରୀ ସ୍କୁଲ ପରିବର୍ତ୍ତେ ଘରୋଇ ବିଦ୍ୟାଳୟରେ ପାଠ ପଢାଇବା ପାଇଁ ଛାଡୁଛନ୍ତି। ସରକାର ଜାଣିଶୁଣି ସରକାରୀ ସ୍କୁଲକୁ ନିରନ୍ତରଭାବେ ଉପେକ୍ଷା କରିବା ପଛରେ ଘରୋଇ ସ୍କୁଲ ପ୍ରୀତି ରହିଛି ବୋଲି ଅଭିଯୋଗ କରିଛନ୍ତି। ଏହିସବୁ କାରଣ ଯୋଗୁ ଚଳିତ ବର୍ଷ ପରୀକ୍ଷା ଫଳ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି। ବିଭାଗୀୟ ମନ୍ତ୍ରୀ ଶିକ୍ଷା ପାଇଁ ରାଜ୍ୟର ମୋଟ୍ ଘରୋଇ ଉତ୍ପାଦର ୨୦ ପ୍ରତିଶତ ଖର୍ଚ୍ଚ ହେବା କଥା କହୁଥିବାବେଳେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ସୁଧାରିବାର ପ୍ରୟାସ ନ କରି କମ୍ ଉପସ୍ଥାନ ଆଳରେ ଶହଶହ ସ୍କୁଲ ବିଶେଷଭାବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ସ୍କୁଲକୁ ବନ୍ଦ କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ କଂଗ୍ରେସ ନିନ୍ଦା କରିଛି।

# ସଦସ୍ୟତା ଅଭିଯାନ ପୂର୍ବରୁ ଭାଜପା ମହିଳା ମୋର୍ଚ୍ଚାର ବୈଠକ

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡାଙ୍କ ନେତୃତ୍ୱରେ ସଦସ୍ୟତା ଅଭିଯାନର ଏକ ବୈଠକ ରାଜ୍ୟ କାର୍ଯ୍ୟାଳୟ ଠାରେ ଗୁରୁବାର ଅନୁଷ୍ଠିତ ହୋଇଛି। ଆସନ୍ତା ୬ରୁ ମହିଳା ମୋର୍ଚ୍ଚାର ସଦସ୍ୟତା ଅଭିଯାନ ଆରମ୍ଭ ହେବ। ଏହି ଅଭିଯାନରେ ସମାଜର ବିଭିନ୍ନ ବର୍ଗର ମହିଳାଙ୍କୁ ସଦସ୍ୟ କରି ଭାଜପାକୁ ସର୍ବ ସମାବେଶୀ କରିବାର ସ୍ଥିର କରାଯାଇଛି। ଜିଲା ଏବଂ ରାଜ୍ୟସ୍ତରୀୟ ସମସ୍ତ ପ୍ରମୁଖ ନେତୃବୃନ୍ଦ ସଦସ୍ୟତା ଗ୍ରହଣ ଅଭିଯାନରେ ସକ୍ରିୟ ସହଭାଗୀ ହେବାର ସଂକଳ୍ପ ନେଇଛନ୍ତି। ଗ୍ରାମରୁ ସହାର ପର୍ଯ୍ୟନ୍ତ ଥିବା ସମସ୍ତ ଶ୍ରମଜୀବୀଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ଥିବା ଛାତ୍ରୀମାନଙ୍କୁ ମଧ୍ୟ ସଙ୍ଗଠନରେ ସହଭାଗିତା କରାଯିବ। ଉକ୍ତ ବୈଠକରେ ରାଜ୍ୟ ଭାଜପା ସଦସ୍ୟତା ପ୍ରଭାରୀ ଅନନ୍ତ ନାୟକ, ସହ ପ୍ରଭାରୀ ଶାରଦା ଶତପଥୀ, ରାଜ୍ୟ ଉପସଭାପତି ସମୀର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ସମ୍ବୋଧନ କରିଛନ୍ତି। ରାଜ୍ୟ ମହିଳା ମୋର୍ଚ୍ଚାର ପ୍ରଭାରୀ ସୁରମା ପାଢୀ ଉପସ୍ଥିତ ରହି ମାର୍ଗଦର୍ଶନ କରିଛନ୍ତି। ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତି ସଦସ୍ୟତା ଗ୍ରହଣରେ ମହିଳାଙ୍କ ଭୂମିକା ଉପରେ ମାର୍ଗଦର୍ଶନ କରିଛନ୍ତି।

# ଗାୟିକା ସାଜିଲେ ପ୍ରିୟା ପ୍ରକାଶ

ଥିରୁଭାନନ୍ତପୁରମ୍: ଗତବର୍ଷ ଯାହାଙ୍କ ଆଖିମରା ଦୃଶ୍ୟ ଲକ୍ଷଲକ୍ଷ ଦର୍ଶକଙ୍କ ହୃଦୟକୁ ଜିଣିପାରିଥିଲା, ସେଇ ଚର୍ଚ୍ଚିତ ଅଭିନେତ୍ରୀ ହେଉଛନ୍ତି ପ୍ରିୟା ପ୍ରକାଶ ବାରିୟର। ସେ ଆଗାମୀ ମାଲାୟାଲମ୍ ଫିଲ୍ମ 'ଫାଇନାଲ୍ସ'ର ଏକ ସଂଗୀତରେ ସ୍ୱର ଦେଇଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହନ୍ତି, 'ମୋର ପ୍ରଥମ ଉଦ୍ୟମ (ଆଖିମରା ଦୃଶ୍ୟ)ରେ ଆପଣମାନେ ଖୁସି ହୋଇଥିବାରୁ ହୃଦୟର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜଣାଉଛି। ମୋ ବାୟୋଡାଟା ଲିଙ୍କ୍ ସହ କ୍ଲିକ୍ କରି ଉପରୋକ୍ତ ସିନେମା ସଂଗୀତର ସମ୍ପୂର୍ଣ୍ଣ ଭିଡିଓ ଦେଖିପାରିବେ।'

ଏହି ଅଭିନେତ୍ରୀ 'ୱିଙ୍କ ଆଣ୍ଡ ଫାୟାର ଗନ୍' କିସ୍ ସିନ୍‌ରେ ଆଖିମାରି ଲକ୍ଷଲକ୍ଷ ପ୍ରଶଂସକଙ୍କ ହୃଦୟକୁ ଯେଭଳି ପ୍ରେମତୀର ମାରି ଦେଇଥିଲେ, ସେଥିପାଇଁ ସେ ଖୁବଶୀଘ୍ର ଚର୍ଚ୍ଚିତ ହୋଇଯାଇଥିଲେ। ଏହା ଥିଲା ଓମାର ଲୁଲୁଙ୍କ ନିର୍ଦ୍ଦେଶିତ 'ଓରୁ ଆଦାର ଲଭ୍'ର ଏକ ରୋମାଣ୍ଟିକ୍ ଦୃଶ୍ୟ। ତାଙ୍କର ଆଖିମରା ଦୃଶ୍ୟ ସୋସିଆଲ୍ ମିଡିଆରେ ଭାଇରାଲ ହୋଇ ଖୁବ୍ ପ୍ରଶଂସା ସାଉଁଟିଥିଲା। ଆଗାମୀ ଫିଲ୍ମ 'ଶ୍ରୀଦେବୀ ବଙ୍ଗାଲୋ'ରେ ପ୍ରିୟା ପ୍ରଥମକରି ଅଭିନୟ କରିବାକୁ ଯାଉଛନ୍ତି। ଏହାର ନିର୍ଦ୍ଦେଶନା ଦେଉଛନ୍ତି ପ୍ରଶାନ୍ତ ମାମ୍ବୁଲି।



# ସମାବର୍ତ୍ତନ ଉତ୍ସବରେ ପାରମ୍ପରିକ ବସ୍ତ୍ର ପିନ୍ଧିବେ ଶିକ୍ଷାର୍ଥୀ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକର କନ୍‌ଭୋକେଶନ ବା ସମାବର୍ତ୍ତନ ଉତ୍ସବରେ ଏଣିକି ପିଲାମାନେ ପିନ୍ଧିବେ ପାରମ୍ପରିକ ହସ୍ତତନ୍ତ ପୋଷାକ। ବ୍ରିଟିଶ ଷ୍ଟାଇଲ୍‌ରେ ସେରିମନିଆଲ୍ ରୋବ୍‌ସ ପିନ୍ଧିବା ପରିବର୍ତ୍ତେ ଶିକ୍ଷାର୍ଥୀମାନେ ନିଜ ନିଜ ଅଞ୍ଚଳର ହସ୍ତତନ୍ତ ବସ୍ତ୍ର ପରିଧାନ କରିବେ। ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ପକ୍ଷରୁ ନିକଟରେ ଜାରି କରାଯାଇଥିବା ଏକ ସର୍କୁଲାରରେ ଏ ନେଇ ନିର୍ଦ୍ଦେଶ ଦିଆଯାଇଛି। କେବଳ କନ୍‌ଭୋକେଶନ ସେରିମନି ନୁହେଁ, ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ବଡ଼ ବଡ଼ ଉତ୍ସବ ଓ କାର୍ଯ୍ୟକ୍ରମରେ ସେରିମନିଆଲ୍ ଡ୍ରେସ୍ ଭାବେ ପାରମ୍ପରିକ ହସ୍ତତନ୍ତକୁ ପ୍ରାଥମିକତା ଦିଆଯିବ। ଏହାଦ୍ୱାରା ଭାରତୀୟ ହସ୍ତତନ୍ତର ଲୋକପ୍ରିୟତା ବୃଦ୍ଧି ପାଇବା ସହ ପାରମ୍ପରିକ ବୁଣାକାରମାନଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରୋତ୍ସାହିତ କରାଯାଇପାରିବ ବୋଲି ୟୁଜିସି ପକ୍ଷରୁ କୁହାଯାଇଛି।

### ବିଶ୍ୱବିଦ୍ୟାଳୟରେ ସମ୍ବଲପୁରୀ ପୋଷାକ



ୟୁଜିସିର ଏହି ସର୍କୁଲାର ଜାରି କରାଗଲେ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ ନିଜ ସମାବର୍ତ୍ତନ ଉତ୍ସବରେ ଛାତ୍ରୀଛାତ୍ରମାନଙ୍କୁ ପାରମ୍ପରିକ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବାକୁ ନିର୍ଦ୍ଦେଶ ଦେବେ। ଝିଅମାନେ ସମ୍ବଲପୁରୀ ଶାଢ଼ି ଏବଂ ପୁଅମାନେ ହସ୍ତତନ୍ତ ପ୍ରସ୍ତୁତ କୁର୍ତ୍ତା ଓ ପାଇଜାମା ପିନ୍ଧିବେ। ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ଲାଭ କରିବା ସମୟରେ ନିଜ ଅଞ୍ଚଳର ପାରମ୍ପରିକ ପୋଷାକ ପିନ୍ଧିବା ବିଦ୍ୟାର୍ଥୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ହେବ ବୋଲି ୟୁଜିସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପୂର୍ବରୁ ୨୦୧୫ରେ ୟୁଜିସି କନ୍‌ଭୋକେଶନ ସମାରୋହରେ ସେରିମନିଆଲ୍ ରୋବ୍‌ସ ବ୍ୟବହାର କରିବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏକ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲା। ତେବେ ଉକ୍ତ ସେରିମନିଆଲ୍ ରୋବ୍‌ସ ପାଶ୍ଚାତ୍ୟ ନୁହେଁ, ବରଂ ପାରମ୍ପରିକ ହ୍ୟାଣ୍ଡଲୁମ୍ ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ କରିବାକୁ କହିଛନ୍ତି, ଯାହାକି କେବଳ ଆରାମଦାୟକ ନୁହେଁ, ଭାରତୀୟ ପାଣିପାଗ ପାଇଁ ବିଶେଷ ଭାବେ ଅନୁକୂଳ ହେବ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବହୁଳ ଭାବେ ହସ୍ତତନ୍ତ ବ୍ୟବହାର ଫଳରେ ହ୍ୟାଣ୍ଡଲୁମ୍ ଇଣ୍ଡଷ୍ଟ୍ରିର ମଧ୍ୟ ବିକାଶ ହୋଇପାରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଶ୍ୱବିଦ୍ୟାଳୟଗୁଡ଼ିକ ଏହି ସର୍କୁଲାର ଅନୁଯାୟୀ ହସ୍ତତନ୍ତ ପୋଷାକ ପରିଧାନ ପାଇଁ ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦେଶ ଦେଉଛନ୍ତି ନା ନାହିଁ, ସେ ନେଇ ରିପୋର୍ଟ ପ୍ରଦାନ କରିବାକୁ ୟୁଜିସି ପକ୍ଷରୁ କୁହାଯାଇଛି। ୟୁନିଭର୍ସିଟି ଗ୍ରାଣ୍ଟ କମିଶନ ଅଧୀନରେ ଥିବା ସମସ୍ତ ସରକାରୀ ଏବଂ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେବ। ପୂର୍ବରୁ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଶ୍ଚାତ୍ୟ ଶୈଳୀରେ ଏକ ବ୍ଲାକ୍ ରୋବ୍ ସହ କ୍ୟାପ୍ ବା ଟୋପି ପିନ୍ଧିବାକୁ ଛାତ୍ରୀଛାତ୍ରଙ୍କୁ କହୁଥିଲେ। ଭାରତର ଅଧିକାଂଶ ବିଶ୍ୱବିଦ୍ୟାଳୟ, ଏପରି କି ଓଡ଼ିଶାରେ ରହିଥିବା କେତେକ ବିଶ୍ୱବିଦ୍ୟାଳୟ ମଧ୍ୟ ଏହି ଢାଞ୍ଚାକୁ ଆପଣାଉଥିଲେ। ତେବେ ନିକଟରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଏନ୍‌ଆଇଟି) ରାଉରକେଲା, ଏନ୍‌ଆଇଟି ହମିରପୁର, ଜେଏନ୍‌ୟୁ ଏବଂ ଆଇଆଇଟି ରୁର୍କି, ଆଇଆଇଟି ବମ୍ବେ ଓ ଆଇଆଇଟି କାନ୍‌ପୁର ଭଳି ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରୀଛାତ୍ର କନ୍‌ଭୋକେଶନ ସେରିମନିରେ ପାରମ୍ପରିକ ପୋଷାକ ପିନ୍ଧି ଉଦାହରଣ ସୃଷ୍ଟି କରିଥିଲେ। ଏବେ ଏହି ସର୍କୁଲାର ଜାରି ହେବା ପରେ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ ପାରମ୍ପରିକ ପୋଷାକ ପିନ୍ଧିବାକୁ ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦେଶ ଦେବେ।

$ Dollar 69.07 (8) | Sensex 5.67 39,586.41 | Nifty 6.00 11,841.55 | Gold ₹180 34,350.00 | Silver ₹50 38,750.00



“ ଚାଇନା ମେଡିକାଲ ସିଷ୍ଟମ୍ସ ହୋଲିଙ୍ଗ୍ସ ସହ ଲାଇସେନ୍ସ ଚୁକ୍ତି ସ୍ୱାକ୍ଷର କରି ସନ୍ ଫାର୍ମାସ୍ୟୁଟିକାଲ୍ସ ପଡୋଶୀ ଦେଶର ମେଡିକାଲ ବଜାରରେ ପ୍ରବେଶ କରିଛି।

–ଦିଲୀପ ସାଂଘଭି, ସନ୍ ଫାର୍ମାସ୍ୟୁଟିକାଲ୍ସ ଏମ୍‌ଡି



“ ତାଇୱାନର ବହୁ କମ୍ପାନୀ ବେଙ୍ଗାଲୁରୁରେ ଆଇଟି ଓ ଇଲେକ୍ଟ୍ରୋନିକ କ୍ଲଷ୍ଟର ପ୍ରତିଷ୍ଠା କରିବା କାର୍ଯ୍ୟରେ ଲିପ୍ତ। ଏହାଦ୍ୱାରା ଘରୋଇ ବଜାର ସହ ସେମାନଙ୍କର ସମ୍ପର୍କ ବଢ଼ିବ।

–ଚୁଙ୍ଗ କ୍ୱାଙ୍ଗ ଟିଏନ୍, ଭାରତରେ ତାଇୱାନ ରାଷ୍ଟ୍ରଦୂତ

## ସଂକ୍ଷେପରେ

### ଶେୟାର ବିକିବେ ମାଇଣ୍ଡଟ୍ରି ପ୍ରତିଷ୍ଠାତା

ନୂଆଦିଲ୍ଲୀ,୨୭-୬: ମିଡ୍ ଟାୟାର ଆଇଟି କମ୍ପାନୀ ମାଇଣ୍ଡଟ୍ରିକୁ ଇଞ୍ଜିନିୟରିଂ କମ୍ପାନୀ ଏଲ୍‌ଆଣ୍ଡଟି ଇତିମଧ୍ୟରେ ଅକ୍ତିଆର କରିଛି। କମ୍ପାନୀର ପ୍ରାୟ ୬୦ ପ୍ରତିଶତ ଶେୟାର ଏବେ ଏଲ୍‌ଆଣ୍ଡଟି ନିକଟରେ ରହିଛି। ଏହାକୁ ଦୃଷ୍ଟିରେ ରଖି ମାଇଣ୍ଡଟ୍ରିର ପ୍ରତିଷ୍ଠାତାମାନେ ନିଜ ପାଖରେ ରଖିଥିବା ଶେୟାରକୁ ବିକ୍ରି କରିଦେବେ ବୋଲି ଜଣାପଡିଛି। ମାଇଣ୍ଡଟ୍ରିର ୪ ଜଣ ପ୍ରତିଷ୍ଠାତା କ୍ରିଷ୍ଣକୁମାର ନଟରାଜନ, ରୋଷ୍ଟୋ ରାଭାନନ୍, ସୁବ୍ରତୋ ବାଗ୍‌ଚୀ ଏବଂ ଏନ୍ଏସ୍ ପାର୍ଥସାରଥି ସେମାନଙ୍କ ଏବଂ ପରିବାର ନିକଟରେ ରହିଥିବା ୧୩.୩୨% ଶେୟାରକୁ ବିକ୍ରି କରିଦେବା ଲାଗି ଏଲ୍‌ଆଣ୍ଡଟିକୁ ପ୍ରସ୍ତାବ ଦେଇଥିବା କୁହାଯାଉଛି। ଅନ୍ୟପକ୍ଷରେ ଏଲ୍‌ଆଣ୍ଡଟି ବିକଳ୍ପ ପାଇବା ପର୍ଯ୍ୟନ୍ତ ରାଭାନନ୍ ମାଇଣ୍ଡଟ୍ରିର ସିଇଓ ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି। ଗତ ସପ୍ତାହରେ ଏଲ୍‌ଆଣ୍ଡଟିଏହାର ଚିଫ୍ ଏକ୍‌ଜିକ୍ୟୁଟିଭ ତଥା ଏମ୍‌ଡି ଏସ୍.ଏନ୍.ସୁବ୍ରମଣ୍ୟନ, ସିନିୟର ଏକ୍‌ଜିକ୍ୟୁଟିଭ ଭାଇସ ପ୍ରେସିଡେଣ୍ଟ(ଡିଫେନ୍ସ) ଜେ.ଡି.ପତି ଏବଂ ଚିଫ୍ ଫାଇନାନ୍ସିଆଲ ଅଫିସର ରାମମୂର୍ତ୍ତି ଶଙ୍କର ରାମନଙ୍କୁ ମାଇଣ୍ଡଟ୍ରି ବୋର୍ଡରେ ଡାଇରେକ୍ଟର ଭାବେ ମନୋନୀତ କରିଛି। ଏହାଛଡ଼ା କମ୍ପାନୀ ଏହାର ପୂର୍ବତନ ଏକ୍‌ଜିକ୍ୟୁଟିଭ ପ୍ରସନ୍ନା ରଙ୍ଗାଚାର୍ଯ୍ୟ ମାଇସୁର ଏବଂ ଦୀପା ଗୋପାଳନ ୱାଧୱାଙ୍କୁ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରିବାକୁ ପ୍ରସ୍ତାବ ଦେଇଛି। ଜୁଲାଇ ୧୬ରେ ମାଇଣ୍ଡଟ୍ରିର ବାର୍ଷିକ ସାଧାରଣ ବୈଠକରେ ସେମାନଙ୍କ ମନୋନୟନକୁ ଅନୁମୋଦନ କରାଯିବ।

### ମୋଦିଙ୍କ ସହ ସାକ୍ଷାତ ପୂର୍ବରୁ ପୁଣି ଟାରିଫ ପ୍ରସଙ୍ଗ ଉଠାଇଲେ ଟ୍ରମ୍ପ



ଟୋକିଓ/ନୂଆଦିଲ୍ଲୀ,୨୭-୬: ଜି-୨୦ ସମ୍ମିଳନୀ ଅବସରରେ ଜାପାନର ଓସାକା ଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ। ଏହି ବୈଠକରେ ଦୁଇ ଦେଶର ଶୀର୍ଷ ନେତା ଦ୍ୱିପାକ୍ଷିକ ତଥା ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିବେ। ତେବେ ଏହି ଭେଟର ଦିନକ ପୂର୍ବରୁ ଟ୍ରମ୍ପ ଭାରତର ଟାରିଫ୍ ବୃଦ୍ଧିକୁ ନେଇ ଟୁଇଟ୍ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ଭାରତ ପକ୍ଷରୁ ଆମେରିକାର ୨୮ ପ୍ରକାର ସାମଗ୍ରୀ ଉପରେ ଟାରିଫ୍ ବୃଦ୍ଧି କରାଯିବା ଗ୍ରହଣୀୟ ନୁହେଁ। ଏହାକୁ ତୁରନ୍ତ ପ୍ରତ୍ୟାହାର କରିନିଆଯାଉ। ଟ୍ରମ୍ପଙ୍କ ଏହି ଟୁଇଟ୍ ଯୋଗୁ ଦୁଇ ଦେଶର ବାଣିଜ୍ୟ ସମ୍ପର୍କ ଆହୁରି ଖରାପ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଟାରିଫ୍ ବୃଦ୍ଧି ପ୍ରସଙ୍ଗରେ ଭାରତ ପକ୍ଷରୁ ମଧ୍ୟ ଦୃଢ଼ ଜବାବ ଦିଆଯାଇଛି। ଅନ୍ୟ ବିକାଶଶୀଳ ଦେଶ ଅପେକ୍ଷା ଭାରତର ଟାରିଫ୍ ହାର ଅନେକ କମ୍ ବୋଲି ସରକାର କହିଛନ୍ତି। ଡବ୍ଲ୍ୟୁଟିଓର ନିୟମ ଅନୁଯାୟୀ, ଭାରତ ଟାରିଫ୍ ବୃଦ୍ଧି କରିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଆମେରିକାର ଉତ୍ପାଦ ଉପରେ ଟାରିଫ୍ ବୃଦ୍ଧି ସହ କ୍ରସ୍ ବର୍ଡର ଡାଟା ଫ୍ଲୋ ଏବଂ ଇ-କମର୍ସ କମ୍ପାନୀଙ୍କ କାରବାରକୁ ନେଇ ଭାରତ ପକ୍ଷରୁ ନିୟମ କଡ଼ା କରାଯିବା ଯୋଗୁ ୱାଶିଂଟନ କ୍ଷୁବ୍ଧ ହୋଇଛି। ଏହାକୁ ନେଇ ଟ୍ରମ୍ପ ତାଙ୍କ ଟୁଇଟ୍‌ରେ ଦର୍ଶାଇଛନ୍ତି ଯେ, ସେ ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଆଲୋଚନା କରିବେ। ସେ କହିଛନ୍ତି ଯେ, ବିଗତ କିଛି ବର୍ଷ ହେଲା ଆମେରିକାର ଉତ୍ପାଦ ଉପରେ ଭାରତ ଟାରିଫ୍ ବୃଦ୍ଧି କରିଛି। ନିକଟରେ ଆଉ କେତେକ ଉତ୍ପାଦ ଉପରେ ଏହା ବୃଦ୍ଧି କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି।

# ଗୋଦ୍‌ରେଜ ପରିବାରରେ ଫାଟ

ନୂଆଦିଲ୍ଲୀ,୨୭-୬

ଦେଶର ଧନୀ ବ୍ୟବସାୟୀ ପରିବାର ମଧ୍ୟରେ ଗଣାଯାଉଥିବା ଗୋଦ୍‌ରେଜ ପରିବାରରେ ଏବେ ଫାଟ ସୃଷ୍ଟି ହୋଇଛି। ଜମି ଭାଗବଣ୍ଟାକୁ ନେଇ ଏବେ ଏହି ପରିବାର ଦିଫାଳ ହେବାକୁ ବସିଛି। ମିଡିଆ ରିପୋର୍ଟ ଅନୁଯାୟୀ, ମୁମ୍ବାଇର ବିଖରୋଲିସ୍ଥିତ ୧୦୦୦ ଏକର ଜମିର ବ୍ୟବସାୟିକ ବ୍ୟବହାରକୁ ନେଇ ବିବାଦ ଉପୁଜିଛି। ଏହି ଜମିର ମୂଲ୍ୟ ପ୍ରାୟ ୨୦ ହଜାର କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଆଦି ଗୋଦ୍‌ରେଜ ଓ ତାଙ୍କ ଭାଇ ନାଦିର ଗୋଦ୍‌ରେଜ ଗ୍ରୁପ୍ କମ୍ପାନୀ ଗୋଦ୍‌ରେଜ ପ୍ରପର୍ଟିଜ କମ୍ପାନୀ ଜରିଆରେ ଏହାକୁ ଡେଭଲପ୍ କରିବାକୁ ଚାହୁଁଛନ୍ତି। କାରଣ ଏହାକୁ ଡେଭଲପ୍ କରାଗଲେ ଏଥିରେ ୧ ଲକ୍ଷ କୋଟି ଟଙ୍କାର ରିଏଲ ଇଷ୍ଟେଟ୍ ନିର୍ମାଣ କରାଯାଇପାରିବ ବୋଲି ସେମାନେ ଯୁକ୍ତି ଦର୍ଶାଉଛନ୍ତି। ଅନ୍ୟପକ୍ଷରେ ତାଙ୍କର ଦାଦା ପୁଅ ଭାଇ ଜାମସେଦ ଗୋଦ୍‌ରେଜ ଏହାର ବାଣିଜ୍ୟିକ ବ୍ୟବହାରକୁ ବିରୋଧ କରୁଛନ୍ତି। ୧୨୨ ବର୍ଷ ପୁରୁଣା ଏହି ଗୋଦ୍‌ରେଜ ପରିବାର ବିବାଦର ସମାଧାନ ଲାଗି ଏବେ ଭିନ୍ନ ଭିନ୍ନ ଆଇନଗତ ଏବଂ ଆର୍ଥିକ କମ୍ପାନୀଙ୍କ ସହାୟତା ଲୋଡିଛନ୍ତି।



(ବାମରୁ ପ୍ରଥମ) ଆଦି ଗୋଦରେଜ୍, ନାଦିର୍ ଗୋଦରେଜ୍ ଓ ଜାମ୍‌ସେଦ୍ ଗୋଦରେଜ୍ ।

ସୂଚନାଯୋଗ୍ୟ ଯେ, ଗୋଦ୍‌ରେଜ ପରିବାରଙ୍କ ନିକଟରେ ହଜାର ହଜାର ଏକର ଜମି ରହିଛି ଓ ସେମାନେ ବହୁ ଇଣ୍ଡଷ୍ଟ୍ରିର ଅଂଶୀଦାର। ମୁମ୍ବାଇରେ ସର୍ବାଧିକ ଜମି ଗୋଦ୍‌ରେଜ ପରିବାରଙ୍କ ନିକଟରେ ରହିଛି। ତାଲା ନିର୍ମାତାରୁ ଚନ୍ଦ୍ରଯାନ ଲାଗି ଲଞ୍ଚ ଭେହିକିଲ ଓ ଲ୍ୟୁନର ଅର୍ବିଟର ନିର୍ମାଣ କରିଥିବା ଗୋଦ୍‌ରେଜ ଗ୍ରୁପ୍ ଭବିଷ୍ୟତର କାରବାରକୁ ନେଇ ପ୍ରସ୍ତୁତ ରଣନୀତି ପଥରେ ଆଗେଇ ଚାଲିଛି। ଅଥଚ ପରିବାରର କେତେ ଜଣ ଏହି ରଣନୀତିକୁ ବିରୋଧ କରୁଛନ୍ତି।

ପରିବାର ପକ୍ଷରୁ ଫ୍ୟାମିଲି ଏଗ୍ରିମେଣ୍ଟରେ ସଂଶୋଧନ କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଛି। କାରଣ ଭବିଷ୍ୟତର କାରବାର ରଣନୀତିକୁ ନେଇ ବିବାଦ ଉପୁଜିଛି। ଜାମସେଦ ଓ ତାଙ୍କ ବଡ଼ବାପା ପୁଅ ଆଦି ଓ ନାଦିରଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଚିନ୍ତାଧାରାକୁ ନେଇ ମତଭେଦ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ସେମାନେ ପରାମର୍ଶଦାତା ନିଯୁକ୍ତ କରିଛନ୍ତି। ଗୋଦ୍‌ରେଜ ଆଣ୍ଡ ବଏସ୍ ଅଧ୍ୟକ୍ଷ ଜାମସେଦଙ୍କ ପକ୍ଷରୁ ଜେଏମ୍ ଫାଇନାନ୍ସିଆଲର ଭେଟେରାନ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ନିମେଶ କାମ୍ପାନୀ ଏବଂ ଏଜେଡ୍‌ବି ପାର୍ଟନର୍ସର ଓକିଲ ଜିଆ ମୋଦିଙ୍କୁ ଭାଗବଣ୍ଟା ନେଇ ପରାମର୍ଶ ଦେବାକୁ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ଆଦି ଓ ନାଦିର ଗୋଦ୍‌ରେଜଙ୍କ ପକ୍ଷରୁ ବ୍ୟାଙ୍କର ଉଦୟ କୋଟାକ ଓ ସିରିଲ ଅମରଚାନ୍ଦ ମଙ୍ଗଳଦାସ ଆଇନ ପରାମର୍ଶଦାତା କମ୍ପାନୀର ମୁଖ୍ୟ ସିରିଲ ଶ୍ରଫ୍‌ଙ୍କୁ ନିଯୁକ୍ତ କରାଯାଇଛି। ବିଖରୌଲି ଠାରେ ଗ୍ରୁପ୍ ନିକଟରେ ୩୪୦୦ ଏକର ଜମି ରହିଛି। ତନ୍ମଧ୍ୟରୁ ୧୦୦୦ ଏକର ଜମିକୁ ନେଇ ଏବେ ବିବାଦ ଉପୁଜିଛି। ଗ୍ରୁପ୍ କମ୍ପାନୀରେ ଉଭୟ ଗୋଷ୍ଠୀର ଆଂଶିକ ଶେୟାର ରହିଛି ଏବଂ ଜଣେ ଅନ୍ୟଜଣଙ୍କ କମ୍ପାନୀରେ ନିର୍ଦ୍ଦେଶକ ରହିଛନ୍ତି। ସୂଚନାଥାଉ କି, ୧୮୯୭ରେ ପାର୍ସି ବ୍ୟବସାୟୀ ଆର୍ଦ୍ଦେଶିର ଗୋଦ୍‌ରେଜ ତାଙ୍କ ସାନ ଭାଇ ପିରୋଜଶାଙ୍କୁ ସାଥିରେ ନେଇ ଗୋଦ୍‌ରେଜ ଗ୍ରୁପ କମ୍ପାନୀ ପ୍ରତିଷ୍ଠା କରିଥିଲେ। ତାଲା ନିର୍ମାଣରୁ ସେମାନଙ୍କ ବାଣିଜ୍ୟ ଯାତ୍ରା ଆରମ୍ଭ ହୋଇଥିଲା। ଆର୍ଦ୍ଦେଶିର ନିଃସନ୍ତାନ ଥିବାରୁ ପିରୋଜଶାଙ୍କ ପୁଅମାନେ ବୁର୍‌ଜୋର୍, ସୋରାବ,ଦୋସା ଏବଂ ନଓ୍ୱଲ ଗ୍ରୁପ୍‌କୁ ପରିଚାଳନା କରୁଥିଲେ। ଏବେ ଏହି ପରିବାରର ତୃତୀୟ ପିଢ଼ି ବୁରଜୋରଙ୍କ ପୁଅ ଆଦି ଓ ନାଦିର ଏବଂ ନଓ୍ୱଲଙ୍କ ପୁଅ ଜାମସେଦ ଓ ସ୍ମିତା ଗ୍ରୁପ୍ କମ୍ପାନୀଙ୍କୁ ସମ୍ଭାଳୁଛନ୍ତି। ଆଦିଙ୍କ ୩ ସନ୍ତାନ ତାନ୍ୟା, ନିସାବା, ପିରୋଜଶା ଥିବା ବେଳେ ଜାମସେଦଙ୍କ ୨ ଜଣ ସନ୍ତାନ ରାଇକା ଓ ନଭରୋଜ, ସ୍ମିତାଙ୍କ ଫ୍ରେୟନ ଓ ନାୟରିକା ନାମକ ୨ ସନ୍ତାନ ରହିଛି। ନାଦିରଙ୍କର ମଧ୍ୟ ୩ ସନ୍ତାନ ରହିଛନ୍ତି। ଗୋଦ୍‌ରେଜ ପରିବାର ୧୯୪୦ରେ ବମ୍ବେ ହାଇକୋର୍ଟଙ୍କ ରିସିଭରଙ୍କ ନିକଟରୁ ସମସ୍ତ ଜମି ହାସଲ କରିଥିଲେ। ଏହି ଜମି ପ୍ରଥମେ ଇଷ୍ଟ ଇଣ୍ଡିଆ କମ୍ପାନୀ ନିକଟରେ ଥିଲା, ଯାହାକୁ ଏହି କମ୍ପାନୀ ୧୮୩୦ରେ ଏକ ପାର୍ସି ବ୍ୟବସାୟୀ ଫ୍ରାମ୍‌ଜି ବାନାଜୀଙ୍କୁ ହସ୍ତାନ୍ତର କରିଥିଲେ। ପରେ ୧୯୪୧-୪୨ରେ ଏହି ଜମି ବିକ୍ରି କରାଯାଇଥିଲା, ଯାହାକୁ ଗୋଦ୍‌ରେଜ ପରିବାର କିଣିଥିଲେ।

- ୧୦୦୦ ଏକର ଜମିକୁ ନେଇ ବିବାଦ
- ୨୦ ହଜାର କୋଟି ଟଙ୍କାର ଜମି
- ଫ୍ୟାମିଲି ଏଗ୍ରିମେଣ୍ଟ ସଂଶୋଧନ ପାଇଁ ପରାମର୍ଶଦାତା ନିଯୁକ୍ତ

### ବ୍ରଡ୍‌ବ୍ୟାଣ୍ଡ ସହ ଯୋଡ଼ି ହେବ ସବୁ ପଞ୍ଚାୟତ



ନୂଆଦିଲ୍ଲୀ,୨୭-୬

କେନ୍ଦ୍ର ସରକାରଙ୍କ ଭାରତ ନେଟ୍ କାର୍ଯ୍ୟକ୍ରମ ଦ୍ୱାରା ଦେଶର ସବୁ ପଞ୍ଚାୟତକୁ ବ୍ରଡବ୍ୟାଣ୍ଡ ନେଟ୍‌ୱର୍କ ସହ ଯୋଡିବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଏହି କାର୍ଯ୍ୟକୁ ରୂପରେଖ ପ୍ରଦାନ କରାଯିବ। ଏହା ଦ୍ୱାରା ହାଇସ୍ପିଡ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ସୁବିଧା କରାଯାଇପାରିବ ବୋଲି ଗୁରୁବାର ଟେଲିକମ୍ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଏହି ସୂଚନା ଦେଇଛନ୍ତି। ଭାରତ ନେଟ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ୨ ଲକ୍ଷ ଗ୍ରାମ ପଞ୍ଚାୟତକୁ ଯୋଡିବା ଲାଗି ଯୋଜନା ରହିଥିବା ପ୍ରସାଦ ଲୋକସଭାରେ ସୂଚନା ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୧ ଲକ୍ଷ ଗ୍ରାମ ପଞ୍ଚାୟତକୁ ଭାରତ ନେଟ୍ ପ୍ରକଳ୍ପ ଅଧୀନରେ ସଂଯୋଗ କରାଯାଇଛି। ୨୦୧୭ ଜୁଲାଇ ୧୯ରେ ପ୍ରାୟ ୧.୫ଲକ୍ଷ ଗ୍ରାମପଞ୍ଚାୟତରେ ଭାରତ ନେଟ୍ କାର୍ଯ୍ୟକାରୀ କରାଇବା ଲାଗି କେନ୍ଦ୍ର କ୍ୟାବିନେଟ୍ ପରିବର୍ତ୍ତିତ ଷ୍ଟ୍ରାଟେଜି ଗ୍ରହଣ କରିଥିଲା।

# ନୀରବଙ୍କ ହାଜତ ମିଆଦ ବୃଦ୍ଧି

ଲଣ୍ଡନ,୨୭-୬

ବ୍ରିଟେନର ୱେଷ୍ଟମିନ୍‌ଷ୍ଟର କୋର୍ଟ ଗୁରୁବାର ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ଜେଲ୍ ହାଜତ ମିଆଦକୁ ଜୁଲାଇ ୨୫ ତାରିଖ ଯାଏ ବୃଦ୍ଧି କରିଛନ୍ତି। ସେ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତି ମାମଲାରେ ଜଡ଼ିତ ରହିଛନ୍ତି। ତାଙ୍କୁ ପ୍ରତ୍ୟର୍ପଣ ପାଇଁ ଅଦାଲତରେ ମାମଲା ଆଗତ ହୋଇଛି। ୪୮ବର୍ଷୀୟ ନୀରବଙ୍କୁ ଗତ ମାର୍ଚ୍ଚ ୧୯ରେ ଲଣ୍ଡନରେ ଗିରଫ କରାଯିବା ପରେ ୱାଣ୍ଡସର୍ୱର୍ଥସ୍ଥିତ ଜେଲ୍‌ରେ ବନ୍ଦୀ ରହିଛନ୍ତି। ପୂର୍ବରୁ ବ୍ରିଟିଶ ହାଇକୋର୍ଟ ତାଙ୍କର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ତାଙ୍କ ବିରୋଧରେ ଭାରତରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିବା ବେଳେ ଇଣ୍ଟରପୋଲ ପକ୍ଷରୁ ରେଡ୍‌କର୍ନର ନୋଟିସ ଜାରି କରାଯାଇଛି। ଭାରତ ପକ୍ଷରୁ ତାଙ୍କୁ ପ୍ରତ୍ୟର୍ପଣ ଲାଗି ଅନୁରୋଧ କରାଯାଇଛି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଗୁରୁବାର ତାଙ୍କୁ ୱେଷ୍ଟମିନ୍‌ଷ୍ଟର କୋର୍ଟରେ ହାଜର କରାଯାଇଥିଲା।



### ୪ ସୁଇସ୍ ବ୍ୟାଙ୍କ ଆକାଉଣ୍ଟ ଜବତ

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ ଭଉଣୀ ପୂର୍ବି ମୋଦିଙ୍କ ୪ ସୁଇସ୍ ବ୍ୟାଙ୍କ ଆକାଉଣ୍ଟକୁ ସୁଇଜରଲାଣ୍ଡ ସରକାର ଜବତ କରିଛନ୍ତି। ଏହି ଆକାଉଣ୍ଟରେ ୨୮୩.୧୬ କୋଟି ଟଙ୍କା ରହିଛି। ଏ ସଂକ୍ରାନ୍ତରେ ସୁଇସ୍ ବ୍ୟାଙ୍କ ପକ୍ଷରୁ ଏକ ସୂଚନା ଜାରି କରାଯାଇଛି। ଭାରତର ଦାବିକୁ ଗ୍ରହଣ କରି ନୀରବ ଓ ପୂର୍ବିଙ୍କ ୪ ବ୍ୟାଙ୍କ ଆକାଉଣ୍ଟକୁ ଜବତ କରାଯାଇଛି ବୋଲି କୁହାଯାଇଛି। ସୁଇଜରଲାଣ୍ଡ ସରକାରଙ୍କ ପଦକ୍ଷେପ ଯୋଗୁ ଭାରତୀୟ ବ୍ୟାଙ୍କ ଏବଂ ତଦନ୍ତକାରୀ ଏଜେନ୍ସି ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି।

# ସୁଇସ୍ ବ୍ୟାଙ୍କରେ ଭାରତୀୟଙ୍କ କଳାଧନ ଜମା ୬%କୁ ହ୍ରାସ

ନୂଆଦିଲ୍ଲୀ,୨୭-୬

ଭାରତୀୟ ଏବଂ କମ୍ପାନୀଙ୍କ ସୁଇସ୍ ବ୍ୟାଙ୍କରେ କଳାଧନ ଜମା ଗତବର୍ଷ ଅପେକ୍ଷା ପ୍ରାୟ ୬% ହ୍ରାସ ପାଇ ୯୫.୫ କୋଟି ସୁଇସ୍ ଫ୍ରାଙ୍କ(୬,୭୫୭ କୋଟି ଟଙ୍କା) ରହିଯାଇଛି। ଏହା ଗତ ୨୦ବର୍ଷରେ ଦ୍ୱିତୀୟ ସର୍ବନିମ୍ନ ସ୍ତର। ସୁଇସ୍ ନ୍ୟାଶନାଲ ବ୍ୟାଙ୍କ(ଏସ୍ଏନ୍‌ବି) ପକ୍ଷରୁ ଗୁରୁବାର ଏହି ତଥ୍ୟ ଜାରି କରାଯାଇଛି। କେବଳ ଭାରତୀୟ ନୁହେଁ ବରଂ ବିଦେଶୀ ଗ୍ରାହକଙ୍କ ମୋଟ ଜମାର ପରିମାଣ ୪% ହ୍ରାସ ପାଇ ୧.୪୦ ଲକ୍ଷ କୋଟି ସୁଇସ ଫ୍ରାଙ୍କ(୯୯ ଲକ୍ଷ କୋଟି ଟଙ୍କା) ରହିଯାଇଛି। ଜ୍ୟୁରିକସ୍ଥିତ ସୁଇଜରଲାଣ୍ଡର କେନ୍ଦ୍ରୀୟ ବ୍ୟାଙ୍କିଙ୍ଗ୍ ପ୍ରାଧିକରଣ ପକ୍ଷରୁ ପ୍ରତିବର୍ଷ କଳାଧନ ସମ୍ପର୍କରେ ତଥ୍ୟ ପ୍ରକାଶ କରାଯାଇଥାଏ। ଏଥିପୂର୍ବରୁ ବ୍ୟାଙ୍କ ଫର ଇଣ୍ଟରନ୍ୟାଶନାଲ ସେଟେଲ୍‌ମେଣ୍ଟ(ବିଆଇଏସ୍)ର ଲୋକେଶନାଲ ବ୍ୟାଙ୍କିଙ୍ଗ୍ ଷ୍ଟାଟିଷ୍ଟିକ୍ସ ୨୦୧୮ରେ କଳାଧନ ଜମା ୧୧ ପ୍ରତିଶତ ହ୍ରାସ ପାଇଥିବା କୁହାଯାଇଥିଲା।

# ଅଭିବୃଦ୍ଧି ଲାଗି ସରକାର, ଆର୍‌ବିଆଇ ସମନ୍ୱୟ ଜରୁରୀ: ଶକ୍ତିକାନ୍ତ ଦାସ

ମୁମ୍ବାଇ,୨୭-୬

ଦେଶର ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ଲାଗି ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସମନ୍ୱୟ ରଖି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ସେହିଭଳି ବ୍ୟବସ୍ଥାଗତ ସ୍ଥିରତାକୁ ମଧ୍ୟ ନିଶ୍ଚିତ କରାଇବା ଜରୁରୀ ବୋଲି ଗୁରୁବାର ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ଘରୋଇ ବଜାରରେ ଚାହିଦାରେ ଶିଥିଳତା ଏବଂ ପୁଞ୍ଜି ନିବେଶ ହ୍ରାସ ହେବା ଯୋଗୁ ବିତ୍ତୀୟ ଶୃଙ୍ଖଳା ଉପରେ ଏହା ପ୍ରଭାବ ପକାଇଥିବା ଦ୍ୱିମାସିକ ଆର୍ଥିକ ସ୍ଥିରତା ରିପୋର୍ଟର ଉନ୍ମୋଚନ ଅବସରରେ ଗଭର୍ନର ଦାସ ଏହା କହିଛନ୍ତି। ଘରୋଇ ନିବେଶ ବଢାଇବା ଦିଗରେ ନିରନ୍ତର ପ୍ରୟାସ ସହ ସରକାର ଅର୍ଥନୈତିକ ସଂସ୍କାର ଧାରା ଜାରି ରଖିବା ନେଇ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଦେଶର ଏନ୍‌ବିଏଫସିଗୁଡିକ ସେମାନଙ୍କ ଆସେଟ ଲାୟବିଲିଟି ପରିଚାଳନା କରିବା ଉପରେ ଧ୍ୟାନଦେବା, ଛାୟା ବ୍ୟାଙ୍କଗୁଡିକ ସେମାନଙ୍କ ଉନ୍ନତ କାର୍ଯ୍ୟପ୍ରଣାଳୀ ଦ୍ୱାରା ଅଭିବୃଦ୍ଧି ହାସଲ, ରାଷ୍ଟ୍ରାୟତ୍ତ ବାଲାନ୍ସ ସିଟ୍‌ରେ ଉନ୍ନତି ଭଳି ବିଭିନ୍ନ ପ୍ରସଙ୍ଗରେ ଉପରେ ଦାସ ମତ ରଖିଛନ୍ତି।

# ଆସିବ 'ଏକ ରାଷ୍ଟ୍ର, ଏକ ରାଶନ କାର୍ଡ'

ନୂଆଦିଲ୍ଲୀ,୨୭-୬

କେନ୍ଦ୍ର ସରକାର ଦେଶରେ 'ଏକ ରାଷ୍ଟ୍ର, ଏକ ରାଶନ କାର୍ଡ' ଯୋଜନା ଆଣିବାକୁ ଯାଉଛନ୍ତି। ଏହାଦ୍ୱାରା ହିତାଧିକାରୀ ଦେଶର ଯେକୌଣସି ସ୍ଥାନରୁ ନିଜ ପସନ୍ଦ ମୁତାବକ ଡିଲରଙ୍କଠାରୁ ନିଜର କୋଟା ମୁତାବକ ଖାଦ୍ୟଶସ୍ୟ ପାଇପାରିବେ ବୋଲି ଖାଦ୍ୟ ଓ ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ ଗୁରୁବାର ପ୍ରକାଶ କରିଛନ୍ତି।

ରାଜ୍ୟ ଖାଦ୍ୟ ଓ ଯୋଗାଣ ସଚିବ, ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଫ୍‌ସିଆଇ), ସେଣ୍ଟ୍ରାଲ ୱେର୍‌ହାଉସିଂ କର୍ପୋରେଶନ(ସିଡବ୍ଲ୍ୟୁସି) ଏବଂ ଷ୍ଟେଟ୍ ୱେର୍‌ହାଉସିଂ କର୍ପୋରେଶନ(ଏସ୍‌ଡବ୍ଲ୍ୟୁସି)ର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏଠାରେ ଆୟୋଜିତ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେବା ଛଳରେ ପାଶ୍ୱାନ ନିଜର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନର କାର୍ଯ୍ୟକାରିତାକୁ ଅଧିକ କ୍ରିୟାଶୀଳ କରିବା, ଏଣ୍ଡ୍-ଟୁ-ଏଣ୍ଡ୍ କମ୍ପ୍ୟୁଟରୀକରଣ, ଗୋଦାମରେ ଖାଦ୍ୟଶସ୍ୟ ରଖିବାରେ ସ୍ୱଚ୍ଛତା ଅବଲମ୍ବନ ଏବଂ ଏଫ୍‌ସିଆଇ, ସିଡବ୍ଲ୍ୟୁସି ଓ ଏସ୍‌ଡବ୍ଲ୍ୟୁସି ଡିପୋ ମଧ୍ୟରେ ଅନ୍‌ଲାଇନ ବ୍ୟବସ୍ଥା ଦ୍ୱାରା ତାଳମେଳ ସ୍ଥାପନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏହି ବୈଠକରେ 'ଏକ ରାଷ୍ଟ୍ର, ଏକ ରାଶନ କାର୍ଡ' ପ୍ରଚଳନ ଲାଗି ନିଷ୍ପତ୍ତି ନିଆଯାଇଛି।

ଏହାଦ୍ୱାରା ହିତାଧିକାରୀ ଗୋଟିଏ ନିର୍ଦ୍ଦିଷ୍ଟ ରାଶନ ଦୋକାନ ସହ ଜଡ଼ିତ ରହିବାକୁ ବାଧ୍ୟ ରହିବେ ନାହିଁ। ଫଳରେ ଦୁର୍ନୀତିକୁ ରୋକାଯାଇପାରିବ। ଅନ୍ୟରାଜ୍ୟକୁ କାମ କରିବାକୁ ଯାଉଥିବା ଶ୍ରମିକମାନେ ଏହାଦ୍ୱାରା ଉପକୃତ ହେବେ। ସେମାନେ ନିଜ ଘରଠାରୁ ଦୂରରେ ଯେକୌଣସି ସ୍ଥାନରୁ ପିଡିକାର୍ଡ ଜରିଆରେ ରାଶନ ଉଠାଇପାରିବେ। ଏହାଦ୍ୱାରା ସେମାନଙ୍କ ଖାଦ୍ୟ ସୁରକ୍ଷା ବଜାୟ ରହିପାରିବ। ଏଭଳି ସମନ୍ୱିତ ପିଡିଏସ୍ ବ୍ୟବସ୍ଥା ଆନ୍ଧ୍ରପ୍ରଦେଶ, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ରାଜସ୍ଥାନ, ତେଲେଙ୍ଗାନା ଏବଂ ତ୍ରିପୁରାରେ ପ୍ରଚଳନ ରହିଛି। ବୈଠକରେ ଉପସ୍ଥିତ ଅନ୍ୟ ରାଜ୍ୟମାନେ ଏଭଳି ନୂଆ ବ୍ୟବସ୍ଥା ଆପଣାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଖାଦ୍ୟ ଓ ଯୋଗାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଆସନ୍ତା ୨ ମାସ ମଧ୍ୟରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ଯଥାସାଧ୍ୟ ପ୍ରୟାସ ଜାରି ରହିଛି। କେନ୍ଦ୍ର ସ୍ତରରେ ସମସ୍ତ ପିଡିଏସ୍ କାର୍ଡର ତଥ୍ୟ ସାଇତି ରଖିବାକୁ ବ୍ୟବସ୍ଥା କରାଯିବ। ଦୁର୍ନୀତିକୁ ରୋକିବା ଉଦ୍ଦେଶ୍ୟରେ ଖାଦ୍ୟଶସ୍ୟ କିଣିବାଠାରୁ ଆରମ୍ଭ କରି ଏହାର ବଣ୍ଟନ ପର୍ଯ୍ୟନ୍ତ ସବୁକିଛି ପାଇଁ ଟେକ୍ନୋଲୋଜିର ସହାୟତା ନିଆଯିବ ବୋଲି ପାଶ୍ୱାନ ସ୍ପଷ୍ଟ କରିଛନ୍ତି।

# ଡ୍ୟୁକ୍‌ର ନୂଆ ଟି-ଶାର୍ଟ କଲେକ୍ସନ



ଭୁବନେଶ୍ୱର,୨୭-୬

ଡ୍ୟୁକ୍ ଫ୍ୟାଶନ୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ମର୍ସିରାଇଜଡ୍ କଟନ ଟି-ସାର୍ଟ କଲେକ୍ସନ ୨୦୧୯ ବଜାରରେ ଉପଲବ୍ଧ ହେଉଛି। ଏହା ଡିଜାଇନ ଏବଂ ଷ୍ଟାଇଲ ଦୃଷ୍ଟିରୁ ବେଶ୍ ଆକର୍ଷଣୀୟ ହୋଇଥିବା ବେଳେ ସ୍ୱତନ୍ତ୍ର ଫ୍ୟାବ୍ରିକରେ ଏହା ପ୍ରସ୍ତୁତ ହୋଇଛି। କାଜୁଆଲ ଲୁକ ପ୍ରଦାନ କରିବା ଦିଗରେ ଏହା ସହାୟକ ହୋଇ ପାରିବ। ଏଥିରେ ପ୍ରଡକ୍ଟର ଗୁଣବତ୍ତାକୁ ଧ୍ୟାନରେ ରଖାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ନୂତନ ରେଞ୍ଜର ପୋଷାକ ୧୨୪୯ ଟଙ୍କାରୁ ଆରମ୍ଭ ହେଉଛି। କଲେକ୍ସନଗୁଡିକ ଡ୍ୟୁକର ଏକ୍ସକ୍ଲୁସିଭ ଶୋ'ରୁମ୍, ପ୍ରମୁଖ ମଲ୍ଟିବ୍ରାଣ୍ଡ ଆଉଟଲେଟ ଏବଂ ଅନ୍‌ଲାଇନ ଶପିଂ ପୋର୍ଟାଲଗୁଡିକରେ ଉପଲବ୍ଧ ହେବ। ଗୁଣବତ୍ତା ଫ୍ୟାଶନ ସାମଗ୍ରୀ ଉପଲବ୍ଧ କରାଇବା ଲାଗି କମ୍ପାନୀ ରାଷ୍ଟ୍ରପତି ପୁରସ୍କାର ସହ ୩ ଜାତୀୟ ପୁରସ୍କାର ପାଇଛି। ଏହା ଆମେରିକାରେ ଭାରତୀୟ ପାୱାର ବ୍ରାଣ୍ଡ ଭାବେ ପୁରସ୍କୃତ ହୋଇଛି। ୩୬୦ ସ୍ୱତନ୍ତ୍ର କମ୍ପାନୀ ଷ୍ଟୋର, ୪୦୦୦ ମଲ୍ଟି ବ୍ରାଣ୍ଡ ଷ୍ଟୋର, ପ୍ରମୁଖ ଚେନ୍ ଷ୍ଟୋରରେ କମ୍ପାନୀ ଏହାର ପ୍ରଡକ୍ଟ ଉପଲବ୍ଧ କରାଉଛି।



ଏଲ୍‌ଜି ପକ୍ଷରୁ ଏହାର ୱାର୍ଲଡ କପ୍ ଅଫର ଅନ୍ତର୍ଗତ ୱିନ ଏଭ୍ରି ଆୱାର ଉଇଥ୍ ଏଲ୍‌ଜି ଚାଲୁ ରହିଛି। ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସରୁ ଏଲ୍‌ଇଡି କ୍ରୟ କରି ଲକି ଡ୍ରରେ ଭାଗ୍ୟଶାଳୀ ବିଜେତା ଭାବେ ସୁନୀଲ କୁମାର ସାହୁ ଏକ୍ସବୁମ ପିକେ୫ ସାଉଣ୍ଡ ସିଷ୍ଟମ ଲାଭ କରିଛନ୍ତି।

# ଖାଦ୍ୟ ପ୍ୟାକେଟରେ ଦର୍ଶାଇବାକୁ ହେବ ଚିନି, ଲୁଣର ମାତ୍ରା

ନୂଆଦିଲ୍ଲୀ,୨୭-୬

ଖାଦ୍ୟପଦାର୍ଥ ନିର୍ମାତା ପ୍ରସ୍ତୁତ ଖାଦ୍ୟକୁ ପ୍ୟାକେଟ ଓ ଡବାରେ ବିକ୍ରି କରିବା ବେଳେ ନୂଆ ନିୟମ ପାଳନ କରିବାକୁ ବାଧ୍ୟ ରହିବେ। ଏଣିକି ପ୍ୟାକେଟ, ଡବାରେ ଚିପ୍, ସୁପ୍, ବିସ୍କୁଟ୍, ଜୁସ୍ ଆଦିକୁ ବିକ୍ରି କରିବା ପୂର୍ବରୁ ଏଥିରେ ଚର୍ବି, ଚିନି, ଲୁଣର ମାତ୍ରା କେତେ ରହିଛି, ତାହାକୁ ନାଲି ରଙ୍ଗର କୋଡ୍‌ରେ ଦର୍ଶାଇବାକୁ ବାଧ୍ୟତାମୂଳକ କରାଯିବ। ଖାଦ୍ୟ ନିୟାମକ ଏଫ୍ଏସ୍ଏସ୍ଏଆଇ ଦ୍ୱାରା ପ୍ରସ୍ତୁତ ନୂଆ ନିୟମର ଚିଠାରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନଦଣ୍ଡ ପ୍ରାଧିକରଣ ପକ୍ଷରୁ ଏହି ଚିଠା ଜାରି କରାଯାଇଛି। ନୂଆ ନିୟମ ଖାଦ୍ୟ ସୁରକ୍ଷା ଏବଂ ମାନଦଣ୍ଡ(ପ୍ୟାକେଜିଂ ଏବଂ ଲେବେଲିଂ) ନିୟମ, ୨୦୧୧ର ସ୍ଥାନ ନେବ। ଡବା ଅଥବା ପ୍ୟାକେଟ୍‌ରେ ଥିବା ଖାଦ୍ୟରେ କେତେ ମାତ୍ରାରେ କେଉଁ ପଦାର୍ଥକୁ ମିଶାଯାଇଛି, ସେ ସମ୍ପର୍କରେ ଖାଉଟିଙ୍କୁ ସୂଚନା ଦେବା ପାଇଁ ଏହି ନୂଆ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଏକ ବିବୃତିରେ ଏଫ୍ଏସ୍ଏସ୍ଏଆଇ କହିଛି। ନୂଆ ଚିଠା ପ୍ରସ୍ତାବ ଅନୁଯାୟୀ, ଖାଦ୍ୟପଦାର୍ଥ ତିଆରି କରି ବିକ୍ରି କରୁଥିବା କମ୍ପାନୀ କ୍ୟାଲୋରୀ(ଶକ୍ତି), ଚର୍ବି, ଚିନି ଓ ସୋଡିୟମ(ଲୁଣ)ର ମାତ୍ରା ସହ ଜଡ଼ିତ ସୂଚନାକୁ ପ୍ୟାକେଟ୍ କିମ୍ବା ଡବା ଉପରେ ଉଲ୍ଲେଖ କରିବାକୁ ପଡିବ। ଏହାଛଡ଼ା କମ୍ପାନୀଗୁଡ଼ିକ ରେକମେଣ୍ଡେଡ ଡାଏଟାରି ଆଲାଉନ୍ସ(ଆର୍‌ଡିଏ)ର ଅଂଶ ମଧ୍ୟ ଜଣାଇବାକୁ ବାଧ୍ୟ ରହିବେ। ନାଲି ରଙ୍ଗରେ ଏହିସବୁ ସୂଚନା ଦେବାକୁ ହେବ। ଏହି ନୂଆ ନିୟମକୁ ଆସନ୍ତା ୩ ବର୍ଷ ଭିତରେ ପର୍ଯ୍ୟାୟକ୍ରମେ ଲାଗୁ କରାଯିବ। ଚିଠା ଜାରି ହେବାର ୩୦ ଦିନ ଭିତରେ ଅଂଶୀଦାରମାନେ ନିଜ ନିଜର ମତାମତ ଦେଇପାରିବେ ବୋଲି ଏଫ୍ଏସ୍ଏସ୍ଏଆଇ ପକ୍ଷରୁ ବିବୃତିରେ ସ୍ପଷ୍ଟ କରାଯାଇଛି। ଏଥିରେ କୁହାଯାଇଛି ଯେ, ବର୍ତ୍ତମାନ କମ୍ପାନୀଗୁଡ଼ିକ ଉତ୍ପାଦର ନିର୍ମାଣ ଏବଂ ଖରାପ ହେବାର ତାରିଖକୁ ଭିନ୍ନ ଭାବେ ଦର୍ଶାଇଥାନ୍ତି। ଗ୍ରାହକଙ୍କୁ ଏହା ଖୋଜିବା ଓ ଦେଖିବାରେ ଅସୁବିଧା ହେଉଛି। ଏଣିକି ନୂଆ ନିୟମ ଅନୁଯାୟୀ, ଖାଦ୍ୟପଦାର୍ଥ ତିଆରି ହେବା ଓ ଖରାପ ହେବାର ତାରିଖ ଗୋଟିଏ ସ୍ଥାନରେ ଉଲ୍ଲେଖ କରିବାକୁ ବାଧ୍ୟତାମୂଳକ କରାଯାଇଛି।





ଏମ୍‌ଭିଆଇଆର୍‌ଡିସି ୱାର୍ଲଡ ଟ୍ରେଡ ସେଣ୍ଟର (ଡବ୍ଲ୍ୟୁଟିସି) ମୁମ୍ବାଇ ଅଧୀନ ଭୁବନେଶ୍ୱର ସେଣ୍ଟର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ଡବ୍ଲ୍ୟୁଟିସି ମୁମ୍ବାଇ ଉପାଧ୍ୟକ୍ଷ ବିଜୟ କଳାନ୍ତ୍ରୀ, ମହାନିର୍ଦ୍ଦେଶକ ୱାଇ.ଆର୍.ୱାରେରକର, ବରିଷ୍ଠ ନିର୍ଦ୍ଦେଶକ ରୂପା ନାୟକ ଏବଂ ସହକାରୀ ପ୍ରବନ୍ଧକ ଆଶା ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଚେକ୍ ପ୍ରଦାନ କରିଥିଲେ।





# ଭାରତ ସେମିର ନିକଟତର

**ମାଞ୍ଚେଷ୍ଟର,୨୭।୬(ପି.ଟି.)**

ଆଇସିସି କ୍ରିକେଟ ବିଶ୍ୱକପ୍‌ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ସେମିଫାଇନାଲର ନିକଟତର ହୋଇଛି। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ଦମ୍‌ଦାର ବୋଲିଂ କରି ୧୨୫ ରନରେ ୱେଷ୍ଟଇଣ୍ଡିଜକୁ ହରାଇ ବୃହତ୍ ବିଜୟ ହାସଲ କରିଛି। ଆଉ ଗୋଟିଏ ବିଜୟ ହାସଲ କଲେ ଭାରତ ସେମିଫାଇନାଲରେ ପ୍ରବେଶ କରିବ। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୬୮ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୩୪.୨ ଓଭରରେ ୧୪୩ ରନକରି ଅଲଆଉଟ୍ ହେବା ସହ ଆତ୍ମସମର୍ପଣ କରିଛି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଏକମାତ୍ର ଦଳ ଭାବେ ଅପରାଜେୟ ରହିଥିବା ଭାରତ ୬ଟି ମ୍ୟାଚ୍ ଖେଳି ୫ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡକୁ ହଟାଇ ଉନ୍ନତ ନେଟ୍ ରନ୍‌ରେଟ୍‌ରେ ତାଲିକାର ଦ୍ୱିତୀୟ ସ୍ଥାନକୁ ଉଠି ସେମି ଆଶାକୁ ଆହୁରି ଦୃଢୀଭୂତ କରିଛି। ଅନ୍ୟପଟେ ୱେଷ୍ଟଇଣ୍ଡିଜ୍ ୭ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୫ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ତାଲିକାରେ ପୂର୍ବପରି ଅଷ୍ଟମ ସ୍ଥାନରେ ରହିଛି। ୭୨ ରନର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିବା କୋହଲିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ରବିବାର ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଇଂଲଣ୍ଡକୁ ବର୍ମିଂହାମ୍‌ରେ ଭେଟିବ।

୨୬୯ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ୱେଷ୍ଟଇଣ୍ଡିଜ ୧୬ ରନରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ୬ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ସାଇ ହୋପ୍ ୫ ରନକରି ମହମ୍ମଦ ସାମିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ତୃତୀୟ ଉଇକେଟରେ ସୁନୀଲ ଅମ୍ବ୍ରିସ୍ ଓ ନିକୋଲାସ ପୁରାନ ୫୫ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ତେବେ ୩୧ ରନ କରିଥିବା ବେଳେ ଅମ୍ବ୍ରିସ୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ନିୟମିତ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ଉଇକେଟ ଝଡିଥିଲା। ତାସ୍‌ଘର ପରି ୱେଷ୍ଟଇଣ୍ଡିଜ ଇନିଂସ ଭୁଶୁଡି ପଡିଥିଲା। ପୁରାନ ୨୮ ରନକରି ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ଦ୍ୱାର ଆଉଟ ହୋଇଥିଲେ। ଶିମରନ ହେଟ୍‌ମେୟର ୧୮ ରନ କରିଥିବା ସାମିଙ୍କ ତୃତୀୟ ଶିକାର ହୋଇଥିଲେ। ଅଧିନାୟକ ଜାସନ ହୋଲ୍ଡର ୬, କାର୍ଲୋସ ବ୍ରାଥୱେଟ ୧, ଶେଲଡନ କଟ୍ରେଲ ୧୦ ରନ କରି ଆଉଟ ହୋଇଥିଲେ। ଫାବିଆନ ଆଲେନ ଓ ଓଶେନ ଥୋମାସ ଖାତା ଖୋଲିପାରି ନ ଥିଲେ। କେମର ରୋଚ୍ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ସାମି ସର୍ବାଧିକ ୪, ବୁମ୍‌ରା ୨ ଓ ୟୁଜବେନ୍ଦ୍ର ଚହଲ ୨ଟି ଲେଖାଏ, ପାଣ୍ଡ୍ୟା ଓ କୁଲଦୀପ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଦେଖିଚାହିଁ ଆରମ୍ଭ କରିଥିଲା। ଇନ୍‌ଫର୍ମ ତାରକା ଓପନର ରୋହିତ ଶର୍ମା ୨୩ ବଲରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହ ୧୮ ରନ କରିଥିବା ବେଳେ ଦ୍ରୁତ ବୋଲର କେମର ରୋଚ୍‌ଙ୍କ ବଲ୍‌ରେ ଉଇକେଟ କିପର ସାଇ ହୋପ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ଫିଲ୍ଡ ଅମ୍ପାୟର ଆଉଟ୍ ଘୋଷିତ କରି ନ ଥିଲେ। ତେବେ ଡିଆରଏସ୍‌ରେ ଥାର୍ଡ ଅମ୍ପାୟର ତାଙ୍କୁ ଆଉଟ ଘୋଷିତ କରିଥିଲେ। କିନ୍ତୁ ଟିଭି ରିପ୍ଲେରେ ବଲ୍ ବ୍ୟାଟ୍‌ରେ ବାଜିଥିବା ସ୍ପଷ୍ଟଭାବେ ଜଣାପଡୁ ନ ଥିଲା। ଦ୍ୱିତୀୟ ଉଇକେଟରେ ଅନ୍ୟତମ ଓପନର ଲୋକେଶ ରାହୁଲ ଓ ଅଧିନାୟକ ବିରାଟ କୋହଲି ୬୯ ରନ ସଂଗ୍ରହ କରିଥିଲେ। ରାହୁଲ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ସେ ୬୪ ବଲରୁ ୬ ଚୌକା ସହ ୪୮ ରନ କରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ଲାଇନ୍ ମିସ୍ କରି ଜାସନ ହୋଲ୍ଡରଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ ୨ ରନ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ବିଜୟ ଶଙ୍କର ପୁଣି ବିଫଳ ହୋଇଥିଲେ। ୧୯ ବଲରୁ ୩ ଚୌକା ସହ ୧୪ ରନ କରିଥିବା ବେଳେ ରୋଚ୍‌ଙ୍କ ବଲ୍‌ରେ ହୋପ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସୁଯୋଗ ମିଳିବା ସତ୍ତ୍ୱେ ଶଙ୍କର ୪ ନମ୍ବରରେ ଏହାର ସଦ୍ ବ୍ୟବହାର କରିବାରେ ବିଫଳ ହୋଇଛନ୍ତି। ଭାରତୀୟ ମିଡଲ ଅର୍ଡର ପୁଣିଥରେ ସାଂଘାତିକ ଭାବେ ବିଫଳ ହୋଇଥିଲା। ଶଙ୍କରଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା କେଦାର ଯାଦବ ମଧ୍ୟ ବିଫଳ ହୋଇଥିଲେ। ଗୋଟିଏ ସ୍ଥାନ ଉପରକୁ ଆସି କେଦାର ମାତ୍ର ୭ ରନ କରିଥିବା ବେଳେ ରୋଚ୍‌ଙ୍କ ଅଫ୍ ଷ୍ଟମ୍ପ ବାହାରର ବଲ୍ ଖେଳିବାକୁ ଯାଇଥିଲେ। ବଲ ବ୍ୟାଟର ଏଜ୍ ନେଇଥିଲା ଓ ହୋପ୍ କ୍ୟାଚ୍ ଧରିଥିଲେ। ଏହାପରେ ପାଳି ପଡିଥିଲା ଅଧିନାୟକ ବିରାଟ କୋହଲିଙ୍କର। ସେ ୮୨ଟି ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ସହ ୭୨ ରନ କରିଥିବା ବେଳେ ହୋଲ୍ଡରଙ୍କ ବଲ୍‌କୁ ପୁଲ୍ କରିବାକୁ ଯାଇ ମିଡ ଉଇକେଟରେ ବଦଳ ଖେଳାଳି ଡ୍ୱେନ ବ୍ରାଭୋଙ୍କ ହାତରେ ଧରାପଡିଥିଲେ। ବଲ୍ ଆଶାନୁରୂପ ବାଉନ୍ସ କରି ନ ଥିଲା ଓ ସେ ଜଲ୍‌ଦି ଖେଳିଥିଲେ ଫଳରେ ବଲ ବ୍ୟାଟ୍‌ର ଠିକ୍ ସଂଯୋଗ ହୋଇ ନ ଥିଲା। ୪ଟି ମ୍ୟାଚ୍‌ରୁ କୋହଲି କ୍ରମାଗତ ୪ଟି ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ପୁଣି ଥରେ ଏହାକୁ ଶତକରେ ପରିଣତ କରିପାରି ନ ଥିଲେ। ମହେନ୍ଦ୍ର ସିଂ ଧୋନୀଙ୍କ ସହ କୋହଲି ପଞ୍ଚମ ଉଇକେଟରେ ୪୦ ରନ ସଂଗ୍ରହ କରିଥିଲେ। ମନ୍ଥର ବ୍ୟାଟିଂ ଯୋଗୁ ବେଶ୍ ସମାଲୋଚିତ ହୋଇଥିବା ଧୋନୀ ଏହାକୁ ଦୋହରାଇଥିଲେ। ଧୋନୀ ଷ୍ଟ୍ରାଇକ ରୋଟେଟ କରିବାରେ ବିଫଳ ହୋଇଥିଲେ। ତାଙ୍କ ଇନିଂସରେ ଡଟ୍ ବଲ୍ ସଂଖ୍ୟା ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଆଫଗାନିସ୍ତାନ ବିପକ୍ଷରେ ଭାରତ ୧୫୨ଟି ଡଟ୍ ବଲ୍ ଦେଇଥିଲା। ଏହି ମ୍ୟାଚ୍‌ରେ ଭାରତ ୧୬୩ଟି ଡଟ୍ ବଲ୍ ଦେଇଛି। ତେବେ ହାର୍ଦ୍ଦିକ ପାଣ୍ଡ୍ୟା ଆଉଟ୍ ହେବା ପୂର୍ବରୁ ୩୮ ବଲରୁ ୫ ଚୌକା ସହ ୪୬ ରନ କରି ଦଳର ସ୍କୋରକୁ ଆଗକୁ ବଢାଇଥିଲେ। ପାଣ୍ଡ୍ୟା ଶେଲଡନ କୋଟ୍ରେଲଙ୍କ ବଲକୁ ଘୂରାଇ ମାରିବାକୁ ପ୍ରୟାସ କରିଥିଲେ ମଧ୍ୟ ଡିପ୍ କଭରରେ ଫାବିଏନ ଆଲେନ ହାତରେ ଧରା ପଡିଥିଲେ। ମହମ୍ମଦ ସାମି ଖାତା ଖୋଲିବା ପୂର୍ବରୁ କୋଟ୍ରେଲଙ୍କ ବଲ୍‌ରେ ହୋପ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ଷଷ୍ଠ ଉଇକେଟରେ ଧୋନୀ ଓ ପାଣ୍ଡ୍ୟା ୬୦ ବଲରୁ ୭୦ ରନ ସଂଗ୍ରହ କରିଥିଲେ। ଅନ୍ତିମ ଓଭରରେ ଧୋନୀ ୨ଟି ଛକା ଓ ଗୋଟିଏ ଚୌକା ମାରି ୧୬ ରନ ସଂଗ୍ରହ କରିଥିଲେ। ଧୋନୀ ୬୧ଟି ବଲ୍ ଖେଳି ୩ ଚୌକା ଓ ୨ ଛକା ସହ ୫୬ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। କୁଲଦୀପ ଖାତା ଖୋଲି ନ ପାରି ଅପରାଜିତ ରହିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ରୋଚ୍ ୩, କୋଟ୍ରେଲ ଓ ହୋଲ୍ଡର ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଉଇକେଟ ହାସଲ ପରେ ମହମ୍ମଦ ସାମିଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ବିଶ୍ୱକପରେ କ୍ରମାଗତ ୪ ଅର୍ଦ୍ଧଶତକ(ଭାରତୀୟ)

- ନଭଜୋତ ସିଦ୍ଧୁ(୧୯୮୭)
- ସଚିନ ତେନ୍ଦୁଲକର(୧୯୯୬ ଓ ୨୦୦୩)
- ବିରାଟ କୋହଲି(୨୦୧୯)

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୭ | ୬ | ୧ | ୦ | ୦ | ୧୨ | +୦.୯୦୬ |
| ଭାରତ | ୬ | ୫ | ୦ | ୦ | ୧ | ୧୧ | +୧.୧୬୦ |
| ନ୍ୟୁଜିଲାଣ୍ଡ | ୭ | ୫ | ୧ | ୦ | ୧ | ୧୧ | +୧.୦୨୮ |
| ଇଂଲଣ୍ଡ | ୭ | ୪ | ୩ | ୦ | ୦ | ୮ | +୧.୦୫୧ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ପାକିସ୍ତାନ | ୭ | ୩ | ୩ | ୦ | ୧ | ୭ | -୦.୯୭୬ |
| ଶ୍ରୀଲଙ୍କା | ୬ | ୨ | ୨ | ୦ | ୨ | ୬ | -୧.୧୧୯ |
| ୱେଷ୍ଟଇଣ୍ଡିଜ | ୭ | ୧ | ୫ | ୦ | ୧ | ୩ | -୦.୩୨୦ |
| ଦକ୍ଷିଣ ଆଫ୍ରିକା | ୭ | ୧ | ୫ | ୦ | ୧ | ୩ | -୦.୩୨୪ |
| ଆଫଗାନିସ୍ତାନ | ୭ | ୦ | ୭ | ୦ | ୦ | ୦ | -୧.୬୩୪ |

## ସ୍କୋର ବୋର୍ଡ

### ଭାରତ ଇନିଂସ

ରାହୁଲ-ବୋ-ହୋଲ୍ଡର-୪୮
ରୋହିତ-କ-ଶାଇ ହୋପ୍-ବୋ ରୋଚ୍-୧୮
କୋହଲି-କ-ବ୍ରାଭୋ-ବୋ-ହୋଲ୍ଡର-୭୨
ବିଜୟ-କ-ଶାଇ ହୋପ୍-ବୋ-ରୋଚ୍-୧୪
କେଦାର-କ-ଶାଇ ହୋପ୍-ବୋ-ରୋଚ୍-୭
ଧୋନୀ-ନଟ ଆଉଟ-୫୬
ହାର୍ଦ୍ଦିକ-କ-ଫାବିଏନ୍ ଆଲେନ୍- ବୋ-କୋଟ୍ରେଲ-୪୬
ଶାମି-କ-ଶାଇ ହୋପ୍-ବୋ-କୋଟ୍ରେଲ-୦
କୁଲଦୀପ-ନଟଆଉଟ-୦
ଅତିରିକ୍ତ-୭
ମୋଟ (୫୦ ଓଭର, ୭ ଉଇକେଟ) ୨୬୮।
**ଉଇକେଟ ପତନ:** ୧/୨୯, ୨/୯୮, ୩/୧୨୬, ୪/୧୪୦, ୫/୧୮୦, ୬/୨୫୦, ୭/୨୫୨।

**ବୋଲିଂ (ୱେଷ୍ଟଇଣ୍ଡିଜ)**
ଶେଲଡନ୍ କୋଟ୍ରେଲ ୧୦-୦-୫୦-୨
କେମର ରୋଚ୍ ୧୦-୦-୩୬-୩
ଓଶାନେ ଥୋମାସ ୭-୦-୬୩-୦
ଫାବିଏନ୍ ଆଲେନ ୧୦-୦-୫୨-୦
ଜାସନ ହୋଲ୍ଡର ୧୦-୨-୩୩-୨
କାର୍ଲୋସ ବ୍ରାଥ୍ୱେଟ୍ ୩-୦-୩୩-୦।

### ୱେଷ୍ଟଇଣ୍ଡିଜ ଇନିଂସ

କ୍ରିସ୍ ଗେଲ୍-କ-କେଦାର-ବୋ-ଶାମି-୬
ସୁନୀଲ ଆମ୍ବ୍ରିସ-ଏଲବିଡବ୍ଲ୍ୟୁ-ହାର୍ଦ୍ଦିକ-୩୧
ଶାଇ ହୋପ୍-ବୋ-ଶାମି-୫
ପୁରନ-କ-ଶାମି-ବୋ-କୁଲ୍‌ଦୀପ-୨୮
ହେଟମେର-କ-ରାହୁଲ-ବୋ ଶାମି-୧୮
ହୋଲ୍ଡର-କ-କେଦାର-ବୋ-ଚହଲ-୬
ବ୍ରାଥ୍ୱେଟ୍-କ-ଧୋନୀ-ବୋ-ବୁମ୍‌ରା-୧
ଫାବିଏନ୍ ଆଲେନ୍-ଏଲବିଡବ୍ଲ୍ୟୁ-ବୁମ୍‌ରା-୦
କେମର ରୋଚ୍-ନଟ୍‌ଆଉଟ୍-୧୪
କୋଟ୍ରେଲ-ଏଲବିଡବ୍ଲ୍ୟୁ-ଚହଲ-୧୦
ଥୋମାସ-କ-ରୋହିତ-ବୋ-ଶାମି-୬
ଅତିରିକ୍ତ-୧୮
ମୋଟ (୩୪.୨ ଓଭର, ଅଲଆଉଟ) ୧୪୩।
**ଉଇକେଟ ପତନ:** ୧/୧୦, ୨/୧୬, ୩/୭୧, ୪/୮୦, ୫/୯୮, ୬/୧୦୭, ୭/୧୦୭, ୮/୧୧୨, ୯/୧୨୪, ୧୦/୧୪୩।

**ବୋଲିଂ (ଭାରତ)**
ମହମ୍ମଦ ଶାମି ୬.୨-୦-୧୬-୪
ଯଶପ୍ରୀତ ବୁମ୍‌ରା ୬-୧-୯-୨
ହାର୍ଦ୍ଦିକ ପାଣ୍ଡ୍ୟା ୫-୦-୨୮-୧
କୁଲ୍‌ଦୀପ ଯାଦବ ୯-୧-୩୫-୧
କେଦାର ଯାଦବ ୧-୦-୪-୦
ୟୁଜବେନ୍ଦ୍ର ଚହଲ ୭-୦-୩୯-୨

## ବିରାଟ କୋହଲି ମ୍ୟାନ୍ ଅଫ୍ ଦି ମ୍ୟାଚ୍

# ଧୋନୀଙ୍କୁ କୋହଲିଙ୍କ ଭୂୟସୀ ପ୍ରଶଂସା

**ମାଞ୍ଚେଷ୍ଟର,୨୭।୬ (ପି.ଟି.)**

ବିଶ୍ୱକପ୍‌ରେ ଗତ କେତୋଟି ମ୍ୟାଚ୍‌ରେ ମନ୍ଥର ବ୍ୟାଟିଂ କରି ବେଶ୍ ସମାଲୋଚିତ ହୋଇଥିବା ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କୁ କିନ୍ତୁ ଅଧିନାୟକ ବିରାଟ କୋହଲି ସମର୍ଥନ କରି ଭୂୟସୀ ପ୍ରଶଂସା କରିଛନ୍ତି। ଧୋନୀ କ୍ରିକେଟର ଜଣେ କିମ୍ବଦନ୍ତୀ ବୋଲି ସେ କହିଛନ୍ତି। ଧୋନୀ ପୂର୍ବରୁ ଆମକୁ ଏକାଧିକ ମ୍ୟାଚ୍‌ରେ ଜିତାଇଛନ୍ତି। ତାଙ୍କ ଅଭିଜ୍ଞତା ଦଳ ପାଇଁ ଆଶୀର୍ବାଦ ସଦୃଶ ହୋଇଛି। ୱେଷ୍ଟଇଣ୍ଡିଜକୁ ହରାଇବାରେ ଧୋନୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ରହିଛି। ପ୍ରତିକୂଳ ପରିସ୍ଥିତିରେ ୩୮ ବଲରୁ ଦ୍ରୁତ ୪୬ ରନ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମଧ୍ୟ କୋହଲି ପ୍ରଶଂସା କରିଛନ୍ତି। ୨୭୦ ରନ ଏକ ଭଲ ସ୍କୋର ଥିଲା କୋହଲି କହିଛନ୍ତି। ଅନ୍ୟପଟେ ପରାଜୟ ପାଇଁ ଦୁର୍ବଳ ବ୍ୟାଟିଂକୁ ଦାୟୀ କରିଛନ୍ତି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର। ଉଲ୍ଲେଖଥାଉ କି, ସ୍ଥିର ପ୍ରଦର୍ଶନ କାରଣରୁ ଭାରତ ଆଇସିସି ଦିନିକିଆ ର୍ୟାଙ୍କିଂଗ୍‌ରେ ଇଂଲଣ୍ଡକୁ ହଟାଇ ଶୀର୍ଷ ସ୍ଥାନ ଅଧିକାର କରିଛି।



ବିଶ୍ୱକପ୍ ଟ୍ରଫି ସହ ଦୁଇ କ୍ରିକେଟ କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜର କ୍ଲାଇଭ୍ ଲୟଡ ଓ ଭାରତର ଫାରୁଖ ଇଞ୍ଜିନିୟର।



ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଭାରତୀୟ ପ୍ରଶଂସକଙ୍କ ଭିଡ଼।

# ନିଶ୍ଚିତ ବିଜୟ ଲକ୍ଷ୍ୟରେ ଶ୍ରୀଲଙ୍କା

**ଚେଷ୍ଟର-ଲି-ଷ୍ଟ୍ରିଟ୍, ୨୭।୬ (ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ଶୁକ୍ରବାର ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ଦକ୍ଷିଣ ଆଫ୍ରିକା ଓ ଏସୀୟ ରାଷ୍ଟ୍ର ଶ୍ରୀଲଙ୍କା ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଶ୍ରୀଲଙ୍କା ଏହାର ପୂର୍ବ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡକୁ ରୋମାଞ୍ଚକ ଭାବେ ୨୦ ରନରେ ପରାସ୍ତ କରି ସେମିଫାଇନାଲ ଦୌଡ଼ରେ ସାମିଲ ହୋଇଥିଲା। ଅନ୍ତିମ-୪'ରେ ପ୍ରବେଶ ଆଶା ଉଜ୍ଜିବୀତ ରଖିବା ପାଇଁ ହେଲେ ଦିମୁଥ କରୁଣାରତ୍ନେଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ଦଳକୁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ ହେଉଛି। ଶ୍ରୀଲଙ୍କା ୬ ମ୍ୟାଚ୍‌ରୁ ୨ଟି ଲେଖାଏ ବିଜୟ, ପରାଜୟ ଓ ବିନାଫଳ ସହ ୬ ପଏଣ୍ଟ ପାଇ ଟେବୁଲର ୭ମ ସ୍ଥାନରେ ରହିଛି। ୧୯୯୬ ଚାମ୍ପିୟନ ସିଂହଳୀ ଦଳ ଏହାର ଅନ୍ତିମ ୩ ମ୍ୟାଚ୍ ଜିତିପାରିଲେ ସେମିଫାଇନାଲରେ ସ୍ଥାନ ପକ୍କା କରିବାର ଯଥେଷ୍ଟ ସମ୍ଭାବନା ରହିଛି।

ଗତ ସଂସ୍କରଣର ସେମିଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଇତିହାସରେ ଏହାର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖିଛି। ଫାଫ୍ ଡୁପ୍ଲେସିସଙ୍କ ଦଳ ଏହାର ପୂର୍ବ ମ୍ୟାଚ୍‌ରେ ପାକିସ୍ତାନ ନିକଟରୁ ୪୯ ରନରେ ପରାସ୍ତ ହେବା ସହ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚ୍‌ରୁ ୧ ବିଜୟ, ୫ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ମାତ୍ର ୩ ପଏଣ୍ଟ ପାଇ ୧୦ ଦଳୀୟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଥିବା ଆଫଗାନିସ୍ତାନର ଉପରେ ରହିଛି। ସେମିଫାଇନାଲରୁ ବାଦ୍ ପଡ଼ି ସାରିଥିବାରୁ ଦକ୍ଷିଣ ଆଫ୍ରିକା ଏବେ ସମ୍ମାନ ରକ୍ଷା ଲାଗି ଖେଳିବ।

**ଦକ୍ଷିଣ ଆଫ୍ରିକା-୩, ଶ୍ରୀଲଙ୍କା-୧**

ଉଭୟ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ବର୍ତ୍ତମାନ ସୁଦ୍ଧା କ୍ରିକେଟ୍‌ର ମହାକୁମ୍ଭରେ ପରସ୍ପର ବିପକ୍ଷରେ ୫ଥର ଖେଳିଛନ୍ତି। ସେଥିମଧ୍ୟରୁ ଦକ୍ଷିଣ ଆଫ୍ରିକା ୩ ଓ ଶ୍ରୀଲଙ୍କା କେବଳ ଗୋଟିଏ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିପାରିଛି। ଗୋଟିଏ ମ୍ୟାଚ୍‌ର ଟାଇରେ ସମାପ୍ତ ହୋଇଥିଲା।

**ଭେନ୍ୟୁ ଷ୍ଟାଟସ୍**

ସ୍ଥାନୀୟ ରିଭରସାଇଡ୍ ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରିଥିବା ଦଳର ଆଭରେଜ ସ୍କୋର ୨୪୩ ରନ ଏବଂ ୨ୟ ବ୍ୟାଟିଂ କରୁଥିବା ଦଳର ଆଭରେଜ ସ୍କୋର ୧୮୦ ରନ୍ ରହିଛି। ଘରୋଇ ଇଂଲଣ୍ଡ (୩୧୪/୪) ନାମରେ ଏହି ଗ୍ରାଉଣ୍ଡରେ ସର୍ବାଧିକ ଦଳଗତ ସ୍କୋର ଲିପିବଦ୍ଧ ରହିଛି। ସେହିଭଳି ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡ ଏଠାରେ ମାତ୍ର ୯୯ ରନରେ ଅଲ୍‌ଆଉଟ୍ ହୋଇଥିଲା, ଯାହାକି ସର୍ବନିମ୍ନ ଦଳଗତ ସ୍କୋରର ରେକର୍ଡ ବହନ କରୁଛି।

**ଆଜିର ମ୍ୟାଚ୍**

**ଶ୍ରୀଲଙ୍କା ବନାମ ଦକ୍ଷିଣ ଆଫ୍ରିକା**

ସ୍ଥାନ: ଚେଷ୍ଟର-ଲି-ଷ୍ଟ୍ରିଟ୍
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଦିମୁଥ କରୁଣାରତ୍ନେ ଫାଫ୍ ଡୁପ୍ଲେସି

> ବୁଧବାର ଶକ୍ତିଶାଳୀ ନ୍ୟୁଜିଲାଣ୍ଡକୁ ପରାସ୍ତ କରିବା ଦ୍ୱାରା ଆମେ ଅବଶିଷ୍ଟ ମ୍ୟାଚ ଜିତି ବିଶ୍ୱକପ୍ ସେମିରେ ପ୍ରବେଶ କରିପାରିବୁ ବୋଲି ଆଶା କରୁଛୁ ।
> —ବାବର ଆଜମ, ପାକିସ୍ତାନ କ୍ରିକେଟର



> ବର୍ମିଂହାମଠାରେ ପାକିସ୍ତାନ ବିପକ୍ଷ ମ୍ୟାଚରେ ପରାଜିତ ହୋଇଥିଲେ ମଧ ଆମ ବିଶ୍ୱକପ୍ ଅଭିଯାନ ପଥଭ୍ରଷ୍ଟ ହୋଇନାହିଁ ।
> —ଜିମ୍ମି ନିଶାମ, ନ୍ୟୁଜିଲାଣ୍ଡ ଅଲରାଉଣ୍ଡର



## ସଂକ୍ଷେପରେ

### ଆଫଗାନିସ୍ତାନ ଦଳରେ ଶିର୍‌ଜାଦ




ଲିଡ୍ସ, ୨୭।୬ (ପି.ଟି.)- ଚଳିତ ଆଇସିସି ବିଶ୍ୱକପ୍‌ରେ ଆଫଗାନିସ୍ତାନର ଅବଶିଷ୍ଟ ମ୍ୟାଚଗୁଡ଼ିକ ଲାଗି ଅଫତାବ ଆଲାମ ବାଦ୍ ପଡ଼ିଥିବାବେଳେ ତାଙ୍କ ସ୍ଥାନରେ ବାମହାତୀ ମିଡିୟମ ପେସ୍ ବୋଲର ସୟେଦ ଅହମ୍ମଦ ଶିର୍‌ଜାଦଙ୍କୁ ଦଳରେ ସ୍ଥାନ ମିଳିଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଗୁରୁବାର ଏ ସମ୍ପର୍କରେ ସ୍ପଷ୍ଟ କରିଦିଆଯାଇଛି। ଏକ ବିଶେଷ ପରିସ୍ଥିତିରେ ଆଲାମଙ୍କ ସ୍ଥାନରେ ଶିରଜାଦଙ୍କୁ ନିଆଯାଇଥିବା ଆଇସିସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ୨୦୧୯ର ଇଭେଣ୍ଟ ଟେକ୍‌ନିକାଲ କମିଟି ଦ୍ୱାରା ଏହା ଅନୁମୋଦନ ଲାଭ କରିଛି। ଆଫଗାନିସ୍ତାନ ଏପର୍ଯ୍ୟନ୍ତ ଖେଳିସାରିଥିବା ସମସ୍ତ ୭ଟି ଗେମ୍‌ରେ ପରାଜୟ ସହ ବିଶ୍ୱକପ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି। ସମ୍ମାନ ରକ୍ଷା ପାଇଁ ଏହି ଦଳ ଶନିବାର ପାକିସ୍ତାନ ଏବଂ ଜୁଲାଇ ୪ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳିବ।

### ପୂର୍ବତନ ବେଙ୍ଗଲ ରଣ୍‌ଜୀ ଅଧିନାୟକଙ୍କ ପରଲୋକ

କୋଲକାତା, ୨୭।୬(ପି.ଟି.)-ବେଙ୍ଗଲ ରଣ୍‌ଜୀ ଦଳର ପୂର୍ବତନ ଅଧିନାୟକ ଶ୍ୟାମ ସୁନ୍ଦର ମିତ୍ରଙ୍କର ଗୁରୁବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୨ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ହାର୍ଟଜନିତ ସମସ୍ୟା ଦେଇ ଗତି କରୁଥିଲେ। ସଲ୍ଟଲେକ୍‌ସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଗୁରୁବାର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବୋଲି କ୍ରିକେଟ୍ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ପକ୍ଷରୁ କୁହାଯାଇଛି। ଏସ୍‌ଏସ୍ ନାମରେ ବେଶ୍ ପରିଚିତ ଲାଭ କରିଥିବା ଶ୍ୟାମ କ୍ୟାରିୟରରେ ମୋଟ୍ ୫୯ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବାବେଳେ ୫୦.୧୩ ଆଭରେଜରେ ରନ୍ ସଂଗ୍ରହ କରିଥିଲେ। ୧୫୫ ରନ୍ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଇନିଂସ ରହିଥିଲା। ୧୯୬୦ଦଶକରେ କେତୋଟି ସାହସିକ ଇନିଂସ ଖେଳିଥିଲେ ମଧ ମିତ୍ରାଙ୍କୁ କେବେ ବି ଭାରତୀୟ ଦଳ ପାଇଁ ଚୟନ କରାଯାଇ ନ ଥିଲା। ମିତ୍ର ଭାରତର ପ୍ରମୁଖ ଦଳଗୁଡ଼ିକ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ ରାଜନୀତିର ଶିକାର ହୋଇ ଜାତୀୟ ଦଳ ପକ୍ଷରୁ ଖେଳିବାରୁ ବଞ୍ଚିତ ହୋଇଥିଲେ ବୋଲି ରାଜୁ ମୁଖାର୍ଜୀ ତାଙ୍କ ପୁସ୍ତକ 'ଇଡେନ ଗାର୍ଡେନ୍ସ: ଲିଜେଣ୍ଡ ଆଣ୍ଡ୍ ରୋମାନ୍ସ'ରେ ଉଲ୍ଲେଖ କରିଛନ୍ତି।

# ଆର୍ଥିକ ସଂକଟରେ ଏଆଇଏଫ୍‌ଏଫ୍

ନୂଆଦିଲ୍ଲୀ, ୨୭।୬ (ପି.ଟି.)




କମର୍ସିଆଲ ପାର୍ଟନର ଆଇଏମ୍‌ଜି-ରିଲାଏନ୍ସ ଉପରେ ୨୫ କୋଟି ଟଙ୍କା ବାକି ପଡ଼ିଥିବାରୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଏବେ ଆର୍ଥିକ ସଂକଟ ଦେଇ ଗତି କରୁଛି। ଖବର ଅନୁସାରେ ମହାସଂଘର କମର୍ସିଆଲ ପାର୍ଟନର ଶେଷ ଦୁଇ କ୍ୱାର୍ଟର ପର୍ଯ୍ୟାୟ ରାଶି ବାକି ରଖିଛି। ଏହି କାରଣରୁ ଆଇ-ଲିଗ୍ ବିଜେତା ଚେନ୍ନାଇ ସିଟିକୁ ଏପର୍ଯ୍ୟନ୍ତ ପୁରସ୍କାର ରାଶି ବାବଦରେ ୧ କୋଟି ଟଙ୍କା ଦିଆଯାଇ ପାରିନାହିଁ। ଏହାଛଡ଼ା ରେଫରିଙ୍କ ପାଉଣା ଏବଂ ଯାତାୟାତ ବାବଦରେ ଖର୍ଚ୍ଚ ଭରଣା କରାଯାଇ ପାରୁନାହିଁ। ରିଲାଏନ୍ସ ସ୍ପୋର୍ଟ୍ସ ସିଇଓ ସୁନ୍ଦର ରମଣ ଏଆଇଏଫ୍‌ଏଫ୍‌ର ଏକ କମିଟିର ଜଣେ ସଦସ୍ୟ ମଧ ରହିଛନ୍ତି। ଏହି ପ୍ରସଙ୍ଗରେ ତାଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ ଲାଗି ବାରମ୍ବାର ଚେଷ୍ଟା ସତ୍ତ୍ୱେ ସମ୍ଭବ ହୋଇ ପାରିନାହିଁ। ୨୦୧୦ରେ ଏଆଇଏଫ୍‌ଏଫ୍ ଏବଂ ଆଇଏମ୍‌ଜି ରିଲାଏନ୍ସ ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ମହାସଂଘ ଏହାର କମର୍ସିଆଲ ପାର୍ଟନରଠାରୁ ବାର୍ଷିକ ୫୦ କୋଟି ଟଙ୍କା ପାଇବା କଥା। ମାତ୍ର ଶେଷ ଦୁଇ କ୍ୱାର୍ଟର ପେମେଣ୍ଟ ନ ମିଳିଥିବାରୁ ମହାସଂଘ ଆଇ-ଲିଗ୍ କ୍ଲବଗୁଡ଼ିକୁ ପୁରସ୍କାର ରାଶି ବାବଦରେ ୨.୫କୋଟି ଟଙ୍କା ଦେଇପାରୁନାହିଁ। ଏହାଛଡ଼ା ଯାତାୟାତ ଖର୍ଚ୍ଚ ଓ ସବ୍‌ସିଡି ସମେତ ଅନ୍ୟାନ୍ୟ ଖର୍ଚ୍ଚବାବଦରେ ମୋଟ ୪କୋଟି ଟଙ୍କା ଦିଆଯାଇ ନ ପାରି ବାକି ପଡ଼ିଥିବା ଏଆଇଏଫ୍‌ଏଫ୍‌ର ଜଣେ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଜାନୁୟାରୀଠାରୁ କ୍ୱାର୍ଟରଲୀ ପ୍ରାପ୍ୟ ମିଳି ନାହିଁ। କ୍ଲବଗୁଡ଼ିକ ସେମାନଙ୍କ ପାଉଣା ପାଇବା ଲାଗି ମେଲ୍ କରୁଛନ୍ତି। ମିନର୍ଭା ପଞ୍ଜାବ ଦୈନିକ ଚିଠି କରୁଥିବା ସେ କହିଛନ୍ତି। ଚେନ୍ନାଇ ସିଟି ସିଇଓ ରୋହିତ ରମେଶ ଏହି ପ୍ରସଙ୍ଗରେ ଚିନ୍ତା ପ୍ରକଟ କରିଛନ୍ତି। ଚେନ୍ନାଇ ସିଟି ୩ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ଚାମ୍ପିୟନ ହୋଇସାରିଲାଣି। ମୁଁ ଇ-ମେଲ ଜରିଆରେ ପୁରସ୍କାର ରାଶି ପାଇଁ ଅନୁରୋଧ କରିସାରିଛି। ମାତ୍ର ଏଆଇଏଫ୍‌ଏଫ୍‌ରୁ କୌଣସି ଜବାବ ମିଳିନାହିଁ ବୋଲି ରମେଶ ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟ ଶେଷରେ ବିଜେତା ଭାବେ ଆମକୁ ୧କୋଟି ଟଙ୍କାର ଏକ ଲମ୍ବା ଚେକ୍ ଧରାଇ ଦିଆଯାଇଥିଲା। ମାତ୍ର ଆମକୁ ଟଙ୍କା ମିଳିନାହିଁ। ଆଇଏମ୍‌ଜି-ରିଲାଏନ୍ସ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ)ର ପ୍ରମୋଟର ମଧ ରହିଛି। ସୁପର ଲିଗ୍‌ରୁ ଓହରିଯାଇଥିବା ଆଇ-ଲିଗ୍ କ୍ଲବଗୁଡ଼ିକ ଉପରେ ବହୁ ପରିମାଣରେ ଆର୍ଥିକ ଜରିମାନା ହେଉ ବୋଲି ଏହି ସଂସ୍ଥା ଚାହୁଁଛି। ଏ ବାବଦରେ ଏଆଇଏଫ୍‌ଏଫ୍ ବିପୁଳ ରାଶି ସଂଗ୍ରହ କରିପାରିବ। ଏହାଛଡ଼ା ଆଇଏସ୍‌ଏଲ୍‌କୁ ମୁଖ୍ୟ ଲିଗ୍ ବୋଲି ଘୋଷଣା କରାଯିବା ଲାଗି ଏହି ସଂସ୍ଥା ଅଡ଼ି ବସିଛି। ଏଆଇଏଫ୍‌ଏଫ୍‌ର କାର୍ଯ୍ୟନିର୍ବାହୀ କମିଟି ବୈଠକ ଜୁଲାଇ ୩ରେ ବସିବ। ଏହା ରବରଷ୍ଟାମ୍ପ ଭଳି କାର୍ଯ୍ୟକରୁଥିବା କୁହାଯାଉଛି। ଅନ୍ୟପକ୍ଷରେ ବିଭିନ୍ନ ପ୍ରସଙ୍ଗ ନେଇ ମିନର୍ଭା ପଞ୍ଜାବ ଏଫ୍‌ସିର ଏଆଇଏଫ୍‌ଏଫ୍ ସହ ଛକାପଞ୍ଝା ଚାଲିଛି।

## ଓଡ଼ିଶା ବାହୁକୁସ୍ତି ଦଳର ସଫଳତା



ପଦକ ସହ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୨୭।୬ (ସ୍ପୋର୍ଟ୍ସ ବ୍ୟୁରୋ) ଛତିଶଗଡ଼ର ଭିଲାଇଠାରେ ୪୩ ତମ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ସଫଳତା ହାସଲ କରିଛନ୍ତି। ୯୦କେଜି ସିନିୟର ପୁରୁଷ ବିଭାଗରେ ପ୍ରମୋଦ ମୁଖୀ ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ପ୍ରତାପ ଷଡ଼ଙ୍ଗୀ ୬୫କେଜି ବିଭାଗରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ଚନ୍ଦନ ବେହେରା ଭିନ୍ନକ୍ଷମ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ସହ ଶ୍ରେଷ୍ଠ ଖେଳାଳି ଏବଂ ସୋମନାଥ ପାତ୍ର ୮୦କେଜି ବାମହାତୀ ପୁରୁଷ ସିନିୟର ବିଭାଗରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ପ୍ରତିଯୋଗିତାରେ ଭାଗ ନେବାଲାଗି ଓଡ଼ିଶାର ୩୦ଜଣିଆ ଦଳ ଗସ୍ତ କରିଥିଲା। ଦଳ ସହିତ ଓଡ଼ିଶା ବାହୁକୁସ୍ତି ଆସୋସିଏଶନ ସାଧାରଣ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ମ୍ୟାନେଜର ସାଗର ନାୟକ, କୋଚ୍ ସୁମିତ ରାଜ୍ ଏବଂ ସନ୍ତୋଷ ଦାସ ପ୍ରମୁଖ ଭିଲାଇ ଯାଇଥିଲେ।

## ପ୍ରତ୍ୟାଶାଙ୍କୁ ବ୍ରୋଞ୍ଜ



ବ୍ରୋଞ୍ଜ ପଦକ ବିଜୟିନୀ ପ୍ରତ୍ୟାଶା ରୟ (ଉପରୁ ଡାହାଣ)

ଭୁବନେଶ୍ୱର, ୨୭।୬(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ସନ୍ତରଣ ପ୍ରତିଭା ପ୍ରତ୍ୟାଶା ରୟଙ୍କୁ ଗୁରୁବାର ଆଉ ଏକ ସଫଳତା ମିଳିଛି। ଗୁଜରାଟର ରାଜକୋଟଠାରେ ଚାଲିଥିବା ୩୬ତମ ଜାତୀୟ ସବ୍‌ଜୁନିୟର ସନ୍ତରଣ ଚାମ୍ପିୟନଶିପର ୨୦୦ ମିଟର ବ୍ୟାକ୍ ଷ୍ଟ୍ରୋକରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗୋଆର ଶୃଙ୍ଗି ରାଜେଶ ବନ୍ଦେକର ସ୍ୱର୍ଣ୍ଣ ଓ କର୍ନାଟକର ସୁଭନା ସି. ବାସ୍କର ରୌପ୍ୟ ପଦକ ଲାଭ କରିଛନ୍ତି। ଏହି ଇଭେଣ୍ଟରେ ମୋଟ ୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖ: ରୁଟ୍

ବର୍ମିଂହାମ,୨୭।୬(ପି.ଟି.)

ଆସନ୍ତା ରବିବାର ଏଠାରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜୋ ରୁଟ୍ ସାଥୀ ଖେଳାଳିମାନଙ୍କୁ କିଛିଟା ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିବାକୁ ସେ କହିଛନ୍ତି। ଯଦି ଏହି ମ୍ୟାଚ୍‌ରେ ଭାରତଠାରୁ ଇଂଲଣ୍ଡ ପରାସ୍ତ ହୁଏ ତାହେଲେ ଟୁର୍ନାମେଣ୍ଟରୁ ବାଦ୍ ପଡିବାର ଯଥେଷ୍ଟ ସମ୍ଭାବନା ରହିଛି। ଟୁର୍ନାମେଣ୍ଟରେ ଜବରଦସ୍ତ ଆରମ୍ଭ କରିଥିଲେ ମଧ ଇଂଲଣ୍ଡ କ୍ରମାଗତ କେତୋଟି ପରାଜୟ ବରଣ କରି ବିପଦରେ ପଡିଛି। ଶ୍ରୀଲଙ୍କାଠାରୁ ହାରିବା ପରେ ଇଂଲଣ୍ଡ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଛି। ଇଂଲଣ୍ଡ ଏବେ ୭ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୩ ପରାଜୟ ସହ ୮ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଆଗକୁ ଇଂଲଣ୍ଡ ଭାରତ ଓ ପରେ ନ୍ୟୁଜିଲାଣ୍ଡକୁ ଭେଟିବ। ତେଣୁ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଇଂଲଣ୍ଡକୁ ଏହି ଦୁଇଟି ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ଏହି ଦୁଇଟି ମ୍ୟାଚ୍‌ରେ ଆମକୁ ଶାନ୍ତ ରହିବାକୁ ହେବ। ଏଜବାଷ୍ଟନ ଗ୍ରାଉଣ୍ଡରେ ପରିବେଶ ବେଶ୍ ରୋମାଞ୍ଚକ ରହିବ। ତେଣୁ ଖେଳାଳିମାନଙ୍କୁ ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିବାକୁ ହେବ ବୋଲି ଟେଷ୍ଟ ଅଧିନାୟକ ରୁଟ୍ କହିଛନ୍ତି। ଆମେ ଏବେ ମଧ ସେମିଫାଇନାଲକୁ ଉଠିବାର ଦକ୍ଷତା ରଖିଛୁ। ଭାରତ ଓ ନ୍ୟୁଜିଲାଣ୍ଡକୁ ହରାଇପାରିଲେ ଆମେ ସେମିଫାଇନାଲକୁ ଉଠିବୁ। ଏହି ଦୁଇଟି ମ୍ୟାଚ୍ ଆମ ପାଇଁ କ୍ୱାର୍ଟର ଫାଇନାଲ ସଦୃଶ ହୋଇଛି। ଟୁର୍ନମେଣ୍ଟରେ କେବେ ନା କେବେ ବଡ଼ ମ୍ୟାଚ୍ ବା ନକ୍ ଆଉଟ ମ୍ୟାଚ୍ ଖେଳିବାକୁ ହୋଇଥାଏ। ଆମକୁ କେବଳ ଭଲ ପ୍ରଦର୍ଶନ କରିବାକୁ ହେବ। ରବିବାର ବର୍ମିଂହାମ୍‌ରେ ବହୁ ସଂଖ୍ୟାରେ ଭାରତୀୟ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହିବେ। ତେଣୁ ଘରୋଇ ପରିବେଶରେ ଖେଳୁଥିଲେ ମଧ ଆମେ ଚାପରେ ରହିବୁ ଓ ନିଜ ଦର୍ଶକଙ୍କ ଉପସ୍ଥିତି ଭାରତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ ବୋଲି ରୁଟ୍ ସ୍ୱୀକାର କରିଛନ୍ତି।




## ବିଜୟ ଜାତୀୟ ସାଇକ୍ଲିଂ ଫେଡେରେଶନର ଯୁଗ୍ମ ସମ୍ପାଦକ

କଟକ ଅଫିସ,୨୭।୬

ସାଇକ୍ଲିଂ ଫେଡେରେଶନ ଅଫ ଇଣ୍ଡିଆର କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ପରିଷଦ ବୈଠକ ଗତ ୨୩ ତାରିଖରେ ଚଣ୍ଡିଗଡ଼ର ମୋହାଲିଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସଂଘ ସଭାପତି ମିନତି ମହାପାତ୍ର ଓ ସମ୍ପାଦକ ବିଜୟ କୁମାର ରାଉତ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସଂଘ ସମ୍ପାଦକ ବିଜୟ ଫେଡେରେଶନର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଲଗାତର ୩ୟ ଥର ପାଇଁ ବିଜୟ ଏହି ପଦବୀ ବଜାୟ ରଖିଛନ୍ତି। ଓଡ଼ିଶା ଅଲିମ୍ପିକ ଆସୋସିଏଶନ ପକ୍ଷରୁ ବିଜୟଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ଭୁବନେଶ୍ୱରରେ ଇସାକ ଦୋରୁ

ଭୁବନେଶ୍ୱର, ୨୭।୬(କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ)ର ବୈଷୟିକ ନିର୍ଦ୍ଦେଶକ ଇସାକ ଦୋରୁ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ) ପକ୍ଷରୁ ଭୁବନେଶ୍ୱର ବିମାନବନ୍ଦରରେ ତାଙ୍କୁ ଏଆଇଏଫଏଫ ଉନ୍ନୟନ ଅଧିକାରୀ ଶୁଭାଶିଷ ବେହେରା ସ୍ୱାଗତ କରିଥିଲେ। ଦୋରୁ ଭୁବନେଶ୍ୱରରେ ଜୁଲାଇ ୨ ପର୍ଯ୍ୟନ୍ତ ରହିବେ। ଏହି ଅବସରରେ ସେ ଏଠାରେ ଚାଲିଥିବା ୧୬ ଓ ୧୯ ବର୍ଷରୁ କମ୍ ଜାତୀୟ କ୍ୟାମ୍ପ ଅନୁଧ୍ୟାନ କରିବେ। ଓଡ଼ିଶାରେ ରହଣି ସମୟରେ ସେ ଫାଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ ଏବଂ କଟକ ଯାଇ ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।



ଇସାକ ଦୋରୁ (ଡାହାଣ)।

## ଇଂଲଣ୍ଡକୁ ହଟାଇ ଶୀର୍ଷରେ ଭାରତ

ମାଞ୍ଚେଷ୍ଟର, ୨୭।୬(ପି.ଟି.)

ବିଶ୍ୱକପ୍‌ର ଏକ ମୁକାବିଲାରେ ଭାରତ ଓ ଆୟୋଜକ ଇଂଲଣ୍ଡ ପରସ୍ପରକୁ ଜୁନ୍ ୩୦ରେ ଭେଟିବାକୁ ଯାଉଛନ୍ତି। କିନ୍ତୁ ଏହାର ୩ ଦିନ ପୂର୍ବରୁ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଇଂଲଣ୍ଡକୁ ହଟାଇ ଭାରତ ଶୀର୍ଷ ସ୍ଥାନ ଦଖଲ କରିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଂ ଅନୁଯାୟୀ ବିରାଟ କୋହଲିଙ୍କ ଦଳ ୧୨୩ ପଏଣ୍ଟ ସହ ଶୀର୍ଷରେ ରହିଥିବାବେଳେ ବିଶ୍ୱକପ୍ ଆୟୋଜକ ଇଂଲଣ୍ଡ (୧୨୨) ଓ ନ୍ୟୁଜିଲାଣ୍ଡ (୧୧୪) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। ପ୍ରଥମ ଦଳ ଭାବେ ଚଳିତ ବିଶ୍ୱକପ୍ ସେମିଫାଇନାଲରେ ସ୍ଥାନ ପକ୍କା କରିଥିବା ଅଷ୍ଟ୍ରେଲିଆ ୧୧୨ ପଏଣ୍ଟ ସହ ୪ର୍ଥ ସ୍ଥାନ ଲାଭ କରିଛି।

## ସ୍ପିନ୍ ଖେଳିପାରୁ ନ ଥିବାରୁ ସେହ୍ୱାଗଙ୍କ ସମାଲୋଚନା

ନୂଆଦିଲ୍ଲୀ, ୨୭।୬ (ପି.ଟି.)

ବିରାଟ କୋହଲି ଏବଂ ତାଙ୍କ ଖେଳାଳିମାନେ ସ୍ପିନ୍ ବୋଲିଂ ବିରୋଧରେ ରକ୍ଷଣାତ୍ମକ ଖେଳୁଥିବାରୁ ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ତାହାର ସମାଲୋଚନା କରିଛନ୍ତି। ଚଳିତ ବିଶ୍ୱକପ୍‌ରେ ଭାରତୀୟ ଖେଳାଳିମାନେ କ୍ରମାଗତ ଦ୍ୱିତୀୟ ଥର ପାଇଁ ସ୍ଲୋ ବୋଲରଙ୍କ ବିରୋଧରେ ସଂଘର୍ଷ କରିଥିବା ଲକ୍ଷ୍ୟ କରାଯାଇଛି। ଭାରତୀୟ ଖେଳାଳିମାନେ ସ୍ପିନ୍ ବଲ୍‌କୁ ଭଲରୂପେ ଖେଳିପାରନ୍ତି ବୋଲି ସମସ୍ତଙ୍କର ଧାରଣା ରହିଛି। ମାତ୍ର ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ସେମାନେ ରଶିଦ ଏବଂ ମୁଜିବୁର ରହମାନଙ୍କ ବୋଲିଂରେ ସଂଘର୍ଷ ଚଳାଇଥିଲେ। ଭାରତୀୟ ବ୍ୟାଟିଂ ଲାଇନ୍ ଅପ୍ ପୁନର୍ବାର ଗୁରୁବାର ୱେଷ୍ଟଇଣ୍ଡିଜ ବାମହାତୀ ସ୍ପିନର ଫାବିଏନ୍ ଆଲେନ୍‌ଙ୍କ ବିରୋଧରେ ପୁଣି ରକ୍ଷଣାତ୍ମକ ଖେଳୁଥିବା ଲକ୍ଷ୍ୟ କରାଯାଇଥିଲା।

## ଅବସର ନେବେ ଟ୍ରେସ୍କୋଥିକ୍




ଲଣ୍ଡନ, ୨୭।୬ (ଏଏଫ୍‌ପି)

ଇଂଲଣ୍ଡ କ୍ରିକେଟ ଦଳର ପୂର୍ବତନ ଓପନର ମାର୍କସ ଟ୍ରେସ୍କୋଥିକ୍ ସିଜନ ଶେଷରେ ଖେଳରୁ ଅବସର ନେବେ ବୋଲି ଗୁରୁବାର ଘୋଷଣା କରିଛନ୍ତି। ୪୩ ବର୍ଷୀୟ ଏହି ବ୍ୟାଟ୍ସମ୍ୟାନ ୭୬ ଟେଷ୍ଟ ଏବଂ ୧୨୩ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ୧୯୯୩ ରେ ସମରସେଟ୍ ତରଫରୁ କାଉଣ୍ଟି ପଦାର୍ପଣ କରିବା ସହ ସେ ମୋଟ ୨୬,୨୩୪ ପ୍ରଥମଶ୍ରେଣୀ ରନ ସଂଗ୍ରହ କରିଛନ୍ତି। କାଉଣ୍ଟିରେ ତାଙ୍କ ୨୭ତମ ସିଜନ ଶେଷ କରି ସେ ଖେଳରୁ ଅବ୍ୟାହତି ନେବେ। ମାନସିକ ବିଷାଦ ଜନିତ କାରଣରୁ ଟ୍ରେସ୍କୋଥିକଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ବାଧା ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଚାଲିଥିବା ଆଇସିସି ବିଶ୍ୱକପ୍‌ରେ ସେ ଅନ୍ୟତମ ଟାଇଟଲ ଫେଭରାଇଟ୍ ଇଂଲଣ୍ଡ ଦଳରେ ଖେଳିବା ପାଇଁ ତାଙ୍କର ଅଭିଳାଷ ଥିଲା। ମାତ୍ର ତାହା ପୂରଣ ହୋଇ ପାରିଲା ନାହିଁ। ତାଙ୍କ ୨୭ ବର୍ଷୀୟ କ୍ୟାରିୟରରେ ସେ ଖେଳର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରିଛନ୍ତି ବୋଲି ସମରସେଟ୍ ୱେବସାଇଟ୍‌ରେ ପ୍ରକାଶ କରିଛନ୍ତି।



■ ସମ୍ବଲପୁର ହାଜତ ମୃତ୍ୟୁ ମାମଲା

# ଓଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ ପରେ କ୍ଷତିପୂରଣ ଦେଉନି ପୋଲିସ

**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**

୨୦୧୭ ଜୁନ୍ ୬ରେ ସମ୍ବଲପୁର ପୋଲିସ ମାଡ଼ରେ ପଶ୍ଚିମବଙ୍ଗ ପୁରୁଲିଆ ଜିଲା ଗୁକୁରିମନ୍ଦିର ଗ୍ରାମର ଅଭୟ ସିଂଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ଏହି ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲାବେଳେ ପୋଲିସ ବିଭାଗ ବଦନାମ ମୁଣ୍ଡାଇଥିଲା। ଏନେଇ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ହେବା ପରେ ଘଟଣାର ନ୍ୟାୟିକ ତଦନ୍ତ କରାଯାଇଥିଲା। ତଦନ୍ତ ପରେ ଘଟଣାଟି ସତ ବୋଲି ପ୍ରମାଣିତ ହୋଇଥିଲା। ଶେଷରେ ୨୦୧୮ ମାର୍ଚ୍ଚ ୬ରେ କମିଶନ ମାମଲାର ବିଚାର କରି ମୃତ ଅଭୟଙ୍କ ସ୍ତ୍ରୀ ହେନା ସିଂଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସମ୍ବଲପୁର ଡିଆଇଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସମ୍ବଲପୁର ପୋଲିସ କ୍ଷତିପୂରଣ ଦେବା ବଦଳରେ ଆଧାର କାର୍ଡ, ଭୋଟର କାର୍ଡ ଓ ଅନ୍ୟ ପ୍ରମାଣପତ୍ର ନ ଥିବାରୁ ସେ ଟଙ୍କା ନେଇ ନ ଥିବା ପୋଲିସ ଦର୍ଶାଇଛି। ଏପରିକି ଏ ସଂକ୍ରାନ୍ତରେ ଏକ ମିଛ ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ କରିଥିଲା। ହେଲେ କମିଶନ ଏହା ଜାଣିବା ପରେ ପୋଲିସ ବିଭାଗ ଉପରେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଘର ଠିକଣାରେ ଚେକ୍ ପଠାଇବା ପାଇଁ ନିର୍ଦ୍ଦେଶ

ତୁରନ୍ତ ମୃତକଙ୍କ ସ୍ତ୍ରୀ ହେନା ରହୁଥିବା ଘର ଠିକଣାରେ ଚେକ୍ ପଠାଇବାକୁ ସମ୍ବଲପୁର ଡିଆଇଜିଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ନଚେତ କାରଣ ଜଣାଇବାକୁ କହିଛନ୍ତି।

ସୂଚନା ଅନୁଯାୟୀ, ଏକ ଚୋରି ଅଭିଯୋଗରେ ସମ୍ବଲପୁର ପୋଲିସ ଅଭୟଙ୍କୁ ଘରୁ ଉଠାଇଆଣି ଥାନାରେ ମାଡ଼ ମାରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପ୍ରଚାରିତ ହେବା ପରେ ପୋଲିସ ଏହାକୁ ଲୁଚାଇବା ପାଇଁ ତୁରନ୍ତ ମୃତ ଅଭୟଙ୍କୁ ହସ୍ପିଟାଲ ନେଇଯାଇଥିଲା। ପରେ ଘଟଣାର ସତ୍ୟତା ପଦାକୁ ଆସିଥିଲା। ଏନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନଗୋ ଓ ବିଜୟ କୁମାର ପଣ୍ଡା ଓଏଚ୍ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ।

# ଟ୍ରେନକୁ ଅପେକ୍ଷା କରିଥିବାବେଳେ ଟଳିପଡ଼ିଲେ ବୃଦ୍ଧ

**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**

ଭୁବନେଶ୍ୱର ରେଳ ଷ୍ଟେଶନରେ ଟ୍ରେନକୁ ଅପେକ୍ଷା କରିଥିବାବେଳେ ଜଣେ ବୃଦ୍ଧଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ତାଙ୍କର କୌଣସି ପରିଚୟ ମିଳି ପାରି ନ ଥିବା ବେଳେ ଜିଆରପି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ମୁତାବକ, ଦିନ ୧୧ଟା ବେଳକୁ ବରିଷ୍ଠ ନାଗରିକ ଜଣଙ୍କ ୪ ନମ୍ବର ପ୍ଲାଟଫର୍ମରେ ଟ୍ରେନକୁ ଅପେକ୍ଷା କରି ବସିଥିଲେ। ହଠାତ କିଛି ସମୟ ପରେ ସେ ପ୍ୟାଣ୍ଟରେ ପରିସ୍ରା କରିବା ସହ ଅଚେତ ହୋଇ ପଡିଥିଲେ। ଜିଆରପି ପୋଲିସ ସେଠାରେ ପହଞ୍ଚି ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଡାକ୍ତର ପ୍ରାଥମିକ ଚିକିତ୍ସା ବେଳେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବରିଷ୍ଠ ନାଗରିକଙ୍କ ମୃତଦେହକୁ ସଂରକ୍ଷଣ ଗୃହକୁ ପଠାଇବା ସହ ତାଙ୍କ ପରିଚୟ ପାଇବା ନେଇ ତଦନ୍ତ କରୁଛି।










■ ଯୋଡ଼ା ନାବାଳିକା ଗଣବଳାତ୍କାର ମାମଲା

# ପୀଡ଼ିତାଙ୍କୁ ନ୍ୟାୟ ପାଇଁ ଏନ୍‌ଏଚ୍ଆର୍‌ସିରେ ପିଟିଶନ

**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**

କେନ୍ଦୁଝର ଜିଲା ଯୋଡା ଅଞ୍ଚଳରେ ଗତ ସୋମବାର ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଥିଲେ। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଗୁରୁବାର ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍ଆର୍‌ସି)ଙ୍କ ନିକଟରେ ପିଟିଶନ କରିଛନ୍ତି। ପୀଡିତାଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦୁଝର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି।





2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ଜୁନ୍, ୨୦୧୯



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି, ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ମଦ୍ୟପାନ ଅଭିଯୋଗରେ ପ୍ରଧାନ ଶିକ୍ଷକଙ୍କୁ ତାଲା

ଚୌଦ୍ୱାର,୨୭।୬(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୁରୁବାର ମଦ ପିଇ ସ୍କୁଲକୁ ଆସିଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଗ୍ରାମବାସୀ ପ୍ରଧାନଶିକ୍ଷକଙ୍କୁ ପ୍ରାୟ ୧ଘଣ୍ଟା ଶ୍ରେଣୀଗୃହରେ ତାଲା ପକାଇ ଦେଇଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ଗୁରୁବାର ସ୍କୁଲ ଖୋଲିବାରେ ବିଳମ୍ବ ହେବାରୁ ଛାତ୍ରୀଛାତ୍ରମାନେ ସ୍କୁଲ ବାହାରେ ଖେଳୁଥିଲେ। ପ୍ରଧାନଶିକ୍ଷକ ମଦ୍ୟପାନ କରି ବିଳମ୍ବରେ ସ୍କୁଲରେ ପହଞ୍ଚି ଗେଟ ଖୋଲିବା ସହ ପିଲାମାନଙ୍କୁ ଗାଳିଗୁଲଜ କରିଥିଲେ। ଏହା ପରେ ପିଲାମାନେ ଭୟରେ ସ୍କୁଲରୁ ଦୌଡି ପଳାଇବା ସହ ଅଭିଭାବକଙ୍କୁ ଜଣାଇଥିଲେ। ଏହା ପରେ କେତେଜଣ ଅଭିଭାକଙ୍କ ସହ ଲୋକେ ସ୍କୁଲରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ଶ୍ରେଣୀଗୃହରେ ତାଲା ପକାଇ ଦେଇଥିଲେ। ଖବରପାଇ ସିଆରସିସି ମାନସ ରାଉତ ସ୍କୁଲରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ ପ୍ରଧାନଶିକ୍ଷକଙ୍କୁ ଉଦ୍ଧାର କରିଥିଲେ। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ଦାସ କୁହନ୍ତି, ଏ ସମ୍ପର୍କରେ ଅଭିଯୋଗ ମିଳିଛି, ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସିଆରସିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା



ବାଙ୍କୀ,୨୭।୬(ସ୍ୱ.ପ୍ର.): ବାଙ୍କୀ ବ୍ଲକ ଅନ୍ତର୍ଗତ କେନ୍ଦୁପଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଦିନବନ୍ଧୁ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମଧୁସୂଦନ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦୁପଲ୍ଲୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ସୁବୁଦ୍ଧି ଅଧକ୍ଷତା କରିଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବରେ ବାଙ୍କୀ ବ୍ଲକ ଶିକ୍ଷାଧିକାରୀ ଅଶୋକ ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ଓ ଭଲ ମଣିଷଭାବେ ଗଢିତୋଳିବାକୁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବଳରାମ ସାହୁ, ସମ୍ମାନିତଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଶୁକ ନାୟକ, ସିଆରସିସି ବିଜୟ କୁମାର ନନ୍ଦ, ପରିଚାଳନା କମିଟି ସଭାପତି ଜଳଧର ସାହୁ, ହିନ୍ଦୀ ଶିକ୍ଷକ ସୁରେଶ ଚନ୍ଦ୍ର ପଣ୍ଡା ଓ ଖେଳ ଶିକ୍ଷକ ସୁଦର୍ଶନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କଟକ ଜିଲା ଓଷ୍ଟା କାର୍ଯ୍ୟକାରୀ ସଭ୍ୟ ସୁଦର୍ଶନ ସାହୁ ଅତିଥିପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଗିରିଜା ଶଙ୍କର ସାହୁ, ବିରଞ୍ଚି ନାରାୟଣ ପୃଷ୍ଟି,ରବୀନ୍ଦ୍ର ମହାପାତ୍ର, ସବିତା ବେହେରା,ମୋନାଲିସା ସାହୁ ଓ ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଦିନବନ୍ଧୁଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦିଆଯାଇଥିଲା।

■ ମାହାଙ୍ଗାରେ ୨ ବିଦ୍ୟାଳୟ ବନ୍ଦ

# ଶିକ୍ଷକଙ୍କୁ ଦୋଷ ଦେଲେ ଲୋକେ

ମାହାଙ୍ଗା,୨୭।୬(ସ୍ୱ.ପ୍ର.)



ଗୋପାଳପୁର ଉପ୍ରା ମଇ ବିଦ୍ୟାଳୟ।

■ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି
■ଗ୍ରୀଷ୍ମଛୁଟି ପୂର୍ବରୁ ପଢୁଥିଲେ ୩୦
■ବହୁ ଛାତ୍ରୀଛାତ୍ର ଟିସି ନେଇ ଚାଲିଗଲେ

ମାହାଙ୍ଗା ଶିକ୍ଷାବିଭାଗ ଅଧୀନରେ ଥିବା ୨ଟି ବିଦ୍ୟାଳୟରେ ଆବଶ୍ୟକୀୟ ଛାତ୍ରୀଛାତ୍ର ନ ଥିବାରୁ ବନ୍ଦ କରିଦିଆଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଲଳିତଗିରି ତଳସାହି ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଛାତ୍ରୀଛାତ୍ର ନ ଥିବାରୁ ଏହାକୁ ବନ୍ଦ କରି ଦିଆଯାଇଛି। ଏଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଲଳିତଗିରି ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି ପଲ୍ଲୀସାହି ପଞ୍ଚାୟତସ୍ଥିତ ଗୋପାଳପୁର ଉପ୍ରା ମଇ ବିଦ୍ୟାଳୟକୁ ବନ୍ଦ କରି ଦିଆଯିବାପରେ ସେଠାରେ ବିବାଦ ସୃଷ୍ଟି ହୋଇଛି । ଏଠାରେ ଶିକ୍ଷକଙ୍କ ଭୂମିକାକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ କରିବା ସହ ସ୍କୁଲ ବନ୍ଦ ହେବା କାରଣର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀକୁ ନେଇ ଏହି ବିଦ୍ୟାଳୟ ଗଠନ କରାଯାଇଛି। ଗତ ଗ୍ରୀଷ୍ମଛୁଟି ପୂର୍ବରୁ ଗୋପାଳପୁର ବିଦ୍ୟାଳୟରେ ୩୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ । ଏମାନଙ୍କ ମଧ୍ୟରୁ ୬ ଜଣ ଛାତ୍ରୀଛାତ୍ର ଅଷ୍ଟମ ପାସ୍ କରି ନବମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଅନ୍ୟ ସ୍କୁଲକୁ ଚାଲି ଯାଇଥିଲେ । ଅବଶିଷ୍ଟ ୨୪ ଜଣ ଛାତ୍ରୀଛାତ୍ର ସପ୍ତମ ଓ ଅଷ୍ଟମ ଶ୍ରେଣୀକୁ ଉନ୍ନୀତ ହେବା ସହ ଜଣେ ଛାତ୍ର ଷଷ୍ଠରେ ନାମ ଲେଖାଇଥିଲେ। ଗତ ଗ୍ରୀଷ୍ମକାଳୀନ ଛୁଟି ପରେ ବିଦ୍ୟାଳୟ ଖୋଲିଥିଲା । ଏହି ସମୟରେ ବିଦ୍ୟାଳୟରେ ଭଲ ପାଠପଢା ହେଉନାହିଁ ବୋଲି କହି ଏଠାକାର ଜଣେ ଶିକ୍ଷକ ଅପପ୍ରଚାର କରିଥିଲେ। ସେ ଛାତ୍ରୀଛାତ୍ରଙ୍କୁ ଟିସି ନେଇ

ଅନ୍ୟ ବିଦ୍ୟାଳୟକୁ ଚାଲିଯିବା ପାଇଁ ପରୋକ୍ଷରେ ମତାଇଥିଲେ। ଏପିରିକି ଏହି ବିଦ୍ୟାଳୟର ୧୦ରୁ ୧୫ ଜଣ ଛାତ୍ରୀଛାତ୍ରଙ୍କୁ ଟିସି ଦେଇଥିଲେ । ଫଳରେ ବିଦ୍ୟାଳୟର ସଂଖ୍ୟା ୧୦ରୁ କମିଯାଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁଯାୟୀ, ବିଦ୍ୟାଳୟରେ ପିଲାଙ୍କ ସଂଖ୍ୟା ୧୦ରୁ କମିଯାଇଥିବାରୁ ତାକୁ ବନ୍ଦ କରିବାକୁ ପଡିଛି ବୋଲି ଛାତ୍ର ଅଭିଭାବକ ସୂର୍ଯ୍ୟକାନ୍ତ ଦାସ ଓ ପ୍ରେମାନନ୍ଦ ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ବନ୍ଦ ହେବାରେ ଶିକ୍ଷକମାନଙ୍କର ଭୂମିକା ରହିଛି ବୋଲି ବିଦ୍ୟାଳୟର ପାଚିକା ସଂଯୁକ୍ତା ଦାସ ଅଭିଯୋଗ କରିଛନ୍ତି । କେଉଁ କାରଣପାଇଁ ଏକକାଳୀନ ଭାବେ ଏତେଗୁଡିଏ ଛାତ୍ରୀଛାତ୍ରଙ୍କୁ ଟିସି ଦିଆଗଲା ତା'ର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ବିଦ୍ୟାଳୟ ବନ୍ଦ ହୋଇଯାଇଥିବାରୁ ଏଠାକାର ଛାତ୍ରୀଛାତ୍ରଙ୍କୁ ପାଠପଢ଼ିବା ପାଇଁ ୨ କିଲୋମିଟର ଦୂରରେ ଥିବା ଅନ୍ୟ ଏକ ବିଦ୍ୟାଳୟ ଉପରେ ନିର୍ଭର କରିବାକୁ ପଡୁଛି। ଏସମ୍ପର୍କରେ ବ୍ଲକ୍ ଶିକ୍ଷା ଅଧିକାରୀ ଚକ୍ରଧର ବେହେରା କହିଛନ୍ତି, ଆମ ନିକଟକୁ କୌଣସି ଲିଖିତ ଅଭିଯୋଗ ଆସିନାହିଁ । ଅଭିଯୋଗ ଆସିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଗୋଟିଏ ସ୍କୁଲ ବନ୍ଦ ହେବା ନେଇ ଆଶଙ୍କା

ସାଲେପୁର,୨୭।୬(ଡି.ଏନ୍.ଏ.)– ସାଲେପୁର ଶିକ୍ଷାମଣ୍ଡଳ ଅଧୀନରେ ଥିବା ୨୧୭ଟି ବିଦ୍ୟାଳୟ ମଧ୍ୟରୁ ଗୋଟିଏ ସ୍କୁଲ ବନ୍ଦ ହେବାନେଇ ଆଶଙ୍କା ସୃଷ୍ଟି ହୋଇଛି। ସରକାରୀ ନିୟମ ଅନୁଯାୟୀ ବିଦ୍ୟାଳୟରେ ପିଲାଙ୍କ ସଂଖ୍ୟା ୧୦ରୁ କମିଯାଇଥିବାରୁ ଏହି ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ସାଲେପୁର ଶିକ୍ଷାମଣ୍ଡଳ ଅଧିକାରୀ ପ୍ରେମଲତା ନାୟକ କହିଛନ୍ତି, ମହଣ ପଞ୍ଚାୟତ ଅନ୍ତର୍ଗତ ରାହାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ମାତ୍ର ୫ଜଣ ରହିଛି। ଏହା ବ୍ୟତୀତ ଅନ୍ୟ କୌଣସି ସ୍କୁଲରେ ୧୦ରୁ କମ୍ ଛାତ୍ରୀଛାତ୍ର ନାହାଁନ୍ତି । ଏ ନେଇ ଶିକ୍ଷାମଣ୍ଡଳ ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି । ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରୁ ନିର୍ଦ୍ଦେଶ ଆସିଲା ପରେ ରାହାଙ୍ଗ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରି ଦିଆଯିବା ସମ୍ଭାବନା ରହିଛି । ନିର୍ଦ୍ଦେଶ ଆସିବା ପରେ ଏଠାରେ କାର୍ଯ୍ୟରତ ଶିକ୍ଷକମାନଙ୍କୁ ନିକଟସ୍ଥ ବିଦ୍ୟାଳୟକୁ ବଦଳି କରାଯିବା ସହ ସେଠାରେ ଥିବା ଛାତ୍ରୀଛାତ୍ରମାନଙ୍କୁ ନିକଟସ୍ଥ ବିଦ୍ୟାଳୟରେ ପାଠପଢ଼ିବାକୁ କୁହାଯିବ ।

## ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳରେ ୭ ସ୍କୁଲ ବନ୍ଦ

ନିଶ୍ଚିନ୍ତକୋଇଲି,୨୭।୬ (ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧୀନରେ ୭ଟି ସ୍କୁଲ ବନ୍ଦ ହେବା ପାଇଁ କଟକ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏପରି କି ଏହି ଶିକ୍ଷାମଣ୍ଡଳ ଅଧୀନ ଅସୁରେଶ୍ୱର ପଞ୍ଚାୟତ ଭାଗବତପୁର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକଙ୍କୁ ସ୍କୁଲ ଘରେ ଗ୍ରାମବାସୀ ତାଲା ପକାଇବାକୁ ମଧ୍ୟ ପଛାଇ ନ ଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ବନ୍ଦ ହେବାକୁ ଥିବା ଅନ୍ୟ ବିଦ୍ୟାଳୟଗୁଡିକରେ କାର୍ଯ୍ୟରତ ଶିକ୍ଷକମାନେ ଭୟଭୀତ ହୋଇପଡିଛନ୍ତି। ବ୍ଲକରେ ୭ ବିଦ୍ୟାଳୟରେ ପିଲା ସଂଖ୍ୟା ୨ ଅଙ୍କ ଛୁଇଁ ନ ଥିବାରୁ ବିଦ୍ୟାଳୟଗୁଡିକ ବନ୍ଦ କରିବା ପାଇଁ କଟକ ଜିଲାପାଳ ପତ୍ର (ନଂ–୧୮୪୭/୧୯)ରେ ଉଲ୍ଲେଖ କରିଛନ୍ତି। ଏନେଇ ବନ୍ଦ ହେବାକୁଥିବା ବିଦ୍ୟାଳୟଗୁଡିକରେ ଉତ୍ତେଜନା ଦେଖାଦେଇଛି। ଜିଲାପାଳଙ୍କ ପତ୍ର ଅନୁଯାୟୀ, ବ୍ଲକର ବଣ୍ଡୁଆସାହି ପ୍ରାଥମିକ ବିଦ୍ୟାଳୟରେ ୯, ନଟକାଇ ବାଳକ ପ୍ରାଥମିକ ବିଦ୍ୟାଳୟରେ ୭, ଅର୍ଜୁନ ମାହାରା ପ୍ରାଥମିକ ବିଦ୍ୟାଳୟରେ ୬, ରାମକୃଷ୍ଣପୁର ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ ୭, ଭାଗବତପୁର ପ୍ରାଥମିକ ବିଦ୍ୟାଳୟରେ ୮, ଶେରପୁର ମାଣିତ୍ରୀ ପ୍ରାଥମିକ ବିଦ୍ୟାଳୟରେ ୯ ଓ ଲକ୍ଷ୍ମୀଧର ପ୍ରାଥମିକ ବିଦ୍ୟାଳୟରେ ୮ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପିଲାଙ୍କ ସଂଖ୍ୟା କମ୍ ରହିଥିବା ଯୋଗୁ ଏସବୁ ବିଦ୍ୟାଳୟଗୁଡିକ ବନ୍ଦ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଅସୁରେଶ୍ୱର ଭାଗବତପୁର ପ୍ରାଥମିକ ବିଦ୍ୟାଳୟରେ ବୁଧବାର ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ସିଂଙ୍କୁ ବିଦ୍ୟାଳୟ ବନ୍ଦ ପାଇଁ ଦାୟୀକରି ସ୍ଥାନୀୟ ଲୋକେ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ । ଖବରପାଇ ଘଟଣାସ୍ଥଳରେ ଏବିଇଓ ଲକ୍ଷ୍ମଣ ଲେଙ୍କା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟରୁ ମୁକୁଳିଥିଲେ। ସେହିଭଳି ରାମକୃଷ୍ଣପୁର ଓ ନଟକାଇ ପଞ୍ଚାୟତରେ ୪ଟି ସ୍କୁଲ ବନ୍ଦ ହେବାନେଇ ଅସନ୍ତୋଷ ଦେଖାଦେଇଛି।

## ପାରା ମଳରୁ ପ୍ରସ୍ତୁତ ମଶାଧୂପ



ବାଙ୍କୀ,୨୭।୬(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରାଣୀବିଜ୍ଞାନ ବିଭାଗ ଦ୍ୱାରା ପାରା ମଳରୁ ପରୀକ୍ଷାମୂଳକ ଭାବେ ମଶାଧୂପ ପ୍ରସ୍ତୁତ କରାଯାଇଛି। ବିଭାଗୀୟ ମୁଖ୍ୟ ଡ.କୃଷ୍ଣ ଚନ୍ଦ୍ର ରଥ ଓ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ପ୍ରାଣୀବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ବିଶେଷ କରି ବିଦ୍ୟାଳୟ, ମହାବିଦ୍ୟାଳୟ, ମନ୍ଦିର ଓ ଘରେ ବାସକରି ରହୁଥିବା ଲୋଟଣିପାରାର ଶୁଖିଲା ମଳକୁ ସଂଗ୍ରହ କରି ଏହାକୁ ପ୍ରସ୍ତୁତ କରାଯାଇଥିଲା।

ପ୍ରଥମେ ମଳକୁ ଭଲଭାବରେ ଖରାରେ ଶୁଖାଇ ତାକୁ ଗୁଣ୍ଡ କରାଯାଇ ବିଶୋଧନ କରି ସେଥିରେ କିଛି ପରିମାଣର ପାଣି ଓ ଅନ୍ୟ ସାଧାରଣ ପଦାର୍ଥ ମିଶାଯାଇଥିଲା। ଉକ୍ତ ମିଶ୍ରଣକୁ ନିର୍ଦ୍ଦିଷ୍ଟ ଆକାରରେ ମଶାଧୂପ ପରି ତିଆରି କରି ଖରାରେ ଶୁଖାଇ ଦିଆଯାଇଥିଲା। ପରେ ସେଥିରୁ ମଶାଧୂପ ପ୍ରସ୍ତୁତ କରାଯାଇଥିଲା। ଏହି ଧୂପକୁ ଜଳାଇଲେ ସେଥିରୁ ନିର୍ଗତ ଧୂଆଁ ମଶାକୁ ମାରିବାରେ ସହାୟକ ହୋଇଛି। ଏହି ଧୂଆଁ ପ୍ରଭାବରେ ଘର ମଧ୍ୟକୁ ଆଉ ମଶା ଆସୁ ନଥିବା ଦେଖିବାକୁ ମିଳୁଛି।

ଏହି ପ୍ରାକୃତିକ ମଶାଧୂପରୁ ବାହାରୁଥିବା ଧୂଆଁ, ଅନ୍ୟପ୍ରାଣୀ ବା ମନୁଷ୍ୟମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନୁହେଁ। ଉକ୍ତ ମଶାଧୂପକୁ ବ୍ୟବସାୟିକ ଭିତ୍ତିରେ ମଧ୍ୟ ପ୍ରସ୍ତୁତ କରାଯାଇପାରିବ। ଏଥିସହ ପରିବେଶ ପ୍ରଦୂଷଣ ସମସ୍ୟାରୁ ମୁକ୍ତି ମିଳିପାରିବ। ଅନେକ ଶିକ୍ଷିତ ବେକାର ଯୁବତୀଯୁବକ ଏହା ମାଧ୍ୟମରେ ସ୍ୱରୋଜଗାରକ୍ଷମ ହୋଇପାରିବେ ବୋଲି ଡ.ରଥ ଓ ପ୍ରାଧ୍ୟାପକ ମହାପାତ୍ର ପ୍ରକାଶ କରିଛନ୍ତି।

# ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଅଭିବୃଦ୍ଧିକୁ ଗୁରୁତ୍ୱ



ସମ୍ମିଳନୀରେ ଯୋଗଦେଇଥିବା ପ୍ରଧାନଶିକ୍ଷକ।

ତିଗିରିଆ,୨୭।୬ (ଡି.ଏନ୍.ଏ.)

**ପ୍ରଧାନ ଶିକ୍ଷକ ସମ୍ମିଳନୀ**

ତିଗିରିଆ ବ୍ଲକ ଶିକ୍ଷା ଅଧିକାରୀ ଡ.ଦୁର୍ଗାଚରଣ ନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କୁମ୍ଭିପୁଟ ଶିକ୍ଷା କାର୍ଯ୍ୟାଳୟରେ ଗୁରୁବାର ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ତିଗିରିଆ ବ୍ଲକକୁ ୧ ନଂ କରିବା ପାଇଁ ପ୍ରଧାନ ଶିକ୍ଷକମାନେ ଶପଥ ନେଇଥିଲେ। ଡ. ନାୟକ ଶିକ୍ଷା ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦେବା ସହ ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଅଭିବୃଦ୍ଧି କରିବା ଉପରେ ପ୍ରଧାନ ଶିକ୍ଷକମାନଙ୍କୁ ଅନୁରୋଧ କରିଥିଲେ। ଅନ୍ୟତମ ଅତିଥିଭାବେ ସହଶିକ୍ଷା ଅଧିକାରୀ ତଥା ବ୍ଲକ ସାଧାନ କେନ୍ଦ୍ର ସଂଯୋଜକ ରସାନନ୍ଦ ଲେଙ୍କା ଏଥିରେ ଯୋଗ ଦେଇ ଶିକ୍ଷା ବ୍ୟବସ୍ଥା ଅଧିକ ଶାଣିତ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ସହକାରୀ ଶିକ୍ଷା ଅଧିକାରୀ ଅରୁଣ କୁମାର ସ୍ୱାଇଁ ମଧ୍ୟାହ୍ନଭୋଜନର ଗୁରୁତ୍ୱ ଓ ତା'ର ସୁପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟରଞ୍ଜନ ହୋତା, ଅମର କୁମାର ମହାରଣା, ପ୍ରସନ୍ନ କୁମାର ଶତପଥୀ ଓ ବାରିଦବରଣ ମହାପାତ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଭାତ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଚନ୍ଦ୍ରକାନ୍ତ ମଣି ମିଶ୍ର ଧନ୍ୟବାଦ ପ୍ରସ୍ତାବ ରଖିଥିଲେ। ଏହାକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ଗୋଛି, ପୂର୍ଣ୍ଣଚନ୍ଦ୍ର ଗୁଇଁ, ସଚ୍ଚିଦାନନ୍ଦ ରାଉଳ, ଗଙ୍ଗାଧର ସାମଲ, ଭକ୍ତ ଚରଣ ନାୟକ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ଥିଲେ।

## ଗାନ୍ଧୀବାଦ ସଚେତନତା ଶିବିର

କଟକ ଅଫିସ,୨୭।୬

ସାମାଜିକ ସଙ୍ଗଠନ ଭଏସ୍ ଫର୍ ଭଏସ୍ ଲେସ୍ ପକ୍ଷରୁ ଗୁରୁବାର ବକ୍ସିବଜାରସ୍ଥିତ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ଦ୍ୱାରା ପରିଚାଳିତ ଆଶା ଆଶ୍ୱସନା ବିଦ୍ୟାଳୟରେ ଗାନ୍ଧୀବାଦ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଡ. ଦ୍ୱିପାୟନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଗବେଷକ ଦିବାକର ବେହେରା ଅତିଥି ଭାବେ ଯୋଗଦେଇ ଗାନ୍ଧୀବାଦ ବିଷୟରେ ଭାଷଣ ଦେଇଥିଲେ। ସମ୍ପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ କୁନି ପିଲାମାନଙ୍କୁ ଗାନ୍ଧୀମାର୍ଗ ଅବଲମ୍ବନ କରିବା ପାଇଁ ସଚେତନ କରାଇଥିଲେ। ଏଥିରେ ଆକାଶ ସିଂ, ଅବିନାଶ ଦାସ, ନମିତା ଘୋଷ, ଗୀତାଞ୍ଜଳି ପଣ୍ଡା, ରାଜଶ୍ରୀ ପ୍ରିୟଦର୍ଶିନୀ, ଦୀପ୍ତି ରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ରାଜେନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।

## ନାହାନ୍ତି ସ୍ଥାୟୀ ମୁଖ୍ୟ ଚିକିତ୍ସା ଅଧିକାରୀ

ସାଲେପୁର,୨୭।୬(ଡି.ଏନ୍.ଏ.)

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୮ମାସ ହେବ ସ୍ଥାୟୀ ମୁଖ୍ୟ ଚିକିତ୍ସା ଅଧିକାରୀ ନାହାନ୍ତି । ଫଳରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଠାରେ ମୁଖ୍ୟ ଚିକିତ୍ସା ଅଧିକାରୀ ଥିବା ଡାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କ ପଦୋନ୍ନତି ପରେ ଏଠାରୁ ବଦଳି ହୋଇଯାଇଛି । ମାତ୍ର ତାଙ୍କ ସ୍ଥାନରେ କୌଣସି ଚିକିତ୍ସାଧିକାରୀଙ୍କୁ ସ୍ଥାୟୀ ଭାବ ନିଯୁକ୍ତି ଦିଆଯାଇନାହିଁ। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତୁରନ୍ତ ସାଲେପୁର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ମୁଖ୍ୟ ଚିକିତ୍ସା ଅଧିକାରୀ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି ।

■ ଅଧାଗଢ଼ା ଡ୍ରେନ ଯୋଗୁ ସମସ୍ୟା

## ଅସରାଏ ବର୍ଷାରେ ଆବର୍ଜନା ଭର୍ତ୍ତି

ତିଗିରିଆ,୨୭।୬(ଡି.ଏନ୍.ଏ.)

ଗୁରୁବାର ଅପରାହ୍ନ ପ୍ରାୟ ୫ଟା ବେଳେ ତିଗିରିଆ ଅଞ୍ଚଳରେ ବର୍ଷା, ପବନ ଓ ଘଡ଼ଘଡ଼ି ହୋଇଥିଲା। ମାତ୍ର ଅସରାଏ ବର୍ଷାରେ ବନମାଳିପୁର ଏବଂ ପଙ୍କାଳ ଛକ ଆବର୍ଜନାରେ ପୂରିଯାଇଛି। ନୂଆପାଟଣା ଓ ଜେମାଦେଇପୁରଠାରେ ନିର୍ମାଣାଧୀନ ଡ୍ରେନ ଅସମ୍ପୂର୍ଣ୍ଣ କାରଣରୁ ବର୍ଷାରେ ସେଠାରୁ ଆବର୍ଜନା ଭାସିଆସି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। କୁଢ଼କୁଢ଼ ଆବର୍ଜନା ସାଙ୍ଗକୁ ହାଟବଜାରର ଅଇଁଠା ଖଲି ତଥା ଠୋଲା ସବୁ ଭାସି ଆସି ଗଦା ହୋଇଯାଇଛି। ଫଳରରେ ୧୦ରୁ ଉର୍ଦ୍ଧ୍ୱ ଜନବସତିର ଚତୁଃପାର୍ଶ୍ୱ ଆବର୍ଜନାମୟ ହୋଇପଡ଼ିଛି। ଏସବୁ ଜମି ରହିଲେ ଲୋକେ ନାନା ସଂକ୍ରାମକ ରୋଗର ଶିକାର ହେବାର ଆଶଙ୍କା ରହିଛି । ତୁରନ୍ତ ଏଠାରୁ ଆବର୍ଜନା ସଫେଇ ସହ ଅଧାଗଢ଼ା ଡ୍ରେନ କାର୍ଯ୍ୟ ଶେଷ କରିବାକୁ ଦାବି ହୋଇଛି।



ବର୍ଷାରେ ଡ୍ରେନ୍‌ରୁ ଭାସି ଆସିଥିବା ଆବର୍ଜନା।

# ଜଣ୍ଡିସ୍ ନିୟନ୍ତ୍ରଣରେ ବିଫଳ ସିଏମ୍‌ସି

କଟକ ଅଫିସ,୨୭।୬

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ଦିନକୁ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସିଏମ୍‌ସି ଅଧୀନ ଗଙ୍ଗାମନ୍ଦିର ଅଞ୍ଚଳରେ ପ୍ରଥମେ ଜଣ୍ଡିସ ଦେଖାଦେଇଥିଲା। ପରେ ଏହା ପଟାପୋଲ, ସୂତାହାଟ, ଦର୍ଜିସାହି ଆଦି ଅଞ୍ଚଳକୁ ବ୍ୟାପିଥିଲା। ଫଳରେ ଜଣ୍ଡିସ ଆକ୍ରାନ୍ତମାନେ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସହରରେ ଜଣ୍ଡିସ ଦିନକୁ ଦିନ ବଢୁଥିବାବେଳେ ଏହାକୁ ନିୟନ୍ତ୍ରଣ କରିବାରେ ସିଏମ୍‌ସି ବିଫଳ ହୋଇଛି। ଫଳରେ ଏହା ଆଗାମୀ ଦିନରେ ମହାମାରୀର ରୂପ ନେବାକୁ ଯାଉଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

ବୁଧବାର ପଟାପୋଲ, ଦର୍ଜିସାହି, ସୂତାହାଟ ଅଞ୍ଚଳରେ ୧୪ଜଣ ଜଣ୍ଡିସ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗୁରୁବାର ଦର୍ଜିସାହିର ମଞ୍ଜୁ ରାଉତ, ଏ ରାଜା ରାଓ, ପି ସନ୍ତୋଷ, ମାରୁଫ ଇସଲାମ ଜଣ୍ଡିସ ରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଫଳରେ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ୩୩ରେ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ଦୁଇଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇ ଯାଞ୍ଚ ପାଇଁ ପରୀକ୍ଷାଗାରକୁ ପଠାଯାଇଛି। ପଟାପୋଲ, ଦର୍ଜିସାହି, ସୂତାହାଟରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏହି ଅଞ୍ଚଳଗୁଡିକରେ ଅଧିକାଂଶ ପାଇପ ଲାଇନ ଡ୍ରେନେଜ ମଧ୍ୟ ଦେଇ ଯାଇଥିବା ଲୋକେ କହିଛନ୍ତି।

୨୦୧୮ରେ କଟକ ସହରରେ ଜଣ୍ଡିସ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୫୦ ଟପିଥିବାବେଳେ ୩ଜଣଙ୍କର ମୃତ୍ୟୁ ଘଟିଥିଲା। ଦୂଷିତ ପାନୀୟଜଳ ପିଇବା ଦ୍ୱାରା ଜଣ୍ଡିସ ବ୍ୟାପିଥିବା ଜଣାପଡିଥିଲା। ସହରବାସୀ ମୁଖ୍ୟତଃ ପାଇପ ଜଳ ଉପରେ ନିର୍ଭର କରିଥାନ୍ତି। ସହରର କେତେକ ସ୍ଥାନରେ ଡ୍ରେନ୍ ନିକଟ ଦେଇ ପାଇପ ଲାଇନ୍ ଯାଇଛି। ହେଲେ ଦୀର୍ଘଦିନ ଧରି ଏହି ପାଇପ ଲାଇନ ବଦଳା ନ ଯିବା ଯୋଗୁ ଏହା ଫାଟି ଡ୍ରେନ୍‌ପାଣି ସହ ମିଶୁଛି। ଏହି ପାଣିକୁ ବ୍ୟବହାର କରିବା ଦ୍ୱାରା



■ଗତବର୍ଷ ଜଣ୍ଡିସ୍‌ରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା
■ନୂଆ ପାଇପ ବିଛାଇବା ପାଇଁ ପ୍ରସ୍ତୁତ ହୋଇଥିଲା ଆକ୍ସନ ପ୍ଲାନ
■ବସ୍ତିରେ ବଣ୍ଟାଯାଉଛି ପ୍ରଚାରପତ୍ର

ଲୋକେ ଜଣ୍ଡିସ୍‌ରେ ଆକ୍ରାନ୍ତ ହେଉଛନ୍ତି। ପରବର୍ତ୍ତୀ ସମୟରେ ଉକ୍ତ ପାଇପ୍ ଲାଇନ୍ ଦାୟିତ୍ୱରେ ଥିବା ଜନସ୍ୱାସ୍ଥ୍ୟ ବିଭାଗକୁ ଲୋକେ ଦାୟୀ କରିଥିଲେ। ଅନ୍ୟପକ୍ଷରେ ପ୍ରକଳ୍ପ କାର୍ଯ୍ୟ ପାଇଁ ଜାଇକା ପକ୍ଷରୁ କେତେକ ସ୍ଥାନରେ ରାସ୍ତାକୁ ଖୋଳି ଦିଆଯିବାରୁ ତଳେ ଯାଇଥିବା ପାଣି ପାଇପ ଲାଇନ୍ ଫାଟିଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ସହରର ସମସ୍ତ ପୁରୁଣା ପାଣି ପାଇପ ପରିବର୍ତ୍ତନ କରି ନୂଆ ପାଇପ ବିଛାଇବା ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଥିଲା। ହେଲେ ଇତିମଧ୍ୟରେ ୧ବର୍ଷ ବିତିଯାଇଥିଲେ ସୁଦ୍ଧା ସହରରେ ପୁରୁଣା ପାଇପ ସମ୍ପୂର୍ଣ୍ଣ ବଦଳାଯାଇପାରିନାହିଁ।

ସହରରେ ଜଣ୍ଡିସ୍ ଦେଖାଦେଇଥିଲେ ମଧ୍ୟ ସିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉଥିବା ଗଙ୍ଗାମନ୍ଦିର ଅଞ୍ଚଳର ଜଗନ୍ନାଥ ସାହୁ କହିଛନ୍ତି। ଅନ୍ୟପକ୍ଷରେ ସହରରେ ଜଣ୍ଡିସ ବ୍ୟାପିବା ନେଇ ଲୋକେ ଜନସ୍ୱାସ୍ଥ୍ୟ ବିଭାଗ ଉପରେ ଦୋଷ ଲଦୁଛନ୍ତି। ହେଲେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି। ଏଥିପାଇଁ କେବଳ ଜନସ୍ୱାସ୍ଥ୍ୟ ବିଭାଗକୁ ଦାୟୀ କଲେ ରୋଗର ମୂଳକାରଣ ଜାଣିହେବନାହିଁ। ଏଥିପାଇଁ ସହରର ଗଳିକନ୍ଦିରେ ଠେଲାଗାଡ଼ିରେ ବିକ୍ରି ହେଉଥିବା ଜଳଖିଆ, ଦହିବରା, ଆଳୁଦମ, ଚାଟ୍, ଗୁପ୍‌ଚୁପ୍ ଦୋକାନରେ ଚଢ଼ାଉ କରାଯାଇ ସେଠାରେ ବ୍ୟବହାର ହେଉଥିବା ପାଣି, ଖାଦ୍ୟର ମାନ ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି ବୋଲି ଜନସ୍ୱାସ୍ଥ୍ୟ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ଘଡ଼େଇ କହିଛନ୍ତି। ତେବେ ଜଣ୍ଡିସକୁ ନେଇ ସିଏମସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟ କରାଯାଇଛି। ପବ୍ଲିକ ହେଲ୍‌ଥ ମ୍ୟାନେଜର ଜିତେନ୍ଦ୍ର କୁମାର ପାଳଙ୍କ ନେତୃତ୍ୱରେ ଜିଲା କଳା ସଂସ୍କୃତି ସମିତି ପକ୍ଷରୁ ସହରର ସାହି ବସ୍ତିରେ ପାଲା ପରିବେଷଣ ଓ ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜଣ୍ଡିସ ସଂକ୍ରମିତ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣ୍ଡିସ୍ ଆକ୍ରାନ୍ତଙ୍କ ରକ୍ତନମୁନା ସଂଗ୍ରହ କରାଯିବା ସହ ହାଲୋଜିନ ବଟିକା ଓ ସଚେତନତା ପ୍ରଚାରପତ୍ର ବଣ୍ଟନ କରାଯାଉଥିବା ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡା. ଉମେଶ ପାଣିଗ୍ରାହୀ କହିଛନ୍ତି।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି, ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



# ଜଣ୍ଡିସ ନିୟନ୍ତ୍ରଣରେ ବିଫଳ ସିଏମ୍‌ସି



- ଗତବର୍ଷ ଜଣ୍ଡିସ୍‌ରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା
- ନୂଆ ପାଇପ ବିଛାଇବା ପାଇଁ ପ୍ରସ୍ତୁତ ହୋଇଥିଲା ଆକ୍ସନ ପ୍ଲାନ
- ବସ୍ତିରେ ବଣ୍ଟାଯାଉଛି ପ୍ରଚାରପତ୍ର

**କଟକ ଅଫିସ,୨୭।୬**

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ଦିନକୁ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସିଏମ୍‌ସି ଅଧୀନ ଗଙ୍ଗାମନ୍ଦିର ଅଞ୍ଚଳରେ ପ୍ରଥମେ ଜଣ୍ଡିସ ଦେଖାଦେଇଥିଲା। ପରେ ଏହା ପଟାପୋଲ, ସୂତାହାଟ, ଦର୍ଜିସାହି ଆଦି ଅଞ୍ଚଳକୁ ବ୍ୟାପିଥିଲା। ଫଳରେ ଜଣ୍ଡିସ ଆକ୍ରାନ୍ତମାନେ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସହରରେ ଜଣ୍ଡିସ ଦିନକୁ ଦିନ ବଢୁଥିବାବେଳେ ଏହାକୁ ନିୟନ୍ତ୍ରଣ କରିବାରେ ସିଏମ୍‌ସି ବିଫଳ ହୋଇଛି। ଫଳରେ ଏହା ଆଗାମୀ ଦିନରେ ମହାମାରୀର ରୂପ ନେବାକୁ ଯାଉଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

ବୁଧବାର ପଟାପୋଲ, ଦର୍ଜିସାହି, ସୂତାହାଟ ଅଞ୍ଚଳରେ ୧୪ଜଣ ଜଣ୍ଡିସ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗୁରୁବାର ଦର୍ଜିସାହିର ମଞ୍ଜୁ ରାଉତ, ଏ ରାଜା ରାଓ, ପି ସନ୍ତୋଷ, ମାରୁଫ ଇସଲାମ ଜଣ୍ଡିସ ରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଫଳରେ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ୩୩ରେ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ଦୁଇଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇ ଯାଞ୍ଚ ପାଇଁ ପରୀକ୍ଷାଗାରକୁ ପଠାଯାଇଛି। ପଟାପୋଲ, ଦର୍ଜିସାହି, ସୂତାହାଟରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏହି ଅଞ୍ଚଳଗୁଡିକରେ ଅଧିକାଂଶ ପାଇପ ଲାଇନ ଡ୍ରେନେଜ ମଧ ଦେଇ ଯାଇଥିବା ଲୋକେ କହିଛନ୍ତି।

୨୦୧୮ରେ କଟକ ସହରରେ ଜଣ୍ଡିସ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୫୦ ଟପିଥିବାବେଳେ ୩ଜଣଙ୍କର ମୃତ୍ୟୁ ଘଟିଥିଲା। ଦୂଷିତ ପାନୀୟଜଳ ପିଇବା ଦ୍ୱାରା ଜଣ୍ଡିସ ବ୍ୟାପିଥିବା ଜଣାପଡିଥିଲା। ସହରବାସୀ ମୁଖ୍ୟତଃ ପାଇପ ଜଳ ଉପରେ ନିର୍ଭର କରିଥାନ୍ତି। ସହରର କେତେକ ସ୍ଥାନରେ ଡ୍ରେନ୍ ନିକଟ ଦେଇ ପାଇପ ଲାଇନ୍ ଯାଇଛି। ହେଲେ ଦୀର୍ଘଦିନ ଧରି ଏହି ପାଇପ ଲାଇନ ବଦଳା ନ ଯିବା ଯୋଗୁ ଏହା ଫାଟି ଡ୍ରେନ୍‌ପାଣି ସହ ମିଶୁଛି। ଏହି ପାଣିକୁ ବ୍ୟବହାର କରିବା ଦ୍ୱାରା ଲୋକେ ଜଣ୍ଡିସ୍‌ରେ ଆକ୍ରାନ୍ତ ହେଉଛନ୍ତି। ପରବର୍ତ୍ତୀ ସମୟରେ ଉକ୍ତ ପାଇପ୍ ଲାଇନ୍ ଦାୟିତ୍ୱରେ ଥିବା ଜନସ୍ୱାସ୍ଥ୍ୟ ବିଭାଗକୁ ଲୋକେ ଦାୟୀ କରିଥିଲେ। ଅନ୍ୟପକ୍ଷରେ ପ୍ରକଳ୍ପ କାର୍ଯ୍ୟ ପାଇଁ ଜାଇକା ପକ୍ଷରୁ କେତେକ ସ୍ଥାନରେ ରାସ୍ତାକୁ ଖୋଳି ଦିଆଯିବାରୁ ତଳେ ଯାଇଥିବା ପାଣି ପାଇପ ଲାଇନ୍ ଫାଟିଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ସହରର ସମସ୍ତ ପୁରୁଣା ପାଣି ପାଇପ ପରିବର୍ତ୍ତନ କରି ନୂଆ ପାଇପ ବିଛାଇବା ପାଇଁ ଆକ୍ସନ ପ୍ଲାନ ପସ୍ତୁତ କରାଯାଇଥିଲା। ହେଲେ ଇତିମଧ୍ୟରେ ୧ବର୍ଷ ବିତିଯାଇଥିଲେ ସୁଦ୍ଧା ସହରରେ ପୁରୁଣା ପାଇପ ସମ୍ପୂର୍ଣ୍ଣ ବଦଳାଯାଇପାରିନାହିଁ।

ସହରରେ ଜଣ୍ଡିସ୍ ଦେଖାଦେଇଥିଲେ ମଧ ସିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉଥିବା ଗଙ୍ଗାମନ୍ଦିର ଅଞ୍ଚଳର ଜଗନ୍ନାଥ ସାହୁ କହିଛନ୍ତି। ଅନ୍ୟପକ୍ଷରେ ସହରରେ ଜଣ୍ଡିସ ବ୍ୟାପିବା ନେଇ ଲୋକେ ଜନସ୍ୱାସ୍ଥ୍ୟ ବିଭାଗ ଉପରେ ଦୋଷ ଲଦୁଛନ୍ତି। ହେଲେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି। ଏଥିପାଇଁ କେବଳ ଜନସ୍ୱାସ୍ଥ୍ୟ ବିଭାଗକୁ ଦାୟୀ କଲେ ରୋଗର ମୂଳକାରଣ ଜାଣିହେବନାହିଁ। ଏଥିପାଇଁ ସହରର ଗଳିକନ୍ଦିରେ ଠେଲାଗାଡ଼ିରେ ବିକ୍ରି ହେଉଥିବା ଜଳଖିଆ, ଦହିବରା, ଆଳୁଦମ, ଚାଟ୍, ଗୁପଚୁପ୍ ଦୋକାନରେ ଚଢ଼ାଉ କରାଯାଇ ସେଠାରେ ବ୍ୟବହାର ହେଉଥିବା ପାଣି, ଖାଦ୍ୟର ମାନ ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି ବୋଲି ଜନସ୍ୱାସ୍ଥ୍ୟ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ଘଡ଼େଇ କହିଛନ୍ତି। ତେବେ ଜଣ୍ଡିସକୁ ନେଇ ସିଏମସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟ କରାଯାଇଛି। ପବ୍ଲିକ ହେଲ୍‌ଥ ମ୍ୟାନେଜର ଜିତେନ୍ଦ୍ର କୁମାର ପାଳଙ୍କ ନେତୃତ୍ୱରେ ଜିଲା କଳା ସଂସ୍କୃତି ସମିତି ପକ୍ଷରୁ ସହରର ସାହି ବସ୍ତିରେ ପାଲା ପରିବେଷଣ ଓ ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜଣ୍ଡିସ ସଂକ୍ରମିତ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣ୍ଡିସ୍ ଆକ୍ରାନ୍ତଙ୍କ ରକ୍ତନମୁନା ସଂଗ୍ରହ କରାଯିବା ସହ ହାଲୋଜିନ ବଟିକା ଓ ସଚେତନତା ପ୍ରଚାରପତ୍ର ବଣ୍ଟନ କରାଯାଉଥିବା ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡା. ଉମେଶ ପାଣିଗ୍ରାହୀ କହିଛନ୍ତି।

## ସଂକ୍ଷେପରେ

### ବାଚୁ ନାରାୟଣ ଥିଲେ କର୍ତ୍ତବ୍ୟନିଷ୍ଠ ଶିକ୍ଷାବିତ୍

**ଭୁବନେଶ୍ୱର, ୨୭।୬(ବ୍ୟୁରୋ):** ବାଚୁ ନାରାୟଣ ମୂର୍ତ୍ତି ଥିଲେ ଜଣେ କର୍ତ୍ତବ୍ୟନିଷ୍ଠ ଓ ଅନୁଶାସିତ ଶିକ୍ଷାବିତ୍। ତାଙ୍କ ପରଲୋକରେ ଓଡ଼ିଶା ଜଣେ ସୁଯୋଗ୍ୟ ସନ୍ତାନ ହରାଇଲା ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ବୁଧବାର ସତ୍ୟସାଇ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସତ୍ୟସାଇ ସେବା ସମିତି ରାଜ୍ୟ ସଭାପତି ନାରାୟଣ ପ୍ରସାଦ ସର୍, ସାଇ ସଂଗଠନର ଜାତୀୟ କର୍ମକର୍ତ୍ତା ପି. ଜଗନ୍ନାଥ ରାଓ, ରାଜ୍ୟ କର୍ମକର୍ତ୍ତା ସଚ୍ଚିଦାନନ୍ଦ ନନ୍ଦ, ସଚ୍ଚିଦାନନ୍ଦ ନାୟକ, ଡ. ପ୍ରିୟମ୍ବଦା ପଟ୍ଟନାୟକ, ନିର୍ମଳକୁମାର ବେହେରା, ବାଚୁ ନାରାୟଣଙ୍କ ବଡ଼ପୁଅ ବି.ଏନ୍. ମୂର୍ତ୍ତି, ପରିବାର ବର୍ଗ ଓ ସତ୍ୟସାଇ ସେବା ସମିତିର ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଭଜନ ସମାରୋହର ଆୟୋଜନ କରାଯିବା ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ, ୧୯୨୮ରେ ବ୍ରହ୍ମପୁର ସହରରେ ଜନ୍ମ ଗ୍ରହଣ କରିଥିବା ବାଚୁ ନାରାୟଣ ସିଟି ହାଇସ୍କୁଲରୁ ପାଠପଢ଼ା ଓ ଖଲିକୋଟ କଲେଜରୁ ସ୍ନାତକ ସାରିଥିଲେ। ପରେ ସେ ରାଧାନାଥ ଟ୍ରେନିଂ କଲେଜରେ ବିଏଡ୍ କରି ବଲାଙ୍ଗୀରର ପିଆର୍ ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ। କର୍ତ୍ତବ୍ୟ ନିଷ୍ଠା ଓ କାର୍ଯ୍ୟ ଦକ୍ଷତା ଯୋଗୁ ପରବର୍ତ୍ତୀ ସମୟରେ ସେ ପ୍ରଧାନଶିକ୍ଷକ ଓ ସର୍କଲ ଇନ୍ସପେକ୍ଟର ହୋଇପାରିଥିଲେ। ଶେଷରେ ଶିକ୍ଷା ବିଭାଗର ଡେପୁଟି ସେକ୍ରେଟାରୀ ଭାବେ ସଫଳତାର ସହ କାର୍ଯ୍ୟ କରି ଅବସରଗ୍ରହଣ କରିଥିଲେ। ସରଳ ଓ ନିରାଡ଼ମ୍ବର ଜୀବନଯାପନ କରିବା ସହ ପରୋପକାରୀ ଥିଲେ। ଗତ ୧୩ ତାରିଖ ସକାଳ ୯ଟାରେ ତାଙ୍କର ପରଲୋକ ଘଟିଥିଲା।

### ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାଶଙ୍କ ସ୍ମୃତିସନ୍ଧ୍ୟା

**କଟକ ଅଫିସ, ୨୭।୬:** କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ତେଲେଙ୍ଗାବଜାରସ୍ଥ ରଘୁନାଥଜୀଉ ମନ୍ଦିର ପରିସରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସ୍ମୃତି ସନ୍ଧ୍ୟା ପାଳିତ ହୋଇଯାଇଛି। ସଭାପତି ଡ. ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଶ୍ୱନାଥ ଦାସ ଥିଲେ ଅତ୍ୟନ୍ତ ସ୍ୱାଧୀନଚେତା। ଉତ୍କଳମଣି ଗୋପବନ୍ଧୁଙ୍କ ଜନସେବାରେ ଅନୁପ୍ରାଣିତ ହୋଇ ସେ ଉନ୍ନତ ଆଦର୍ଶ, ଶୁଦ୍ଧ ଚିନ୍ତାଚେତନା, ବୁଦ୍ଧି ଓ ବିଚକ୍ଷଣତାର ପରିଚୟ ଦେଇଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଶ୍ୟାମସୁନ୍ଦର ସାହୁ, ମାଧବ ମିଶ୍ର, ରବୀନ୍ଦ୍ର ସେଠୀ, ଭୁବନାନନ୍ଦ ମହାନ୍ତି, ଉତ୍ତମ ପ୍ରଧାନ, ସୁରେନ୍ଦ୍ରନାଥ ଛୋଟରାୟ, ଅଶ୍ୱିନୀ ସେଠୀ, ବୈଷ୍ଣବ ପରିଡ଼ା, ପ୍ରଶାନ୍ତ ନାୟକ, ମୀନାକ୍ଷୀ ଦେବୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନୃସିଂହ ଦେବ ପାତ୍ର ଧନ୍ୟବାଦ ଦେଇଥିଲେ।

### ଡ୍ରିମ୍‌ସରେ ପ୍ରାଧାପକ ଡ. ସ୍ୱରଜିତ୍‌ଙ୍କ ସ୍ମୃତିଚାରଣ

**କଟକ ଅଫିସ,୨୭।୬:** ଗତ ବୁଧବାର ସକାଳେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟର ଗଣିତ ବିଭାଗର ପ୍ରାଧାପକ ଡକ୍ଟର ସ୍ୱରଜିତ୍ ବାରିକଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ଏକାଡେମିକ୍ ଭବନ ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଅଧକ୍ଷତା କରିଥିଲେ। ଏଥିରେ ଶିକ୍ଷାନୁଷ୍ଠାନର ସମସ୍ତ ଅଧାପିକାଅଧାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ଯୋଗଦେଇ ବାରିକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅଧକ୍ଷ ଡ. ରାଜେନ୍ଦ୍ର କୁମାର ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା ପ୍ରମୁଖ ଛାତ୍ରବତ୍ସଳ ଶିକ୍ଷକଭାବ ସ୍ୱରଜିତ୍‌ଙ୍କର ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଶୋକପ୍ରସ୍ତାବ ଗୃହୀତ ହେବା ସହ ତାଙ୍କ ସମ୍ମାନାର୍ଥେ ଶିକ୍ଷାନୁଷ୍ଠାନ ସମୂହକୁ ଛୁଟି ଘୋଷଣା କରାଯାଇଥିଲା।

## ସ୍ୱଚ୍ଛ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ



ସ୍ୱଚ୍ଛ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**କଟକ ଅଫିସ, ୨୭।୬**

କଟକ ବାଖରାବାଦସ୍ଥିତ ପ୍ରୋଜେକ୍ଟ ସ୍ୱରାଜ୍ୟ ପରିସରରେ ଗୁରୁବାର ଏକ ସ୍ୱଚ୍ଛ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଏହି ପ୍ରକଳ୍ପ ଆଇ ପିଲ୍‌ଡ ଏନର୍ଜି ସ୍ୱୟଂଶ୍ରୀ ମହିଳା ସମବାୟ ସମିତି ତଥା ପ୍ରୋଜେକ୍ଟ ସ୍ୱରାଜ୍ୟ ସହଯୋଗରେ ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ବରିଷ୍ଠ ଆଇନଜୀବୀ ତଥା ହାଇକୋର୍ଟର ପୂର୍ବତନ ଆଡଭୋକେଟ୍ ଜେନେରାଲ ସୂର୍ଯ୍ୟ ପ୍ରସାଦ ମିଶ୍ର ଓ କଟକ ମହାନଗର ନିଗମର ପୂର୍ବତନ ନଗରପାଳ ତ୍ରିଲୋଚନ କାନୁନ୍‌ଗୋ ଏହାକୁ ଉଦ୍‌ଘାଟନ କରିଥିଲେ। କଟକରୁ ବିଭିନ୍ନ ପ୍ରକାର ଚର୍ମରୋଗ, ଜଣ୍ଡିସ, ଝାଡ଼ାବାନ୍ତିର ନିରାକରଣ ନିମନ୍ତେ ଏଭଳି ପ୍ରକଳ୍ପର ଆବଶ୍ୟକତା ରହିଛି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ, ପ୍ରୋଜେକ୍ଟ ସ୍ୱରାଜ୍ୟର ଡାଇରେକ୍ଟର ଡଲି ଦାଶ, ସ୍ୱୟଂଶ୍ରୀ ମହିଳା ସମବାୟ ସମିତିର ସଭାନେତ୍ରୀ ଜ୍ୟୋସ୍ନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ କଟକରେ ଜନବହୁଳ ସ୍ଥାନରେ ଆଉ ୫ଟି ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ଉଦ୍ୟୋକ୍ତାମାନଙ୍କ ସୂତ୍ରରୁ ଜଣାପଡିଛି।

## ଅନ୍ୱେଷା ଥିଲା ପ୍ରଫେସର ହୃଦାନନ୍ଦ ରାୟଙ୍କ ଜୀବନ

**କଟକ ଅଫିସ, ୨୭।୬**



ସାରସ୍ୱତ ସାଧକ ହୃଦାନନ୍ଦ ରାୟଙ୍କ ତୈଳଚିତ୍ର ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଅନ୍ୱେଷା ହିଁ ଥିଲା ପ୍ରଫେସର ହୃଦାନନ୍ଦ ରାୟଙ୍କ ଜୀବନ। ସାରା ଜୀବନ ସେ ଖୋଜିଛନ୍ତି। ସାହିତ୍ୟ, ସଂସ୍କୃତି, ଧର୍ମ ଓ ଦର୍ଶନ କ୍ଷେତ୍ରରେ ତାଙ୍କର ଗଭୀର ଅନୁରାଗ ତାଙ୍କୁ ଅନେକରେ ଏକ କରି ଗଢ଼ିତୋଳିଥିଲା। ଓଡ଼ିଆରେ ଅନେକ ଆନ୍ଦୋଳନକୁ ସଫଳ କରିବାରେ ତାଙ୍କର ନେତୃତ୍ୱ ଅବିସ୍ମରଣୀୟ। ସହଜ ଓ ସରଳ ଭାବରେ ଦର୍ଶନର ଜଟିଳ ତତ୍ତ୍ୱକୁ ସେ ଉପସ୍ଥାପନ କରିଛନ୍ତି ବୋଲି ସାରସ୍ୱତ ସାଧକ ହୃଦାନନ୍ଦ ରାୟଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି।

ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ଅଧକ୍ଷତାରେ ଶ୍ରୀରାମଚନ୍ଦ୍ର ଭବନଠାରେ ଗୁରୁବାର ସନ୍ଧ୍ୟାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ହୃଦାନନ୍ଦ ରାୟଙ୍କ ତୈଳଚିତ୍ର ଉନ୍ମୋଚନ କରି ବିଶିଷ୍ଟ କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟ ହୃଦାନନ୍ଦ ରାୟଙ୍କ ବର୍ଣ୍ଣିଳ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସମ୍ପର୍କରେ ଅନୁଭୂତିଜଡ଼ିତ ସ୍ମୃତିର ଅବତାରଣା କରିଥିଲେ। ସମ୍ମାନିତ ଅତିଥି କଳିଙ୍ଗ ଭାରତୀର ସମ୍ପାଦକ ତଥା ବିଶିଷ୍ଟ ନାଟ୍ୟକାର ଶୈଳେଶ୍ୱର ନନ୍ଦ କହିଥିଲେ, ହୃଦାନନ୍ଦ ରାୟଙ୍କ ଜୀବନ ଜାତି ପାଇଁ ଉତ୍ସର୍ଗକୃତ ଜୀବନ। ଅନ୍ୟତମ ସମ୍ମାନିତ ଅତିଥି ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ତରୁଣ କୁମାର ସାହୁ କହିଥିଲେ, ବିଶିଷ୍ଟ ସାରସ୍ୱତ ସାଧକ ଭାବେ ହୃଦାନନ୍ଦ ରାୟଙ୍କ ଅବଦାନ ଉଲ୍ଲେଖଯୋଗ୍ୟ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାଞ୍ଚନାରାୟଣ ମହାନ୍ତି ପ୍ରଫେସର ହୃଦାନନ୍ଦ ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଙ୍ଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ ଧନ୍ୟବାଦ ଦେଇଥିଲେ।

## ଆନ୍ତର୍ଜାତିକ ନିଶାମୁକ୍ତି ଦିବସ

**କଟକ ଅଫିସ, ୨୭।୬:** ଜିଲା ସାମାଜିକ ସୁରକ୍ଷା ବିଭାଗ ଓ ଅବକାରୀ ବିଭାଗ ମିଳିତ ଆନୁକୂଲ୍ୟରେ ବୁଧବାର ଆନ୍ତର୍ଜାତିକ ନିଶାମୁକ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସଚେତନତା ରଥ ଓ ବାଇକ ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଶୁଭାରମ୍ଭ କରିଥିଲେ।

## ଗାନ୍ଧୀବାଦ ସଚେତନତା ଶିବିର

**କଟକ ଅଫିସ, ୨୭।୬**

ସାମାଜିକ ସଙ୍ଗଠନ ଭଏସ୍ ଫର୍ ଭଏସ୍ ଲେସ୍ ପକ୍ଷରୁ ଗୁରୁବାର ବକ୍ସିବଜାରସ୍ଥିତ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ଦ୍ୱାରା ପରିଚାଳିତ ଆଶା ଆଶ୍ୱସନା ବିଦ୍ୟାଳୟରେ ଗାନ୍ଧୀବାଦ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଡ. ଦ୍ୱିପାୟନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଗବେଷକ ଦିବାକର ବେହେରା ଅତିଥି ଭାବେ ଯୋଗଦେଇ ଗାନ୍ଧୀବାଦ ବିଷୟରେ ଭାଷଣ ଦେଇଥିଲେ। ସମ୍ପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ କୁନି ପିଲାମାନଙ୍କୁ ଗାନ୍ଧୀମାର୍ଗ ଅବଲମ୍ବନ କରିବା ପାଇଁ ସଚେତନ କରାଇଥିଲେ। ଏଥିରେ ଆକାଶ ସିଂ, ଅବିନାଶ ଦାସ, ନମିତା ଘୋଷ, ଏଲ. ମଧୁଛନ୍ଦା ସାହୁ, ଅଞ୍ଜନ ସ୍ୱାଇଁ, ଗୀତାଞ୍ଜଳି ପଣ୍ଡା, ରାଜଶ୍ରୀ ପ୍ରିୟଦର୍ଶିନୀ, ଦୀପ୍ତି ରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ରାଜେନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।

## ଶ୍ରେଣୀଗୃହରେ ପ୍ରଧାନଶିକ୍ଷକଙ୍କୁ ତାଲା

**ମଦ୍ୟପାନ କରି ସ୍କୁଲ ଆସିଥିଲେ**

**ଚୌଦ୍ୱାର,୨୭।୬(ଡି.ଏନ୍.ଏ.): ଟାଙ୍ଗୀ**

ଚୌଦ୍ୱାର ବ୍ଲକ ଅଧୀନ ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୁରୁବାର ମଦ ପିଇ ସ୍କୁଲକୁ ଆସିଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଗ୍ରାମବାସୀ ପ୍ରଧାନଶିକ୍ଷକଙ୍କୁ ପ୍ରାୟ ୧ଘଣ୍ଟା ଶ୍ରେଣୀଗୃହରେ ତାଲା ପକାଇ ଦେଇଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ଗୁରୁବାର ସ୍କୁଲ ଖୋଲିବାରେ ବିଳମ୍ବ ହେବାରୁ ଛାତ୍ରୀଛାତ୍ରମାନେ ସ୍କୁଲ ବାହାରେ ଖେଳୁଥିଲେ। ପ୍ରଧାନଶିକ୍ଷକ ମଦ୍ୟପାନ କରି ବିଳମ୍ବରେ ସ୍କୁଲରେ ପହଞ୍ଚି ଗେଟ ଖୋଲିବା ସହ ପିଲାମାନଙ୍କୁ ଗାଳିଗୁଲଜ କରିଥିଲେ। ଏହା ପରେ ପିଲାମାନେ ଭୟରେ ସ୍କୁଲରୁ ଦୌଡି ପଳାଇବା ସହ ଅଭିଭାବକଙ୍କୁ ଜଣାଇଥିଲେ। ଏହା ପରେ କେତେଜଣ ଅଭିଭାବକଙ୍କ ସହ ଲୋକେ ସ୍କୁଲରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ଶ୍ରେଣୀଗୃହରେ ତାଲା ପକାଇ ଦେଇଥିଲେ। ଖବରପାଇ ସିଆରସିସି ମାନସ ରାଉତ ସ୍କୁଲରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ ପ୍ରଧାନଶିକ୍ଷକଙ୍କୁ ଉଦ୍ଧାର କରିଥିଲେ। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ଦାସ କୁହନ୍ତି, ଏ ସମ୍ପର୍କରେ ଅଭିଯୋଗ ମିଳିଛି, ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସିଆରସିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଲୋକଙ୍କ ସମସ୍ୟା ବୁଝିଲେ ଅତିରିକ୍ତ ଜିଲାପାଳ

**କଟକ ଅଫିସ, ୨୭।୬**

ଜିଲାପାଳଙ୍କ ନିଷ୍ପତ୍ତି ଅନୁଯାୟୀ ଗୁରୁବାରଠାରୁ ଆରମ୍ଭ ହୋଇଛି ଗୋପଦ ଅଭିଯାନ। ସକାଳେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଓ ଶ୍ରୀକାନ୍ତ ତରାଇ ସହରର ବିଭିନ୍ନ ଅଞ୍ଚଳ ବୁଲିଛନ୍ତି। ଖଣ୍ଡାୟତରାୟ ସତିଚଉରା ଛକ, ସେଲ୍ଟର ଛକ, କନିକା ଛକ ଏବଂ ବିଜୁ ପଟ୍ଟନାୟକ ଛକ ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କର ସମସ୍ୟା ବୁଝିଥିଲେ। ସନତ୍ ନଳିନୀ ବାଳିକା ଉଚ୍ଚବିଦ୍ୟାଳୟ, ଖ୍ରୀଷ୍ଟ କଲେଜ, ଚଣ୍ଡୀମନ୍ଦିର କଲଭର୍ଟରେ ଏବଂ ଆବଶ୍ୟକ ଡ୍ରେନ୍‌ଗୁଡିକ ଉପରେ ସ୍ଲାବ ପକାଇବା, ରାସ୍ତା କଡରେ ପଡିରହିଥିବା ଆବର୍ଜନା, ରାସ୍ତାକଡରେ ପଡି ରହିଥିବା ବାଲି, ଗୋଡି ଚିପ୍ସକୁ ଉଠାଇବା ବ୍ୟବସ୍ଥା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ଖଣ୍ଡାୟତରାୟ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅତିରିକ୍ତ ଜିଲାପାଳ ତରାଇ ମାଲଗୋଦାମ ଅଞ୍ଚଳରେ ଲୋକଙ୍କ ଅଭିଯୋଗ ଶୁଣି ନାଳ ସଫା ନିମନ୍ତେ ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଇଞ୍ଜିନିୟରଙ୍କ ସହିତ ଆଲୋଚନା କରିଥିଲେ। ମାଲଗୋଦାମ ମୁଖ୍ୟ ରାସ୍ତାରେ ହ୍ୟୁମପାଇପ୍ ପଡି କ୍ରସଡ୍ରେନ ହୋଇଥିବାରୁ ଅନନ୍ତଶୟନ ମନ୍ଦିର ସମ୍ମୁଖରେ ବଡ ହ୍ୟୁମପାଇପ ପକାଇବା, ବଙ୍କା ହୋଇ ରହିଥିବା କେତେକ ଇଲେକ୍ଟ୍ରିକ ପୋଲକୁ ସିଧା କରିବା, ମାଲଗୋଦାମ ଅଞ୍ଚଳରେ ଟଏଲେଟ୍ ବ୍ୟବସ୍ଥା, ଜି.କେ. ଗଳିରେ ଥିବା ୧୦ଟି ଛୋଟ ଘରକୁ ଭାଙ୍ଗିବା ସମ୍ପର୍କରେ ତରାଇ ଆଲୋଚନା କରିଥିଲେ। କେତେକ ସ୍ଥାନରେ ନାଳ ସଫା ହେବା ପରେ ଗଦାହୋଇ ରହିଥିବା ଆବର୍ଜନା ଉଠାଯିବା, ଅନେକ ସ୍ଥାନରେ ଥିବା ଡ୍ରେନ୍ ଉପରେ ସ୍ଲାବ ପକାଇବା, ମାଲଗୋଦାମ ଅଞ୍ଚଳର ବହୁ ସ୍ଥାନରେ ଡଷ୍ଟବିନ ରଖିବା ପାଇଁ ବ୍ୟବସ୍ଥା ସମ୍ପର୍କରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ତରାଇ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ମାଲଗୋଦାମ ଅଞ୍ଚଳରେ ପ୍ଲାଷ୍ଟିକ ବ୍ୟବହାର ଓ ବିକ୍ରି ନ କରିବା ପାଇଁ ବଣିକ ସଂଘ କର୍ମକର୍ତ୍ତାମାନଙ୍କୁ ତରାଇ ଅନୁରୋଧ କରିଥିଲେ।

■ଦାରିଦ୍ର୍ୟର ତାଡ଼ନା: ତାଲା ଦେଇ କାମକୁ ଯାଇଥିଲେ ମା'

## ବନ୍ଦ ଘରୁ ଉଦ୍ଧାର ହେଲେ ଶିଶୁ

**କଟକ ଅଫିସ, ୨୭।୬**

ପାଣି ପିଇବି ପାଣି ପିଇବି ଚିତ୍କାର ସାଙ୍ଗକୁ ମା' କବାଟ ଖୋଲର ଡାକ ପଡ଼ିଶା ଲୋକଙ୍କୁ ଅଥୟ କରିଥିଲା। ବାଧ ହୋଇ ପଡ଼ିଶା ଘର ଲୋକେ ଚାଇଲ୍‌ଡ ଲାଇନକୁ ଖବର ଦେଇଥିଲେ। ଚାଇଲ୍ ଲାଇନ ସଂଯୋଜକ ନାରାୟଣ ଶୁକ୍ଳଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ସେଠାରେ ପହଞ୍ଚି ଦେଖିଲା ବେଳକୁ ବନ୍ଦ ଘର ଭିତରୁ ଜଣେ ଶିଶୁର କାନ୍ଦ ଶୁଭୁଛି। ଏହାପରେ ଶୁକ୍ଳ ଜିଲା ଶିଶୁ ମଙ୍ଗଳ କମିଟି ଓ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଉଭୟ ବିଭାଗର ଅଧିକାରୀମାନେ ସେଠାରେ ପହଞ୍ଚି ସମାନ ଦୃଶ୍ୟ ଦେଖିବାକୁ ପାଇଥିଲେ। ଗୁରୁବାର ବିଡ଼ାନାସୀ ଥାନା ଅଧୀନ କୃଷକବଜାର ନିକଟରେ ଘଟିଥିଲା ଏଭଳି ଏକ ଘଟଣା। ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏଭଳି ଦୃଶ୍ୟ ସେଠାରେ ଦେଖିବାକୁ ମିଳିଥିଲା। ଏକ ନୁଆଣିଆ ଟିଣଘର ଭିତରୁ ଛୁଆଟିର କାନ୍ଦ ଶୁଭୁଥିବା ବେଳେ ଘର କବାଟରେ ବାହାର ପଟୁ ତାଲା ଝୁଲୁଥିଲା। ଘଟଣାସ୍ଥଳକୁ ପୋଲିସକୁ ଡକାଯାଇଥିଲା। ଶାବଳରେ ତାଲା ଭଙ୍ଗା ଯିବାରୁ ଘର ଭିତରୁ ସାଢେ ୩ ବର୍ଷର ଶିଶୁପୁତ୍ରକୁ ଉଦ୍ଧାର କରାଯାଇଥିଲା। ତୁରନ୍ତ ଉକ୍ତ ଶିଶୁକୁ ଡାକ୍ତରଙ୍କ ପରାମର୍ଶ ନିମନ୍ତେ ପଠାଯାଇଥିଲା। ଶିଶୁର ଶରୀରରୁ ଜଳୀୟ ଅଂଶ କମ୍ ଥିବା ଡାକ୍ତର କହିଥିଲେ। ଆବଶ୍ୟକ ଚିକିତ୍ସା ପରେ ଶିଶୁଙ୍କୁ ବସୁନ୍ଧରା ମୁକ୍ତାଶ୍ରୟ କେନ୍ଦ୍ରରେ ରଖାଯାଇଥିଲା। ଅପରାହ୍ନ ୩ଟାରେ ଶିଶୁଙ୍କର ମା' ବସୁନ୍ଧରାରେ ପହଞ୍ଚିଥିଲେ। ମାତ୍ର ଶିଶୁମଙ୍ଗଳ କମିଟି ଅନୁମତି ବିନା ପୁଅକୁ ହସ୍ତାନ୍ତର କରାଯାଇପାରିବନାହିଁ ବୋଲି ବସୁନ୍ଧରା ପକ୍ଷରୁ କୁହାଯାଇଥିଲା। ଶିଶୁଙ୍କ ମା' ଶିଶୁ ମଙ୍ଗଳ କମିଟି ନିକଟରେ ପହଞ୍ଚି ଶିଶୁକୁ ନେବାକୁ ଦାବି କରିବା ପରେ ଘଟଣାର ଖୋଳତାଡ଼ କରାଯାଇଥିଲା। ଖୋଳତାଡ଼ରୁ ଯାହା ଜଣାପଡ଼ିଥିଲା ତାହା ହୃଦୟ ବିଦାରକ ଥିଲା। ଶିଶୁ ମଙ୍ଗଳ କମିଟି ସଦସ୍ୟ ଚିତ୍ତରଞ୍ଜନ ମହାନ୍ତିଙ୍କ କହିବା ଅନୁଯାୟୀ, ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ସେମାନଙ୍କୁ ଛାଡ଼ି କେଉଁଆଡେ ଚାଲିଯାଇଥିଲେ। ପୁଅକୁ ଚଳାଇବା ସହିତ ନିଜ ପେଟ ପୋଷିବା ପାଇଁ ମହିଳା ଜଣକ ସିଡିଏ ଅଞ୍ଚଳରେ ଜଣଙ୍କ ଘରେ ବାସନ ମାଜିବା କାର୍ଯ୍ୟ କରନ୍ତି। ମାଲିକ ଘରକୁ କାମ ସମୟରେ ଛୁଆକୁ ନେଇ ଯିବା ସମ୍ଭବ ନୁହେଁ କିମ୍ବା ଘରେ ଏକୁଟିଆ ଛାଡ଼ିଦେଇ ଯିବା ମଧ ଠିକ୍ ନୁହେଁ। ତେଣୁ ସେ ପ୍ରତିଦିନ ଶିଶୁକୁ ଖାଇବାକୁ ପିଇବାକୁ ଦେଇ ଶୋଇ ପକାଇ ପରଘରକୁ କାମ କରିବାକୁ ଯାଆନ୍ତି। ଯଦିଓ ଶିଶୁର ନିଦ ଭାଙ୍ଗିଯାଏ ତେବେ ସେ ଏକୁଟିଆ ବନ୍ଦ ଘର ଭିତରେ ରହିବାରେ ଅଭ୍ୟସ୍ତ ହୋଇଯାଇଥିବାରୁ କନ୍ଦାକଟା କରନ୍ତି ନାହିଁ। ମାତ୍ର ଗୁରୁବାର ପ୍ରଚଣ୍ଡ ଗୁଳୁଗୁଳି ସାଙ୍ଗକୁ ଶିଶୁଙ୍କ ହାତପାଆନ୍ତାରେ ପାଣି ନ ଥିବାରୁ ଏଭଳି ଅବସ୍ଥା ଉପୁଜିଥିଲା ବୋଲି ମା' ଜଣକ ଶିଶୁ ମଙ୍ଗଳ କମିଟି ଆଗରେ କହିଥିଲେ। ତେବେ ଶିଶୁ ମଙ୍ଗଳ କମିଟି ପକ୍ଷରୁ ଶିଶୁକୁ ତାଙ୍କ ମା'ଙ୍କ ହାତକୁ ହସ୍ତାନ୍ତର କରାଯିବା ସମୟରେ କେତେକ ସର୍ତ୍ତ ରଖାଯାଇଛି। ଏଣିକି ମା' ଜଣକ ବାହାରକୁ କାମ କରିବାକୁ ଗଲେ ସେହି ସମୟରେ ଶିଶୁଙ୍କୁ କୌଣସି ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ଛାଡ଼ିକି ଯିବେ। କାମ ସାରି ଆସିବା ପରେ ପୁନର୍ବାର ଉକ୍ତ ଅନୁଷ୍ଠାନରୁ ଶିଶୁଙ୍କୁ ଘରକୁ ନେବେ ବୋଲି କମିଟି ସଦସ୍ୟ ମହାନ୍ତି କହିଛନ୍ତି।



ବାଦାମବାଡ଼ି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅଟୋଗୁଡ଼ିକ ରଖାଯାଇଥିବାରୁ ଉପୁଜିଥିବା ଟ୍ରାଫିକ ସମସ୍ୟା।



କଟକ ପାଲାମଣ୍ଡପସ୍ଥିତ ପୁରୀ ବସ୍‌ଷ୍ଟାଣ୍ଡ ସମ୍ମୁଖ ରାସ୍ତାରେ ଜାଇକା ପକ୍ଷରୁ ଚାଲିଥିବା କାର୍ଯ୍ୟ ଯୋଗୁ ସୃଷ୍ଟି ହୋଇଥିବା ଗର୍ତ୍ତ।



କଟକ ହରିପୁର ରୋଡ଼ସ୍ଥିତ ବସନ୍ତ ନାୟକଙ୍କ ବାସଭବନ ସମ୍ମୁଖରେ ସ୍ନେହା-ବସନ୍ତ ଫାଉଣ୍ଡେସନ ପକ୍ଷରୁ ସ୍ନେହଲତା ନାୟକ ଓ ବସନ୍ତ ନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବରେ ଯୋଗ ଦେଇଥିବା ଅଭିନେତା ଉତ୍ତମ ମହାନ୍ତିଙ୍କ ସହ ଅନ୍ୟ ଅତିଥି।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି, ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଲସୀ ଦାସ



**ସଂକ୍ଷେପରେ**

## ଚିଲିକାରେ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ

**ଟାଙ୍ଗୀ(ଖୋର୍ଦ୍ଧା), ୨୭।୬ (ଡି.ଏନ୍.ଏ.)** ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଚିଲିକାର ଭୁଷଣ୍ଡପୁର ଅଞ୍ଚଳରେ ବୁଧବାରଠାରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଉଛି। ଗୁରୁବାର ଦ୍ୱିତୀୟ ଦିନରେ ୪ଟି ଘେରି ଭଙ୍ଗାଯାଇଛି। ପୋଲିସ ଫୋର୍ସ ସହ ପ୍ରଶାସନିକ ଅଧିକାରୀମାନେ ଭୁଷଣ୍ଡପୁର ୩ ନଂ. ଘେରି ଜଗନ୍ନାଥପୁର ମୌଜାରେ ୨ଟି ଛୋଟ ବେଆଇନ ଚିଙ୍ଗୁଡି ଘେରିକୁ ଭାଙ୍ଗି ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ଅନ୍ୟ ଘେରିର ମାଲିକମାନେ ୨ ରୁ ୩ ଦିନ ଭିତରେ ସେମାନଙ୍କ ମାଛସବୁ ଅମଳ କରିଦେବା ପରେ ଘେରି ଭାଙ୍ଗିବାକୁ ନିବେଦନ କରିଥିଲେ। ପ୍ରଶାସନ ମଧ ସେମାନଙ୍କ କଥାକୁ ଗ୍ରହଣ କରି ଏଥିରେ ବ୍ୟତିକ୍ରମ ହେଲେ ଆର ଥରକୁ ପ୍ରସ୍ତୁତ ହୋଇ ଆସି ସମସ୍ତ ବେଆଇନ ଘେରିକୁ ଭାଙ୍ଗି ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଏହାପରେ ସେମାନେ ସୁନ୍ଦରପୁର ଅଞ୍ଚଳରେ ପହଞ୍ଚି ବେଆଇନ ଭାବେ ମାଗୁର ମାଛ ଚାଷ କରୁଥିବା ୨ଟି ପୋଖରୀକୁ ଭାଙ୍ଗି ଦେଇଥିଲେ। ଅନ୍ୟମାନେ ଖୁବ୍‌ଶୀଘ୍ର ନିଜସ୍ୱ ପ୍ରଚେଷ୍ଟାରେ ବେଆଇନ ଘେରିକୁ ନ ଭାଙ୍ଗିଲେ ପ୍ରଶାସନ ତାହାକୁ ଭାଙ୍ଗିଦେବ ବୋଲି ସେମାନଙ୍କୁ ଚେତାବନୀ ଦେଇଥିବା ଜଣାପଡିଛି। ଖୋର୍ଦ୍ଧା ଉପଜିଲାପାଳଙ୍କ ନେତୃତ୍ୱରେ ଟାଙ୍ଗୀ ତହସିଲଦାର ସୁନାସୀର କିଶାନ ଓ ଚିଲିକା ତହସିଲଦାର ସରୋଜ ଚନ୍ଦ୍ର ମହାପାତ୍ର ଏହି ଚଢ଼ାଉରେ ସାମିଲ ହୋଇଥିଲେ।

## ମାନ୍ୟତା ପାଉନି ଖୋର୍ଦ୍ଧା ଆରଟିଓ

**ଖୋର୍ଦ୍ଧା ଅଫିସ,୨୭।୬:** ପରିବହନ କମିଶନରଙ୍କ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଭୁବନେଶ୍ୱରରେ ଆଉ ଏକ ଆରଟିଓ ଖୋଲିବା ସହ ଖୋର୍ଦ୍ଧା ଏଆରଟିଓ ଆରଟିଓର ମାନ୍ୟତା ପାଇବ। ତେବେ ଏପରି ପ୍ରସ୍ତାବ ୨୦୧୮ ଜୁନ ମାସରୁ ରାଜ୍ୟ ସରକାରଙ୍କ ପାଖରେ ପଡି ରହିଛି। ଏହା କାର୍ଯ୍ୟକାରୀ ହେଉ ନ ଥିବାରୁ ଖୋର୍ଦ୍ଧା ସୁଫଳ ପାଉନାହିଁ। ଖୋର୍ଦ୍ଧାରେ ଆରଟିଓ ଅଫିସ ଖୋଲିଲେ ଏହା ଅଧୀନରେ ଖୋର୍ଦ୍ଧା ଆଦର୍ଶ ଥାନା, ସଦର ଥାନା, ଜଟଣୀ, ବେଗୁନିଆ, ବୋଲଗଡ, ଜଙ୍କିଆ, ନିରାକାରପୁର, ଟାଙ୍ଗୀ, ବାଣପୁର, ବାଲୁଗାଁ ଥାନା ରହିବ।

## ଆଜି ରଥଯାତ୍ରାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ, ୨୭।୬:** ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ଏ ନେଇ ପ୍ରଶାସନ କେତେ ପ୍ରସ୍ତୁତ ତାହାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ନୀଳାଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ। ଏଥିରେ ମୁଖ୍ୟମନ୍ତ୍ରୀ ଅଧକ୍ଷତା କରିବେ। ପୂର୍ବରୁ ୩ଟି ସମନ୍ୱୟ ବୈଠକ ସରିଛି। ରଥଯାତ୍ରା ପାଇଁ ବାତ୍ୟା କ୍ଷତିଗ୍ରସ୍ତ ପୁରୀ ସହର କେତେଦୂର ପ୍ରସ୍ତୁତ ହୋଇସାରିଛି, ବିଭିନ୍ନ ବିଭାଗର ପ୍ରସ୍ତୁତି ଓ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ମତ ରଖିବେ।

## ଜମିବାଡ଼ିକୁ କେନ୍ଦ୍ରକରି ଗଣ୍ଡଗୋଳ, ୨ ଗିରଫ

ଭୁବନେଶ୍ୱର, ୨୭।୬(ବ୍ୟୁରୋ)- ଜମିବାଡିକୁ କେନ୍ଦ୍ରକରି ଘରେ ପଶି ଭଙ୍ଗାରୁଜା କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ଗୁରୁବାର ଗିରଫ କରିଛି। ସେମାନେ ହେଲେ ଥାନା ଅଞ୍ଚଳରେ ରହୁଥିବା କରୁଣାକର ସ୍ୱାଇଁ (୪୩) ଓ ଦୀପୁ ସ୍ୱାଇଁ(୨୧)। ଏହି ଘଟଣାରେ ଜଣେ ନାବାଳକ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ପୋଲିସ ତାଙ୍କୁ ଧରିବା ସହ ପଚରାଉଚରା ପରେ ବାଳସୁଧାର ଗୃହକୁ ପଠାଇ ଦେଇଛି। ପୋଲିସ ସୂଚନା ମୁତବାକ, ଖାରବେଳନଗର ଥାନା ଅଧୀନ ମା' ମଙ୍ଗଳାବସ୍ତି ଅଞ୍ଚଳରେ ଲିସି ନାୟକ ପରିବାର ସହ ରୁହନ୍ତି। ଜମିବାଡିକୁ କେନ୍ଦ୍ରକରି ଲିସିଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ତାଙ୍କ ସ୍ୱାମୀ ଏବଂ ପରିବାର ଲୋକଙ୍କୁ ମାଡମାରି ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏ ନେଇ ଲିସି ଖାରବେଳନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୫୪/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଗୁରୁବାର ଅଭିଯୁକ୍ତମାନଙ୍କୁ ଗିରଫ କରି ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

■ ରାଜଧାନୀରୁ କାର ଲୁଟ୍ ର୍ୟାକେଟର ପର୍ଦ୍ଦାଫାଶ

# ୩ କାର, ବିପୁଳ ଅଳଙ୍କାର ଜବତ: ୪ ଗିରଫ



ଗିରଫ ହୋଇଥିବା ୪ ଅଭିଯୁକ୍ତ ଓ ଜବତ ଖେଳଣା ବନ୍ଧୁକ, ଛୁରି।

- ଲୁଟ୍ ଗାଡ଼ିରେ ଘଟାଉଥିଲେ ଅପରାଧ
- ନମ୍ବର ବଦଳାଇ କମ୍ ଦାମ୍‌ରେ ବିକୁଥିଲେ
- ଖେଳଣା ବନ୍ଧୁକ, ଛୁରି ଜବତ

**ଭୁବନେଶ୍ୱର/ପାତ୍ରପଡା, ୨୭।୬(ବ୍ୟୁରୋ/ଡି.ଏନ୍.ଏ.)**

ଗତ କିଛି ମାସ ହେବ ରାଜଧାନୀରେ ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ ହୋଇଉଠିଛି। ବିଶେଷକରି ବାରମ୍ବାର କାର୍ ଲୁଟ୍ ଘଟଣା ପୋଲିସର ଚିନ୍ତା ବଢ଼ାଇ ଦେଇଛି। ଲୁଟ୍ କାରକୁ ବ୍ୟବହାର କରି ଲୁଟ୍ ଓ ଅନ୍ୟ ଅପରାଧ କରାଯାଉଥିବା ପୋଲିସ ଜାଣିବା ପରେ ସେମାନଙ୍କୁ ଠାବ କରିବାକୁ କମିଶନରେଟ ପୋଲିସ ତତ୍ପର ହୋଇଉଠିଛି। ଖଣ୍ଡଗିରି ଥାନା ପୋଲିସ ଏକ କାର୍ ଲୁଟ୍ ର୍ୟାକେଟର ପର୍ଦ୍ଦାଫାସ କରିଛି। ଏକ ଲୁଟେରା ଗ୍ୟାଙ୍ଗ୍ ଠାବ କରିବା ସହ ସମ୍ପୃକ୍ତ ୪ଜଣଙ୍କୁ ଖଣ୍ଡଗିରି ଓ ବୌଦ୍ଧ ଜିଲା କଣ୍ଟାମାଳ ଅଞ୍ଚଳରୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ୩ଟି ଲୁଟ୍ କାର, ୪ଟି ସୁନା ଚେନ, ୩ହଳ ସୁନା ଚୁଡ଼ି, ଦୁଇ ହଳ କାନଫୁଲ ସହ ଗୋଟିଏ ଖେଳନା ବନ୍ଧୁକ ଓ ଏକ ଛୁରୀକୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୋନପୁର ଜିଲା ବୋଡିପାଲି ଗ୍ରାମର କୃଷ୍ଣଚନ୍ଦ୍ର ଦାଶ ଓରଫ କ୍ରିଷ୍ଣା, କେନ୍ଦ୍ରାପଡା ଜିଲା ଆଳି ଅଞ୍ଚଳର ଅମରଜିତ ପ୍ରଧାନ ଓରଫ ରକି (୨୪), ରାଜକନିକା ଅଞ୍ଚଳର ମହେଶ୍ୱର ଦଳାଇ(୨୮) ଓ ବୌଦ୍ଧ ଜିଲା ତଳିପଡା ଅଞ୍ଚଳର ପ୍ରଭାତ ସାହୁ(୧୯)। ଏନେଇ ଖଣ୍ଡଗିରି ପୋଲିସ କେସ୍ ନଂ.୩୩୦/୧୯ରେ ଦଫା ୩୯୪ ଲଗାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

### ଖେଳଣା ବନ୍ଧୁକରେ କରୁଥିଲେ ଲୁଟ୍

ଅଭିଯୁକ୍ତମାନେ ବିଳମ୍ବିତ ରାତିରେ ଜାତୀୟ ରାଜପଥ, ସହରର ଅନ୍ୟ ରାସ୍ତାର ନିଛାଟିଆ ସ୍ଥାନରେ ଛକି ରହୁଥିଲେ। କୌଣସି କାର ସେହିବାଟ ଦେଇ ଗଲାବେଳେ ରାସ୍ତା ମଝିରେ ବାଇକ୍ ରଖି ଅଟକାଉଥିଲେ। ପରେ ଡ୍ରାଇଭର ମୁଣ୍ଡରେ ଖେଳନା ବନ୍ଧୁକ ଲଗାଇ କାର ଚାବି ହାତଉଥିଲେ। ପରେ ଡ୍ରାଇଭରଙ୍କୁ ବାହାରକୁ ଟାଣିଆଣି କାର୍ ଲୁଟି ନେଉଥିଲେ। ମେ' ୧୦ରେ ଖୋର୍ଦ୍ଧା ଜିଲାପାଳଙ୍କ ଅଫିସ ନିକଟରୁ ଏକ ବୋଲେରୋ, ଜୁନ୍ ୨୦ରେ ଖଣ୍ଡଗିରି ଆମ୍ରି ହସ୍ପିଟାଲ ଓ ଜୁନ୍ ୧ରେ ପିତାପଲ୍ଲୀ ନିକଟରୁ କାର ଲୁଟ କରିଥିଲେ।

### ଦିନରେ ଅଳଙ୍କାର, ରାତିରେ କାର୍ ଲୁଟ୍

ଏହି ଗ୍ୟାଙ୍ଗ୍ ରାତିରେ କାର୍ ଓ ଦିନରେ ଅଳଙ୍କାର ଲୁଟୁଥିଲେ। ଦିନରେ ବାଇକରେ ଆସି ମହିଳାଙ୍କୁ ଛୁରି ଓ ବନ୍ଧୁକ ଦେଖାଇ ପିନ୍ଧିଥିବା ସୁନା ଅଳଙ୍କାର ଝାମ୍ପି ନେଉଥିଲେ। ନିକଟରେ ଅବଦୁଲ କାଲାମ ସ୍କୁଲ ନିକଟରେ କାରରେ ଯାଉଥିବା ଏକ ପରିବାର ସଦସ୍ୟଙ୍କୁ ବନ୍ଧୁକ ଦେଖାଇ ସୁନାଗହଣା ଲୁଟି ନେଇଥିଲେ। ସେହିଭଳି ରାତିରେ କାର୍ ଲୁଟ୍ ପରେ ତୁରନ୍ତ ନମ୍ବର ପ୍ଲେଟକୁ ବଦଳାଉଥିଲେ। କିଛିଦିନ ନିର୍ଦ୍ଦିଷ୍ଟ ସ୍ଥାନରେ ଲୁଚାଇବା ପରେ ଲୁଟ୍‌ରେ ବ୍ୟବହାର କରୁଥିଲେ। ପରେ ସମୟ ଦେଖି ୭୦ହଜାରରୁ ୧ ଲକ୍ଷ ଟଙ୍କା ମଧ୍ୟରେ ବିକ୍ରି କରୁଥିଲେ। ଲୁଟ କାରକୁ ସେମାନେ ସହରବାହାରେ ବିକ୍ରି କରୁଥିଲେ।

### କେମିତି ଧରା ପଡ଼ିଲେ

ରାଜଧାନୀରୁ ଲଗାତାର କାର୍ ଚୋରି ପରେ ପୋଲିସର ଚେତା ପଶିଥିଲା। ଆମ୍ରି ହସ୍ପିଟାଲ ନିକଟରେ ଅଜୟ କୁମାର ସାହୁ ତାଙ୍କ ମାରୁତି କାର (ଓଡି-୧୯ଏମ୍-୦୦୭୮)ରେ ଯାଉଥିବାବେଳେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର, ଅମରଜିତ ଓ ମହେଶ୍ୱର ପଲସରରେ ଆସି ତାଙ୍କ କାର ଆଗରେ ବାଇକକୁ ରଖି ଅଟକାଇଥିଲେ। ଅଜୟଙ୍କୁ ବନ୍ଧୁକ ଦେଖାଇ ନିସ୍ଥୁକ ମାଡ଼ମାରି ତାଙ୍କ କାର ଲୁଟିନେଇଥିଲେ। ଏନେଇ ଅଭିଯୋଗ ହେବା ପରେ ଖଣ୍ଡଗିରି ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୁରୁଣା ଫାଇଲ୍ ଖୋଲି ଅପରାଧୀଙ୍କୁ ଚିହ୍ନଟ କରି ସେମାନଙ୍କ ଗତିବିଧି ଉପରେ ନଜର ରଖିଥିଲା। ଅଭିଯୁକ୍ତମାନେ ଲୁଟ୍ କାର ବିକ୍ରି କରୁଥିବାବେଳେ ଖଣ୍ଡଗିରି ଅଞ୍ଚଳରେ ଚଢ଼ାଉ କରି ଦୁଇଜଣଙ୍କୁ ଧରିଥିଲା। ତାଙ୍କୁ ପଚରାଉଚରା କରି ଅନ୍ୟ ଦୁଇଜଣଙ୍କୁ ବୌଦ୍ଧ କଣ୍ଟାମାଳରୁ ଗିରଫ କରିଥିଲା। ଏମାନଙ୍କ ନାମରେ ଖଣ୍ଡଗିରି, ଜଟଣୀ, ନୟାପଲ୍ଲୀ ଓ ମଞ୍ଚେଶ୍ୱର ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି।

### ରିମାଣ୍ଡରେ ଆଣିବାରେ ପୋଲିସ

ସିଆର୍‌ପି ଛକ ନିକଟରେ ରହୁଥିବା ବ୍ୟବସାୟୀ ଶିବ ସୁନ୍ଦରଙ୍କ କାର ଲୁଟ୍ ପଛରେ ଏହି ଗ୍ୟାଙ୍ଗ୍‌ର ହାତଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ସେମାନଙ୍କୁ ପଚରାଉଚରା କରିଥିଲେ ମଧ ସେମାନେ ଏନେଇ ମଧ କିଛି ମୁହଁ ଖୋଲି ନାହାନ୍ତି। ତେଣୁ ପୋଲିସ ସେମାନଙ୍କୁ ରିମାଣ୍ଡରେ ଆଣି ଅନ୍ୟ ଲୁଟ୍ ଘଟଣାର ପର୍ଦ୍ଦାଫାସ କରିବାକୁ ଆଶା ରଖିଛି।

## ଟ୍ରେନ୍‌ରୁ ଡେଇଁ ଅନାଥାଶ୍ରମ ମହିଳା ଗୁରୁତର

**ନିରାକାରପୁର, ୨୭।୬ (ଡି.ଏନ୍.ଏ.)**

ଅନାଥାଶ୍ରମରେ ରହୁଥିବା ଜଣେ ବୃଦ୍ଧା ଗୁରୁବାର ପୂର୍ବାହ୍ନରେ ନିରାକାରପୁର ଷ୍ଟେଶନ ନିକଟସ୍ଥ ଟ୍ରେନ୍‌ରୁ ଡେଇଁ ଗୁରୁତର ହୋଇଛନ୍ତି । ବୃଦ୍ଧା ଜଣକ ନିଜ ନାମ କହିପାରୁ ନ ଥିବାରୁ ତାଙ୍କର ପରିଚୟ ମିଳି ପାରି ନ ଥିବାବେଳେ ସେ କୁହୁଡ଼ିସ୍ଥିତ ତାଙ୍କ ବନ୍ଧୁ ଘରକୁ ଯାଉଥିବା ପ୍ରକାଶ କରିଛନ୍ତି। ତାଙ୍କର ବୟସ ୭୦ରୁ ୭୫ ବର୍ଷ ହୋଇପାରେ ବୋଲି ଅନୁମାନ କରାଯାଇଛି। ଘଟଣାରୁ ପ୍ରକାଶ, ନିରାକାରପୁର ରେଳଷ୍ଟେଶନରୁ ସକାଳ ପ୍ରାୟ ସାଢେ ୮ଟା ବେଳେ ପାସେଞ୍ଜର ଟ୍ରେନ୍ ଭାବି ରାଉର୍‌କେଲା-ଗୁଣପୁର ରାଜାରାଣୀଏକ୍ସପ୍ରେସ୍ ଟ୍ରେନ୍‌ରେ ବୃଦ୍ଧା ଜଣକ ଚଢ଼ିଯାଇଥିଲେ। ତେବେ ଏହା ଏକ ଏକ୍ସପ୍ରେସ ଗାଡ଼ି ଓ କୁହୁଡ଼ିଠାରେ ରହଣି କରିବ ନାହିଁ ବୋଲି ସହଯାତ୍ରୀଙ୍କଠାରୁ ଶୁଣିବା ପରେ ତୁରନ୍ତ ଟ୍ରେନ୍‌ରୁ ଡେଇଁ ପଡ଼ିଲେ। ଫଳରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହ ଡାହାଣ ପାଦ କଟି ଗଭୀର କ୍ଷତ ହୋଇଛି। ଯୋଗାଯୋଗ ପରେ ୧୦୮ ଆମ୍ବୁଲାନ୍ସ ନ ଆସିବାରୁ ଦମକଳ ବାହିନୀ ସହାୟତାରେ ତାଙ୍କୁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଭୁବନେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ବୃଦ୍ଧା ଜଣକ କେବେଠାରୁ ଜରାଶ୍ରମରେ ରହିଥିଲେ ଏବଂ କାହିଁକି ବାହାରକୁ ଆସିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଥିବାସ୍ଥଳେ ରେଳ ସୁରକ୍ଷା ବାହିନୀ ଉକ୍ତ ଘଟଣା ପ୍ରତି ଗୁରୁତ୍ୱ ଦେଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବୃଦ୍ଧା ରାମେଶ୍ୱର ପଞ୍ଚାୟତସ୍ଥ ଜରାଶ୍ରମରେ ରହୁଥିବା ଅନ୍ୟ ଜଣେ ବୃଦ୍ଧା କହିଛନ୍ତି।

# ବନ୍ଦ ହେବ ଘରୋଇ ସ୍କୁଲ

**ଖୋର୍ଦ୍ଧା ଅଫିସ,୨୭।୬**

- ପାଳନ କରୁନାହାନ୍ତି ସରକାରୀ ନିୟମ
- ନାହାନ୍ତି ଶତପ୍ରତିଶତ ଓଟିଇଟି ତାଲିମପ୍ରାପ୍ତ ଶିକ୍ଷକ

ସରକାରୀ ନୀତିନିୟମକୁ ଶୀତଳଭଣ୍ଡାରରେ ଫୋପାଡି ଦେଇଥିବାରୁ ଖୋର୍ଦ୍ଧା ଜିଲାର ଘରୋଇ ସ୍କୁଲଗୁଡିକ ବନ୍ଦ ହେବାକୁ ଯାଉଛି। ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କ ପତ୍ରାଙ୍କ ନଂ. ୯୩୪୭, ୯।୪।୨୦୧୯ ଅନୁସାରେ ଶତପ୍ରତିଶତ ଓଟିଇଟି ତାଲିମପ୍ରାପ୍ତ ଶିକ୍ଷକ ନ ଥିବା ଘରୋଇ ସ୍କୁଲଗୁଡିକ ବନ୍ଦ ହେବ। ଶିକ୍ଷା ବିଭାଗର ସର୍ଭେ ଅନୁସାରେ ଖୋର୍ଦ୍ଧା ଜିଲାରେ ଥିବା ଘରୋଇ ସ୍କୁଲଗୁଡିକ ଏହି ନୀତି ପାଳନ କରୁ ନ ଥିବାରୁ ବନ୍ଦ ବ୍ୟତୀତ ଅନ୍ୟ ଉପାୟ ନାହିଁ। ଯଦି ସ୍କୁଲ ବନ୍ଦ ହୁଏ ତେବେ ହଜାର ହଜାର ଛାତ୍ରୀଛାତ୍ର ପାଠପଢ଼ା କ୍ଷେତ୍ରରେ ହଇରାଣ ହେବେ।

ଘରୋଇ ଶିକ୍ଷା ବ୍ୟବସ୍ଥା ବ୍ୟବସାୟରେ ପରିଣତ ହୋଇସାରିଛି। ଘରୋଇ ସ୍କୁଲଗୁଡିକ ଭଳିକି ଭଳି ବିଜ୍ଞାପନ ଦେଇ ଅଭିଭାବକମାନଙ୍କୁ ପ୍ରଲୋଭିତ କରାଇ ପିଲାମାନଙ୍କୁ ନିଜ ସ୍କୁଲ ମୁହାଁ କରିବାରେ ସଫଳ ହେଉଛନ୍ତି। ଅଭିଭାବକମାନେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ଆଳରେ ନିଜ ପିଲାମାନଙ୍କୁ ଯେ ଅନ୍ଧକାରକୁ ଠେଲି ଦେଉଛନ୍ତି ତା'ର ହିସାବ ରଖି ପାରୁନାହାନ୍ତି। ସରକାର କେବଳ ଆଇନ କରିଦେଇ ହାତଟେକି ବସୁଛନ୍ତି। ସ୍କୁଲ ମୁହାଁ କରିବାକୁ ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଥିଲେ ମଧ ଛାତ୍ରୀଛାତ୍ର ମୁହଁ ମୋଡି ଘରୋଇ ସ୍କୁଲ ମୁହାଁ ହେଉଛନ୍ତି। ଘରୋଇ ସ୍କୁଲରେ ଗରିବ ମା'ବାପା ମଧ ସେମାନଙ୍କ ପିଲାଙ୍କୁ ଟଙ୍କା ଦେଇ ପାଠ ପଢ଼ାଉଛନ୍ତି। ଏଭଳିସ୍ଥଳେ ୨୦୧୭-୧୮ ଆର୍ଥିକ ବର୍ଷରେ ଜିଲାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବା ୪୯୪ ଏଲିମେଣ୍ଟାରୀ ଘରୋଇ ସ୍କୁଲ ଏନ୍‌ଓସି ପାଇଁ ଆବେଦନ କରିଥିଲେ। ଏଥିରୁ ୩୭୩ ସ୍କୁଲ ୨୦୧୭-୧୮ରୁ ୨୦୨୧-୨୨ ପର୍ଯ୍ୟନ୍ତ ଏନଓସି ପାଇଛନ୍ତି। ତେବେ ଫେଲ ପରେ ଜିଲାର ୧୨୧ ସ୍କୁଲ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ପୁଣି ଏନଓସି ପାଇବା ଲାଗି ଆବେଦନ କରିଛନ୍ତି। ଅଭିଭାବକମାନେ ଏନ୍‌ଓସି ସମ୍ପର୍କରେ ଅଜ୍ଞ ଥିବାରୁ ଉଚ୍ଚ ଶିକ୍ଷିତ ଲୋଭରେ କିଛି ନ ଜାଣି ୧୨୧ ସ୍କୁଲରେ ପିଲାଙ୍କ ନାମ ଲେଖାଇ ପାଠ ପଢ଼ାଉଛନ୍ତି। ଏନଓସି ପାଇଥିବା ସ୍କୁଲଗୁଡିକ ଏବେ ଭାଙ୍ଗିବାକୁ ଯାଉଛି। ଏନଓସି ପାଇ ନ ଥିବା ସ୍କୁଲର ଛାତ୍ରୀଛାତ୍ରଙ୍କ ଭାଗ୍ୟ ଆହୁରି ଖରାପ।

ଘରୋଇ ସ୍କୁଲ ଚାଲିବା ପାଇଁ ସରକାର ଅନେକ ନିୟମ କରିଛନ୍ତି। ସେହିଭଳି ଏନଓସି ପାଇବା ପାଇଁ ଶିକ୍ଷା ବିଭାଗର ନିୟମ ଅନୁସାରେ ସ୍କୁଲ ପରିଚାଳନା ପାଇଁ ଆବଶ୍ୟକ ଭିତ୍ତିଭୂମି, ସୁରକ୍ଷା ବ୍ୟବସ୍ଥା, ଖେଳପଡିଆ, ଶତପ୍ରତିଶତ ତାଲିମପ୍ରାପ୍ତ ଶିକ୍ଷକ, ଫ୍ରି ଷ୍ଟ୍ରକଚର ପରି ୨୦ଟି ମାନଦଣ୍ଡ ପୂରଣ କରିବା ଦରକାର ଥିଲା। ମାନଦଣ୍ଡ ପୂରଣ ନ କଲେ ଏନଓସି ମିଳିବ ନାହିଁ। ଏଣୁ ଖୋର୍ଦ୍ଧା ଜିଲାର ସବୁ ସ୍କୁଲ ଏନଓସି ପାଇନାହାନ୍ତି। ସେହିଭଳି ଶତପ୍ରତିଶତ ଓଟିଇଟି ତାଲିମପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ ସ୍କୁଲରେ ରହିବାର ନିୟମ ରହିଛି। ହେଲେ ଏହାକୁ କୌଣସି ସ୍କୁଲ ପାଳନ କରୁ ନ ଥିବା ଜଣାପଡିଛି।

## ଲୁଟେରାଙ୍କୁ ମାଡ଼ମାରି ପୋଲିସ ଜିମା ଦେଲେ ଲୋକେ

**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**

ଶହୀଦନଗର ଥାନା ଅଧୀନ ଆନନ୍ଦବଜାର ଅଞ୍ଚଳରେ ମୋବାଇଲ ଲୁଟ କରି ଫେରାର ହେଉଥିବା ଅଭିଯୁକ୍ତଙ୍କୁ ଲୋକେ କାବୁକରି ଉତ୍ତମ ମଧ୍ୟମ ଦେଇ ପୋଲିସ ଜିମା ଦେଇଛନ୍ତି। ସେ ହେଲେ ଝାଡଖଣ୍ଡ ଅଞ୍ଚଳର କମୀରା କୁମାର। ପୋଲିସ ସୂଚନା ମୁତବାକ, ଶହୀଦନଗର ଥାନା ଅଧୀନ ଭୋଇନଗର ଅଞ୍ଚଳରେ କୁନା କୁଣ୍ଡରାଏ ରୁହନ୍ତି। ଗୁରୁବାର ଦିନ ୧୧ଟା ବେଳକୁ ଫୋନରେ କଥା ହୋଇ ଆନନ୍ଦବଜାର ନିକଟରେ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କ ଫୋନ ଛଡାଇ ଦୌଡି ଥିଲେ। କୁନା ପାଟି କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ମାଡି ବସିଥିଲେ। ଏହା ଦେଖି ଦୂରରେ ବାଇକରେ ଅପେକ୍ଷା କରିଥିବା ସହଯୋଗୀ ଗାଡି ନେଇ ଫେରାର ହୋଇଯାଇଥିଲା। ଲୋକେ ଅଭିଯୁକ୍ତଙ୍କୁ ମାଡମାରି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଘଟଣାର ତଦନ୍ତ କରିବା ସହ ପଚରାଉଚରା ପରେ ନଂ. ୨୮୫/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ସ୍କୁଲ ମିଶ୍ରଣକୁ ବିରୋଧ



ସ୍କୁଲ ମିଶ୍ରଣକୁ ବିରୋଧ କରି ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଅଭିମାନପୁର ଆଦିବାସୀମାନେ।

**ଖୋର୍ଦ୍ଧା ଅଫିସ,୨୭।୬**

ସରକାରଙ୍କର ସ୍କୁଲ ମିଶ୍ରଣ ପ୍ରକିୟାକୁ ବୋଲଗଡ ବ୍ଲକ କହବ ପଞ୍ଚାୟତ ଅଭିମାନପୁର ଆଦିବାସୀ ଲୋକ ବିରୋଧ କରିଛନ୍ତି। ସେମାନଙ୍କ ମତରେ ବହୁ କଷ୍ଟ କରି ଗାଁରେ ୧୯୮୭ରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଖୋଲଥିଲୁ। ବିଦ୍ୟାଳୟ ଖୋଲିବା ପରେ ସ୍ଥାନୀୟ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରେ ସୁବିଧା ହୋଇଛି। ସ୍କୁଲ ମିଶ୍ରଣ ହୋଇ ସ୍ଥାନାନ୍ତର ହେବା ପରେ ପୁଣି ଆଦିବାସୀ ପିଲା ପାଠ ଠାରୁ ଦୂରେଇ ଯିବ। ସବୁ ପିଲା ଆଉ ପାଠ ପଢ଼ିବେ ନାହିଁ। ଯାତାୟାତ ଓ ଅନ୍ୟ ସୁବିଧାକୁ ଆଖି ଆଗରେ ରଖି କ୍ୱଚିତ ପିଲା ପାଠ ପଢ଼ିବେ ଏଣୁ ସରକାରଙ୍କ ଲକ୍ଷ୍ୟ ସଫଳ ହେବ ନାହିଁ। ସେହିଭଳି ସରକାର ୨୫ରୁ କମ ପିଲା ଥିବା ସ୍କୁଲକୁ ଅନ୍ୟ ସ୍କୁଲରେ ମିଶ୍ରଣ କରୁଛନ୍ତି। ତେବେ ଅଭିମାନପୁର ପ୍ରାଥମିକ ବିଦ୍ୟାଳୟରେ ୩୦ ଛାତ୍ରୀଛାତ୍ର ଥାଇ କିପରି ମିଶ୍ରଣ କରାଯିବାକୁ ନିଷ୍ପତ୍ତି ନିଆଗଲା ତାହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଏଣୁ ଗାଁର ଶତାଧିକ ମହିଳା ପୁରୁଷ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦେଇ ସ୍କୁଲ ରଖିବାକୁ ଅନୁରୋଧ କରିଛନ୍ତି ।

# ରୋଗ ବାଣ୍ଟୁଛି ଡିଇଓଙ୍କ କାର୍ଯ୍ୟାଳୟ କୂଅ

**ଖୋର୍ଦ୍ଧା ଅଫିସ,୨୭।୬**

ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ପରିସରରେ ରହିଛି ଏକ କୂଅ। ଏହାର ପୁନରୁଦ୍ଧାର କରାଯାଉନି କି ପୋତାଯାଉନି। ବରଂ ଅପରିଷ୍କାର କରି ରଖାଯାଇଛି। କୂଅରେ ଆବର୍ଜନା ଜମି ମଶା ବଂଶ ବିସ୍ତାର ଚାଲିଛି। ଶିକ୍ଷା କାର୍ଯ୍ୟାଳୟରେ ରୋଗ ବଣ୍ଟା ଚାଲିଥିବାବେଳେ ଏହାର ନିରାକରଣ କରାଯାଉନାହିଁ।



ଆବର୍ଜନାରେ ପରିପୂର୍ଣ୍ଣ କୂଅ।

■ଖୋର୍ଦ୍ଧା ଡିଏଚ୍‌ଏଚ୍‌ରେ ସିଏମ୍‌ଇ ପ୍ରଶିକ୍ଷଣ ଶିବିର

# ପୋଲିସ, ଡାକ୍ତରଙ୍କ ମଧ୍ୟରେ ସମନ୍ୱୟ ଦରକାର

**ଖୋର୍ଦ୍ଧା ଅଫିସ,୨୭।୬**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ଗୁରୁବାର କଣ୍ଟିନ୍ୟୁ ମେଡିକାଲ ଏଜୁକେଶନ (ସିଏମଇ) ଭିତ୍ତିକ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ବିଜୟ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ହଇରାଣ ନ ହେବା, ପୋଲିସ, ଅଦାଲତ ଓ ଡାକ୍ତରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଏହି ପ୍ରଶିକ୍ଷଣ ଶିବିରରେ ଗୁରୁତ୍ୱ ଦିଆଯାଇଛି। ସମାଜରେ ଦୈନନ୍ଦିନ ଘଟୁଥିବା ଦୁର୍ଘଟଣା, ମାରପିଟ୍, ବଳାତ୍କାର ଆଦି ଘଟଣାଗୁଡିକ ଚିକିତ୍ସାଳୟର ମେଡିକୋ ଲିଗାଲ୍ କେସ୍ (ଏମ୍‌ଏଲ୍‌ସି) ରେଜିଷ୍ଟ୍ରାରରେ ଲିପିବଦ୍ଧ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବନ୍ଧୁବାନ୍ଧବ, ଆତ୍ମୀୟ କିମ୍ବା ଗାଁ ଗଣ୍ଡଗୋଳ ଓ ମାରପିଟ୍ ଆମ ସମାଜରେ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏପରି କିଛି ଘଟଣାରେ ବ୍ୟକ୍ତି ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥାନ୍ତି। କିନ୍ତୁ ସେହି ସମୟରେ ସେମାନେ ଥାନାରେ କେସ୍ କରିବେ କି ନାହିଁ ନିଷ୍ପତ୍ତି ନେଇପାରି ନ ଥାନ୍ତି। ପରବର୍ତ୍ତୀ ମୁହୂର୍ତ୍ତରେ



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିମାନେ।

ଥାନାର ଦ୍ୱାରସ୍ଥ ହୋଇ କେଶ କରିଥାନ୍ତି। ସେ କ୍ଷେତ୍ରରେ ପୋଲିସର ତଦନ୍ତରେ ବ୍ୟାଘାତ ସୃଷ୍ଟି ହୁଏ। ସତ୍ୟ ଘଟଣା ବି ପ୍ରମାଣ ଅଭାବରୁ ଲୁଚିଯାଏ। ପୋଲିସ ପ୍ରମାଣ ସଂଗ୍ରହ ପରେ ବହୁ ବିଳମ୍ବରେ କେଶ କରିଥାଏ। ସେହିଭଳି ଉପରୋକ୍ତ କେସରେ ଡାକ୍ତରମାନେ ସତ ରିପୋର୍ଟ ଦେବାରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଆହତଙ୍କ କାରଣ ଜାଣି ନ ଥିବା ଡାକ୍ତରମାନେ କେଉଁ ପ୍ରକାରର ରିପୋର୍ଟ ଦେବେ ଦ୍ୱନ୍ଦ୍ୱରେ ପଡ଼ିଥାନ୍ତି। ସ୍ୱାମୀ ସ୍ତ୍ରୀ ମଧ୍ୟରେ ଗଣ୍ଡଗୋଳ, ପରିବାର ପରିବାର ମଧ୍ୟରେ ଗଣ୍ଡଗୋଳ, ବଳାତ୍କାର ଓ ଦୁର୍ଘଟଣା ଇତ୍ୟାଦି କ୍ଷେତ୍ରରେ ସ୍ୱାସ୍ଥ୍ୟକେନ୍ଦ୍ର ଆସୁଥିବା ବ୍ୟକ୍ତି ବିଶେଷଙ୍କ ସମ୍ପୂର୍ଣ୍ଣ ବିବରଣୀ ଏମ୍‌ଏଲ୍‌ସି ରେଜିଷ୍ଟ୍ରାରରେ ସ୍ଥାନିତ ନ ହେବାରୁ ଏପରି ଅସୁବିଧା ହୋଇଥାଏ। ଏହାକୁ ଦୂର କରିବା ଉଦ୍ଦେଶ୍ୟରେ ଡା.ଆଲୋକ ଜ୍ୟୋତି ସାହୁ ଓ ସରୋଜ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଏମଏସ୍ ପ୍ରଫେସର ମାନସ ରଞ୍ଜନ ସାହୁ , ଆଇନଜୀବୀ ରଜନୀକାନ୍ତ ପଟ୍ଟନାୟକ, ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିଏମ୍‌ଓ(ମେଡିକାଲ) ରଘୁନାଥ ନାୟକ, ପରିବାର କଲ୍ୟାଣ ମୁଖ୍ୟ ଡା. ଦ୍ୱାରିକାନାଥ ଶତପଥୀ, ଶୈଲ୍ୟ ବିଭାଗ ଡା. ଶୁଭ୍ରାଂଶୁ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଦୁର୍ଘଟଣା, ମାରପିଟ୍, ବଳାତ୍କାର ଓ ମୃତଦେହ ବ୍ୟବଚ୍ଛେଦ ପରି ଘଟଣାରେ ସମ୍ପୂର୍ଣ୍ଣ ବିବରଣୀ ସମେତ ଶରୀରର ବିଭିନ୍ନ ଅଂଶର ଆଘାତକୁ ଏମ୍‌ଏଲ୍‌ସି ରେଜିଷ୍ଟ୍ରାରରେ ସ୍ଥାନିତ କରାଯିବ। ସେହିଭଳି ଦୁର୍ଘଟଣା ଜନିତ ବ୍ୟକ୍ତି ଯଦି ଦସ୍ତଖତ

**ଏମ୍‌ଏଲ୍‌ସି ରେଜିଷ୍ଟରରେ ରହିବ ଦୁର୍ଘଟଣା, ମାରପିଟ, ବଳାତ୍କାର ତଥ୍ୟ**

କରିପାରୁଥାନ୍ତି ଅଥବା ତାଙ୍କୁ ଆଣିଥିବା ବ୍ୟକ୍ତିଙ୍କର ପରିଚୟ ଏଥିରେ ମଧ ଲିପିବଦ୍ଧ କରାଯିବ। ସେହିପରି ଗୋଟିଏ ହସ୍ପିଟାଲରୁ ଅନ୍ୟ ହସ୍ପିଟାଲକୁ ରେଫର ହୋଇ ଆସୁଥିବା ରୋଗୀମାନଙ୍କର ପୂର୍ବ ସ୍ଥାନର ଓପିଡି ନମ୍ବର ସମେତ ଘଟଣାର ପୁଙ୍ଖାନୁପୁଙ୍ଖ ବିବରଣୀ ଏମଏଲସି ରେଜିଷ୍ଟରରେ ଉପଲବ୍ଧ ରହିବା ନିହାତି ଜରୁରୀ। ଫଳରେ ଡାକ୍ତରମାନଙ୍କୁ ଅଦାଲତରୁ ଆସୁଥିବା ସାକ୍ଷ୍ୟ ପ୍ରଦାନ କ୍ଷେତ୍ରରେ ଯଥେଷ୍ଟ ସହଯୋଗ ମିଳିପାରିବ। ଏ ଦିଗରେ ଡାକ୍ତରମାନେ ଯତ୍ନବାନ ହେବା ସହ ଲୋକମାନଙ୍କ ହିତରେ ସହଯୋଗ କରିବା ନିହାତି ଆବଶ୍ୟକ ବୋଲି କୁହାଯାଇଛି। ଏଥିରେ ଡାକ୍ତର, ପୋଲିସ ବିଭାଗର ଅଧିକାରୀ, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନର ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ତେବେ ଗଣମାଧ୍ୟମକୁ ଅବଗତ କରାଯାଇ ନ ଥିଲା। ଫଳରେ ଏକ ସଚେତନତାମୂଳକ କର୍ମଶାଳା ଚାରି କାନ୍ଥ ମଧ୍ୟରେ ଆବଦ୍ଧ ହୋଇ ରହିଗଲା।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି, ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଔଷଧ ଦୋକାନରେ ଚଢ଼ାଉ, ନିଶା ଔଷଧ ଜବତ

**ପୁରୀ ଅଫିସ,୨୭।୬:** ପୁରୀ ଜିଲା ଅବକାରୀ ବିଭାଗ ଓ ଡ୍ରଗ୍ସ କଣ୍ଟ୍ରୋଲ ପକ୍ଷରୁ ମିଳିତ ଭାବେ ବୁଧବାର ଚନ୍ଦନପୁରର ବିଭିନ୍ନ ଔଷଧ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ୭ଟି ଔଷଧ ଦୋକାନରେ ଅଚାନକ ଚଢ଼ାଉ ହୋଇଥିବାବେଳେ ୩ଟି ଔଷଧର ନମୁନା ସଂଗ୍ରହ କରାଯାଇ ତା'ର ଗୁଣବତ୍ତା ପରୀକ୍ଷା ନିମିତ୍ତ ପଠାଯାଇଛି। ଗୋଟିଏ ଔଷଧ ଦୋକାନରେ ଯାଞ୍ଚ କରାଯାଉଥିବାବେଳେ କୋଡିନ୍ ଜାତୀୟ ନିଶା ଔଷଧ ବିକ୍ରି ହେଉଥିବା ଜଣାପଡ଼ିଥିଲା। ଦୋକାନ ମାଲିକ ସେଗୁଡ଼ିକର କ୍ରୟ ଓ ବିକ୍ରିର ବୈଧତା ଜଣାଇ ନ ପାରିବାରୁ ସେହି ନିଶା ଔଷଧଗୁଡ଼ିକ ଜବତ କରାଯାଇଥିଲା। ଗୁରୁବାର ସମ୍ପୃକ୍ତ ଔଷଧ ଦୋକାନ ନାଁରେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମାମଲା ରୁଜୁ କରାଯାଇ ଅଧିକ ଖୋଳତାଡ଼ ଚାଲିଛି। ପୁରୀ ଡ୍ରଗ୍ସ ଇନ୍ସପେକ୍ଟର ରୁଦ୍ରନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା।

### ରତ୍ନଭଣ୍ଡାର ସୁରକ୍ଷା ଦାବି କଲା ଶ୍ରୀଜଗନ୍ନାଥ ସେନା

**ପୁରୀ ଅଫିସ, ୨୭।୬:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ସୁରକ୍ଷା ଦାବି କରିଛି ଶ୍ରୀଜଗନ୍ନାଥ ସେନା। ଏ ନେଇ ଗୁରୁବାର ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପଠାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ରତ୍ନଭଣ୍ଡାର ଅସୁରକ୍ଷିତ ରହିଥିଲେ ବି ଏହାର ସୁରକ୍ଷା କରାଯାଉନାହିଁ। ସେହିପରି ରତ୍ନ ଅଲଙ୍କାର ଯାଞ୍ଚ କରାଯିବାକୁ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଦାବି କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନର ବଜେଟ୍‌ରେ ରତ୍ନଭଣ୍ଡାର ସୁରକ୍ଷା ଏବଂ ମରାମତି ପାଇଁ ଟଙ୍କାଟିଏ ବି ପ୍ରସ୍ତାବ ରଖାଯାଇନାହିଁ। ରତ୍ନଭଣ୍ଡାର ଚାବି ଚୋରି ଘଟଣାର ତଦନ୍ତ କମିଶନ ପୂର୍ଣ୍ଣାଙ୍ଗ ରିପୋର୍ଟ ଦେଇସାରିଥିଲେ ମଧ ଏହାକୁ ସାର୍ବଜନୀନ କାହିଁକି କରାଯାଉ ନାହିଁ ବୋଲି ସେନା ପ୍ରଶ୍ନ ଉଠାଇଛି। ଏଥିସହ ସ୍ୱର୍ଗଦ୍ୱାରର ସୁରକ୍ଷା, ସିଦ୍ଧମହାବୀର ଓଭରବ୍ରିଜ୍ ନିର୍ମାଣ, ବାତ୍ୟା ପୁନରୁଦ୍ଧାର କାମ କରି ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ସହ ତାଙ୍କ ପରିବାରର ଜଣଙ୍କୁ ସରକାରୀ ଚାକିରି ଇତ୍ୟାଦି ୮ଦଫା ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି।

### ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା ଧମକ

**ପୁରୀ ଅଫିସ,୨୭।୬:** ପୁରୀ ସଦର ଥାନା ଅନ୍ତର୍ଗତ ଖଣ୍ଡିଆବନ୍ଧର ସୂଚନା ଅଧିକାର କର୍ମୀ ବଟକୃଷ୍ଣ ପ୍ରଧାନଙ୍କୁ ହତ୍ୟା ଧମକ ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ବାତ୍ୟା ବିପନ୍ନ ପରିବାରଙ୍କୁ ସହାୟତା ଲାଗି ସରକାରଙ୍କ ପକ୍ଷରୁ ଘରଭଙ୍ଗା ସର୍ଭେ ଚାଲିଛି। ତେବେ ତଳଜଙ୍ଗ ପଞ୍ଚାୟତରେ ଘରଭଙ୍ଗା ସର୍ଭେରେ ଚଞ୍ଚକତା ହୋଇଥିବା ନେଇ ବଟକୃଷ୍ଣ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ସର୍ଭେରେ ନିୟୋଜିତ ଥିବା ଜନୈକ ଜିଆର୍‌ଏସ୍ ନିଜ ଭାଇଙ୍କ ଘର ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଦର୍ଶାଇ ତାଲିକାଭୁକ୍ତ କରିଥିଲେ। ତଥ୍ୟ ସଂଗ୍ରହ ବେଳେ ଏଥିରେ ଚଞ୍ଚକତା ହୋଇଥିବା ଖବର ମିଳିଥିଲା। ଏହାକୁ ଆଧାର କରି ସୋସିଆଲ ମିଡିଆରେ ପ୍ରକାଶିତ ତାଲିକା ଭାଇରାଲ ହୋଇଥିଲା। ଏହାପରେ ତାଙ୍କ ସମର୍ଥକମାନେ ଟେଲିଫୋନ ଯୋଗେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଥିବା ବଟକୃଷ୍ଣ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

### ସେବାୟତଙ୍କ ପରଲୋକ

**ପୁରୀ ଅଫିସ,୨୭।୬:** ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ବିଶ୍ୱନାଥ ପତିମହାପାତ୍ର(୮୨)ଙ୍କର ଗୁରୁବାର ମଣିକର୍ଣ୍ଣିକା ସାହିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମାସେ ହେବ ବାର୍ଦ୍ଧକ୍ୟ ଜନିତ ଯୋଗୁ ସେ ଶଯ୍ୟାଶାୟୀ ଥିଲେ। ସ୍ୱର୍ଗତଃ ପତିମହାପାତ୍ର ପୂର୍ବରୁ ଦଇତାପତି ନିଯୋଗର ସ୍ଥାୟୀ ସଭାପତି ଥିଲେ। ୧୯୭୭ ଓ ୧୯୯୬ ନବକଳେବରରେ ସେ ବିଦ୍ୟାପତି ଦାୟିତ୍ୱ ତୁଲାଇ ଥିଲେ। ବେଦ ଶିକ୍ଷକ ଭାବେ ତାଙ୍କର ସୁନାମ ଥିଲା। ତାଙ୍କ ବିୟୋଗରେ ବରିଷ୍ଠ ଦଇତାପତି ବିଶ୍ୱାବସୁ ବିନାୟକ ଦାସମହାପାତ୍ର, ଦଇତାପତି ସେବକ ହଳଧର ଦାସମହାପାତ୍ର, କାଶୀନାଥ ଦାସମହାପାତ୍ର, ଜଗନ୍ନାଥ ସ୍ୱାଇଁ ମହାପାତ୍ର, ରାମଚନ୍ଦ୍ର ଦାସମହାପାତ୍ର, ରାମକୃଷ୍ଣ ଦାସମହାପାତ୍ର, ପ୍ରେମାନନ୍ଦ ଦାସମହାପାତ୍ରଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଦୁଃଖପ୍ରକାଶ କରିଛନ୍ତି।

---

■ ଘରଭଙ୍ଗା ତଦନ୍ତରେ ଅନିୟମିତତା

# ୮ ସରକାରୀ କର୍ମଚାରୀଙ୍କୁ ତାଲା ପକାଇଲେ ଲୋକେ

**ନିମାପଡ଼ା,୨୭।୬(ଡି.ଏନ୍.ଏ.)**

ନିମାପଡ଼ା ତହସିଲ ଅଞ୍ଚଳରେ ଘରଭଙ୍ଗା ତଦନ୍ତରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗୁରୁବାର ନିମାପଡ଼ା ବ୍ଲକ ଅନ୍ତର୍ଗତ ଭୋଦର, କଳାପାଞ୍ଚଣ, ବାହାରେଣା ଓ ଧଳେଶ୍ୱର ପଞ୍ଚାୟତ ଅଫିସରେ ଉତ୍ତ୍ୟକ୍ତ ଲୋକେ ବିଭିନ୍ନ ବିଭାଗର ସରକାରୀ ଅଧିକାରୀଙ୍କୁ ତାଲା ପକାଇଦେଥିବା ଦେଖିବାକୁ ମିଳିଥିଲା।

ଭୋଦର ପଞ୍ଚାୟତ ଅଫିସଠାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଅରବିନ୍ଦ ବେହେରା, ପ୍ରୋସେସ ସରଭର(ପିଏସ୍) ଭାସ୍କର ପଣ୍ଡାଙ୍କୁ ପୂର୍ବାହ୍ନ ୧୦ଟା ରୁ ୨ଟା ପର୍ଯ୍ୟନ୍ତ ତାଲା ପକାଇଦେଇଥିଲେ। ଖବରପାଇ ଜିପିଓ ପ୍ରଭାକର ପରିଡା ଓ ତହସିଲଦାରଙ୍କ ପ୍ରତିନିଧି ପଦ୍ମନାଭ ମହାପାତ୍ର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୩ଦିନ ମଧ୍ୟରେ ପୁନଃ ତଦନ୍ତ କରାଯାଇ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାରଙ୍କ ପ୍ରତିନିଧି ପ୍ରତିଶ୍ରୁତି ଦେବା ପରେ ଲୋକେ ସରକାରୀ କର୍ମଚାରୀଙ୍କୁ ମୁକ୍ତ କରିଥିଲେ। ସେହିପରି କଳାପାଞ୍ଚଣ ପଞ୍ଚାୟତ ଅଫିସ ଠାରେ ଉତ୍ତ୍ୟକ୍ତ ଲୋକେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ଫକିର ମହାରଣା, ଆର୍‌ଆଇ ଭୀମଚରଣ ପୂର୍ତ୍ତୀଙ୍କୁ ପୂର୍ବାହ୍ନ ୧୦ଟା ରୁ ୧ଟା ପର୍ଯ୍ୟନ୍ତ ତାଲା ପକାଇଦେଇଥିଲେ। ଖବରପାଇ ତହସିଲ ଅଫିସର ମୁଖ୍ୟ କିରାଣୀ ସୁରେଶ ଚନ୍ଦ୍ର ମହାନ୍ତି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୩ଦିନ ମଧ୍ୟରେ ତଦନ୍ତ କରାଯାଇ ଘରଭଙ୍ଗା ସହାୟତା ଯୋଗାଇ ଦିଆଯିବ ବୋଲି ଟେଲିଫୋନରେ ତହସିଲଦାର କମଲଜିତ ଦାସ ପ୍ରତିଶ୍ରୁତି ଦେବା ପରେ ଲୋକେ ସରକାରୀ କର୍ମଚାରୀଙ୍କୁ ମୁକ୍ତ କରିଥିଲେ। ବାହାରେଣା ପଞ୍ଚାୟତ ଅଫିସଠାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଶୁକଦେବ ମହାରଣା, ଅମିନ ବିଶ୍ୱରଞ୍ଜନ ପ୍ରଧାନଙ୍କୁ ଉତ୍ତ୍ୟକ୍ତ ଲୋକେ ପୂର୍ବାହ୍ନ ୧୧ଟାରୁ ୫ଟା ପର୍ଯ୍ୟନ୍ତ ତାଲା ପକାଇଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ତହସିଲ ଅଫିସର ଜଣେ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଘର ଭଙ୍ଗାର ପୁନଃ ତଦନ୍ତ କରାଯାଇ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ କର୍ମଚାରୀଙ୍କୁ ମୁକ୍ତ କରିଥିଲେ। ଧଳେଶ୍ୱର ପଞ୍ଚାୟତ ଅଫିସଠାରେ ଉତ୍ତ୍ୟକ୍ତ ଲୋକେ ଆର୍‌ଆଇ ଜୀବନ ଦାସ, କୃଷି କର୍ମଚାରୀ ବିଜୟ ମଲ୍ଲିକଙ୍କୁ ଅପରାହ୍ନ ୩ଟାରୁ ୭ଟା ପର୍ଯ୍ୟନ୍ତ ତାଲା ପକାଇଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଦିଲ୍ଲୀପ ଜେନା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଘରଭଙ୍ଗା ତାଲିକାରୁ ବାଦ୍ ପଡିଥିବା ପୁନଃ ଆବେଦନ କରିଥିବା ବିପନ୍ନଙ୍କ ଘରଭଙ୍ଗା ତଦନ୍ତ କରାଯାଇ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ସରକାରୀ କର୍ମଚାରୀଙ୍କୁ ମୁକ୍ତ କରିଥିଲେ।



କର୍ମଚାରୀମାନଙ୍କୁ ଲୋକେ ତାଲା ପକାଇ ଅଟକ ରଖିଛନ୍ତି।

---

■ ପଢୁଛନ୍ତି ୧୦ରୁ କମ୍ ଛାତ୍ରୀଛାତ୍ର

# କାକଟପୁର, ଅସ୍ତରଙ୍ଗ ବ୍ଲକରେ ବନ୍ଦ ହେବ ୭ ବିଦ୍ୟାଳୟ

**କାକଟପୁର, ୨୭।୬(ଡି.ଏନ୍.ଏ.)**

ଯେଉଁ ବିଦ୍ୟାଳୟଗୁଡ଼ିକରେ ୧୦ରୁ କମ୍ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି, ସେଗୁଡିକୁ ବନ୍ଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ବନ୍ଦ ହେବାକୁଥିବା ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିକଟସ୍ଥ ବିଦ୍ୟାଳୟକୁ ପଠାଯିବାର ବ୍ୟବସ୍ଥା ହୋଇଛି। ଏଥିପାଇଁ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଉପସ୍ଥାନ ହାର ଅନୁସାରେ ଗସ୍ତ ଖର୍ଚ୍ଚ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ଏହି କ୍ରମରେ କାକଟପୁର ବ୍ଲକର ୪ଟି ଏବଂ ଅସ୍ତରଙ୍ଗ ବ୍ଲକର ୩ଟି ବିଦ୍ୟାଳୟକୁ ବନ୍ଦ କରାଯିବ ବୋଲି ଜଣାପଡ଼ିଛି। ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ କୁମାର ପରିଡ଼ାଙ୍କ ସୂଚନା ଅନୁସାରେ, କାକଟପୁର ବ୍ଲକର ଦାସିଆଠେଙ୍ଗ ପ୍ରୋଜେକ୍ଟ ପ୍ରାଥମିକ ନୋଡାଲ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇ ଏହାକୁ ମହାଦେବବସ୍ତ ନୋଡାଲ ବିଦ୍ୟାଳୟରେ, ତରତ ପ୍ରାଥମିକ ବିଦ୍ୟାଳୟକୁ ବାଁବରଡ଼ା ପ୍ରାଥମିକ ବିଦ୍ୟାଳୟ, ଆରୁହାଁ ପ୍ରାଥମିକ ବିଦ୍ୟାଳୟକୁ କୋତାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରିଦିଆଯାଇଛି। ସେହିପରି ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସୋଲପାଟିଆ ପ୍ରାଥମିକ ବିଦ୍ୟାଳୟକୁ କନ୍ତପଏରା ପ୍ରାଥମିକ ବିଦ୍ୟାଳୟରେ, ଝାରିଆ ପ୍ରାଥମିକ ବିଦ୍ୟାଳୟକୁ ଅସ୍ତରଙ୍ଗ ନୋଡାଲ ବିଦ୍ୟାଳୟରେ ଏବଂ ଅସନ ଭିଆର୍‌ପି କଲୋନୀ ପ୍ରାଥମିକ ବିଦ୍ୟାଳୟକୁ ଅସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରିଦିଆଯାଇଛି। ତେବେ ତରତ ଏବଂ ଅରୁହାଁ ବିଦ୍ୟାଳୟରେ ୧୧ଜଣ ଲେଖାଏଁ ଛାତ୍ରୀଛାତ୍ର ନାମ ଲେଖାଇଥିବାରୁ ଗ୍ରାମବାସୀ ବ୍ଲକ ଶିକ୍ଷା ବିଭାଗକୁ ଚିଠି ଲେଖି ଦାବି କରିଛନ୍ତି। ସେମାନଙ୍କ ଦାବିପତ୍ରକୁ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ପଠାଇ ଦିଆଯାଇଛି। ସେ ଯାହା ନିଷ୍ପତ୍ତି ନେବେ ତାହା ଚୂଡ଼ାନ୍ତ ବୋଲି ବ୍ଲକ ଶିକ୍ଷାଧିକାରୀ କହିଛନ୍ତି।

---

■ ରିଲିଫ ଚୁଡ଼ା ପୋତାହେବା ଘଟଣା

# ବିଭିନ୍ନ ସଂଗଠନ ପକ୍ଷରୁ ନିନ୍ଦା

**ବ୍ରହ୍ମଗିରି/କୃଷ୍ଣପ୍ରସାଦ, ୨୭।୬(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକରେ ବୁଧବାର ୧୦୦ ବସ୍ତା ରିଲିଫ ଚୁଡ଼ା ପୋତାହେବା ଘଟଣା ଦୈନିକ 'ଧରିତ୍ରୀ'ରେ ପ୍ରକାଶିତ ହେବା ପରେ ଏହାକୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ନିନ୍ଦା କରାଯାଇଛି। ଗୁରୁବାର ବିଡିଓ ମାଝି ଘଟଣାକୁ ସ୍ୱୀକାର କରିବା ସହ ସମୁଦାୟ ୨୭ କୁଇଣ୍ଟାଲ ୨୦କିଲୋ ଚୁଡ଼ା ପୋତା ଯାଇଥିବା କହିଥିଲେ। ଏହି ଘଟଣାକୁ ବିଭିନ୍ନ ସଂଗଠନ ପକ୍ଷରୁ ନିନ୍ଦା କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ବାତ୍ୟା ପୂର୍ବରୁ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ସଜାଗ ରହିବା ସହ ଜନସାଧାରଣଙ୍କୁ ଶୁଖିଲା ଏବଂ ରନ୍ଧାଖାଦ୍ୟ ବଣ୍ଟନ ପାଇଁ ବ୍ୟବସ୍ଥା କରିଥିଲା। ବାତ୍ୟାକୁ ଲକ୍ଷ୍ୟ କରି ଲୋକେ ଘରଦ୍ୱାର ଛାଡି ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ଓ ନିରାପଦ ସ୍ଥାନକୁ ଚାଲିଯାଇଥିଲେ। ପ୍ରଶାସନ କାଁ ଭାଁ କେଉଁଠି ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ଦେଇ ତା'ର ଦାୟିତ୍ୱ ସାରିଦେଇଥିଲା। ବାତ୍ୟା ପୂର୍ବରୁ ଏବଂ ପରେ ଲୋକମାନେ ଆଶ୍ରୟସ୍ଥଳରେ ଭୋକ ଉପାସରେ ରହିଥିବା ଅଭିଯୋଗ ଆସିଥିଲା। ବାତ୍ୟାରେ ଲୋକେ ଖାଇବାକୁ ନ ପାଇ ଭୋକ ଉପାସରେ ଆଉଟପାଉଟ ହେଉଥିବା ସମୟରେ ଏହି ରିଲିଫ ଚୁଡାକୁ ସାତପଡାର ଓଟିଡିସିରେ ଲୁଚ୍ଚାୟିତ ଭାବେ ଗଚ୍ଛିତ କରି ରଖାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଏହି ଚୁଡା ବର୍ଷାପାଣିରେ ନଷ୍ଟ ହୋଇଯାଇଥିବା କହି ବିଡିଓ ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରୁଛନ୍ତି। ବାତ୍ୟାକୁ ପାଖାପାଖି ୨ ମାସ ବିତିଥିଲେ ମଧ ଗଚ୍ଛିତ ଚୁଡା ପ୍ରତି କାହିଁକି ପ୍ରଶାସନ ଦୃଷ୍ଟି ଦେଇ ନ ଥିଲା, ସେନେଇ ବିଭିନ୍ନ ସଂଗଠନ ତରଫରୁ ପ୍ରଶ୍ନ କରାଯାଇଛି। ଏ ସମ୍ପର୍କରେ ଜାଗ୍ରତ ସମାଜର ସଭାପତି ଚୁନା ସ୍ୱାଇଁ କୁହନ୍ତି, ବାତ୍ୟାରେ ବିପନ୍ନମାନେ ଖାଇବାକୁ ନ ପାଇ ଓହଳବିକଳ ହେଉଥିବା ସମୟରେ ପ୍ରଶାସନିକ ଅଧିକାରୀ ଏହାକୁ ଲୁଚାଇ ରଖି ନଷ୍ଟ କରିଛନ୍ତି। ରାଜ୍ୟରେ ଖାଦ୍ୟ ସଙ୍କଟ ଥିବା ସମୟରେ ଏଭଳି କାର୍ଯ୍ୟ ଅକ୍ଷମଣୀୟ । ତୁରନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ସେହିପରି ବ୍ରହ୍ମଗିରି ସଚେତନ ନାଗରିକ ମଞ୍ଚର ସଦସ୍ୟ ଭାସ୍କର ଚନ୍ଦ୍ର ପୂଜାରୀ କୁହନ୍ତି, ଏତେ ପରିମାଣର ଖାଦ୍ୟ ନଷ୍ଟହେବା ଦୁର୍ଭାଗ୍ୟଜନକ। ତୁରନ୍ତ ଏହାର ତଦନ୍ତ କରାଯାଇ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

---

ଆଜି ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକ

## ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ, ୨୭।୬**

ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ଏ ନେଇ ପ୍ରଶାସନ କେତେ ପ୍ରସ୍ତୁତ ତାହାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ନୀଳାଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ। ଏଥିରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରିବେ। ପୂର୍ବରୁ ୩ଟି ସମନ୍ୱୟ ବୈଠକ ସରିଛି। ରଥଯାତ୍ରା ପାଇଁ ବାତ୍ୟା କ୍ଷତିଗ୍ରସ୍ତ ପୁରୀ ସହର କେତେଦୂର ପ୍ରସ୍ତୁତ ହୋଇସାରିଛି, ବିଭିନ୍ନ ବିଭାଗର ପ୍ରସ୍ତୁତି ଓ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ମତ ରଖିବେ। ତେବେ ବିଭିନ୍ନ ପ୍ରସଙ୍ଗ ଦୃଷ୍ଟିରୁ ରଥଯାତ୍ରା ଶେଷ ସମନ୍ୱୟ ବୈଠକ ପ୍ରଶାସନିକ ଅଧିକାରୀଙ୍କ ଉପରେ ଭାରି ପଡ଼ିବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବୁଧବାର ରଥଯାତ୍ରା ପାଇଁ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆର୍‌ଡିସି ଅନିଲ ସାମଲ, ଜିଲାପାଳ ବଲୱନ୍ତ ସିଂ ପ୍ରମୁଖ ବୈଠକସ୍ଥଳ ପରିଦର୍ଶନ କରିଥିଲେ।

---

# ଫେଡ୍‌କୋ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ପୁରୀ ଅଫିସ,୨୭।୬**

ଫେଡକୋ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସୁରୁଚି ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଫେଡ୍‌କୋ ମ୍ୟାନେଜର ଅମୀୟ ବେଉରା କହିଥିଲେ, ବାତ୍ୟାରେ ପୁରୀ ସହରରେ ବିଦ୍ୟୁତ ବିଭାଗର ବ୍ୟାପକ କ୍ଷତି ଘଟିଥିଲା। ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ହୋଇଥିଲା। ଫେଡ୍‌କୋକୁ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। କର୍ମଚାରୀମାନଙ୍କୁ ସ୍ଥାନୀୟ ଯୁବକ, ସ୍ୱେଚ୍ଛାସେବୀ ସହଯୋଗର ହାତ ବଢାଇଥିଲେ। ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଫେଡ୍‌କୋ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା।

# ୨ ବାଇକ୍ ଧକ୍କା, ଜଣେ ମୃତ

**ନିମାପଡ଼ା,୨୭।୬(ଡି.ଏନ୍.ଏ.)**

ନିମାପଡ଼ା-ଗୋପ ରାସ୍ତାର ଧିରପୁର ଛକ ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ବାଇକ୍ ଆରୋହୀ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ନିରଞ୍ଜନପୁର ଗ୍ରାମର ସୁକାନ୍ତ ବେହେରା। ଗୁରୁତର ବାଇକ୍ ଆରୋହୀ ହେଲେ ଗୋପ ଥାନା ଅଧୀନ ଜିରିକଣା ଗ୍ରାମର ଚିତ୍ତରଞ୍ଜନ ସ୍ୱାଇଁ। ସୂଚନା ଅନୁଯାୟୀ, ସୁକାନ୍ତ ଏକ ବାଇକ୍‌ରେ ନିମାପଡ଼ାରୁ ଗୋପ ଅଭିମୁଖେ ଯାଉଥିବା ବେଳେ ବିପରୀତ ପଟୁ ଆସୁଥିବା ଚିତ୍ତରଞ୍ଜନଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ବାଇକ୍ ଆରୋହୀ ଦ୍ୱୟଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ନିରଞ୍ଜନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ନିମାପଡ଼ା ପୋଲିସ ଡାକ୍ତରଖାନାରେ ପହଞ୍ଚି ସୁକାନ୍ତଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ସହ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରିଛି। ସୁକାନ୍ତଙ୍କ ବଡ ଭାଇ ପ୍ରତାପ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୬୪/୧୯) ରୁଜୁ କରି ତଦନ୍ତ ଚଳାଇଛି।

---

# କୁମ୍ଭକାର-ସୂପକାର ଓ ପ୍ରଶାସନ ଆଲୋଚନା

**ପୁରୀ ଅଫିସ,୨୭।୬**

ବାତ୍ୟାରେ ସମସ୍ତ କୁମ୍ଭକାର ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଦୁଇଶହରୁ ଉର୍ଦ୍ଧ୍ୱ ଛୋଟବଡ ଶାଳ ନଷ୍ଟ ହୋଇଛି। ବର୍ତ୍ତମାନ ସୁଦ୍ଧା କୌଣସି କୁମ୍ଭକାର କ୍ଷତିପୂରଣ ପାଇନାହାନ୍ତି। ରଥଯାତ୍ରା ସମୟରେ କୁଡୁଆ ଯୋଗାଣରେ ସମସ୍ୟା ଉପୁଜିପାରେ। ଗୁରୁବାର ଏ ନେଇ କୁମ୍ଭକାର ନିଯୋଗ, ସୂପକାର ନିଯୋଗ ଓ ପ୍ରଶାସନ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ପ୍ରଶାସକ (ନୀତି) ହୃଷିକେଶ ବିଶ୍ୱାଳ, ପ୍ରଶାସକ (ରାଜସ୍ୱ) ମଧୁସୂଦନ ଦାସ, ସୂପକାର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ସାମନ୍ତରାୟ, କୁମ୍ଭକାର ନିଯୋଗ ସମ୍ପାଦକ ରସାନନ୍ଦ ବିଶୋଇ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି ପ୍ରମୁଖ ଯୋଗଦେଇଥିଲେ। କୁମ୍ଭକାର ମାନଙ୍କ ବିଭିନ୍ନ ସମସ୍ୟା ନିଯୋଗ ଆଲୋକପାତ କରିଥିଲେ। ବାତ୍ୟା ଫନୀରେ କ୍ଷତିଗ୍ରସ୍ତ କୁମ୍ଭକାରଙ୍କୁ ବର୍ତ୍ତମାନ ସୁଦ୍ଧା କ୍ଷତିପୂରଣ ଦିଆଯାଇନାହିଁ ବୋଲି କୁମ୍ଭକାର ନିଯୋଗ ସଦସ୍ୟ ମହେନ୍ଦ୍ର ବିଶୋଇ କହିଛନ୍ତି। ରଥଯାତ୍ରା ଯେପରି ପ୍ରଭାବିତ ନ ହୁଏ ସେଥିଲାଗି କୁମ୍ଭକାରମାନେ ଯାହା ବି ହାଣ୍ଡି କୁଡୁଆ ପ୍ରସ୍ତୁତ କରିବେ ତାହା ଶ୍ରୀମନ୍ଦିର ପ୍ରଶାସନକୁ ଯୋଗାଇ ଦିଆଯିବ ବୋଲି କୁମ୍ଭକାର ନିଯୋଗ ପ୍ରତିଶ୍ରୁତି ଦେଇଛି। ତୁରନ୍ତ କ୍ଷତିପୂରଣ ପ୍ରଦାନ ନେଇ ସେ ଦାବି କରିଛନ୍ତି। ବୈଠକରେ ରାଧାମୋହନ ବିଶୋଇ, ନବ ମୁଦୁଲି, ସୁକାନ୍ତ ମୁଦୁଲି, ପ୍ରଭାକର ମୁଦୁଲି, ଦିଲୀପ ମୁଦୁଲି, ସୁଦର୍ଶନ ମୁଦୁଲି, ବାସୁଦେବ ମୁଦୁଲି, ବାବୁନା ମୁଦୁଲି, ଧିରେନ୍ଦ୍ର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

---

■ ଘରଭଙ୍ଗା ହିତାଧିକାରୀ ଚୟନରେ ଅନିୟମିତତା

# ତଦନ୍ତ ପାଇଁ ଜିଲାପାଳ ଓ ତହସିଲଦାରଙ୍କୁ ଦାବିପତ୍ର

**କୋଣାର୍କ/ସାକ୍ଷୀଗୋପାଳ, ୨୭।୬(ଡି.ଏନ୍.ଏ./ସ୍ୱ.ପ୍ର.)**

କୋଣାର୍କ ଏନ୍‌ଏସି ଅଧୀନ ୧୩ ଗୋଟି ୱାର୍ଡରେ ଫନୀରେ କ୍ଷତିଗ୍ରସ୍ତ ବାସଗୃହ ତାଲିକା ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ଆସିଛି। ଏ ନେଇ ସ୍ଥାନୀୟ ଲୋକେ ପୁରୀ ଜିଲାପାଳ ଓ ଗୋପ ତହସିଲଦାରଙ୍କ ନିକଟରେ ଗୁରୁବାର ଦାବିପତ୍ର ପ୍ରଦାନ କରିଛନ୍ତି।

କୋଣାର୍କ ଏନ୍‌ଏସି ଅଧୀନ ବିଭିନ୍ନ ୱାର୍ଡରେ ରାଜସ୍ୱ ବିଭାଗ ପକ୍ଷରୁ ଗଠନ କରାଯାଇଥିବା ଘରଭଙ୍ଗା ସର୍ଭେ ଟିମ୍ ଦ୍ୱାରା ହିତାଧିକାରୀ ଚୟନ କରାଯାଇଥିଲା। ତେବେ ଏଥିରେ ପ୍ରକୃତ ହିତାଧିକାରୀ ଚୟନରେ ପାତରଅନ୍ତର ହୋଇଥିବା ଅଭିଯୋଗ ଆସିଥିଲା। ଫଳରେ ସର୍ଭେ ଟିମ୍‌ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଅନିୟମିତତାକୁ ଦୃଷ୍ଟିରେ ରଖି ଏହାର ନିରପେକ୍ଷ ତଦନ୍ତ କରାଯାଇ ହିତାଧିକାରୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ କୋଣାର୍କ ଏନ୍‌ଏସିର ପୂର୍ବତନ କାଉନ୍‌ସିଲର ପ୍ରତାପ ଗୋଚ୍ଛାୟତ, କୋଣାର୍କ ନଗର କଂଗ୍ରେସ କମିଟି ସଭାପତି ଭରତ ଚନ୍ଦ୍ର ପାଢ଼ୀ, ପୂର୍ବତନ କାଉନ୍‌ସିଲର ଉପେନ୍ଦ୍ର କାଣ୍ଡି, କଳ୍ପନା କାଣ୍ଡି, ବିଜେଡି ନେତା ରାଜକିଶୋର ମହାପାତ୍ର ପ୍ରମୁଖ ଅଭିଯୋଗପତ୍ର ପ୍ରଦାନ କରିଥିଲେ।

ସେହିପରି ଫନୀ କ୍ଷତିଗ୍ରସ୍ତଙ୍କ ତ୍ରୁଟିପୂର୍ଣ୍ଣ ତାଲିକା ପ୍ରକାଶନ ବିରୋଧରେ ହିନ୍ଦୁସ୍ଥାନ ନିର୍ମାଣ ଦଳ ତରଫରୁ ପୁରୀ ଜିଲାପାଳ, ଉପଜିଲାପାଳ ଏବଂ ସତ୍ୟବାଦୀ ତହସିଲଦାରଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ପୁନର୍ବାର ଯାଞ୍ଚ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରିବାକୁ ଉଲ୍ଲେଖ କରାଯାଇଛି। ବର୍ତ୍ତମାନର ସୂଚୀ ଅନୁସାରେ, ୨୦ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଏହି ତାଲିକାରୁ ବାଦ୍ ପଡ଼ିଥିବା ଦଳର ଜିଲା ସଂଯୋଜକ କୈଳାସ ଚନ୍ଦ୍ର ବରାଳ କହିଛନ୍ତି। ଏହି ତ୍ରୁଟିପୂର୍ଣ୍ଣ ତାଲିକା ସମ୍ପର୍କରେ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ସୁନୀଲ କୁମାର ପଣ୍ଡା ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି।

---

■ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

# ଓଡ଼ିଶାର ଐତିହ୍ୟ ପ୍ରତି କୃପାସିନ୍ଧୁଙ୍କ ଅବଦାନ ଚିରସ୍ମରଣୀୟ

**ପୁରୀ ଅଫିସ, ୨୭।୬**

ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କର ଓଡ଼ିଶା ଐତିହ୍ୟ ପ୍ରତି ଥିବା ଅବଦାନ ଚିରସ୍ମରଣୀୟ। ସେ ସ୍ୱଳ୍ପକାଳ ମଧ୍ୟରେ ଓଡ଼ିଶାର ଅନାଲୋଚିତ ୪ଟି ବିଷୟରେ ଇତିହାସ ଲେଖି ଦିଗ୍‌ଦର୍ଶନ ଦେଇଯାଇଛନ୍ତି। ତାଙ୍କର କୋଣାର୍କ, ବାରବାଟୀ, ସତ୍ୟବାଦୀ ଓ ଉତ୍କଳ ଇତିହାସ ଓଡ଼ିଶା ଇତିହାସକୁ ଋଦ୍ଧିମନ୍ତ କରିଛି। ଆମେ ତାଙ୍କ ପଥ ଅନୁସରଣ କରି ଐତିହ୍ୟ ଅନୁସନ୍ଧାନରେ ବ୍ରତୀ ରହିଲେ ଓଡ଼ିଶାର ଗୌରବପୂର୍ଣ୍ଣ ଐତିହ୍ୟ ସର୍ବଭାରତୀୟସ୍ତରରେ ପ୍ରତିଷ୍ଠିତ ହୋଇପାରିବ ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି। ଗୁରୁବାର ବୀରପ୍ରତାପପୁର ଶାସନଠାରେ ମହାନ ଜନସେବକ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ମିଶ୍ର ଏହା କହିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୃପାସିନ୍ଧୁ ସ୍ମୃତି ସମିତି ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଏକାଡେମୀ ସଭାପତି କବି ହରିହର ମିଶ୍ର ଅଧ୍ୟକ୍ଷତା କରି ପଣ୍ଡିତ କୃପାସିନ୍ଧୁଙ୍କ ଲେଖକୀୟ ବ୍ୟକ୍ତିତ୍ୱ ଓ ସତ୍ୟବାଦୀ ସାଧକମାନଙ୍କର ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କବି ଓ ସମାଲୋଚକ ଡ. ଦିଲୀପ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସତ୍ୟବାଦୀର ସାଧକମାନେ କୋଣାର୍କକୁ କେନ୍ଦ୍ର କରି ଏକ ଜାତୀୟ ଭାବନା ନିର୍ମାଣ କରିଥିଲେ ଓ କୃପାସିନ୍ଧୁଙ୍କ ରଚିତ କୋଣାର୍କ ଏହାର ଅଂଶବିଶେଷ ବୋଲି ମତ ରଖିଥିଲେ। ଅଭିନନ୍ଦନିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଏହି ଐତିହାସିକ ପୁରୁଷ ଜାତିର ଚିରନମସ୍ୟ ବୋଲି କହିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ପଣ୍ଡିତ କୃପାସିନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଛାତ୍ରୀଛାତ୍ରମାନେ ସମବେତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସ୍ମୃତି ସମିତି ସଭାପତି କୈଳାସ ଚନ୍ଦ୍ର ମିଶ୍ର ଓ ଏକାଡେମୀର ଶରତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।